
# ଆପଣଙ୍କର ବିଶ୍ୱାସ ପ୍ରକାଶ କରନ୍ତୁ



*ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତାʼ ନିମନ୍ତେ ତାହା ଘଟିବ।*
(ମାର୍କ 11:23)

ଆଶିଷ୍ ରାଇଚୁର୍

**କେବଳ ମାଗଣା ବଣ୍ଟନ ନିମନ୍ତେ**
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ୱାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2024

**ଯୋଗାଯୋଗ ସୂଚନା**
All Peoples Church & World Outreach,
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ, ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବିଏସି - ଓଡ଼ିଆ - ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ୱାରା ପ୍ରକାଶିତ | ଅନୁମତି ଦ୍ୱାରା ବ୍ୟବହୃତ | ସମସ୍ତ ଅଧିକାର ସଂରକ୍ଷିତ ଆର୍ଥିକ ସହଭାଗିତା ।

**ଆର୍ଥିକ ସହଭାଗିତା**
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧମରେ ସମୃଦ୍ଧ ହୋଇଅଛନ୍ତି, ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ । କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ୱରେ ଲେଖା ଥିବା “ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର” ପୃଷ୍ଠାଟି ଦେଖନ୍ତୁ ।

**ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡ଼ିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ**
**ଉପଦେଶଗୁଡ଼ିକ:** apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
**ଚର୍ଚ୍ଚର ଆପ:** apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
**ଇ-ଶିକ୍ଷା:** apcbiblecollege.org/elearn | **ପରାମର୍ଶ:** chrysalislife.org
**ସଙ୍ଗୀତ:** apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
**ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ:** apcworldmissions.org

(Odia – Speak Your Faith)

# ଆପଣଙ୍କର ବିଶ୍ୱାସ ପ୍ରକାଶ କରନ୍ତୁ

*ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ଼୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା' ନିମନ୍ତେ ତାହା ଘଟିବ।*

(মার্ক 11:23)

*ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କ-ଠାରେ ବିଶ୍ୱାସ ରଖ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ଼୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା' ନିମନ୍ତେ ତାହା ଘଟିବ।*

***(ମାର୍କ 11:22,23)***

# ନାଇସେନ ଧର୍ମତତ୍ତ୍ୱ

ନାଇସେନ ଧର୍ମତତ୍ତ୍ୱ ହେଉଛି, ପବିତ୍ର ଧର୍ମଶାସ୍ତ୍ର ଉପରେ ଆଧାରିତ ଖ୍ରୀଷ୍ଟିୟାନ ବିଶ୍ୱାସର ମହା ବିଶ୍ୱାସ ମତ ବିଷୟରେ ସମଗ୍ର ମଣ୍ଡଳୀ ବିଶ୍ୱାସୀମାନଙ୍କର ଘୋଷଣା । ଏହା ଖ୍ରୀ. ଅ. 325ରେ ନାଇସେନ ସଭାରେ ଏକତ୍ର ହୋଇଥିବା ବିଶପମାନଙ୍କ ଦ୍ୱାରା ପ୍ରଥମେ ଗ୍ରହଣ କରାଯାଇଥିଲା ଓ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱାସକୁ ସାହସର ସହିତ ସ୍ୱୀକାର ଭାବରେ ଶତାବ୍ଦୀ ଶତାବ୍ଦୀ ଧରି ବ୍ୟବହାର ହୋଇ ଆସୁଅଛି । ଧର୍ମତତ୍ତ୍ୱ ଶବ୍ଦଟି ଲାଟିନ ଭାଷାର "କେରେଡୋ" ଶବ୍ଦରୁ ଆସିଅଛି, ଯାହାର ଅର୍ଥ "ମୁଁ ବିଶ୍ୱାସ ଓ ଭରସା କରେ"।

ଆମ୍ଭେମାନେ ଏକମାତ୍ର ଈଶ୍ୱରଙ୍କଠାରେ ବିଶ୍ୱାସ କରୁ
ସେହି ପିତା ଈଶ୍ୱର, ସର୍ବଶକ୍ତିମାନ
ସ୍ୱର୍ଗ ଓ ପୃଥିବୀର ନିର୍ମାତା
ଦୃଶ୍ୟ ଓ ଅଦୃଶ୍ୟ ବିଷୟର ନିର୍ମାତା

ଆମ୍ଭେମାନେ ଏକମାତ୍ର ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ଠାରେ,
ଈଶ୍ୱରଙ୍କ ଏକମାତ୍ର ପୁତ୍ର, ପିତାଙ୍କର ଅଦ୍ୱିତୀୟ ପୁତ୍ର
ଈଶ୍ୱରଙ୍କଠାରୁ ଈଶ୍ୱର, ଜ୍ୟୋତିରୁ ଜ୍ୟୋତି,
ସତ୍ୟ ଈଶ୍ୱରଙ୍କଠାରୁ ସତ୍ୟ ଈଶ୍ୱର
ଅଦ୍ୱିତୀୟ, ମାତ୍ର ନିର୍ମିତ ନୁହନ୍ତି,
ପିତାଙ୍କ ସହିତ ଏକ,
ଯାହାଙ୍କ ଦ୍ୱାରା ସମସ୍ତ ବିଷୟ ସୃଷ୍ଟ, ତାଙ୍କଠାରେ ବିଶ୍ୱାସ କରୁ ।
ସେ ସ୍ୱର୍ଗରୁ ଆମ୍ଭମାନଙ୍କ ପାଇଁ ଓ ଆମ୍ଭମାନଙ୍କର ପରିତ୍ରାଣ ପାଇଁ
ସ୍ୱର୍ଗରୁ ଓହ୍ଲାଇ ଆସିଲେ ।
ପବିତ୍ର ଆତ୍ମା ଓ କୁମାରୀ ମରିୟମଙ୍କ ଠାରୁ ଦେହ ଧାରଣ କଲେ ଓ
ମନୁଷ୍ୟ ରୂପରେ ଜନ୍ମ ନେଲେ ।
ଆମ୍ଭମାନଙ୍କ ପାଇଁ ସେ ପନ୍ତିୟସ ପିଲାତଙ୍କ ଆଦେଶରେ କ୍ରୁଶାର୍ପିତ ହେଲେ,
ସେ ମୃତ୍ୟୁ ବରଣ କଲେ ଓ ସମାଧିସ୍ଥ ହେଲେ,

ତୃତୀୟ ଦିନରେ ସେ ପୁଣିଥରେ ମୃତ୍ୟୁରୁ ଉଠିଲେ
ଧର୍ମଶାସ୍ତ୍ର ଅନୁସାରେ
ସେ ସ୍ୱର୍ଗକୁ ଆରୋହଣ କଲେ,
ଓ ପିତାଙ୍କ ଦକ୍ଷିଣ  ପାର୍ଶ୍ୱରେ ଉପବେଶନ କଲେ,
ଜୀବିତ ଓ ମୃତମାନଙ୍କର ବିଚାର କରିବାପାଇଁ ସେ
ଗୌରବରେ ଆଉଥରେ ଆସିବେ ।
ତାହାଙ୍କ ରାଜ୍ୟର ଶେଷ ହେବ ନାହିଁ,

ଆମ୍ଭେମାନେ, ପବିତ୍ର ଆତ୍ମା,
ଜୀବନଦାତା ପ୍ରଭୁ,
ଯିଏ ପିତା ଓ ପୁତ୍ରଙ୍କଠାରୁ ଆଗତ
ଯାହାଙ୍କୁ ଯିଏ, ପିତା ଓ ପୁତ୍ରଙ୍କ ସହିତ ଉପାସନା ଓ ଗୌରବ କରାଯାଏ,
ଭାବବାଦୀ ମାନଙ୍କଦ୍ୱାରା ଯାହାଙ୍କ ବିଷୟରେ କୁହାଯାଇଛି,
ତାହାଙ୍କୁ ଆମ୍ଭେମାନେ ବିଶ୍ୱାସ କରୁ ।
ଆହୁରି, ଆମ୍ଭେମାନେ ଏକମାତ୍ର ପବିତ୍ର ବିଶ୍ୱମଣ୍ଡଳୀ ଓ
ପ୍ରେରିତିଙ୍କ ମଣ୍ଡଳୀରେ ବିଶ୍ୱାସ କରୁ ।
ପାପକ୍ଷମା ଉଦ୍ଦେଶ୍ୟରେ ବାପ୍ତିସ୍ମ ନେବାକୁ ଆମେ ବିଶ୍ୱାସ କରୁ ।
ମୃତମାନଙ୍କ ପୁନରୁଥାନ ଓ ଆଗାମୀ ଜଗତର ଜୀବନରେ
ଆମେ ଭରସା କରୁ ।
ଆମେନ ।

**ଟିପ୍ପଣୀ:** "କ୍ୟାଥଲିକ" ଶବ୍ଦର ଅର୍ଥ "ସମ୍ପୂର୍ଣ" ବା "ବିଶ୍ୱବ୍ୟାପୀ।"

# ଆମ ଘୋଷଣା ପତ୍ର

ଈଶ୍ୱରଙ୍କ ବାକ୍ୟ ଶୁଣିବା ପୂର୍ବରୁ ଆମ  ପ୍ରତି ରବିବାରର ସେବା ଗୁଡିକରେ ଉପାସନା ସମୟରେ ଏହା ସାଧାରଣତଃ ଆମେ ଏକତ୍ର ଘୋଷଣା କରିଥାଉ ।

ଏହା ଈଶ୍ୱରଙ୍କ ବାକ୍ୟ ।
ଈଶ୍ୱର ଏହା ମତେ କହୁଅଛନ୍ତି ।
ଈଶ୍ୱର ମତେ ଯାହା କୁହନ୍ତି ମୁଁ ତାହା ଅଟେ
ମୁଁ ଯାହା କରି ପାରିବି ବୋଲି ଈଶ୍ୱର କୁହନ୍ତି ତାହା ମୁଁ  କରି ପାରିବି ।
ଈଶ୍ୱର ଯାହା ସବୁ ପ୍ରତିଜ୍ଞା କରିଅଛନ୍ତି ମୁଁ ତାହା ହେବି ।
ମୁଁ ପରିତ୍ରାଣ ପ୍ରାପ୍ତ, ସୁସ୍ଥ, ଉଦ୍ଧାର ପ୍ରାପ୍ତ, ମୁକ୍ତ ।
ମୁଁ ଆଶୀର୍ବାଦିତ, ଜୟଯୁକ୍ତ, ସମୃଦ୍ଧିଶୀଳ, ବିଜୟୀ ।
ଈଶ୍ୱରଙ୍କ ମୁଁ ଜଣେ ସେବକ, ଖ୍ରୀଷ୍ଟଙ୍କ ଜଣେ ଦାସ,
ଏବଂ ଅନ୍ୟମାନଙ୍କ ନିମନ୍ତେ ଆଶୀର୍ବାଦର ଏକ ମାଧ୍ୟମ
ମୁଁ ତାହାଙ୍କ ବାକ୍ୟ ଗ୍ରହଣ କରେ, ମୁଁ ତାହାଙ୍କ ବାକ୍ୟରେ ବିଶ୍ୱାସ କରେ, ଏବଂ ମୁଁ ତାହାଙ୍କ ବାକ୍ୟରେ ବଞ୍ଚିବି
ଖ୍ରୀଷ୍ଟ ମୋହର କର୍ତ୍ତା ଅଟନ୍ତି, ଏବଂ ତାହାଙ୍କ ପ୍ରତି ମୁଁ ସମ୍ପୂର୍ଣ୍ଣ  ସମର୍ପିତ ଅଟେ ।
ଯୀଶୁଙ୍କ ନାମରେ। ଆମେନ ।

# ମୋ ଜୀବନରେ ଈଶ୍ୱରଙ୍କ ବାକ୍ୟ ପ୍ରତି ମୋର ଘୋଷଣା

ଈଶ୍ୱରଙ୍କ ବାକ୍ୟରେ ଥିବା ନିଜ ବିଶ୍ୱାସକୁ ଆପଣଙ୍କ ଜୀବନର ବିଭିନ୍ନ ଦିଗକୁ ଯେପରି କହିପରିବେ ସେଥିପାଇଁ ଏହି ସବୁ ଉଦାହରଣ ଗୁଡ଼ିକ ଦିଆଯାଇଅଛି । ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରନ୍ତୁ । ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ହୃଦୟରେ ବିଶ୍ୱାସ ଜାତ କରୁ । ତପ୍ତରେ, ଆପଣଙ୍କ ବିଶ୍ୱାସକୁ କୁହନ୍ତୁ ।

## ଅଧିକାର ଓ କର୍ତ୍ତାପଣ

ଯୀଶୁ ମୋତେ ତାହାଙ୍କ ନାମ ବ୍ୟବହାର କରିବା, ତାହାଙ୍କ ପକ୍ଷରୁ କାର୍ଯ୍ୟ କରିବା ନିମନ୍ତେ, ଏବଂ ସେ ଯାହା ଚାହାନ୍ତି ତାହା କରିବା ନିମନ୍ତେ  ଅଧିକାର ଦେଇଅଛନ୍ତି । ତାହାଙ୍କ ନାମରେ, ମୁଁ ଭୁତ ଛଡ଼ାଏ ଓ ରୋଗୀମାନଙ୍କୁ ସୁସ୍ଥ କରେ । ଯୀଶୁ ମୋତେ ସମସ୍ତ ଶତ୍ରୁମାନଙ୍କ ଉପରେ କ୍ଷମତା ଦେଇଅଛନ୍ତି ଏବଂ କିଛି ମଧ୍ୟ କୌଣସି ଭାବରେ ମୋହର କ୍ଷତି କରିପାରିବ ନାହିଁ । ଖ୍ରୀଷ୍ଟ ଯୀଶୁଙ୍କ ଠାରେ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ, କ୍ଷମତା ଓ  କର୍ତ୍ତାପଣର ସ୍ଥାନରେ ମୁଁ ବସିଅଛି । (ମାର୍କ 16:17,18; ଲୂକ 10:19; ଏଫିସୀୟ 2:6)

## ପ୍ରାର୍ଥନାର ଉତ୍ତର

ପ୍ରଭୁ ଯୀଶୁ ପ୍ରତିଜ୍ଞା କରିଅଛନ୍ତି ଯେ ପିତାଙ୍କୁ ତାହାଙ୍କ ନାମରେ ମୁଁ ଯାହା କିଛି ବିଶ୍ୱାସରେ ମାଗିବି, ମୁଁ ପାଇବି । ମୁଁ ପ୍ରାର୍ଥନା କରିବା ସମୟରେ ଯାହା କିଛି ମାଗିବି, ମୁଁ ସେସବୁ ପାଇଅଛି ବୋଲି ବିଶ୍ୱାସ କରିବି, ତେବେ ମୁଁ ସେଗୁଡ଼ିକ ପାଇବି । ମୁଁ ତାହାଙ୍କ ଠାରେ ରହେ, ତାହାଙ୍କ ବାକ୍ୟ ମୋ ଠାରେ ରହେ, ଏବଂ ଯାହା କିଛି ମୁଁ ପ୍ରାର୍ଥନାରେ ମାଗେ, ସେସବୁ ମୋ ନିମନ୍ତେ କରାଯାଇଅଛି । (ଯୋହନ 16:23,24; ମାଥିଉ 21:22; ମାର୍କ 11:24;  ଯୋହନ 15:7)

## ଅଭିଷେକ ଓ ଶକ୍ତି

ମୁଁ ଶକ୍ତି ପ୍ରାପ୍ତ ହୋଇଅଛି କାରଣ ପବିତ୍ର ଆତ୍ମା ମୋ ଉପରେ ଅବତୀର୍ଣ୍ଣ ହୋଇଅଛନ୍ତି ଏବଂ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ସାକ୍ଷୀ ଅଟେ । ସଦାପ୍ରଭୁଙ୍କ ଆତ୍ମା ମୋ ଉପରେ

ଅଧିଷ୍ଠାନ କରିଅଛି, ସେ ସୁସ୍ଥ, ଉଦ୍ଧାର ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିବା ନିମନ୍ତେ ମୋତେ ଶକ୍ତିଯୁକ୍ତ କରନ୍ତି । ଯେ  ମୋତେ ଆହ୍ୱାନ ଓ ଅଭିଷେକ କରିଅଛନ୍ତି ସେ ଈଶ୍ୱର ଅଟନ୍ତି । ପବିତ୍ର ଆତ୍ମାଙ୍କ ଅଭିଷେକ ମୋ ଜୀବନରେ ଶୈତାନିକ ଯୁଆଳି ଗୁଡ଼ିକ ବିନାଶ କରେ ଏବଂ ଲୋକମାନଙ୍କ ଠାରୁ ଶୈତାନିକ ବୋଝସବୁ ଦୂର କରେ । (ପ୍ରେରିତ 1:8;  ଲୂକ 4:18,19; 2 କରିନ୍ଥୀୟ 1:21; ଯିଶାଇୟ 10:27)

### ଆଶୀର୍ବାଦ ସକଳ

ଈଶ୍ୱରଙ୍କ ଠାରୁ ଆଗତ ପ୍ରତ୍ୟେକ ଆଶୀର୍ବାଦରେ ମୁଁ ଆଶୀର୍ବାଦପ୍ରାପ୍ତ । ଈଶ୍ୱର ଯେଉଁ ସମସ୍ତ ଆଶୀର୍ବାଦ ଆପଣା ଲୋକମାନଙ୍କ ନିମନ୍ତେ ରଖି ଅଛନ୍ତି ସେଗୁଡ଼ିକ ମୁଁ ବାଣ୍ଟେ ଓ ଉପଭୋଗ କରେ । ମୁଁ ଯେଉଁ ସମସ୍ତ ବିଷୟରେ ଆପଣା ହସ୍ତ ଦିଏ ସେହି ସର୍ବ ବିଷୟରେ ମୁଁ ଆଶୀର୍ବାଦପ୍ରାପ୍ତ ଅଟେ । ସଦାପ୍ରଭୁ ସମୃଦ୍ଧି ହେବା ନିମନ୍ତେ ମୋତେ ଶିଖାନ୍ତି ଓ ମୋ ପଥ ସବୁ ସଜାଡ଼ନ୍ତି । ଈଶ୍ୱରଙ୍କ ଆଜ୍ଞା ପଥରେ ମୁଁ ଚାଲେ, ଏବଂ ତାହାଙ୍କ ଆଶୀର୍ବାଦ କେବେହେଁ ଶୁଷ୍କ ହେଉନଥିବା ଏକ ନିର୍ଝର ତୁଲ୍ୟ ପ୍ରବାହିତ ହୁଏ । ସମୁଦ୍ର କୂଳରେ ଗୁଡ଼େଇ ହେଉଥିବା ତରଙ୍ଗ ତୁଲ୍ୟ ବିଜୟ ମୋ ନିକଟକୁ ଆସେ । (ଏଫିସୀୟ 1:3; କଲସୀୟ 1:12; ଦ୍ୱିତୀୟ ବିବରଣ 28:6; ଯିଶାଇୟ 48:17,18)

### ସାହସ ଏବଂ ଦୃଢବିଶ୍ୱାସ

ମୁଁ ଶକ୍ତିଯୁକ୍ତ ଏବଂ ଅତି ସାହସୀ ଅଟେ । ମୁଁ ସିଂହ ପରି ନିର୍ଭୀକ ଅଟେ । ଈଶ୍ୱର ମୋତେ ଭୀରୁତାର ଆତ୍ମା ଦେଇନାହାନ୍ତି, ମାତ୍ର ଶକ୍ତି, ପ୍ରେମ, ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି । ସଦାପ୍ରଭୁ ମୋହର ଦୃଢ ବିଶ୍ୱାସଭୂମି ଓ ସୁରକ୍ଷା ଅଟନ୍ତି । (ଯିହୋଶୂୟ 1:9; ହିତୋପଦେଶ 28:1; 2 ତିମଥି 1:7; ହିତୋପଦେଶ 14:26)

### ପରାକ୍ରମ

ମୁଁ ମୋହର ଈଶ୍ୱରଙ୍କୁ ଜଣେ । ମୁଁ ବଳବାନ ଏବଂ ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ମୁଁ ମହତ କର୍ମ କରେ । ଈଶ୍ୱର ମୋ ଅନ୍ତରରେ  ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ମୋ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ସାଧନ କରନ୍ତି । (ଦାନିଏଲ 11:32; ଏଫିସୀୟ 3:20)

## ଭବିଷ୍ୟତ

ମୋ ନିମନ୍ତେ ଈଶ୍ୱର ଆପଣା ସଂକଳ୍ପ ଜାଣନ୍ତି, ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ, ମୋତେ ଭରସାରେ ପରିପୂର୍ଣ୍ଣ ଏକ ଭବିଷ୍ୟତ ଦେବା ନିମନ୍ତେ ଅଟେ। ଈଶ୍ୱର ଯୋଜନା ପ୍ରସ୍ତୁତ କରିଅଛନ୍ତି ଆଉ ସେ ଚାହାନ୍ତି ଯେ ମୁଁ ସେଗୁଡ଼ିକ ସାଧନ କରେ ଏବଂ ଉକ୍ତ ଯୋଜନା ସକଳ ଆଧାରରେ ମୁଁ ଚାଲୁଅଛି । ସମସ୍ତ ବିଷୟ ମୋ ମଙ୍ଗଳ ସାଧନହେତୁ କାର୍ଯ୍ୟ କରୁଅଛି କାରଣ ମୁଁ ତାହାଙ୍କ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆହୁତ ହୋଇଅଛି । ଚକ୍ଷୁ ଯାହା ଦେଖିନାହିଁ, କର୍ଣ୍ଣ ଯାହା ଶୁଣିନାହିଁ ଏବଂ ହୃଦୟରେ ଯାହା ଜାତ ହୋଇନାହିଁ ସେ ସମସ୍ତ ବିଷୟ ପରମେଶ୍ୱର ମୋ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି କାରଣ ମୁଁ ତାହାଙ୍କୁ ପ୍ରେମ କରେ । (ଯିରିମୀୟ 29:11; ଏଫିସୀୟ 2:10; ରୋମୀୟ 8:28; 1 କରିନ୍ଥୀୟ 2:9)

## ପରିବାର, ଗୃହ ଓ ପିଲାମାନେ

ଈଶ୍ୱର ମୋ ଗୃହକୁ ଆଶୀର୍ବାଦ କରିଅଛନ୍ତି । ଆନନ୍ଦ ଓ ପରିତ୍ରାଣର ସ୍ୱର ମୋ ଗୃହକୁ ପୂର୍ଣ୍ଣ କରେ । ମୋ ଘର ଗୋଟିଏ ଶାନ୍ତି ପୂର୍ଣ୍ଣ ଓ ନୀରବ ସ୍ଥାନ, ଏକ ସୁରକ୍ଷିତ ସ୍ଥାନ ଏବଂ ଚିନ୍ତା ମୁକ୍ତ ସ୍ଥାନ ଅଟେ । ଈଶ୍ୱର ଆପଣା ଆତ୍ମା ଓ ଆଶୀର୍ବାଦ ମୋ ପିଲାମାନଙ୍କ ଉପରେ ଢାଳନ୍ତି । ମୋ ସବୁ ପିଲାମାନେ ସଦପ୍ରଭୁଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ହୁଅନ୍ତି ଓ ସେମାନଙ୍କର ମହା ଶାନ୍ତି ଲାଭ ହୁଏ । (ହିତୋପଦେଶ 3:33; ଗୀତସଂହିତା 118:15; ଯିଶାଇୟ 32:18; ଯିଶାଇୟ 44:3; ଯିଶାଇୟ 54:13)

## ବିଶ୍ୱାସ

ଈଶ୍ୱର ମୋତେ ବିଶ୍ୱାସର ଏକ ମାପ ଦାନ କରିଅଛନ୍ତି । ମୁଁ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛି । ମୁଁ ବିଶ୍ୱାସ କରୁଅଛି ଏବଂ ମୁଁ ଈଶ୍ୱରଙ୍କ ମହିମା ଦେଖିବି । ହୃଦୟରେ ବିଶ୍ୱାସ ସହିତ, ମୁଁ ପର୍ବତଗଣକୁ କହେ, ଏବଂ ସେଗୁଡ଼ିକ ଘୁଞ୍ଚି ଯାଏ, ଆଉ କିଛି ହିଁ ମୋ ପାଇଁ ଅସାଧ୍ୟ ନାହିଁ । (ରୋମୀୟ 12:3; 2 କରିନ୍ଥୀୟ 5:7; ଯୋହନ 11:40; ମାଥିଉ 17:20)

## ଅନୁଗ୍ରହ ଏବଂ ସମ୍ପର୍କ

ଈଶ୍ୱର ଗୋଟିଏ ଢାଲ ପରି ଅନୁଗ୍ରହରେ ମତେ ବେଷ୍ଟନ କରନ୍ତି । ଈଶ୍ୱର ମୋତେ ସମ୍ମାନ ଓ ଉଚ୍ଚ ସମ୍ଭ୍ରମ ପାଇବା ନିମନ୍ତେ ସ୍ଥାପନ କରନ୍ତି । ମୁଁ ଦୟା ଓ ସତ୍ୟତାରେ

ଚାଲେ, ଏବଂ ମୋ ଚର୍ତୁପାର୍ଶ୍ଵରେ ଥିବା ଲୋକମାନଙ୍କ ସହିତ ମୁଁ ଅନୁଗ୍ରହ ଓ ସୁବିବେଚନାରେ ଗମନ କରେ । ଈଶ୍ଵର ମୋ ଶତ୍ରୁମାନଙ୍କୁ ହିଁ ମୋ ସହିତ ଶାନ୍ତିରେ ବାସ କରାନ୍ତି । ଯେଉଁମାନେ ସଦପ୍ରଭୁଙ୍କୁ ପ୍ରେମ କରନ୍ତି ସେମାନେ ମୋତେ ଦେଖି ଆନନ୍ଦିତ ହୁଅନ୍ତି କାରଣ ମୁଁ ସଦପ୍ରଭୁଙ୍କୁ ମାନ୍ୟ କରେ । (ଗୀତସଂହିତା 5:12; ହିତୋପଦେଶ 22:4; ହିତୋପଦେଶ 3:3,4; ହିତୋପଦେଶ 16:7; ଗୀତସଂହିତ 119:74)

## ପଥ ପ୍ରଦର୍ଶନ

ପବିତ୍ର ଆତ୍ମା ମୋତେ ସମସ୍ତ ସତ୍ୟ ଆଡ଼କୁ କଢାଇ ନିଅନ୍ତି ଓ ପଥ ଦେଖାନ୍ତି । ସଦାପ୍ରଭୁ ମୋତେ କଢାଇ ନିଅନ୍ତି ଓ ମୋହର ଗନ୍ତବ୍ୟ ମାର୍ଗ ଶିଖାନ୍ତି । ସେ ଆପଣା ଦୃଷ୍ଟି ରଖି ମୋତେ କଢାଇ ନିଅନ୍ତି । ପରମେଶ୍ଵରଙ୍କ ଦ୍ଵାରା ମୋହର ଗତି ସ୍ଥିରୀକୃତ ହୋଇଅଛି କାରଣ ସେ ମୋହର ସକଳ ମାର୍ଗରେ ଆମୋଦ କରନ୍ତି । ମୁଁ ପତିତ ହେଲେ ହେଁ, ସେ ମୋତେ ଧରି ରଖନ୍ତି ଏବଂ ପୁନର୍ବାର ଫେରାଇ ଆଣନ୍ତି । ପରମେଶ୍ଵରଙ୍କ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ । ମୁଁ ତାହାଙ୍କ ବାକ୍ୟ ପାଳନ କରେ । (ଯୋହନ 16:13; ଗୀତସଂହିତା 32:8; ଗୀତସଂହିତା 37:23,24; ଗୀତସଂହିତା 119:105)

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ

ପ୍ରଭୁ ଯୀଶୁ ନିଜେ ମୋହର ଦୁର୍ବଳତାସବୁ କ୍ରୁଶରେ ଗ୍ରହଣ କଲେ ଓ ବ୍ୟାଧିସବୁ ବହନ କଲେ । ଯୀଶୁ ମୋ ନିମନ୍ତେ କ୍ରୁଶରେ ଯେଉଁ କ୍ଷତ ବହନ କଲେ ସେଥିରେ  ମୁଁ ସୁସ୍ଥ ହୋଇଅଛି । ମୋହର ପରମେଶ୍ଵର ଆରୋଗ୍ୟକାରୀ ସଦାପ୍ରଭୁ ଅଟନ୍ତି । ସଦାପ୍ରଭୁ ମୋହର ଅନ୍ନ ଜଳରେ ଆଶୀର୍ବାଦ କରନ୍ତି ଏବଂ ମୋର ସମସ୍ତ ରୋଗ ମୋଠାରୁ ଦୁର କରନ୍ତି । ସେ ମୋହର ପାପସବୁ କ୍ଷମା କରନ୍ତି ଓ ରୋଗସବୁ ସୁସ୍ଥ କରନ୍ତି । (ମାଥିଉ 8:17; 1 ପିତର 2:24; ଯାତ୍ରା ପୁସ୍ତକ 15:26; ଯାତ୍ରା ପୁସ୍ତକ 23:25; ଗୀତସଂହିତା 103:3)

## ଆନନ୍ଦ

ସଦାପ୍ରଭୁଙ୍କ ଆତ୍ମା ମୋତେ ଆନନ୍ଦରେ  ପରିପୂର୍ଣ୍ଣ କରେ । ମୁଁ ଧର୍ମକୁ ପ୍ରେମ ଓ ଦୁଷ୍ଟତାକୁ ଘୃଣା କରେ, ଏହେତୁ ପରମେଶ୍ଵର ମୋତେ ଆନନ୍ଦ ଓ ଉଲ୍ଲାସରେ

ଅଭିଷେକ କରିଅଛନ୍ତି । ସଦାପ୍ରଭୁ ବିଷୟକ ଆନନ୍ଦ ମୋତେ ସଶକ୍ତ କରେ ଏବଂ ଶକ୍ତିରେ ମୋତେ ପରିପୂର୍ଣ କରେ । ସେହି ଭରସାର ଈଶ୍ୱର ମୋତେ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତି । ମୁଁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କଠାରେ ଆନନ୍ଦରେ ଗମନ କରେ । (ଗାଲାତୀୟ 5:22; ଗୀତସଂହିତା 45:7; ନିହିମୀୟା 8:10; ରୋମୀୟ 15:13; ରୋମୀୟ 14:17)

## ଧାର୍ମିକଗଣନ ଏବଂ ଧାର୍ମିକତା

ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ମୁଁ ଧାର୍ମିକ ଗଣିତ ହୋଇଅଛି । ତାହାଙ୍କ ଦୃଷ୍ଟିରେ, ମୁଁ ଧାର୍ମିକ ସତେ ଯେପରି ମୁଁ "କେବେ ପାପ କରିନାହିଁ କାରଣ" ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ମୋତେ ସମସ୍ତ ପାପରୁ ଧୌତ କରିଅଛି। ତାହାଙ୍କ ଧାର୍ମିକତାରେ ମୁଁ ବସ୍ତ୍ରାବୃତ ହୋଇଅଛି, ଏଣୁ କୌଣସି ଦଣ୍ଡାଜ୍ଞା ବିନା ମୁଁ ସାହସରେ ଈଶ୍ୱରଙ୍କ ଛାମୁରେ ଠିଆ ହେଉଅଛି । ପବିତ୍ର ଆତ୍ମା ମୋତେ ନିଶ୍ଚିତତାରେ ପରିପୂର୍ଣ କରନ୍ତି ଯେ ମୁଁ ତାହାଙ୍କର ସନ୍ତାନ ଅଟେ, ଆଉ ମୁଁ ତାହାଙ୍କୁ ଆବ୍ବା, "ପିତଃ ବୋଲି ଡାକି ଥାଏ" । (ରୋମୀୟ 3:22; 1 ଯୋହନ 1:7; 2 କରିନ୍ଥୀୟ 5:21; ରୋମୀୟ 8:1,15)

## ପ୍ରେମ

ଈଶ୍ୱରଙ୍କ ଆତ୍ମା ମୋ ହୃଦୟରେ ଈଶ୍ୱରଙ୍କ ପ୍ରେମ ଢାଳି ଅଛନ୍ତି । ଈଶ୍ୱରଙ୍କ ପ୍ରେମରେ ଲୋକମାନଙ୍କୁ ପ୍ରେମ କରିବା ପାଇଁ ମୁଁ ସଶକ୍ତ ଅଟେ । ମୋ ଠାରେ ଈଶ୍ୱରଙ୍କ ପ୍ରେମ ମୋତେ ଦୀର୍ଘସହିଷ୍ଣୁ କରେ, ହିତଜନକ ଏବଂ ଈର୍ଷାହେବାରୁ, ଅହଙ୍କାରୀ, ଅନୁଚିତ ବ୍ୟବହାର କରିବାରୁ, ସ୍ୱାର୍ଥ,ଓ  ବିରକ୍ତ ହେବାରୁ ରକ୍ଷା କରେ । ମୁଁ ଅପକାର ସ୍ମରଣରେ ରଖେ ନାହିଁ । (ରୋମୀୟ 5:5; 1 କରିନ୍ଥୀୟ 13:4,5)

## ଦୀର୍ଘାୟୁ ଜୀବନ

ଈଶ୍ୱର ମୋତେ ଏକ ଦୀର୍ଘାୟୁ ଜୀବନ ଦେଇ ତୃପ୍ତ କରନ୍ତି । ସଦାପ୍ରଭୁ ଉତ୍ତମ ବସ୍ତୁରେ ମୋ ଜୀବନକୁ ପରିପୂର୍ଣ କରନ୍ତି ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ମୁଁ ଯୁବା ଓ ଶକ୍ତିଶାଳୀ ରହେ ।   (ଗୀତସଂହିତା 91:16; ଯାତ୍ରା ପୁସ୍ତକ 23:26; ଗୀତସଂହିତା 103:5)

## ମନ ଓ ଚିନ୍ତା

ମୋ ମନ ଗୋଟିଏ ପବିତ୍ର ଭୂମି ଅଟେ । ଯାହା ଯାହା ବିଶୁଦ୍ଧ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯାହା ଯାହା ସଦଗୁଣ, ଯାହା ଯାହା ଯଥାର୍ଥ, ଏବଂ ଆଦରଣୀୟ ଅଟେ କେବଳ ସେଗୁଡ଼ିକ ହିଁ ମୁଁ ମୋ ଚିନ୍ତାରେ ଆସିବାକୁ ଦିଏ । ମୋହର ଗୋଟିଏ ସୁସ୍ଥ ମନ, ଏକ ସୁସ୍ଥ ସ୍ମରଣ, ଏକ ସୁସ୍ଥ ଧ୍ୟାନ ଏବଂ ସୁବୁଦ୍ଧି ରହିଅଛି । ମୁଁ ଆପଣା ଚିନ୍ତା, ଆବେଗ ଏବଂ ଅଭିଳାଷ ଗୁଡ଼ିକ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କରେ ପୁଣି ପ୍ରତ୍ୟେକ ଚିନ୍ତାକୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବ ନିମନ୍ତେ ଆଣେ । (ଫିଲିପ୍ପୀୟ 4:8; 2 ତୀମଥି 1:7; 2 କରିନ୍ଥୀୟ 10:4,5)

## ଜଗତ ଓ ଶରୀରକୁ ଜୟ କରିବା

ମୁଁ ଈଶ୍ୱରଙ୍କ ଠାରୁ ଜାତ, ଏବଂ ମୁଁ ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ବିଷୟ ଉପରେ ଜୟ ଲାଭ କରେ । ଶରୀରର ପାପପୂର୍ଣ୍ଣ ଅଭିଳାଷ, ଚକ୍ଷୁର ଅଭିଳାଷ ଏବଂ ଲୌକିକ ଗର୍ବ ଗୁଡିକ ଉପରେ ମୁଁ ଜୟ ଲାଭ କରେ । ମୁଁ ଈଶ୍ୱରଙ୍କ ଐଶ୍ୱରିକ ସ୍ୱଭାବର ସହ ଅଂଶୀ , ପୁଣି ଜଗତରେ ଥିବା ନୈତିକ ଅଧୋପତନରୁ ଦୂରରେ ରୁହେ । ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା, ମୋ ଶରୀରର ସମସ୍ତ ପାପ ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକ ଶେଷ କରେ । ମୁଁ ଆତ୍ମାରେ ଚାଲେ ଏବଂ ମୋ ଶରୀରର ପାପ ପୂର୍ଣ ଅଭିଳାଷ ଗୁଡିକର ବଶବର୍ତ୍ତୀ ହୁଏ ନାହିଁ । (1 ଯୋହନ 5:4; 2 ପିତର 1:3,4; ରୋମୀୟ 8:13; ଗାଲାତୀୟ 5:16)

## ଶାନ୍ତି, ସୁସ୍ଥିରତା ଏବଂ ବିଶ୍ରାମ

ମୁଁ ମୋହର ସମସ୍ତ ଚିନ୍ତାର ଭାର ସଦାପ୍ରଭୁଙ୍କ ସମୁଖରେ ରଖେ ପୁଣି ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି ତାହା ମୋ ହୃଦୟ ଓ ମନକୁ ପରିପୂର୍ଣ କରେ । ମୁଁ ସୁସ୍ଥିରତା ଓ ବିଶ୍ୱାସରେ ଚାଲିବା ପାଇଁ ସ୍ଥିର କରିଅଛି ଏବଂ ଏହା ମୋତେ ବଳ ପ୍ରଦାନ କରେ । ମୁଁ ସଦାପ୍ରଭୁଙ୍କ ପ୍ରଦତ୍ତ ବିଶ୍ରାମରେ ଗମନ କରେ (1 ପିତର 5:7; ଫିଲିପ୍ପୀୟ 4:7; ଯିଶାଇୟ 30:15; ମାଥିଉ 11:28,29)

## ରକ୍ତର ଶକ୍ତି

ଯୀଶୁଙ୍କ ରକ୍ତ ମୋତେ କ୍ରୟ କରି ମୁକ୍ତ କରିଅଛି, ସମସ୍ତ ପାପରୁ ପରିଷ୍କୃତ, ପବିତ୍ରୀକୃତ, ଧାର୍ମିକଗଣିତ, ଈଶ୍ୱରଙ୍କ ନିକଟବର୍ତ୍ତୀ କରିଅଛି ଏବଂ ଈଶ୍ୱରଙ୍କ ମହା ପବିତ୍ର ଉପସ୍ଥିତିକୁ ପ୍ରବେଶ କରିବାପାଇଁ ମୋତେ ସାହସ ପ୍ରଦାନ କରିଅଛି । ଯୀଶୁଙ୍କ ରକ୍ତ ସକାଶେ ମୁଁ

ଆଚ୍ଛାଦିତ ଓ ସୁରକ୍ଷିତ ଅଟେ । ଯୀଶୁଙ୍କ ରକ୍ତ ଦ୍ୱାରା ଈଶ୍ୱରଙ୍କ ସହିତ ମୁଁ ନିୟମରେ ଆବଦ୍ଧ ହୋଇଅଛି । ମୋ ପୂର୍ବପୁରୁଷ ମାନଙ୍କର ମନ୍ଦ ମାର୍ଗରୁ ରକ୍ତ ମୋତେ ମୁକ୍ତ କରିଅଛି । ଯୀଶୁଙ୍କ ରକ୍ତ ଦ୍ୱାରା ମୁଁ ଶତ୍ରୁକୁ ପରାସ୍ତ କରେ । (ପ୍ରେରିତ 20:28; ଏଫିସୀୟ 1:7; 1 ଯୋହନ 1:7; ଏବ୍ରୀ 13:12;  ଯାତ୍ରା ପୁସ୍ତକ 12:13; 1 ପିତର 1:18-20; ପ୍ରକାଶିତ ବାକ୍ୟ 12:11)

## ସମୃଦ୍ଧି ଓ ସଫଳତା

ମୁଁ ଜଳସ୍ରୋତ ନିକଟରେ ରୋପିତ ବୃକ୍ଷ ତୁଲ୍ୟ ଅଟେ । ମୁଁ ସ୍ୱବସମୟରେ ଫଳ ଉତ୍ପନ୍ନ କରେ । ମୋହର ପତ୍ର ମଳିନ ହୁଏନାହିଁ  ପୁଣି ମୁଁ ଯାହା କରେ ସେଥିରେ ସଫଳ ହୁଏ । ମୋହର ସମସ୍ତ ହସ୍ତ କୃତ କର୍ମରେ ମୁଁ ଆଶୀର୍ବାଦ ପ୍ରାପ୍ତ ଅଟେ । ମୁଁ ସଦାପ୍ରଭୁଙ୍କର, ତାହାଙ୍କ ବାକ୍ୟ, ଓ ତାହାଙ୍କ ମାର୍ଗର ଅନୁଗମନ କରେ, ପୁଣି ସେ ମୋତେ ସମୃଦ୍ଧି ଓ ଉତ୍ତମ ସଫଳତା ଲାଭ କରିବାକୁ ଦିଅନ୍ତି । ଈଶ୍ୱରଙ୍କ ବିଷୟକ ଭୟରେ ଓ ନମ୍ର ଭାବରେ ମୁଁ ଗମନା ଗମନ କରୁଥିବା ବେଳେ ସେ ମୋତେ ସମୃଦ୍ଧି, ସମ୍ମାନ ଓ ଦୀର୍ଘାୟୁ ଦେଇ ଆଶୀର୍ବାଦ କରନ୍ତି । (ଗୀତସଂହିତା 1:1-3; ଦ୍ୱିତୀୟ ବିବବରଣ 28:8; ଯିହୋଶୂୟ 1:8; ହିତୋପଦେଶ 22:4)

## ସୁରକ୍ଷା ଓ ଉଦ୍ଧାର

ସଦାପ୍ରଭୁ ମୋହର ପ୍ରତିରକ୍ଷାକାରୀ, ସର୍ବୋପରିସ୍ଥ ମୋହର ରକ୍ଷକ ଅଟନ୍ତି । କୌଣସି ବିପଦ ମୋତେ ଘଟିବ ନାହିଁ, କୌଣସି ହିଂସା ମୋ ଗୃହ ନିକଟକୁ ଆସିବ ନାହିଁ । ସେ ମୋତେ ଉତ୍ତର ଦେଇ ଉଦ୍ଧାର କରନ୍ତି । ପରମେଶ୍ୱରଙ୍କ ଦୂତଗଣ ମୋତେ ବେଷ୍ଟନ କରନ୍ତି ଓ ଉଦ୍ଧାର କରନ୍ତି । ଯେକୌଣସି ଅସ୍ତ୍ର ମୋ ପ୍ରତିକୂଳରେ ନିର୍ମିତ ହୁଏ ତାହା ମୋତେ କ୍ଷତି କରିପାରିବ ନିହିଁ । ସଦାପ୍ରଭୁ ମୋହର ସପକ୍ଷ ହୋଇ ମୋତେ ଜୟ ପ୍ରଦାନ କରନ୍ତି । ଯେ ପ୍ରତ୍ୟେକ ଜିହ୍ୱା ମୋ ବିରୁଦ୍ଧରେ ଉଠେ, ସଦାପ୍ରଭୁ ସେମାନଙ୍କୁ ମୋ ସମ୍ମୁଖରେ ଅବନତ କରନ୍ତି । (ଗୀତସଂହିତା 91:10,11,15; ଗୀତସଂହିତା 34:7; ଯିଶାଇୟ 54:17)

## ପଦୋନ୍ନତି

ମୋ ପଦୋନ୍ନତି, ବୃଦ୍ଧି ଓ ବଢିବା ପରମେଶ୍ୱରଙ୍କ ଠାରୁ ଆସେ । ପରମେଶ୍ୱର, ଯେ ମୋ ଉନ୍ନତି ନିମନ୍ତେ ପଥ ପ୍ରସ୍ତୁତ କରନ୍ତି । ମୁଁ ସଦାପ୍ରଭୁଙ୍କ ଠାରେ ବଶୀଭୂତ

ହେଲେ, ସେ ଆପଣା ସମୟରେ ମୋତେ ଉନ୍ନତ କରନ୍ତି । ପରମେଶ୍ୱର ଯେ ମୋତେ ନେତୃତ୍ୱର, ଅଧିକାର ଓ ପ୍ରଭାବଶାଳୀ ପଦରେ ସ୍ଥାପନ କରନ୍ତି । (ଗୀତସଂହିତା 7:6,7; ଯାକୁବ 4:10; ଦ୍ୱିତୀୟ ବିବରଣ 28:13)

## ଭବିଷ୍ୟତ ପାଇଁ ଆୟୋଜନ ଓ ଯୋଗାଣ

ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତାହାଙ୍କ ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ମୋହର ପ୍ରତ୍ୟେକ ଅଭାବ ପୂରଣ କରନ୍ତି । ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ ନାହିଁ । ସଦାପ୍ରଭୁ ମୋହର ସୂର୍ଯ୍ୟ ଓ ଢାଲ ଅଟନ୍ତି । ସେ ମୋ ଠାରୁ କୌଣସି ମଙ୍ଗଳ ବିଷୟ ଅଟକାଇ ରଖନ୍ତି ନାହିଁ । ଈଶ୍ୱର ମୋତେ ମୋର ଆବଶ୍ୟକତା ଠାରୁ ଅତ୍ୟଧିକ ଭାବରେ ଦାନ କରନ୍ତି ତଦ୍ଦ୍ୱାରା ମୋ ପାଖରେ ସବୁବେଳେ ପ୍ରଚୁର ପରିମାଣରେ ଥାଏ ଯାହାଦ୍ୱାରା ଅନ୍ୟମାନଙ୍କୁ ଆଶୀର୍ବାଦ କରିବା ନିମନ୍ତେ ଯଥେଷ୍ଟ ଥାଏ । (ଫିଲିପ୍ପୀୟ 4:19; ଗୀତସଂହିତା 23:1; ଗୀତସଂହିତା 84:11; 2 କରିନ୍ଥୀୟ 9:8; ଦ୍ୱିତୀୟ ବିବରଣ 8:18)

## ଚିହ୍ନ, ଅଦ୍ଭୁତ ଲକ୍ଷଣ ଓ ଆଶ୍ଚର୍ଯ୍ୟ କର୍ମ

ତାହାଙ୍କ ନାମରେ ବିଶ୍ୱାସ କରୁଅଛି ଯେ ମୁଁ ଏହି ଚିହ୍ନ ଗୁଡିକ ମୋହର ଅନୁବର୍ତ୍ତୀ ହେବ, ମୁଁ ନୂତନ ଭାଷାରେ କଥା କହେ, ମୁଁ ଭୂତମାନଙ୍କୁ ଛଡ଼ାଏ, ଏବଂ ମୁଁ ରୋଗୀମାନଙ୍କ ଉପରେ ସ୍ପର୍ଶ କଲେ ସେମାନେ ସୁସ୍ଥ ହୁଅନ୍ତି । ଈଶ୍ୱର ମୋ ସଙ୍ଗରେ ଅଛନ୍ତି ଏବଂ ମୁଁ ଚିହ୍ନ, ଅଦ୍ଭୁତ ଲକ୍ଷଣ ଏବଂ ଆଶ୍ଚର୍ଯ୍ୟ କର୍ମର ବାକ୍ୟ ଘୋଷଣା କରିବାରେ ଈଶ୍ୱର ତାହାଙ୍କ ବାକ୍ୟ ଦ୍ୱାରା ସ୍ୱୀକୃତି ଦିଅନ୍ତି । ଯେଉଁ କର୍ମ ସକଳ ଯୀଶୁ ସାଧନ କଲେ, ମୁଁ ତାହା କରିବି ଏବଂ ତାହା ଠାରୁ ମହତ କର୍ମ ମାନ ସାଧନ କରିବି କାରଣ ଯୀଶୁ ପିତାଙ୍କ ନିକଟକୁ ଯାଇ ଅଛନ୍ତି । ଯୀଶୁଙ୍କ ସୁସମାଚାର ମୁଁ ଯେତେବେଳେ ଶୁଣାଏ, ଈଶ୍ୱର ନିଜେ ଚିହ୍ନ, ଅଦ୍ଭୁତ ଲକ୍ଷଣ ଓ ଆଶ୍ଚର୍ଯ୍ୟ କର୍ମ  ଏବଂ ପବିତ୍ର ଆତ୍ମାଙ୍କ ବରଦାନ ଦ୍ୱାରା ସାକ୍ଷୀ ହେବେ । (ମାର୍କ 16:17,18, 20; ଯୋହନ 14:12; ଏବ୍ରୀ 2:3,4)

## ନିଦ୍ରା

ସଦାପ୍ରଭୁ ମୋତେ ସୁନିଦ୍ରା ଦିଅନ୍ତି । ମୁଁ ନିଦ୍ରା ଯାଏ ଏବଂ ମୁଁ ଭୀତ ହୁଏ ନାହିଁ । ମୁଁ ନିଦ୍ରା ଯାଏ ପୁଣି ମୋ ନିଦ୍ରା ସୁଖକର ଅଟେ । ମୁଁ ନୂତନୀକୃତ ଓ ସତେଜିତ

ହୋଇ ଉଠେ । (ଗୀତସଂହିତା 3:5; ଗୀତସଂହିତା 4:8; ହିତୋପଦେଶ 3:24; ଗୀତସଂହିତା 127:2)

## ମୋ ଜୀବନରେ ଈଶ୍ୱରଙ୍କ ଆତ୍ମା

ମୁଁ ପବିତ୍ର ଆତ୍ମାଙ୍କ ଏକ ମନ୍ଦିର ଅଟେ । ଈଶ୍ୱରଙ୍କ ଆତ୍ମା ମୋ ଠାରେ ବାସ କରନ୍ତି । ସେ ମୋତେ ଚଳାନ୍ତି ଓ କଢାଇ ନିଅନ୍ତି । ସେ ମୋତେ ସମସ୍ତ ବିଷୟ ଶିଖାନ୍ତି । ମୁଁ ଆତ୍ମାରେ ଗମନା ଗମନ କରୁଥିବା ବେଳେ, ଶାରୀରିକ ଅଭିଳାଷ ଗୁଡିକ ପ୍ରତି ମୁଁ ସମର୍ପିତ ହୁଏ ନାହିଁ । ସେ ମୋତେ ସଶକ୍ତ କରନ୍ତି । ତାହାଙ୍କ ଉପସ୍ଥିତି ଓ ଶକ୍ତି ମୋ ଠାରୁ ନଦୀ ତୁଲ୍ୟ ପ୍ରବାହିତ ହୁଏ ଏବଂ ଆଶୀର୍ବାଦ କରେ, ସୁସ୍ଥ କରେ ଏବଂ ମୋ ଚର୍ତୁପାର୍ଶ୍ୱରେ ଥିବା ଲୋକମାନଙ୍କୁ ଉଦ୍ଧାର କରେ । (1 କରିନ୍ଥୀୟ 3:16; ରୋମୀୟ 8:14; 1 ଯୋହନ 2:27; ଗାଲାତୀୟ 5:16; ଯୋହନ 7:38,39)

## ସଫଳତା ଏବଂ ବିଜୟ

ଈଶ୍ୱର ସବୁବେଳେ ମୋତେ ଘେନି ସର୍ବ ବିଷୟରେ ବିଜୟ ଯାତ୍ରା ପୁସ୍ତକ ପୁସ୍ତକ କରୁଅଛନ୍ତି । ମୋ ପ୍ରଭୁ ଯୀଶୁ କାଲବରୀରେ ମୋ ନିମନ୍ତେ ଯେଉଁ ବିଜୟ ଲାଭ କରିଅଛନ୍ତି ସେହି ବିଜୟ ଉପରେ ମୁଁ ଚାଲେ । ପରମେଶ୍ୱରଙ୍କ ଦ୍ୱାରା ମୁଁ ବୀରର କର୍ମ କରେ । (2 କରିନ୍ଥୀୟ 2:14; କଲସୀୟ 2:14; ଯିଶାଇୟ 53:12; ଗୀତସଂହିତା 60:12)

## ଜ୍ଞାନ, ବିବେଚନା ଓ ନିଶ୍ୱାସ

ଖ୍ରୀଷ୍ଟ ମୋ ଜ୍ଞାନ ସ୍ୱରୂପ ଅଟନ୍ତି । ବୁଦ୍ଧି, ବିବେଚନା, ମନ୍ତ୍ରଣା,ଓ ଶକ୍ତିର ଆତ୍ମା ମୋ ଉପରେ ଅଧିଷ୍ଠାନ କରେ । ପ୍ରଭୁ ସମସ୍ତ ବିଷୟରେ ମୋତେ ବୁଦ୍ଧି ପ୍ରଦାନ କରନ୍ତି । ତାହାଙ୍କ ବାକ୍ୟ ମୋତେ ଆଲୁଅ ଓ ବୋଧରେ ପରିପୂର୍ଣ କରେ । ପରମେଶ୍ୱରଙ୍କ ନିଶ୍ୱାସ ମୋ ଆନ୍ତରିକ ପୁରୁଷକୁ ବୁଦ୍ଧି ପ୍ରଦାନ କରେ । (1 କରିନ୍ଥୀୟ 1:30; ଯିଶାଇୟ 11:1,2; 2 ତୀମଥି 2:7; ଗୀତସଂହିତା 119:130; ଆୟୁବ 32:8)

## ସାକ୍ଷୀ

ମୁଁ ଯୀଶୁ ଖ୍ରୀଷ୍ଟଙ୍କ ଜଣେ ସାହସୀ ସାକ୍ଷୀ ଅଟେ । ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ସମ୍ବନ୍ଧରେ ମୁଁ ଲଜ୍ଜା ବୋଧ କରେ ନାହିଁ । ମୁଁ ଯେପ୍ରକାରେ ତାହାଙ୍କୁ ମନୁଷ୍ୟମାନଙ୍କ ସମ୍ମୁଖରେ

ସ୍ୱୀକାର କଲେ, ସେ ମୋତେ ସ୍ୱର୍ଗସ୍ଥ ପିତାଙ୍କ ଛାମୁରେ  ସ୍ୱୀକାର କରିବେ । (ପ୍ରେରିତ 1:8; ରୋମୀୟ 1:16; ମାଥିଉ 10:32)

## ମୋ ଜୀବନରେ ଈଶ୍ୱରଙ୍କ ବାକ୍ୟ

ଈଶ୍ୱରଙ୍କ ବାକ୍ୟ ଯେ ସତ୍ୟ ଏହା ମୁଁ ଘୋଷଣା କରୁଅଛି । ତାହଙ୍କ ବାକ୍ୟ ମୋ ଜୀବନରେ ପ୍ରବଳ ହୁଏ । ତାହାଙ୍କ ବାକ୍ୟର ଶକ୍ତି ଦ୍ୱାରା ମୋ ଜୀବନ ଧାରଣ, ବଞ୍ଚିବା ସହିତ ପରିଚାଳିତ ହୁଏ । ମୋ ଜଗତର ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ବାକ୍ୟ ର ଅଧିନସ୍ଥ ଏବଂ ଏହା ଈଶ୍ୱରଙ୍କ ବାକ୍ୟ ଆଧାରିତ ଅଟେ । (ଯୋହନ 17:17; ଗୀତସଂହିତା 119:128; ଏବ୍ରୀ 1:3; ଏବ୍ରୀ 11:3)

# "ଖ୍ରୀଷ୍ଟଙ୍କ ଠାରେ" ମୋର ଘୋଷଣା ପତ୍ର

ଖ୍ରୀଷ୍ଟଙ୍କ ଠାରେ ମୁଁ ଯାହା ଅଟେ ତାହା ହିଁ ମୋର ପ୍ରକୃତ ପରିଚୟ.।  ମୋ ପରିଚୟ, ସୁରକ୍ଷା, ଗୁରୁତ୍ୱ ଏବଂ ଆତ୍ମ ମୂଲ୍ୟ, ତାହାଙ୍କ ଠାରେ, ତାହାଙ୍କ ଠାରୁ ଓ ତାହାଙ୍କ ନିମନ୍ତେ ଅଟେ । ମୋ ଆତ୍ମ-ପ୍ରତିଛବି  ଆତ୍ମ-ସମ୍ମାନ ଓ ଦୃଢ ବିଶ୍ୱାସ, ଖ୍ରୀଷ୍ଟଙ୍କ ଠାରେ ଆଧାରିତ ପରିଚୟ ନିମନ୍ତେ ଈଶ୍ୱର ମୋତେ ନିର୍ମାଣ କରିଅଛନ୍ତି । ଖ୍ରୀଷ୍ଟଙ୍କ ଠାରେ ମୋ ପରିଚୟ ସମ୍ପୂର୍ଣ ଭାବରେ ମୋ ପ୍ରତି ଥିବା ଈଶ୍ୱରଙ୍କ ଗଭୀର ଏବଂ ନିସର୍ତ୍ତ ପ୍ରେମର ଆଧାର ଅଟେ ।

ମୁଁ ଘୋଷଣା କରୁଅଛି ଯେ ଖ୍ରୀଷ୍ଟଙ୍କ ଠାରେ ମୁଁ ଯାହା ଅଟେ ତାହା ହିଁ ମୋ ପ୍ରକୃତ ପରିଚୟ ।

ଖ୍ରୀଷ୍ଟଙ୍କ ଠାରେ ମୁଁ ନୂତନ ସୃଷ୍ଟି ଅଟେ । ସମସ୍ତ ପୁରାତନ ବିଷୟ ଲୋପ ପାଇଅଛି । ଅନ୍ତରରେ ମୁଁ ନୂତନ ଅଟେ    (2 କରିନ୍ଥୀୟ 5:17) । ମୋ ପୁରାତନ ଜୀବନ ସମାପ୍ତ ହୋଇଅଛି, ଏବଂ ମୋ ନୂତନ ଜୀବନ ଖ୍ରୀଷ୍ଟଙ୍କ ଠାରେ ସୁରକ୍ଷିତ ଅଟେ । ଏହି ନୂତନ ଜୀବନ ସ୍ୱୟଂ ଖ୍ରୀଷ୍ଟଙ୍କ ଠାରୁ ଆସେ (କଲସୀୟ 3:3) । ଯେଉଁ ନୂତନ ସୃଷ୍ଟି ମୁଁ ପାଇଅଛି ତାହା ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଅଛି ଏବଂ ଏହା ସମ୍ପୂର୍ଣ୍ଣ ଈଶ୍ୱରଙ୍କ ଗୁଣାବଳୀ, ଧାର୍ମିକତା ଏବଂ ପବିତ୍ରତାରେ ପରିପୂର୍ଣ୍ଣ ଅଟେ । ଖ୍ରୀଷ୍ଟଙ୍କ ଠାରେ ମୁଁ ଜଣେ ନୂତନ ସୃଷ୍ଟି ଭାବରେ ଜୀବନ ଯାପନ କରେ (ଏଫିସୀୟ 4:24) ।

ଖ୍ରୀଷ୍ଟଙ୍କ ଠାରେ ମୁଁ ଈଶ୍ୱରଙ୍କ ଜଣେ ସନ୍ତାନ ଅଟେ, ଈଶ୍ୱରଙ୍କ ଉତ୍ତରାଧିକାରୀ ଏବଂ ଖ୍ରୀଷ୍ଟଙ୍କ ସହିତ ସହ ଉତ୍ତରାଧିକାରୀ ଅଟେ ମୁଁ ଈଶ୍ୱରଙ୍କ ପରିବାର ଓ ରାଜ୍ୟରେ ଅଂଶ ବିଶେଷ ଅଟେ (ରୋମୀୟ 8:17) । ପିତା ଯେପରି ଆପଣା ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି ଠିକ ସେହିପରି ଖ୍ରୀଷ୍ଟଙ୍କ ଠାରେ ସେ ମତେ ମଧ୍ୟ ପ୍ରେମ କରନ୍ତି । ଏହି ପ୍ରେମରେ ମୋର ନିଶ୍ଚିତ ଭରସା ରହିଅଛି (ଯୋହନ 16:27; ଯୋହନ 17:23) । ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ପ୍ରେମରୁ କୌଣସି ବିଷୟ ମତେ

ବିଚ୍ଛିନ୍ନ କରିପାରିବ ନାହିଁ । ମୋ ପ୍ରତି ତାହାଙ୍କ ପ୍ରେମ ହେତୁ ମୁଁ ସର୍ବାବସ୍ଥାରେ ସର୍ବତୋଭାବେ ବିଜୟୀ ଅଟେ (ରୋମୀୟ 8:37,39) । ଖ୍ରୀଷ୍ଟଙ୍କ ଠାରେ ମୁଁ ପବିତ୍ର ଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ଅଟେ । ଈଶ୍ୱରଙ୍କ ସତ୍ତାର ଚିହ୍ନ ମୋ ଉପରେ ରହିଛି (ଏଫିସୀୟ 1:13,14) । ଖ୍ରୀଷ୍ଟଙ୍କ ଠାରେ, ମୁଁ ଈଶ୍ୱରଙ୍କ ପବିତ୍ର ମନ୍ଦିରର ଏକ ଅଂଶ ବିଶେଷ ଅଟେ ଓ ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କ ଏକ ବାସସ୍ଥାନ ଅଟେ । ଈଶ୍ୱର ମୋ ଠାରେ ନିବାସ କରନ୍ତି ଏବଂ ମୋ ଦ୍ୱାରା ଆପଣାକୁ ପ୍ରକାଶ କରନ୍ତି (ଏଫିସୀୟ 2:21,22)

ମୁଁ ଧାର୍ମିକ ଗଣିତ, ନିର୍ଦ୍ଦୋଶ, ଈଶ୍ୱରଙ୍କ ଦୃଷ୍ଟିରେ ସିଦ୍ଧ ହୋଇଅଛି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛି । ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ସହିତ ମୋର ଉତ୍ତମ ବିବେକ ରହିଅଛି (ରୋମୀୟ 5:1,2)। ଖ୍ରୀଷ୍ଟଙ୍କ ଠାରେ ମୋ ପ୍ରତି ଆଉ କୌଣସି ଦଣ୍ଡାଜ୍ଞା ନାହିଁ । ମୁଁ ଈଶ୍ୱରଙ୍କ ସହିତ ମୁକ୍ତ ଭାବରେ, ସାହସରେ, ବିନା ଲଜ୍ୟା, ଅପରାଧ ଅବା ଦଣ୍ଡାଜ୍ଞା ବୋଧରେ ସମ୍ପର୍କ ସ୍ଥାପନ କରେ (ରୋମୀୟ 8:1)। ଖ୍ରୀଷ୍ଟଙ୍କ ଠାରେ, ମୁଁ ଈଶ୍ୱରଙ୍କ ଧାର୍ମିକସ୍ୱରୂପ ହୋଇଅଛି । ଏହା ମୋତେ ସାହସ ପ୍ରଦାନ କରେ ପୁଣି ତାହାଙ୍କ ଉପସ୍ଥିତି ମଧ୍ୟକୁ ପ୍ରବେଶ କରିବା ପାଇଁ ପଥ ଖୋଲି ଦିଏ (2 କରିନ୍ଥୀୟ 5:21) । ଈଶ୍ୱର ମୋତେ ଖ୍ରୀଷ୍ଟଙ୍କ ଠାରେ ମନୋନୀତ କରିଅଛନ୍ତି, ମୁଁ ତାହାଙ୍କ ଦୃଷ୍ଟି ରେ ପବିତ୍ର ଏବଂ ଅନିନ୍ଦନୀୟ, ପୁଣି ତାହାଙ୍କ ପ୍ରେମରେ ଆଚ୍ଛାଦିତ ଅଟେ (ଏଫିସୀୟ 1:4) । ଖ୍ରୀଷ୍ଟଙ୍କ ଠାରେ, ମୁଁ ଈଶ୍ୱରଙ୍କ ନିକଟସ୍ଥ ହୋଇଅଛି ଏବଂ ସ୍ୱୟଂ ପିତାଙ୍କ ଆତ୍ମାଙ୍କ ଦ୍ୱାରା ତାହାଙ୍କ ନିକଟକୁ ଯିବାପାଇଁ ପଥ ପାଇଅଛି (ଏଫିସୀଯ 2:13,18)।

ପାପପୂର୍ଣ୍ଣ ପୁରାତନ ସ୍ୱଭାବ ଖ୍ରୀଷ୍ଟଙ୍କ ସହିତ କୃଶରେ ହତ ହୋଇଅଛି, ମୋ ଜୀବନରେ ପାପର ଶକ୍ତି ଭଗ୍ନ ହୋଇଅଛି, ଏବଂ ମୁଁ ପାପର ବନ୍ଧନରୁ ମୁକ୍ତ ଅଟେ । ପାପ ମୋ ଉପରେ ଆଉ କର୍ତ୍ତୃତ୍ୱ କରିବ ନାହିଁ (ରୋମୀୟ 6:6,14) । ଖ୍ରୀଷ୍ଟଙ୍କ ଠାରେ, ଅନ୍ଧକାରର ଶକ୍ତି ଗୁଡିକରୁ ମୁଁ ଉଦ୍ଧାର ପାଇଅଛି ଏବଂ ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର ହୋଇଅଛି । ମୋ ଠାରେ ଶୟତନର କୌଣସି ସ୍ଥାନ ନାହିଁ, ମୋ ଉପରେ କୌଣସି ଦାବି ଏବଂ ଅଧିକାର ନାହିଁ । ମୁଁ ଈଶ୍ୱରଙ୍କ ସମ୍ପତି ଅଟେ—ଆତ୍ମା, ପ୍ରାଣ ଏବଂ ଶରୀର (କଲସୀୟ 1:13,14; 1 କରିନ୍ଥୀୟ 6:20) । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁଁ ମୁକ୍ତି ପାଇଅଛି । ମୁଁ ଈଶ୍ୱରଙ୍କ କ୍ରୀତ ସମ୍ପତ୍ତି ଅଟେ । ମୋର

ସର୍ବସ୍ୱ ଈଶ୍ୱରଙ୍କ ଅଟେ (ଏଫିସୀୟ 1:7) । ଖ୍ରୀଷ୍ଟଙ୍କ ଠାରେ ମୁଁ ପାପର ଶକ୍ତିରୁ ମୁକ୍ତ ହୋଇଅଛି । ମୁଁ ଖ୍ରୀଷ୍ଟଙ୍କ ସହିତ ମରିଅଛି ଏବଂ ଖ୍ରୀଷ୍ଟଙ୍କ ସହିତ ଉଥିତ ହୋଇଅଛି । ପୁରାତନ ଜୀବନର ଶକ୍ତି ଭଗ୍ନ ହୋଇଅଛି (କଲସୀୟ 2:11,12) ।

ମୁଁ ଖ୍ରୀଷ୍ଟଙ୍କ ସହିତ ଆତ୍ମିକ ଭାବରେ ଏକିଭୁତ ହୋଇଅଛି । ସେ ଦ୍ରାକ୍ଷାଲତା ଅଟନ୍ତି ଏବଂ ମୁଁ ତାହାଙ୍କ ଠାରେ ସଂଲଗ୍ନ ହୋଇଥିବା ଏକ ଶାଖା ଅଟେ । ସେ ମୋ ଠାରେ ଅଛନ୍ତି ଏବଂ ମୁଁ ତାହାଙ୍କ ଠାରେ ଅଛି । ତାହାଙ୍କ ଜୀବନ ମୋ ଦ୍ୱାରା ପ୍ରବାହିତ ଏବଂ ପ୍ରକାଶିତ ହୁଏ । ମୋ ଠାରେ ପ୍ରବାହିତ ହେଉଥିବା ତାହାଙ୍କ ଜୀବନର ଗୁଣ ଓ ଶକ୍ତି କୁ ମୁଁ ପରିପ୍ରକାଶ କରେ । ତାହାଙ୍କ ଗୌରବ ପାଇଁ ମୁଁ ପ୍ରଚୁର ଫଳ ଫଳେ (1 କରିନ୍ଥୀୟ 6:17; ଯୋହନ 15:1-7) । ମୁଁ ତାହାଙ୍କ ଠାରେ ସମ୍ପୂର୍ଣ୍ଣ ଅଟେ ଏବଂ ଈଶ୍ୱରଙ୍କ ପୂର୍ଣ୍ଣତାରେ ପରିପୂର୍ଣ୍ଣ ଅଟେ । ସେ ଆପଣାକୁ ମୋ ଠାରେ ଶିକ୍ତ କରନ୍ତି (କଲସୀୟ 2:9,10) । ମୁଁ ଯୀଶୁଙ୍କ ଠାରେ ଅଛି ଏବଂ ଯୀଶୁ ଯେପରି ଚାଲିଲେ ମୁଁ ସେହିପରି ଚାଲୁଅଛି । ମୁଁ ତାହାଙ୍କ ପ୍ରେମ, ଅନୁଗ୍ରହ, ଏବଂ ଶକ୍ତି ରେ ଗମନାଗମନ କରୁଅଛି (1 ଯୋହନ 2:6) । ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି ଏହା ମୁଁ ସ୍ୱୀକାର କରେ ପୁଣି ମୁଁ ଈଶ୍ୱରଙ୍କ ଠାରେ ରୁହେ ଓ ଈଶ୍ୱର ମୋ ଠାରେ ରୁହନ୍ତି । ତାହାଙ୍କ ଐକ୍ୟତାରେ ମୁଁ ମୋ ଜୀବନ ବଞ୍ଚେ (1 ଯୋହନ 4:15) ।

ପ୍ରଭୁ ଯୀଶୁ ସ୍ୱୟଂ ମୋ ଜ୍ଞାନ ଅଟନ୍ତି । ତାହାଙ୍କ ଠାରେ, ଈଶ୍ୱରଙ୍କ ସହିତ ମୋର ପଥ ଅଛି (1 କରିନ୍ଥୀୟ 1:30)। ଖ୍ରୀଷ୍ଟଙ୍କ ଠାରେ, ମୁଁ ତାହାଙ୍କର ରଚନା ଅଟେ, ସତ୍କାର୍ଯ୍ୟ କରିବା ନିମନ୍ତେ ସେ ମତେ ନିରୂପଣ କରିଅଛନ୍ତି (ଏଫିସୀୟ 2:10) ।

ମୁଁ ଈଶ୍ୱରଙ୍କ ପ୍ରଚୁର ଅନୁଗ୍ରହ ଓ ଧାର୍ମିକତାର ବରଦାନ ପାଇଅଛି ଏବଂ ଜୀବନରେ ମୁଁ ରାଜତ୍ୱ କରେ । ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ମୁଁ ଜୀବନରେ କର୍ତ୍ତୃତ୍ୱ କରେ (ରୋମୀୟ 5:17) । ଈଶ୍ୱର ପ୍ରତ୍ୟେକ ପରିସ୍ଥିତି ଓ ସର୍ବାବସ୍ଥାରେ ଖ୍ରୀଷ୍ଟଙ୍କ ଠାରେ ମତେ ଜୟ ପ୍ରଦାନ କରନ୍ତି । ବର୍ତ୍ତମାନ ଘଟଣାଟି ଯେତେ ଜଟିଳ ହେଇଥାଉ ପଛେ, ଯୀଶୁଙ୍କ ଠାରେ ମୁଁ ବିଜୟୀ ହୁଏ (2 କରିନ୍ଥୀୟ 2:14) । ମୁଁ, ଈଶ୍ୱରଙ୍କ ଠାରୁ ଜାତ, ମୁଁ ଜୟଯୁକ୍ତ ହୁଏ, ଜଗତ ଉପରେ, ଅନ୍ଧକାରର କାର୍ଯ୍ୟସମୂହ ଉପରେ ପୁଣି ଜଗତ ରେ ଥିବା ମନ୍ଦ ଉପରେ ଜୟଲାଭ କରେ । ଖ୍ରୀଷ୍ଟଙ୍କ ଠାରେ ମୁଁ ଜୟଲାଭ କାରୀ ଅଟେ

(1 ଯୋହନ 5:4) । ଈଶ୍ୱର ମତେ ଉତ୍ଥାପିତ କରି ଖ୍ରୀଷ୍ଟଙ୍କ ଠାରେ ସ୍ୱର୍ଗୀୟ ସ୍ଥାନରେ ଉପବେଶନ କରାଇଅଛନ୍ତି । ମୁଁ ଅଧିକାରର ସ୍ଥାନରେ ଉପବେଶନ କରିଅଛି, ଯଥା; ଅନ୍ଧକାରର ସମସ୍ତ ଶକ୍ତି, ଶୟତାନ ଏବଂ ସମସ୍ତ ଭୂତମାନଙ୍କ ଉପରେ ମୋର ଅଧିକାର ରହିଅଛି (ଏଫିସୀୟ 2:4-6) ।

ଖ୍ରୀଷ୍ଟଙ୍କ ଠାରେ ପ୍ରତ୍ୟେକ ସ୍ୱର୍ଗୀୟ ଆଶୀର୍ବାଦରେ ମୁଁ ଆଶୀର୍ବାଦିତ ଅଟେ । ଈଶ୍ୱରଙ୍କ ସକଳ ଆଶୀର୍ବାଦ ମୋର ଅଟେ । ବିଶ୍ୱାସରେ, ମୁଁ ସେ ଗୁଡ଼ିକ ଗ୍ରହଣ କରେ ଏବଂ ସେଥିରେ ଚାଲେ (ଏଫିସୀୟ 1:3) । ଖ୍ରୀଷ୍ଟଙ୍କ ଠାରେ, ମୁଁ ଅବ୍ରହାମଙ୍କ ଆଶୀର୍ବାଦ ଗୁଡ଼ିକ ଅଧିକାର କରେ । ମୁଁ ଧାର୍ମିକ ଗଣିତ ହୋଇଅଛି । ମୁଁ ଈଶ୍ୱରଙ୍କ ଜଣେ ବନ୍ଧୁ ଅଟେ । ସର୍ବ ବିଷୟରେ ମୁଁ ଆଶୀର୍ବାଦ ପ୍ରାପ୍ତ ହୋଇଅଛି । ଜାତି ସମୂହ ନିମନ୍ତେ ଆଶୀର୍ବାଦର ଗୋଟିଏ ମାଧ୍ୟମ ହେବା ନିମନ୍ତେ ମୁଁ ଆଶୀର୍ବାଦଯୁକ୍ତ ଅଟେ । ମୋ ଶତ୍ରୁ ଗଣ ଉପରେ ମୁଁ ଜୟଲାଭ କରେ (ଗାଲାତୀୟ 3:29) । ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଗୁଡିକ ତାହାଙ୍କ ଠାରେ ହିଁ ଆଉ ଆମେନ ଅଟେ। ମୋ ଜୀବନ ନିମନ୍ତେ ତାହାଙ୍କ ପ୍ରତିଜ୍ଞା ସବୁର ପୂର୍ଣ୍ଣତା ମୁଁ ଲାଭ କରେ (2 କରିନ୍ଥୀୟ 1:20) ।

ଖ୍ରୀଷ୍ଟଙ୍କ ଠାରେ ମୋ ପରିଚୟ ହିଁ ପ୍ରକୃତ ପରିଚୟ ଅଟେ !

# ସୂଚୀପତ୍ର

ଉପକ୍ରମଣିକା
1. ଉଭୟ ସ୍ତରରେ ବାକ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ 1
2. କର୍ତ୍ତୃତ୍ୱ ବାକ୍ୟ ସମୁହ ଦ୍ୱାରା ପ୍ରୟୋଗ କରାଯାଇଅଛି 3
3. ତାହାଙ୍କ ବାକ୍ୟାନୁଯାୟୀ ଆପଣାକୁ ସମ୍ବୋଧିତ କରନ୍ତୁ 5
4. ଆପଣଙ୍କ ବାକ୍ୟ ସବୁ ଆଶୀର୍ବାଦ ମୁକ୍ତ କରେ 7
5. ଈଶ୍ୱରଙ୍କ ବାକ୍ୟ ଆଗୁଆ ଲେଖାଯାଇଥିବା ଆପଣଙ୍କ ବିବୃତି ଅଟେ—ଏହା ଘୋଷଣା କରନ୍ତୁ 9
6. ବାକ୍ୟ ଆପଣଙ୍କ ନିକଟରେ ଅଛି—ତାହାଙ୍କର ବାକ୍ୟ ଉଚ୍ଚାରଣ କରନ୍ତୁ 11
7. ତାହାଙ୍କ ବାକ୍ୟ ସବୁ ଆପଣଙ୍କ ମୁଖରେ ରଖନ୍ତୁ 13
8. ତାହାଙ୍କ ପ୍ରତିଜ୍ଞା ସକଳ ଅନନ୍ତ କାଳ ସ୍ଥାୟୀ—ଆମ ଘୋଷଣା ମଧ୍ୟ ତଦ୍ରୁପ ଅଟେ 15
9. ଈଶ୍ୱରଙ୍କ ସହିତ ହୋଇଥିବା ଆପଣଙ୍କ ନିୟମକୁ ଘୋଷଣା କରନ୍ତୁ 17
10. ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣ ଯୋଗ୍ୟ ବାକ୍ୟ ସମୁହ ଘୋଷଣା କରନ୍ତୁ 19
11. ଈଶ୍ୱର ଅପଣଙ୍କ ନିମନ୍ତେ କିଏ ତାହା ପ୍ରତ୍ୟେକ ପରିସ୍ଥିତିରେ ଘୋଷଣା କରନ୍ତୁ 21
12. ପାର୍ଥିବ ଜଗତ ସଦାପ୍ରଭୁଙ୍କ ସ୍ୱରକୁ ଉତ୍ତର ଦିଏ 23
13. ପାର୍ଥିବ ଜଗତ ତାହାଙ୍କ ବାକ୍ୟ ଦ୍ୱାରା ନିର୍ମିତ ଓ ଆକାର ପ୍ରାପ୍ତ 25
14. ଅପଣଙ୍କ ଜିହ୍ୱା ଆପଣଙ୍କ ପାଇଁ ମଙ୍ଗଳର ଦିନ ଓ ଦୀର୍ଘ ଜୀବନ ଆଣିଦେଇ ପାରେ 27
15. ତାହାଙ୍କ ବାକ୍ୟ ଘୋଷଣା କରିବା ହେଉଛି ତାହାଙ୍କ ନିୟମକୁ ଦାବି କରିବା 29
16. ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି 31

17. ତାହାଙ୍କ ବାକ୍ୟର ସ୍ୱରକୁ ଦୁତମାନେ ଶୁଣନ୍ତି 34
18. ସଦପ୍ରଭୁଙ୍କ ମୁକ୍ତି ପ୍ରାପ୍ତ ଲୋକେ କୁହନ୍ତୁ 36
19. ଆନନ୍ଦ ଓ ପରିତ୍ରାଣର ଧ୍ୱନି ବଜାଯ ରଖନ୍ତୁ 38
20. ଆପଣଙ୍କ ହୃଦୟରୁ ଯେଉଁ ସ୍ରୋତ ନିର୍ଗତ ହୁଏ ତାହା ଆପଣଙ୍କ ଜୀବନକୁ ଗଠନ କରେ 40
21. ଧର୍ମିକତାର ବାକ୍ୟ ସମୁହ ଜୀବନ ଓ ସାମର୍ଥ୍ୟ ପ୍ରବାହ କରେ 42
22. ବାକ୍ୟ ସବୁ ସୁସ୍ଥ ଓ ସମ୍ପୂର୍ଣ୍ଣ କରିପାରେ 44
23. ମନୋହର କଥା ସବୁର ଶକ୍ତି ନିର୍ଗତ କରନ୍ତୁ 46
24. ଆପଣଙ୍କ ବାକ୍ୟର ଫଳ ଦ୍ୱାରା ଆପଣଙ୍କ ଜୀବନ ପୂର୍ଣ୍ଣ ହୁଏ 47
25. ଆପଣଙ୍କ ବାକ୍ୟରେ ଜୀବନ ଓ ମୃତ୍ୟୁର ଶକ୍ତି ଅଛି 49
26. ଆପଣଙ୍କ ମୁଖରେ ତାହାଙ୍କ ବାକ୍ୟ ଜାତି ସମୂହକୁ ପ୍ରଭାବ ପକାଇ ପାରିବ 51
27. ଶୁଷ୍କ ଅସ୍ଥି ସକଳକୁ କହନ୍ତୁ ଯେପରି ସେମାନେ ଜୀବିତ ହୁଅନ୍ତି 52
28. ଆପଣଙ୍କ କଥା ସବୁ ସ୍ୱର୍ଗରେ ଶୁଣା ଯାଉଅଛି 54
29. ବାକ୍ୟ ସବୁ ଆତ୍ମିକ ସ୍ଥାନରୁ ପ୍ରାକୃତିକ ସ୍ଥାନକୁ ସ୍ଥାନାନ୍ତରିତ ହୁଏ 55
30. ଦୁର୍ବଳ ବ୍ୟକ୍ତି କହୁ ଯେ ମୁଁ ବଳବାନ 57
31. ଆପଣଙ୍କ ବାକ୍ୟ ଦ୍ୱାରା ଈଶ୍ୱରଙ୍କ ଅପମାନ କରନ୍ତୁ ନାହିଁ 60
32. "ଏହା ଲେଖା ଅଛି" ବୋଲି କହିବାକୁ ଶିଖନ୍ତୁ- ଯୀଶୁ ଏହା କରିଥିଲେ 62
33. ବାକ୍ୟ ସାହାର୍ଯ୍ୟରେ ଭୁତ ଆତ୍ମା ଗୁଡ଼ିକକୁ ଛଡ଼ାନ୍ତୁ 64
34. ଆପଣ ଯେତେବେଳେ ତାହାଙ୍କୁ ପୃଥିବୀରେ ସ୍ୱୀକାର କରନ୍ତି, ଆପଣ ସ୍ୱର୍ଗ ରେ ଉଲ୍ଲେଖିତ ହୁଅନ୍ତି 66
35. ଆପଣଙ୍କ ହୃଦୟରେ ଯାହା ଅଛି ତାହା ଆପଣଙ୍କ ଜୀବନରେ ବାକ୍ୟ ଉନ୍ମୁକ୍ତ କରେ 68

36. ଆପଣଙ୍କ ବାକ୍ୟ ଦ୍ୱାରା ଆପଣ ଧାର୍ମିକ ଗଣିତ ଅବା ଦୋଷୀକୃତ ହୁଅନ୍ତି 70
37. ବନ୍ଧନ ଏବଂ ମୁକ୍ତ କରିବା ନିମନ୍ତେ ଈଶ୍ୱରଙ୍କ ରାଜ୍ୟର କ୍ଷମତାକୁ ବାକ୍ୟ ଉନ୍ମୁକ୍ତ କରେ। 72
38. ପର୍ବତକୁ କୁହନ୍ତୁ 74
39. ଆପଣଙ୍କ ବାଞ୍ଛନୀୟ ଫଳାଫଳ ଘୋଷଣା କରନ୍ତୁ 76
40. ଆପଣ ଯାହା କୁହନ୍ତି ତାହା ଘଟିବ ଏଥିରେ ବିଶ୍ୱାସ କରନ୍ତୁ 78
41. ପ୍ରାର୍ଥନାରେ ବିଶ୍ୱାସପୂର୍ଣ୍ଣ ବାକ୍ୟ କୁହନ୍ତୁ 80
42. ତାହାଙ୍କ ବାକ୍ୟରେ ସମ୍ମତ ହୁଅନ୍ତୁ 82
43. ରୋଗବ୍ୟାଧିକୁ ଛାଡ଼ିଯିବା ପାଇଁ ଆଦେଶ ଦିଅନ୍ତୁ 84
44. ଝଡ଼କୁ ଧମକାନ୍ତୁ 86
45. ଲୋକମାନଙ୍କ ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଘୋଷଣା କରନ୍ତୁ 88
46. ଅଭିଷିକ୍ତ ବାକ୍ୟ ସମୂହ ଆତ୍ମାଙ୍କ ଜୀବନ ଧାରଣ କରେ 90
47. ବିଶ୍ୱାସରେ ଆଦେଶ ଦିଅନ୍ତୁ 91
48. ବାକ୍ୟ ଆପଣଙ୍କ ଅଧିକାର ମଧ୍ୟକୁ ଆପଣଙ୍କୁ ଆଣେ 93
49. ମୋତେ ଯେପରି କୁହାଯାଇଛି, ସେହିପରି ହେବ- ଏହା ମୁଁ ବିଶ୍ୱାସ କରେ 95
50. ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତୁ 97
51. ତାହାଙ୍କ ପ୍ରତିଜ୍ଞା ଅନୁଯାୟୀ କୁହନ୍ତୁ 99
52. ଜୀବନରେ କର୍ତ୍ତୃତ୍ୱ କରନ୍ତୁ—କର୍ତ୍ତାପଣର ବାକ୍ୟ ସବୁ କୁହନ୍ତୁ 101
53. ବିଶ୍ୱାସ ଏହିପରି କଥା କୁହେ 103
54. ପରିତ୍ରାଣ ପ୍ରାପ୍ତି ନିମନ୍ତେ ସ୍ୱୀକାର 105
55. ତାହାଙ୍କ ସମସ୍ତ ପ୍ରତିଜ୍ଞା ଗୁଡ଼ିକୁ ଆପଣଙ୍କ ହଁ ଓ ଆମେନ ଘୋଷଣା କରନ୍ତୁ 107

56. ଆମେ ବିଶ୍ୱାସ କରୁ, ତେଣୁ କଥା କହୁ 109
57. ଅନୁଗ୍ରହର ସେବା ନିମନ୍ତେ ବାକ୍ୟଗୁଡ଼ିକ ବ୍ୟବହାର କରନ୍ତୁ 111
58. ଆତ୍ମାଙ୍କ ଖଡ୍ଗ ବ୍ୟବହାର କରନ୍ତୁ 112
59. ଭବିଷ୍ୟତ ବାଣୀ ସମ୍ବନ୍ଧିତ ବାକ୍ୟ ଗୁଡିକ ସହିତ ଏକ ଉତ୍ତମ ଯୁଦ୍ଧ ଲଢ଼ 114
60. ଖ୍ରୀଷ୍ଟରେ ଆପଣଙ୍କ ଠାରେ ଥିବା ପ୍ରତ୍ୟେକ ଉତ୍ତମ ବିଷୟ ସ୍ୱୀକାର କରନ୍ତୁ 116
61. ତାହାଙ୍କ ବାକ୍ୟ ଆପଣଙ୍କ ଜଗତକୁ ଧାରଣ ଓ ନିୟନ୍ତ୍ରଣ କରିପାରିବ 118
62. ଯୀଶୁ ଆମ ବିଶ୍ୱାସମତର ମହାଯାଜକ ଅଟନ୍ତି 120
63. ଆପଣା ବିଶ୍ୱାସମତକୁ ଦୃଢରୁପେ ଧରି ରଖନ୍ତୁ 121
64. ସମସ୍ତ ବିଶ୍ୱ ଈଶ୍ୱରଙ୍କର ବାକ୍ୟ ଦ୍ୱାରା ରଚିତ 123
65. ଈଶ୍ୱର କହିଅଛନ୍ତି, ଅତଏବ ଆମ୍ଭେମାନେ ସାହସର ସହିତ କହିବା 125
66. ଆପଣଙ୍କ ଜିହ୍ୱାକୁ ନିୟନ୍ତ୍ରଣ ଓ ଆପଣଙ୍କ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ କୁ ଶାସନରେ ରଖନ୍ତୁ 127
67. ଆପଣଙ୍କ ବାକ୍ୟ ଗୁଡ଼ିକ ଆପଣଙ୍କ ଜୀବନକୁ ପଥ ଦେଖାଇବ, ଶାସନ ଓ ଆଶୀର୍ବାଦ କରିବ 129
68. ବିଶ୍ୱାସକୁ ସୁସଂଗତ ଭବରେ ପ୍ରକାଶ କରନ୍ତୁ 131
69. ଶୟତାନକୁ ପ୍ରତିବାଧା କର 133
70. ଆଶୀର୍ବାଦର ବାକ୍ୟ ଉନ୍ମୋଚନ କରନ୍ତୁ 134
71. ଜୟଲାଭ କରିବା ନିମନ୍ତେ ବାକ୍ୟ ସକଳ ଆପଣଙ୍କ ବିଶ୍ୱାସକୁ ଉନ୍ମୋଚନ କରେ 136
72. ଆମ୍ଭେମାନେ ଈଶ୍ୱରଙ୍କ ଲୋକ ଅଟୁ, ତେଣୁ ଈଶ୍ୱରଙ୍କ ଠାରୁ କହିବା ପରି କଥା କହୁ 138
73. ମେଷଶାବକଙ୍କ ରକ୍ତ ଓ ଆତ୍ମ ସାକ୍ଷ୍ୟର ବାକ୍ୟ ଦ୍ୱାରା ଆମ୍ଭେମାନେ ଜୟ ଲାଭ କରୁ 140

# ଉପକ୍ରମଣିକା

ଯୀଶୁଙ୍କ ଠାରେ ମୁଁ ମୋର ବ୍ୟକ୍ତିଗତ ଆତ୍ମିକ ଜୀବନ ଯାତ୍ରା ପୁସ୍ତକ ପୁସ୍ତକକୁ ଯେତେବେଳେ ଫେରି ଅନାଏ, ଗୋଟିଏ ଶୃଙ୍ଖଳା ବା ଅଭ୍ୟାସ ଯାହା ମତେ ଶକ୍ତିଶାଳୀ କରିଛି ତାହା ହେଲା ମୋ ବିଶ୍ୱାସକୁ କହିବା । ମୋର ମନେଅଛି ଆଦ୍ୟ କିଶୋର ଅବସ୍ଥାରେ ମୋର ପ୍ରଭୁଙ୍କ ସହିତ ବିତାଉଥିବା ଦୈନନ୍ଦିନ ସମୟର 30 ମିନିଟ ତାଠୁ ଅଧିକ ସମୟ ଅଲଗା କରି କେବଳ ମୋର ବର୍ତ୍ତମାନ ଓ ଭବିଷ୍ୟତ ର ଜୀବନ ଉପରେ ମୁଁ ଈଶ୍ୱରଙ୍କ ବାକ୍ୟକୁ ଘୋଷଣା କରୁଥିଲି । ମୁଁ କ ଠାରୁ କ୍ଷ ପର୍ଯ୍ୟନ୍ତ ମୋର ଜୀବନର ବିଭିନ୍ନ କ୍ଷେତ୍ର ଉପରେ ଈଶ୍ୱରଙ୍କ ବାକ୍ୟକୁ କହୁଥିଲି ଓ ଖ୍ରୀଷ୍ଟଙ୍କଠାରେ ମୁଁ କିଏ ତାହା ଘୋଷଣା କରୁଥିଲି । ଏହା ମୋର ବିଶ୍ୱାସ କୁ ପ୍ରତିଦିନ ଆହାର ଯୋଗାଉଥିଲା। ଏହାପରେ ପ୍ରାୟ ସବୁ ପରିସ୍ଥିତିରେ ଏହିପ୍ରକାରେ ଚିନ୍ତା କରିବାକୁ, ଈଶ୍ୱର ଯାହା କହିଛନ୍ତି ତାକୁ ସ୍ୱୀକାର କରିବାକୁ ଓ ମୋର ବିଶ୍ୱାସ କୁ କହିବା ଏକ ସ୍ୱାଭାବିକ ପ୍ରତିକ୍ରିୟା ହୋଇଗଲା। ଏହିପରି କରିବା ମୋତେ ପ୍ରତ୍ୟେକ ପରିସ୍ଥିତି ମଧ୍ୟରେ ଉର୍ଦ୍ଧ୍ୱକୁ ଉଠିବା ଏବଂ ବିଜୟୀ ହେବାରେ ସାହାର୍ଯ୍ୟ କରିଥିଲା। ମୁଁ ଏହିପ୍ରକାରେ ଶେଷ ପର୍ଯ୍ୟନ୍ତ ତାଙ୍କର ଅବ୍ୟର୍ଥ ଶକ୍ତିଶାଳୀ ବାକ୍ୟ ଉପରେ ମୋର ବିଶ୍ୱାସ କୁ ଘୋଷଣା କରି ବଞ୍ଚିରହିବାକୁ ଚାହିଁବି। ଯାହା ମୋତେ ଅତ୍ୟଧିକ ସମୃଦ୍ଧ କରିଥିଲା ,ତାକୁ ଆପଣମାନଙ୍କୁ ହସ୍ତାନ୍ତରିତ କରିବା ନିମନ୍ତେ ଏହି ପୁସ୍ତକକୁ ପରିକଳ୍ପିତ କରାଯାଇଛି ତାହା ହେଲା, ଈଶ୍ୱରଙ୍କ ବାକ୍ୟ ଓ ଆପଣା ବିଶ୍ୱାସକୁ ସର୍ବଦା କହିବାର ଏକ ସରଳ ଅଭ୍ୟାସ। **ଏହାକୁ ତୁମର ଜୀବନର ପାଥେୟ କରିନିଅ।**

ଈଶ୍ୱର ସମସ୍ତ ସୃଷ୍ଟି ର ରୁପାୟନ କରିଛନ୍ତି । ଯେଉଁ ଜଗତକୁ ସେ ସୃଷ୍ଟି କରିଅଛନ୍ତି ତାହାକୁ ପରିଚାଳନା କରିବା ପାଇଁ ସେ ବ୍ୟବସ୍ଥା ସମୁହ ସ୍ଥାପନ କରିଅଛନ୍ତି । ଆମେ ଏହି ନିୟମଗୁଡିକକୁ ଭୌତୁକ ଓ ବାସ୍ତବିକ କ୍ଷେତ୍ରରେ ବୁଝିଥାଉ.। ଏହାର ଅନେକ ବ୍ୟବସ୍ଥା ଗୁଡିକୁ ଅନେକ ପରିମାଣରେ ଆମେ ପଦାର୍ଥ ବିଜ୍ଞାନ, ଭୌତିକ ବିଜ୍ଞାନ, ରାସାୟନ ବିଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆମେ ଉପଯୋଗ କରିଅଛୁ, ଆମର ଉପକାର ନିମନ୍ତେ ସେଗୁଡିକ ବିନିଯୋଗ କରିଅଛୁ ଏବଂ ଏହି ନିୟମ ଉଲଂଘନର ଫଳଫଳ ର ଭୟଙ୍କାରିତାକୁ ଜାଣି ଏହା ଉଲ୍ଲଂଘନ ନ କରିବାକୁ ଆମେ ଯତ୍ନବାନ

ହୋଇଥାଉ। ଠିକ ସେହିପରି ଭାବରେ, ଆଧ୍ୟାତ୍ମିକ ନିୟମଗୁଡିକ ରହିଛି ଯାହା ଆମର ଆଧ୍ୟାତ୍ମିକ ଏବଂ ପ୍ରାକୃତିକ କ୍ଷେତ୍ର ସହିତ ପାରସ୍ପରିକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ଯେହେତୁ ଏହି ପ୍ରାକୃତିକତା ଆଧ୍ୟାତ୍ମିକତାରୁ ବାହାରିଛି, ଏହି ଆଧ୍ୟାତ୍ମିକ ନିୟମ ଗୁଡିକ ଆମର ପ୍ରାକୃତିକ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥାଏ। ଏହି ଆଧ୍ୟାତ୍ମିକ ନିୟମଗୁଡ଼ିକ ମଧ୍ୟରୁ କେତେକ ଆମ ନିକଟରେ ଈଶ୍ୱରଙ୍କ ବାକ୍ୟରେ ପ୍ରକାଶିତ କରାଯାଇଛି ଯାହା ଦ୍ୱାରା ତାହା ଆମେ ବୁଝିପାରିବା ଓ ତଦନୁଯାୟୀ ଜୀବନ କାଟିବା।

ଶାସ୍ତ୍ରରେ ପ୍ରକାଶିତ ଆଧ୍ୟାତ୍ମିକ ନିୟମ ବା ଆଧ୍ୟାତ୍ମିକ ସତ୍ୟତା ମଧ୍ୟରୁ ଈଶ୍ୱରଙ୍କ ବାକ୍ୟର ଶକ୍ତି, ଆମର କହୁଥିବା ବାକ୍ୟ, ଆମଦ୍ୱାରା ବିଶ୍ୱାସରେ କୁହାଯାଉଥିବା ଈଶ୍ୱରଙ୍କ ଶକ୍ତିଶାଳୀ ବାକ୍ୟ ଏବଂ ପବିତ୍ର ଆତ୍ମାଙ୍କ ପ୍ରେରଣାରେ କୁହାଯାଉଥିବା ବାକ୍ୟ (ଭବିଷ୍ୟତ ବାଣୀ) ବିଷୟରେ ଆମେ ଜାଣିଛୁ । ଈଶ୍ୱରଙ୍କ ବାକ୍ୟରେ ଅର୍ନ୍ତନିହିତ ଶକ୍ତି ରହିଛି। ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ ଯାହା ଆମ୍ଭମାନଙ୍କୁ ଲିଖିତ ଆକାରରେ ଦିଆଯାଇଅଛି ଯଦ୍ୱାରା ଆମ୍ଭେମାନେ ତାହାକୁ ଗ୍ରହଣ କରି ପାରିବା ଆମ ମୁଖର ବାକ୍ୟରେ ଗୋଟିଏ ଶକ୍ତି ଅଛି ଯାହା ଆମ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଈଶ୍ୱରଙ୍କ ବାକ୍ୟ ଓ ଈଶ୍ୱରଙ୍କ ବାକ୍ୟ ଉପରେ ବିଶ୍ୱାସ କରି କହିବାର ବାକ୍ୟର ଗୋଟିଏ ଶକ୍ତି ଅଛି। ଆମ୍ଭମାନଙ୍କର ବିଶ୍ୱାସ ଈଶ୍ୱରଙ୍କ ଠାରେ ଓ ତାହାଙ୍କ ବାକ୍ୟରେ ନିହିତ ଅଛି। ବିଶ୍ୱାସରେ କୁହାଯାଉଥିବା ପୁଣି ଆମ୍ଭମାନଙ୍କ ହୃଦୟରେ ଜାତ ହେଉଥିବା ଈଶ୍ୱରଙ୍କ ଯେଉଁ ବାକ୍ୟ, ତାହା ପର୍ବତ ସମୂହକୁ ସ୍ଥାନାନ୍ତରିତ କରେ, ଝଡ଼କୁ ଶାନ୍ତ କରେ ଏବଂ ଆମମାନଙ୍କ କ୍ଷେତ୍ରରେ ଅଲୌକିକବିଷୟ ଗୁଡିକକୁ ଉନ୍ମୁକ୍ତ କରେ। । ପବିତ୍ର ଆତ୍ମାଙ୍କ ପ୍ରେରଣାରେ ଯେଉଁ ବାକ୍ୟ ନିର୍ଗତ ହୁଏ ସେହି କଥିତ ବାକ୍ୟରେ ମଧ୍ୟ ଶକ୍ତି ଅଛି। ପବିତ୍ର ଆତ୍ମା ତାଙ୍କର ଉଦ୍ଦେଶ୍ୟକୁ ଆମର କ୍ଷେତ୍ରରେ କହିବାକୁ ପ୍ରେରଣା ଓ ନିର୍ଦ୍ଦେଶ ପ୍ରଦାନ କରନ୍ତି । ଆମେ ଯେତେବେଳେ ତାଙ୍କର ବଶତା ସ୍ୱୀକାର କରିଥାଉ ବା ତାଙ୍କୁ ଆହ୍ୱାନ କରିଥାଉ, ପ୍ରାକୃତିକ କ୍ଷେତ୍ରରେ ଶକ୍ତଯୁକ୍ତ ବିଷୟମାନ ଘଟିଥାଏ। ଏସମସ୍ତ ଆମର ବାକ୍ୟରେ, ଆମେ କହୁ ଥିବା ବାକ୍ୟରେ ଘଟେ।

ସମ୍ପୁର୍ଣ୍ଣ ଧର୍ମଶାସ୍ତ୍ରରେ ଈଶ୍ୱର ତାଙ୍କ ଲୋକମାନଙ୍କୁ ତାଙ୍କର ବାକ୍ୟ କହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତାହାଙ୍କ ବାକ୍ୟ, ଆମ୍ଭମାନଙ୍କ ମୁଖରୁ କୁହା ଯାଉଥିବା ବାକ୍ୟ, ହୃଦୟରେ ବିଶ୍ୱାସ ସହକାରେ ଯେତେବେଳେ କହୁ ତାହା ତାହାଙ୍କର ସୃଜନଶୀଳତା, ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କାରୀ ଶକ୍ତି ଆମ୍ଭମାନଙ୍କ ପ୍ରାକୃତିକ ସ୍ତରକୁ ନିର୍ଗତ ହୁଏ ।

ତାହାଙ୍କ ବାକ୍ୟ ଯେତେବେଳେ ଆମ୍ଭମାନଙ୍କ ମୁଖରୁ ନିର୍ଗତ ବାକ୍ୟ ହୁଏ ତାହା ଶତ୍ରୁ ବିରୁଦ୍ଧରେ ସେସବୁ ଅସ୍ତ୍ର ହୋଇଯାଏ

ଆମ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଈଶ୍ୱରଙ୍କ ବାକ୍ୟ କହିବା ଦ୍ୱାରା ଆମ ଜଗତକୁ ସଜାଡ଼ି ପାରିବା। ଆମକୁ ସର୍ବଦା ଓ ସର୍ବ ପରିସ୍ଥିତିରେ ବିଶ୍ୱାସଯୁକ୍ତ ବାକ୍ୟ କହିବାକୁ ଶିଖିବା ଆବଶ୍ୟକ। ବିଶ୍ୱାସରେ କହିବା ଅର୍ଥ ଏହା ନୁହେଁ ଯେ ପାହାଡର ଉପସ୍ଥିତିକୁ କିମ୍ବା ପ୍ରଭାବଶାଳୀ ଝଡର ପ୍ରଚଣ୍ଡତାକୁ ଅସ୍ୱୀକାର କରିବା । ବିଶ୍ୱାସ ପାହାଡ଼କୁ କହେ ଯେ ପଥ ମଧ୍ୟରେ ଠିଆ ହେବାର ତାର କୌଣସି ଅଧିକାର ନାହିଁ। ବିଶ୍ୱାସ ପବନ ଓ ଝଡ଼କୁ ବ୍ୟାପକ ବିନାଶ କରିବାର ଅଧିକାରରୁ ବଞ୍ଚିତ କରେ ଏବଂ ତା' ବଦଳରେ ଈଶ୍ୱର ଯେଉଁ ଶାନ୍ତି ଓ ସୁସ୍ଥିରତା ପ୍ରଦାନ କରନ୍ତି ତାହାକୁ ବାଟ ଛାଡ଼ି ଦିଏ । ବିଶ୍ୱାସ ରୋଗ ବ୍ୟାଧିକୁ ଛାଡି ଚାଲିଯିବା ପାଇଁ ଆଦେଶ ଦିଏ ଓ ଈଶ୍ୱରଙ୍କ ଠାରୁ ଆଗତ ସୁସ୍ଥତା ଓ ସମ୍ପୂର୍ଣ୍ଣତା ନିମନ୍ତେ ପଥ ଦେଇ ଦିଏ।

ଅନେକ ଲୋକ ହୀନ-ମନ୍ୟତା, ମନୋବଳର ଅଭାବ, ଭୟ , ଉଦବିଗ୍ନତା, ଚିନ୍ତା, ଉଦାସିନତା ଏବଂ ଅନ୍ୟାନ୍ୟ ଅନେକ ପ୍ରକାର ଭାବପ୍ରବଣତାର ବନ୍ଧନ ଓ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି । ଈଶ୍ୱରଙ୍କ ବାକ୍ୟକୁ ଇଚ୍ଛାକୃତ ଭାବରେ ଏବଂ ଆପଣା ଜୀବନର ପ୍ରତ୍ୟେକ ପରିସ୍ଥିତି ଉପରେ କହିବାର ଅଭ୍ୟାସ ହେଉଛି ସମ୍ପୂର୍ଣ୍ଣ ସ୍ୱାଧୀନତା ଏବଂ ଆବେଗ ପୁର୍ଣ୍ଣତାର ଚାବି କାଠି ଅଟେ । ଏହାକୁ ଅଭ୍ୟାସ କରନ୍ତୁ । ଏହା ମାଗଣା। ଏହା କେବଳ କିଛି ବିଶ୍ୱାସ ଏବଂ ଅନୁଶାସନ ଆବଶ୍ୟକ କରେ |ତୁମେ ପୁର୍ବ ସମାନ ଆଉ କେବେବି ରହିବେ ନାହିଁ!

ଆମ ବାକ୍ୟର ଗୁରୁତ୍ୱ ବିଷୟରେ, ଇଶ୍ୱରଙ୍କ ବାକ୍ୟକୁ କହିବାର ଶକ୍ତି, ବିଶ୍ୱାସ-ପୂର୍ଣ୍ଣ ବାକ୍ୟ କହିବାର ଶକ୍ତି ଏବଂ ଆତ୍ମାଙ୍କ ଦ୍ୱାରା ଚାଳନା ପାଇ କହିବା ବାକ୍ୟର ଶକ୍ତି ଇତ୍ୟାଦି ବିଷୟରେ ଅନେକ ପ୍ରମୁଖ ଶାସ୍ତ୍ରାଶ ନେଇଅଛୁ ଯାହା ଆମକୁ ଏହି ଗୁଢ଼ ତତ୍ତ୍ୱକୁ ଜାଣିବାରେ ସାହାଯ୍ୟ କରିବ ଏଥିପାଇଁ ପ୍ରୟାସ କରିଅଛୁ । (ଅନ୍ୟ ଶାସ୍ତ୍ରଂଶ ଗୁଡ଼ିକ ଥାଇପାରେ ଯାହା ଆପଣ ଚାହିଁଲେ ଏହି ତାଲିକାରେ ଯୋଡ଼ି ପାରିବେ, ଦୟାକରି ଯୋଡନ୍ତୁ) ଏଗୁଡିକ ସଂକ୍ଷିପ୍ତ,ସହଜରେ ବୁଝିହେବାପରି ଅଧ୍ୟାୟରେ ସଂକଳନ କରାଯାଇଅଛି। ଏହି ପୁସ୍ତକକୁ ତୁମର ବ୍ୟକ୍ତିଗତ ଅଧ୍ୟୟନ ଓ **ପ୍ରାର୍ଥନାର ସମୟରେ**, ପାରିବାରିକ ପ୍ରାର୍ଥନାରେ କିମ୍ବା କ୍ଷୁଦ୍ର ଦଳ ଗୁଡିକରେ ବ୍ୟବହାର କରନ୍ତୁ।

ଆପଣା ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଈଶ୍ୱରଙ୍କ ବାକ୍ୟକୁ କହିବାର ଶକ୍ତିକୁ  ସ୍ମରଣ କରିବା ନିମନ୍ତେ ବାରମ୍ବାର ଏହାକୁ ପଢନ୍ତୁ। । ଆପଣ ଆପଣଙ୍କ ବିଶ୍ୱାସ ପ୍ରକାଶ କରୁଥିବା ବେଳେ ଈଶ୍ୱରଙ୍କ ବାକ୍ୟ ର ଶକ୍ତି ଆପଣଙ୍କ ଜଗତକୁ ଗଢ଼ି ତୋଳୁ।

ଈଶ୍ୱର ତୁମକୁ ଆଶିର୍ବାଦ କରନ୍ତୁ!

ଆଶିଷ ରାଇଚୁର୍

# 1
# ଉଭୟ ସ୍ତରରେ ବାକ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ

**ଆଦି ପୁସ୍ତକ 1:1-5**

**1 ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ।**

**2 ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା; ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ।**

**3 ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ; ତହିଁରେ ଦୀପ୍ତି ହେଲା।**

**4 ଆଉ ପରମେଶ୍ୱର ଦୀପ୍ତିକି ଦେଖିଲେ ଯେ ତାହା ଉତ୍ତମ; ତହୁଁ ପରମେଶ୍ୱର ଅନ୍ଧକାରରୁ ଦୀପ୍ତିକି ଭିନ୍ନ କଲେ।**

**5 ପୁଣି ପରମେଶ୍ୱର ଦୀପ୍ତିର ନାମ ଦିବସ ଓ ଅନ୍ଧକାରର ନାମ ରାତ୍ରି ଦେଲେ। ତହୁଁ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ପ୍ରଥମ ଦିବସ ହେଲା।**

ପରମେଶ୍ୱର ହେଉଛନ୍ତି ଜଣେ ଚମତ୍କାର ନକ୍ସାକାର , ସ୍ଥପତି ଏବଂ ସମସ୍ତଙ୍କର ସୃଷ୍ଟିକର୍ତ୍ତା | ଆମେ ଏପର୍ଯ୍ୟନ୍ତ ଏହି ବିସ୍ତାରିତ ସୃଷ୍ଟିର ଭିତରେ ଅନେକ ଜିନିଷଗୁଡିକର ଆବିଷ୍କାର କରୁଛୁ ଏବଂ ବୁଝିବାକୁ ଚେଷ୍ଟା କରୁଛୁ। ପରମେଶ୍ୱର ଅସୀମ, ଏବଂ ଅନେକ ଉପାୟରେ ତାଙ୍କର ସୃଷ୍ଟି ତାଙ୍କର ଅସୀମତାକୁ ଘୋଷଣା କରେ। ଈଶ୍ୱର ହୁଏତ ଅନେକ ଉପାୟରେ ଏହି ସୃଜନଶୀଳର ପ୍ରକ୍ରିୟା କୁ କରିପାରିଥାନ୍ତେ, ବୋଧହୁଏ ଏସବୁ କେବଳ ତାଙ୍କ ଚିନ୍ତାଧାରାରେ ଥିଲା ଏବଂ ତାଙ୍କର ସେହି ଚିନ୍ତାଧାରାକୁ ସେ ଏହି ଭୌତିକ କ୍ଷେତ୍ରରେ ରୂପ ନେବାକୁ ଦେଇଥାନ୍ତେ | ବୋଧହୁଏ, ସେ ହୁଏତ ସ୍ୱର୍ଗଦୂତମାନଙ୍କୁ ପ୍ରାକୃତିକ କ୍ଷେତ୍ରକୁ ଆକାର ଦେବାକୁ, ଗଠନ କରିବାକୁ ଏବଂ ବାସ୍ତବିକ କ୍ଷେତ୍ରରେ ତାକୁ ନକ୍ସା ଅନୁଯାୟୀ ଭାଗ ବଣ୍ଟନର କାର୍ଯ୍ୟ କରିବାକୁ ରଖିଥାନ୍ତେ। ସେ ଯାହାବି ହେଉ, ଈଶ୍ୱର ଏ ସମସ୍ତ ଜିନିଷଗୁଡ଼ିକକୁ ଅସ୍ତିତ୍ୱରେ ଆଣିବା ପାଇଁ ସେ ବାକ୍ୟ କୁ ବ୍ୟବହାର କଲେ। ବାଇବଲ ଆମକୁ ପ୍ରକାଶ କରେ ଯେ ଈଶ୍ୱର ତାଙ୍କ ବାକ୍ୟ ଦ୍ୱାରା ଏ ସମସ୍ତ ସୃଷ୍ଟି କଲେ। *"ଈଶ୍ୱର କହିଥିଲେ ... ଏବଂ ସେଠାରେ ..."*

ତାହାକୁ ଅସ୍ତିତ୍ୱରେ ଆଣିବା ନିମନ୍ତେ ତାଙ୍କର ବାକ୍ୟ ସମୁହ, ସୃଷ୍ଟିର ନକ୍ସା

ଓ ସୃଷ୍ଟି କରିବାର ଶକ୍ତି କୁ  କାର୍ଯ୍ୟାନ୍ୱୟତ କରିଥିଲା। ଆମେ ଶାସ୍ତ୍ରରେ ଏହି ସତ୍ୟକୁ ପୁନରୁକ୍ତି  ହେବାର ଦେଖିଥାଉ। ଈଶ୍ୱର ତାଙ୍କ ବାକ୍ୟ ଦ୍ୱାରା କାର୍ଯ୍ୟ କରନ୍ତି। ସେ କଥା କହନ୍ତି ଓ  ଯାହା ସେ କହନ୍ତି ତାହା ହୋଇଥାଏ।  ତେଣୁ ଏହି ବାସ୍ତବ କ୍ଷେତ୍ର ର ସମସ୍ତ ବିଷୟ ତାଙ୍କ  ବାକ୍ୟର ଅଧିନସ୍ଥ ଏବଂ ତାଙ୍କ ବାକ୍ୟର ଉତ୍ତର ଦେଇଥାନ୍ତି।

ଈଶ୍ୱର  ଆତ୍ମା ଅଟନ୍ତି ଏବଂ ସେ ପ୍ରାକୃତିକ କ୍ଷେତ୍ରକୁ ଅସ୍ତିତ୍ୱରେ ଆଣିବା ପାଇଁ ବାକ୍ୟର  ବ୍ୟବହାର କରିଥିଲେ।  ତେଣୁ, ବାକ୍ୟଗୁଡ଼ିକ ଏହି ଦୁଇଟି କ୍ଷେତ୍ରକୁ ସଂଯୋଗ କରିଥାଏ | ପ୍ରାକୃତିକ କ୍ଷେତ୍ର ଆତ୍ମିକ କ୍ଷେତ୍ରର ବାକ୍ୟ କୁ ଉତ୍ତର ଦେଇଥାଏ|

ବାଇବଲ ଆମକୁ ଶିକ୍ଷା ଦିଏ ଯେ, ମନୁଷ୍ୟ ଭାବରେ ଆମେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ରେ ସୃଷ୍ଟି ହୋଇଅଛୁ। ଆମେମାନେ  ଆତ୍ମା(ମନ ଇଚ୍ଛା ଆବେଗ) ସହିତ ଶରୀରରେ ଥିବା  ଗୋଟିଏ ଆତ୍ମିକ ପ୍ରାଣୀ ।(1 ଥେସଲନୀକୀୟ 5:23) ଆମର ବାକ୍ୟ ମଧ୍ୟ ଆଧ୍ୟାତ୍ମିକ ଏବଂ ପ୍ରାକୃତିକ ଦୁଇଟି କ୍ଷେତ୍ରକୁ ସଂଯୋଗ କରେ ଆମର ବାକ୍ୟ ଆମକୁ ଈଶ୍ୱରଙ୍କ ସହ ଯୋଡିଥାଏ (କିମ୍ବା ଅନ୍ୟ କାହାକୁ, ଉଦାହରଣ ସ୍ୱରୂପ, ଯାଦୁଗରମାନେ ମନ୍ଦ ଶକ୍ତି ସହିତ ସଂଯୋଗ କରିବାକୁ ସେମାନଙ୍କ ବାକ୍ୟ ବ୍ୟବହାର କରନ୍ତି) | ଆମର ବାକ୍ୟ ମଧ୍ୟ ଆମର ବାସ୍ତବିକ ଜଗତକୁ ପ୍ରଭାବିତ କରିଥାଏ| ଏବଂ ଯେତେବେଳେ ଈଶ୍ୱର ତାଙ୍କର  ବାକ୍ୟକୁ  ଆମ ମାଧ୍ୟମରେ କୁହନ୍ତି, ସେତେବେଳେ ତାଙ୍କର ଶକ୍ତି ଆମ ମାଧ୍ୟମରେ ବାହାରି ଆମର ଦୁନିଆ କୁ ପ୍ରଭାବିତ କରିଥାଏ!

# 2
# କର୍ତ୍ତୃତ୍ୱ ବାକ୍ୟ ସମୁହ ଦ୍ୱାରା ପ୍ରୟୋଗ କରାଯାଇଅଛି

ଆଦିପୁସ୍ତକ 1:26-28

26 ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ
ମନୁଷ୍ୟର ନିର୍ମାଣ କରୁ। ସେମାନେ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ
ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ।

27 ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ; ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ
ସେ ତାହାକୁ ସୃଷ୍ଟି କଲେ; ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ।

28 ଆଉ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ; ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, ପ୍ରଜାବ;
ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର, ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର
ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜନ୍ତୁଗଣ ଉପରେ କର୍ତ୍ତୃତ୍ୱ କର।

ଆଦିପୁସ୍ତକ 2:19,20

19 ଆଉ ସଦାପ୍ରଭୁ ପରମେଶ୍ୱର ଭୂମିରୁ ବିଲର ପଶୁଗଣ ଓ ଖେଚର ପକ୍ଷୀଗଣ ନିର୍ମାଣ କରି ଆଦମ
ସେମାନଙ୍କୁ କି ନାମ ଦେବେ, ଏହା ଜାଣିବା ପାଇଁ ସମସ୍ତଙ୍କୁ ତାଙ୍କ ନିକଟକୁ ଆଣିଲେ। ତହିଁରେ ଆଦମ
ସେହି ପ୍ରାଣୀବର୍ଗ ମଧ୍ୟରୁ ଯାହାକୁ ଯେଉଁ ନାମ ଦେଲେ, ତାହାର ସେହି ନାମ ହେଲା।

20 ଏହି ରୂପେ ଆଦମ ପଶୁ, ଖେଚର ପକ୍ଷୀ ଓ ବିଲର ପ୍ରତ୍ୟେକ ଜନ୍ତୁର ନାମ ଦେଲେ; ମାତ୍ର ମନୁଷ୍ୟ
ନିମନ୍ତେ ତାଙ୍କର ଅନୁରୂପ ସହକାରିଣୀ ଦେଖାଗଲା ନାହିଁ।

ଈଶ୍ୱର ପୁରୁଷ ଓ ସ୍ତ୍ରୀ କୁ ସୃଷ୍ଟି କଲେ ଓ ସେମାନଙ୍କୁ ଏକ ବିଶେଷ ଆଦେଶ ବା କମିଶନ ଦେଲେ ଯାହା ଆମେ ଆଦିପୁସ୍ତକର ପ୍ରଥମ ଦୁଇ ଅଧ୍ୟାୟ ରେ ଦେଖୁଛୁ, ଯାହାକୁ ଆମେ ଆଦ୍ୟ ଆଦେଶ ବୋଲି ଦର୍ଶାଇଥାଉ. ଏହି ଆଦ୍ୟ ଆଦେଶ ର ଗୋଟିଏ ଅଂଶ ହେଉଛି, ଲୋକମାନେ ପୃଥିବିରେ ଥିବା ସମସ୍ତ ପ୍ରାଣୀ ଉପରେ କର୍ତ୍ତୃତ୍ୱ କରିବେ.। କର୍ତ୍ତୃତ୍ୱ କରିବା ଅର୍ଥ ଶାସନ କରିବା।  ଏଠି କୌତୁହଳପ୍ରଦ ବିଷୟ ଏହାଯେ,. ଈଶ୍ୱର ଏ ସମସ୍ତ ପ୍ରାଣୀମାନଙ୍କୁ ସେମାନଙ୍କର ନାମ ଦେବା ସକାଶେ ସେମାନଙ୍କୁ ଆଦମଙ୍କ ନିକଟକୁ ଆଣିଲେ।. ଏ ପ୍ରକାର ଗତିବିଧି ର ଫଳାଫଳ ମଧ୍ୟରୁ ଗୋଟିଏ ହେଲା, ଅଧିକାରୀ କିଏ ଏହା ପ୍ରତ୍ୟେକ ଜୀବତ ପ୍ରାଣୀ  ବୁଝିଲେ। ଈଶ୍ୱର ଆଦମଙ୍କୁ ପୃଥିବୀର ଦାୟିତ୍ୱରେ  ଅଧିକାରୀ ରୁପେ ରଖିଥିଲେ  ତେଣୁ ପୃଥିବୀ ର

ପ୍ରତ୍ୟେକ ପ୍ରାଣୀ ଆଦମଙ୍କ କର୍ତ୍ତୃତ୍ୱ ର ଅଧିନରେ ଥିଲେ। କୌଣସି ପ୍ରଶ୍ନ ପଚାରିବାର ନ ଥିଲା। ଆଦମଙ୍କ କର୍ତ୍ତୃତ୍ୱ ଅବା ଶାସନ ସ୍ୱଂୟ ଈଶ୍ୱରଙ୍କ ଠାରୁ ଆସିଥିଲା। ଆଦମ ଯେ ପ୍ରକାରେ ପ୍ରତ୍ୟେକ ଜୀବିତ ପ୍ରାଣୀଙ୍କୁ ଡାକି ନାମ ଦେଲେ ସେ ବାକ୍ୟ ଦ୍ୱାରା ତାହା ବ୍ୟକ୍ତ କଲେ ଏବଂ ଈଶ୍ୱର ଦତ୍ତ କର୍ତ୍ତୃତ୍ୱ ଓ ଶାସନକୁ ପୃଥିବୀରେ  ପ୍ରୟୋଗ କଲେ। ଏହି ପ୍ରକ୍ରିୟାରେ ଈଶ୍ୱର ତାଙ୍କୁ ସମର୍ଥନ କରିଥିଲେ।

ଈଶ୍ୱର ଆଦ୍ୟ ଆଦେଶ କୁ ପ୍ରତ୍ୟାହାର କରିନାହାନ୍ତି। ଆମେମାନେ କର୍ତ୍ତୃତ୍ୱ କରିବାପାଇଁ ଈଶ୍ୱର ଙ୍କ ଦ୍ୱାରା ରୂପାଙ୍କିତ ଓ ଆଦେଶପ୍ରାପ୍ତ। ଆମର ବାକ୍ୟଗୁଡିକ ଦ୍ୱାରା ଆମେ ଏହି କର୍ତ୍ତୃତ୍ୱ କୁ  ବ୍ୟକ୍ତ ଓ ପ୍ରୟୋଗ କରିଥାଉ। ତୁମର ବାକ୍ୟ ଗୁଡିକ ଈଶ୍ୱର ଦତ୍ତ କର୍ତ୍ତୃତ୍ୱ କୁ ଏହି କ୍ଷେତ୍ରରେ ଥିବା ଜିନିଷଗୁଡିକ ଉପରେ ପ୍ରକାଶ କରୁ।

# 3

# ତାହାଙ୍କ ବାକ୍ୟନୁଯାୟୀ ଆପଣାକୁ ସମ୍ବୋଧିତ କରନ୍ତୁ

ଆଦିପୁସ୍ତକ 17:4,5,15,16

**4 ଦେଖ, ଆମ୍ଭେ ତୁମ୍ଭ ସହିତ ଆପଣା ନିୟମ ସ୍ଥିର କରୁଅଛୁ, ତୁମ୍ଭେ ଅନେକ ଗୋଷ୍ଠୀର ଆଦିପୁରୁଷ ହେବ।**

**5 ପୁଣି ତୁମ୍ଭ ନାମ ଅବ୍ରାମ (ମହାପିତା) ଆଉ ରହିବ ନାହିଁ, ମାତ୍ର ଅବ୍ରହାମ (ବହୁଲୋକର ପିତା) ହେବ। ଯେହେତୁ ଆମ୍ଭେ ତୁମ୍ଭକୁ ଅନେକ ଗୋଷ୍ଠୀର ଆଦିପିତା କଲୁ।**

**15 ତହିଁ ଉତ୍ତାରୁ ପରମେଶ୍ୱର ଅବ୍ରହାମଙ୍କୁ କହିଲେ, ତୁମ୍ଭେ ଆପଣା ଭାର୍ଯ୍ୟା ସାରୀକି ଆଉ ସାରୀ (କୁଳୀନା) ବୋଲି ଡାକ ନାହିଁ; ତାହାର ନାମ ସାରା (ରାଣୀ) ହେଲା।**

**16 ଆମ୍ଭେ ତାହାକୁ ଆଶୀର୍ବାଦ କରିବା ଓ ତାହାଠାରୁ ତୁମ୍ଭକୁ ଗୋଟିଏ ପୁତ୍ର ଦେବା; ଆମ୍ଭେ ତାହାକୁ ଆଶୀର୍ବାଦ କରିବା, ସେ ନାନା ଗୋଷ୍ଠୀର ଆଦିମାତା ହେବ, ତାହାଠାରୁ ନାନାଦେଶୀୟ ରାଜଗଣ ଉତ୍ପନ୍ନ ହେବେ।**

ନୁତନ ନିୟମରେ ଅବ୍ରହାମ ଙ୍କୁ ବିଶ୍ୱାସ ର ପିତା ଭାବରେ ସୂଚିତ କରାଯାଇଛି/ ଦର୍ଶାଇ ଯାଇଛି। କୌତୁହଳର ବିଷୟ ଏଠି ଆମେ ଦେଖୁ ଯେ ଈଶ୍ୱର ଅବ୍ରହାମ ଓ ସାରା ଙ୍କ ସହିତ କଥାବର୍ତ୍ତା କଲାବେଳେ ସେମାମନଙ୍କୁ ଆପଣା ନାମ ବଦଳାଇବାକୁ ନିର୍ଦ୍ଦେଶ ଦେବାର ଆବଶ୍ୟକ ମଣିଲେ ଯଦ୍ୱାରା ଈଶ୍ୱର ସେମାନଙ୍କ ଜୀବନ ପାଇଁ ଯେଉଁ ପ୍ରତିଜ୍ଞା କରିଅଛନ୍ତି ତଦନୁଯାୟୀ ସେମାନେ ନିଜକୁ  ସମ୍ବୋଧିତ କରିପାରିବେ।

ଅବ୍ରାମ ଅର୍ଥ "ମହାପିତା"  ଯେବେ ଅବ୍ରହାମ ର ଅର୍ଥ "ବହୁଲୋକର" ପିତା।

ସାରୀ ଅର୍ଥ "କୁଳୀନା" ଯେବେ ସାରା ର ଅର୍ଥ "ରୀଣୀ"

ପ୍ରତିଥର ଅବ୍ରହାମ ନିଜକୁ ସେହି ନାମରେ ଡାକିଲାବେଳେ ତାଙ୍କ ଉପରେ ଈଶ୍ୱରଙ୍କ ପ୍ରତିଜ୍ଞା ସେ ଘୋଷଣା କରୁଥିଲେ। ସେ ସ୍ୱୀକାର କରୁଥିଲେ ଯେ ଈଶ୍ୱର ଯେପ୍ରକାରେ ମୋ ବିଷୟରେ କହିଛନ୍ତି, "ମୁଁ ବହୁଲୋକର ପିତା" । ପ୍ରତ୍ୟେକଥର ସାରା ନିଜକୁ ସେହି ନାମରେ ସମ୍ବୋଧିତ କଲାବେଳେ  ତାଙ୍କର ଜୀବନ ଉପରେ ଈଶ୍ୱରଙ୍କ ପ୍ରତିଜ୍ଞା କୁ ସେ  ଘୋଷଣା କରୁଥିଲେ। ସେ ବ୍ୟକ୍ତ କରୁଥିଲେ ଯେ  ଈଶ୍ୱର

ମୋ ସମ୍ବନ୍ଧରେ ଯେପ୍ରକାର କହିଛନ୍ତି "ମୁଁ ନାନାଗୋଷ୍ଠୀ ର, ରାଜାମାନଙ୍କର ରାଜକୁମାରୀମାନଙ୍କର ଆଦିମାତା।" ସେପର୍ଯ୍ୟନ୍ତ ସେମାନଙ୍କର କୌଣସି ସନ୍ତାନ ନଥିଲା.। କିନ୍ତୁ ସେମାନେ ଈଶ୍ୱର ଯାହାକହିଥିଲେ ତାକୁ ସତ୍ୟଭାବରେ ଘୋଷଣା କରୁଥିଲେ। ଆରମ୍ଭରେ ଯେତେବେଳେ ଈଶ୍ୱରଙ୍କ କହିବା ଅନୁସାରେ ଏହି ନାମରେ ନିଜକୁ ସମ୍ବୋଧିତ କରିଥିବେ ହୁଏତ ଏହା ହୁଏତ ମୁର୍ଖତା ଓ ହାସ୍ୟାସ୍ପଦ ପରି ମନେ ହୋଇଥିବ। କିନ୍ତୁ ଈଶ୍ୱରଙ୍କ ପ୍ରତିଜ୍ଞା ପୁରଣ ହେଲା ଓ ଈଶ୍ୱରଙ୍କ କହିବା ଅନୁଯାୟୀ ସେମାନେ ତାହା ହେଲେ।

ସେମାନେ ଈଶ୍ୱରଙ୍କ ପ୍ରତିଜ୍ଞା ଅନୁସାରେ ନିଜକୁ ସମ୍ବୋଧିତ କରି କିଛି ଭୁଲ ତ କରିନଥିଲେ? ସମ୍ପୁର୍ଣ୍ଣଭାବରେ ନୁହେଁ। ତାହା କରିବା ନିମନ୍ତେ ଈଶ୍ୱର ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରୋମୀୟ ୪ ଅଧ୍ୟାୟରେ ପ୍ରେରିତ ପାଉଲ ଏହାକୁ ଆହୁରି ଅଧିକ ବ୍ୟାଖା କରିଛନ୍ତି ତାହା ଆମେ ପରେ ଦେଖିବା। ଆମକୁ ଅବ୍ରହାମଙ୍କ ବିଶ୍ୱାସ ର ପଦ ଅନୁସରଣ କରିବାକୁ କୁହାଯାଇଛି।

ଈଶ୍ୱରଙ୍କ ଲିଖିତ ବାକ୍ୟରେ ଆମପାଇଁ ପୁଣି ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେସମସ୍ତଙ୍କ ପ୍ରତି ରହିଥିବା ଈଶ୍ୱରଙ୍କ ପ୍ରତିଜ୍ଞା ଗୁଡିକର ଘୋଷଣା ଆମ ପାଖରେ ଅଛି। ଏହା ସମସ୍ତ ଲୋକଙ୍କ ନିମନ୍ତେ ଉପଲବ୍ଧ। ଆପଣା ଲୋକମାନଙ୍କ ପାଇଁ ରହିଥିବା ତାଙ୍କର ଉତ୍ତରାଧିକାର ର ଅଂଶି ହେବାର ଯୋଗ୍ୟତା ସେ ଆମ୍ଭମାନଙ୍କୁ କରାଇଅଛନ୍ତି। (କଲସୀୟ 1:12) ତୁମ ଜୀବନରେ ଈଶ୍ୱରଙ୍କ ପ୍ରତିଜ୍ଞା ଗୁଡିକର ସତ୍ୟତାକୁ ଘୋଷଣା କର। ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ନିଜକୁ ସମ୍ବୋଧନ କର। ଈଶ୍ୱର ଯାହା କହିଅଛନ୍ତି ତୁମ୍ଭେ ତାହା ଅଟ। ଯାହା କରିପାରିବ ବୋଲି ଈଶ୍ୱର କହିଛନ୍ତି ତାହା ତୁମେ କରିପାରିବ। ଯାହାସବୁ ସେ ପ୍ରତିଜ୍ଞା କରିଛନ୍ତି ସେ ସମସ୍ତ ତୁମେ ହେବ।

# 4
# ଆପଣଙ୍କ ବାକ୍ୟ ସବୁ ଆଶୀର୍ବାଦ ମୁକ୍ତ କରେ

**ଗଣନା 6:22-27**

**22ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ,**

**23ତୁମ୍ଭେ ହାରୋଣ ଓ ତାହାର ପୁତ୍ରଗଣକୁ କୁହ, ତୁମ୍ଭେମାନେ ଇସ୍ରାଏଲ-ସନ୍ତାନଗଣକୁ ଏହିରୂପେ ଆଶୀର୍ବାଦ କରିବ; ତୁମ୍ଭେମାନେ ସେମାନଙ୍କୁ କହିବ,**

**24ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ରକ୍ଷା କରନ୍ତୁ;**

**25ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖର ତେଜ ପ୍ରକାଶ କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ;**

**26ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଉନ୍ତୁ ଓ ତୁମ୍ଭକୁ ଶାନ୍ତି ଦେଉନ୍ତୁ।**

**27ଏହିରୂପେ ସେମାନେ ଇସ୍ରାଏଲ-ସନ୍ତାନଗଣ ଉପରେ ଆମ୍ଭର ନାମ ରଖିବେ; ତହିଁରେ ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା।**

ଆଶୀର୍ବାଦକୁ ପଠାଇବା ନିମନ୍ତେ ବାକ୍ୟ ଗୁଡିକ ବାହନ ଅଟନ୍ତି। ଈଶ୍ୱର ତାହା ପ୍ରତିଷ୍ଠିତ କରିଅଛନ୍ତି। ଉଦାହରଣସ୍ୱରୁପ ଆମେ ଦେଖୁ, ଯାଜକ କିପ୍ରକାରେ ଲୋକମାନଙ୍କୁ ଆଶିର୍ବାଦ କରିବେ ତାହାର ସ୍ପଷ୍ଟ ନିର୍ଦ୍ଦେଶ ଈଶ୍ୱର ଦେଉଛନ୍ତି। ଈଶ୍ୱରଙ୍କ ନାମକୁ ସେମାନଙ୍କ ଉପରେ ରଖିବେ ତହିଁରେ ଈଶ୍ୱର ସେମାନଙ୍କୁ ଆଶିର୍ବାଦ କରିବେ। ମହାଯାଜକ "ସେମାନଙ୍କୁ କହିବେ" ଈଶ୍ୱରଙ୍କ ନାମରେ ସେମାନଙ୍କ ଉପରେ କହିବେ ଓ ସେମାନଙ୍କ ଉପରେ ଈଶ୍ୱରଙ୍କ ଆଶିର୍ବାଦକୁ ଘୋଷଣା କରିବେ।

ଏହିପ୍ରକାରେ ପୁରାତନ ନିୟମରେ ଈଶ୍ୱରଙ୍କ ଲୋକମାନେ ଆଶିର୍ବାଦକୁ ମୁକ୍ତ କରୁଥିଲେ। ଇସହାକ ଯାକୁବଙ୍କ ଉପରେ ଆଶିର୍ବାଦର ବାକ୍ୟ କହି ଆଶିର୍ବାଦ କରିଥିଲେ। (ଆଦିପୁସ୍ତକ 27:27-29) ବାକ୍ୟ ସବୁ କହିବାଦ୍ୱାରା ଯାକୁବ ଆପଣା ସନ୍ତାନ ମାନଙ୍କୁ ଆଶିର୍ବାଦ କରିଥିଲେ (ଆଦିପୁସ୍ତକ 48,49)।

ଆମକୁ ମଧ୍ୟ ନୂତନନିୟମର ଯାଜକ ଭାବରେ ଆମ ନିଜ ଜୀବନ ଉପରେ, ଆମର ପରିବାର ମାନଙ୍କ ଉପରେ ଓ ଅନ୍ୟମାନଙ୍କ ଉପରେ ପ୍ରଭୁଙ୍କ ନାମରେ ବାକ୍ୟଦ୍ୱାରା ଆଶିର୍ବାଦ କରିବାର ସୁଯୋଗ ରହିଅଛି। ଆମ ନିଜ ଉପରେ, ଆମର

ବର୍ତ୍ତମାନ. ଆମର ଭବିଷ୍ୟତ ଉପରେ ଆମେ କିପ୍ରକାର ବାକ୍ୟ କହିଥାଉ? ଆମର ପରିବାର ଗୁଡିକ ଉପରେ, ସେମମାନଙ୍କର ଭବିଷ୍ୟତ ଉପରେ ଆମେ କିପ୍ରକାର ବାକ୍ୟ କହିଥାଉ? ତୁମର ଆଶିର୍ବାଦର ବାକ୍ୟ, ସେମାନଙ୍କ ଉପରେ ଈଶ୍ୱରଙ୍କ ଆଶିର୍ବାଦ କୁ ମୁକ୍ତ କରିପାରିବ।

# 5
# ଈଶ୍ୱରଙ୍କ ବାକ୍ୟ ଆଗୁଆ ଲେଖାଯାଇଥିବା ଆପଣଙ୍କ ବିବୃତି ଅଟେ—ଏହା ଘୋଷଣା କରନ୍ତୁ

**ଗଣନା ପୁସ୍ତକ 13:30-33**

**30 ତହିଁରେ କାଲେବ ମୋଶାଙ୍କ ପକ୍ଷରୁ ଲୋକମାନଙ୍କୁ କ୍ଷା; କରି କହିଲେ, ଆସ, ଆମ୍ଭେମାନେ ଏକାବେଳକେ ଉଠିଯାଇ ତାହା ଅଧିକାର କରୁ; ତାହା ପରାସ୍ତ କରିବାକୁ ଆମ୍ଭମାନଙ୍କର ଯଥେଷ୍ଟ ବଳ ଅଛି।**

**31 ମାତ୍ର ଯେଉଁ ଲୋକମାନେ ତାଙ୍କ ସହିତ ଯାଇଥିଲେ, ସେମାନେ କହିଲେ, ଆମ୍ଭେମାନେ ସେହି ଲୋକମାନଙ୍କ ବିରୁଦ୍ଧରେ ଯାଇ ନ ପାରୁ, କାରଣ ସେମାନେ ଆମ୍ଭମାନଙ୍କ-ଠାରୁ ବଳବାନ।**

**32 ଏହିରୂପେ ସେମାନେ ଯେଉଁ ଦେଶ ଅନୁସନ୍ଧାନ କରିଥିଲେ, ଇସ୍ରାଏଲ-ସନ୍ତାନଗଣ ନିକଟରେ ସେହି ଦେଶର ଅଖ୍ୟାତି କରି କହିଲେ, ଆମ୍ଭେମାନେ ଯେଉଁ ଦେଶର ମଧ୍ୟଦେଇ ଅନୁସନ୍ଧାନ କରିବାକୁ ଯାଇଥିଲୁ, ସେହି ଦେଶ ସ୍ବନିବାସୀମାନଙ୍କୁ ଗ୍ରାସ କରେ, ପୁଣି ତହିଁ ମଧ୍ୟରେ ଆମ୍ଭେମାନେ ଯେତେ ଲୋକଙ୍କୁ ଦେଖିଲୁ, ସେମାନେ ବଡ଼ ଡେଙ୍ଗା।**

**33 ଆଉ ସେ ସ୍ଥାନରେ ଆମ୍ଭେମାନେ ମହାବୀରଜାତ ଅନାକର ସନ୍ତାନ ମହାବୀରଗଣଙ୍କୁ ଦେଖିଲୁ; ଆଉ ଆମ୍ଭେମାନେ ଆପଣାମାନଙ୍କ ଦୃଷ୍ଟିରେ ଫଡ଼ିଙ୍ଗ ପରି ହେଲୁ ଓ ସେମାନଙ୍କ ଦୃଷ୍ଟିରେ ମଧ୍ୟ ସେରୂପ ଥିଲୁ।**

**ଗଣନା ପୁସ୍ତକ 14:11**

**ଯୋଷେଫ ବଂଶ ମଧ୍ୟରୁ, ଅର୍ଥାତ୍, ମନଃଶି ବଂଶ ମଧ୍ୟରୁ ସୂଷିର ପୁତ୍ର ଗଦ୍ଦି;**

ବାରଜଣ ଗୁପ୍ତଚରଙ୍କ ଘଟଣା ସହିତ ଆମେ ପରିଚିତ, ସେମାନଙ୍କ ମଧ୍ୟରୁ ଦୁଇଜଣ ଯିହୋଶୂୟ ଏବଂ କାଲେବ ଥିଲେ | ଯିହୋଶୂୟ ଏବଂ କାଲେବ ସମାନ ରାକ୍ଷାସ ମାନଙ୍କୁ ଦେଖିଲେ, କିନ୍ତୁ ସେମାନଙ୍କର ଶେଷ ମୂଲ୍ୟାଙ୍କନ ଈଶ୍ୱର କିଏ ଏବଂ ସେ ସେମାନଙ୍କୁ କଣ ପ୍ରତିଜ୍ଞା କରିଛନ୍ତି ତାହ ଉପରେ ଆଧାର କରି କରିଥିଲେ। କାଲେବ କହିଲେ *"ଆମେମାନେ ପରାସ୍ତ କରିବାକୁ ସକ୍ଷମ"* 45 ବର୍ଷପରେ ସେହି କାଲେବ କହିଲେ, *"ଏହେତୁ ସେଦିନ ଏହି ଯେଉଁ ପର୍ବତ ବିଷୟରେ ସଦାପ୍ରଭୁ କହିଥିଲେ, ତାହା ମୋତେ ଦିଅ; ... ହୋଇପାରେ, ସଦାପ୍ରଭୁ ମୋହର ସଙ୍ଗରେ ହେବେ, ପୁଣି ମୁଁ ସଦାପ୍ରଭୁଙ୍କ ବାକ୍ୟାନୁସାରେ ସେମାନଙ୍କୁ ତଡ଼ି*

*ଦେବି" (ଯିହୋଶୂୟ 14:12)*। ସେ ଈଶ୍ୱରଙ୍କ ପ୍ରତିଜ୍ଞା କୁ ଧରିରଖିଲେ ଏବଂ ସେ ଯାହା କହିଥିଲେ 45 ବର୍ଷ ପରେ ମଧ୍ୟ ତାହା ବଦଳାଇଲେ ନାହିଁ।

ଈଶ୍ୱରଙ୍କ ବାକ୍ୟ ହେଉଛି ଆଗୁଆ ଲେଖା ହୋଇଥିବା ପରିଣାମ, ବିବୃତି, ଫଳାଫଳ। ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ କଥା କହିବା। ହଁ, ଅବଶ୍ୟ ଆମକୁ ରାକ୍ଷାସ ମାନଙ୍କର ସାମନା କରିବାକୁ ହେବ, ଏହି ରାକ୍ଷାସ ମାନେ ଭୟଭୀତ କରାଇବାକୁ ଦେଖାଯିବେ। ସେଠାରେ ଯୁଦ୍ଧ କରିବାର ଥିବ। ଈଶ୍ୱର ଯାହା ଚାହାନ୍ତି ତାହା ଦଖଲ ବା ଅଧିକାର କରିବାର ପଥ ଯୁଦ୍ଧ ଓ ରାକ୍ଷାସ ବିହୀନ ନ ଥିବ। କିନ୍ତୁ ରାକ୍ଷାସମାନଙ୍କ ମୁଁହ ସାମନାରେ ଓ ଲଢେଇ ର ମଧ୍ୟରେ ଈଶ୍ୱର କିଏ ଓ ସେ ତୁମପାଇଁ କଣ ପ୍ରତିଜ୍ଞା କରିଛନ୍ତି ତାହା ଘୋଷଣ କର.। ଘୋଷଣା କର ଯେ ତୁମେ ପରାସ୍ତ କରିପାରିବ, କାରଣ ଯେ ଈଶ୍ୱରଙ୍କ ଠାରୁ ଜାତ ସେ ଜଗତକୁ ଜୟ କରିବ।(1 ଯୋହନ 5:4) । ଘୋଷଣାକର ଈଶ୍ୱର ତୁମକୁ ସର୍ବଦା ବିଜୟ ପ୍ରଦାନ କରନ୍ତି (2 କରନ୍ଥୀୟ 2:14) ଘୋଷଣାକର ଈଶ୍ୱର ତୁମକୁ ଦହଲା କାଦୁଅରୁ ଉଠାଇ ଆଣିଅଛନ୍ତି,ଶୈଳ ଉପରେ ତୁମର ଚରଣକୁ ରଖିଅଛନ୍ତି ଏବଂ ତୁମ ମୁଖରେ ଏକ ନୁତନ ଗୀତ ଦେଇଅଛନ୍ତି (ଗୀତସଂହିତା 40:1-4) ଘୋଷଣାକର ,ତୁମର ସାହାର୍ଯ୍ୟ ଆକାଶ ଓ ପୃଥିବୀ ନିର୍ମାଣ କର୍ତ୍ତା ସଦାପ୍ରଭୁଙ୍କ ଠାରୁ ଆସେ। ଯେ ତୁମକୁ ରକ୍ଷା କରନ୍ତି ସେ ଘୁମାଇବେ ନାହିଁ କି ନିଦ୍ରା ଯିବେ ନାହିଁ।(ଗୀତସଂହିତା 121) ଈଶ୍ୱର କିଏ ଓ ତୁମକୁ ଯାହା ସେ ପ୍ରତିଜ୍ଞା କରିଛନ୍ତି ତାହା ଘୋଷଣା କର. ଏହା ହେଉଛି ତୁମର ଲେଖାହୋଇଥିବା ଅଗ୍ରମୀ ଫଳାଫଳ।

# 6
# ବାକ୍ୟ ଆପଣଙ୍କ ନିକଟରେ ଅଛି—ତାହାଙ୍କର ବାକ୍ୟ ଉଚ୍ଚାରଣ କରନ୍ତୁ

**ଦ୍ୱିତୀୟ ବିବରଣ 30:11-14**

**11 ଆଜି ମୁଁ ତୁମ୍ଭକୁ ଯେଉଁ ଆଜ୍ଞା ଦେଉଅଛି, ତାହା ଅତିରିକ୍ତ କଠିନ ନୁହେଁ, କିଅବା ଦୂରବର୍ତ୍ତୀ ନୁହେଁ।**
**12 ତାହା ସ୍ୱର୍ଗରେ ନାହିଁ ଯେ, ତୁମ୍ଭେ କହିବ, ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗକୁ ଯାଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ?**
**13 କିଅବା ତାହା ସମୁଦ୍ର ସେପାରିରେ ନାହିଁ ଯେ, ତୁମ୍ଭେ କହିବ, ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସମୁଦ୍ର ପାର ହୋଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ?**
**14 ମାତ୍ର ତୁମ୍ଭ ପାଳନାର୍ଥେ ସେ ବାକ୍ୟ ତୁମ୍ଭର ଅତି ନିକଟରେ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି।**

ଈଶ୍ୱର ଚାହାନ୍ତି ଲୋକମାନେ ତାଙ୍କର ବାକ୍ୟ କୁ ସେମାନଙ୍କ ମୁଖରେ ଓ ସେମାନଙ୍କ ହୃଦୟରେ ରଖନ୍ତୁ। ସେ ସେମାନଙ୍କ ନିମନ୍ତେ ଏହା ଇଚ୍ଛା କନ୍ତି ଯେ ତାଙ୍କର ବାକ୍ୟ ସେମାନଙ୍କ ମୁଖ ଆଉ ହୃଦୟରେ ଥାଉ ଯଦ୍ୱାରା ସେମାନେ ତାହା କରିବେ ଓ ତଦ୍ୱାରା ସେମାନେ ବଞ୍ଚିବେ। ଈଶ୍ୱରଙ୍କ ବାକ୍ୟ ଆମ ହୃଦୟ ଆଉ ମୁଖରେ ନିବାସ କରିବା ଉଚିତ। ଆମର ହୃଦୟ ତାଙ୍କ ବାକ୍ୟରେ ପୁର୍ଣ୍ଣ ହେବା ଉଚିତ। ତାଙ୍କର ବାକ୍ୟ ଦ୍ୱାରା ହୃଦୟରେ ବିଶ୍ୱାସ ଜାତ ହୋଇଥାଏ। ତାଙ୍କର ବାକ୍ୟ କୁ ଆମେ ହୃଦୟରେ ବିଶ୍ୱାସ କରିଥାଉ। ତାଙ୍କର ବାକ୍ୟ ଆମ ମୁଖରେ ମଧ୍ୟ ରହିଥିବା ଉଚିତ। ତାହା ଆମେ କହିଥାଉ ଓ ଘୋଷଣା କରିଥାଉ। ତାଙ୍କ ମୁଖର ବାକ୍ୟ ଗୁଡିକୁ ଆମ ମୁଖର ବାକ୍ୟ ହେବାକୁ ଦେବା। ତାଙ୍କ ବାକ୍ୟ ଗୁଡିକ ରହସ୍ୟମୟ ନୁହେଁ କିମ୍ବା  ଆମ ପହଞ୍ଚର ବାହରେ ନାହିଁ  ତାଙ୍କର ବାକ୍ୟ ଆମ ଭିତରେ  ଆମ ମୁଖରେ ଓ ଆମ ହୃଦୟରେ ଅଛି। ଯେବେ ଆମେ  ଏପ୍ରକାରେ ବଞ୍ଚିଥାଉ ତାଙ୍କର ବାକ୍ୟ ଆମର ଜୀବନଶୈଳିରେ ପରିଣତ ହୋଇଯାଇଥାଏ। ଆମେ ତାଙ୍କର ବାକ୍ୟ ଅନୁଯାୟୀ ବଞ୍ଚିଥାଉ।

ଏହା ହେଉଛି  ତାଙ୍କ ବାକ୍ୟକୁ  ଆମ ଭିତରେ ରହିବା ଏବଂ ଆମ ଭିତରେ ପରିପୂର୍ଣ୍ଣ ହେବାର ଈଶ୍ୱରଙ୍କ ପଦ୍ଧତି।  ସେ ଆମକୁ ଏହି ପଦ୍ଧତି ଦେଇଛନ୍ତି | ସେ

କହିଛନ୍ତି ଯେ ସେ ତାଙ୍କ ବାକ୍ୟ ଆମ ପାଇଁ ଉପଲବ୍ଧ କରାଇଅଛନ୍ତି। ଯେବେ ଆମେ ତାଙ୍କ ବାକ୍ୟକୁ ଆମ ମୁଖରେ (ଆମର ବକ୍ତବ୍ୟର ଅଂଶ) ଏବଂ ଆମର ହୃଦୟରେ (ଚିନ୍ତାଧାରା ଏବଂ ବିଶ୍ୱାସର ଅଂଶ) ରଖିବା, ତାଙ୍କର ବାକ୍ୟ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯିବ |

# 7
# ତାହାଙ୍କ ବାକ୍ୟ ସବୁ ଆପଣାଙ୍କ ମୁଖରେ ରଖନ୍ତୁ

**ଯିହୋଶୂୟ 1:8**
**ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର; ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ।**

ଯିହୋଶୂୟଙ୍କ ପାଖରେ ଈଶ୍ୱରଙ୍କ ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶକୁ କଢାଇ ନେଇଯିବାର ଏକ ବିଶାଳ କାର୍ଯ୍ୟଭାର ଥିଲା। ତାଙ୍କୁ ମୋଶାଙ୍କର ନେତୃତ୍ୱର ଦାୟିତ୍ୱକୁ ନେଇ ଈଶ୍ୱରଙ୍କ ଲୋକମାନଙ୍କୁ ଆଗକୁ କଢାଇନେବାକୁ ପଡିଥିଲା। ଈଶ୍ୱର ତାଙ୍କୁ ଦେଇଥିବା ନିର୍ଦ୍ଦେଶଗୁଡିକ ମଧ୍ୟରୁ ଗୋଟିଏ ହେଲା, ବ୍ୟବସ୍ଥା ପୁସ୍ତକର ବାକ୍ୟ ସର୍ବଦା ତାଙ୍କର କହିବାର ଓ ଚିନ୍ତାକରିବାର ର ଅଂଶ ହେବ (ଧ୍ୟାନକରିବା) ଏହାର ମର୍ମ ହେଲା ଈଶ୍ୱର ଯିହୋଶୂୟଙ୍କୁ ନିର୍ଦ୍ଦେଶ ଦେଇ କହିଲେ, *"ବ୍ୟବସ୍ଥାର ବାକ୍ୟ ସର୍ବଦା ତୁମ ମୁଖରେଥାଉ। ବାକ୍ୟକୁ ସ୍ୱୀକାର କର। ବାକ୍ୟକୁ ଧ୍ୟାନ କର। ଏଉପାୟରେ ବାକ୍ୟ ଯାହା କହିବ ତାହା ତୁମେ ଯତ୍ନ ସହକାରେ କରିବ। ଏହା ତୁମପାଇଁ ସମୃଦ୍ଧି ଓ ଉତ୍ତମ ସଫଳତା ଆଣିବ।"*

ସମୟ ର ପରିବର୍ତ୍ତନ ହୋଇଛି, ମାତ୍ର ଈଶ୍ୱରଙ୍କ ବାକ୍ୟ ଏବଂ ଈଶ୍ୱରଙ୍କ ବାକ୍ୟ ର ଶକ୍ତି ହ୍ରାସ ହୋଇନାହିଁ। ଯିହୋଶୂୟଙ୍କ ଦିନରେ , ତାଙ୍କ ସମୟରେ, ତାଙ୍କ ଜୀବନର ନିର୍ଦ୍ଦିଷ୍ଟ କର୍ତ୍ତ୍ୟବ କରିବାରେ ରେ ଈଶ୍ୱରଙ୍କ ବାକ୍ୟ ଯାହା କରିଥିଲା, ଆମର ଦିନରେ ଆମର ସମୟରେ, ଆମ ପ୍ରତ୍ୟେକଙ୍କ ପାଇଁ ଦିଆଯାଇଥିବା ନିର୍ଦ୍ଦିଷ୍ଟ କର୍ତ୍ତ୍ୟବରେ ଈଶ୍ୱରଙ୍କ ବାକ୍ୟ ତାହା କରିପାରେ। ଆମେ ଯଦି ସବୁବେଳେ ଈଶ୍ୱରଙ୍କ ବାକ୍ୟ କୁ ଆମ ମୁଖରେ ରଖିବାକୁ ଓ ଦିବା ରାତ୍ର ଆମର ଚିନ୍ତା ଧାରାକୁ ପୁର୍ଣ୍ଣ (ଧ୍ୟାନ) କରିବାକୁ ଅନୁମତି ଦେବା ତେବେ ଆମେ ତାଙ୍କ ବାକ୍ୟ ଅନୁଯାୟୀ ଚାଲିପାରିବା। ଏହା ଦ୍ୱାରା ଆମେ ଆମର ରାସ୍ତାକୁ ସମୃଦ୍ଧ କରିପାରିବା ଏବଂ ଆମକୁ ଯାହା କରିବାର ଦାୟିତ୍ୱ ଦିଆଯାଇଛି ସେଥିରେ ଆମେ ଉତ୍ତମ ସଫଳତା ପାଇବା।

ଯିହୋଶୂୟ 1:8ର ଯିହୋଶୂୟ ଙ୍କ ସିଦ୍ଧନ୍ତ ନୀତି କୁ ନିଜ ଜୀବନରେ ବ୍ୟବହାର କର। ତାଙ୍କର ବ୍ୟବସ୍ଥାପୁସ୍ତକର ବାକ୍ୟ ତୁମ ମୁଖର ବାକ୍ୟ ହେଉ। ଈଶ୍ୱର ଯାହା କୁହନ୍ତି ତାହା କୁହ। ତୁମର ଧ୍ୟାନ ଓ ଚିନ୍ତା ତାଙ୍କ ବାକ୍ୟ ର ସମାନତାରେ ହେଉ। ତାଙ୍କ ବାକ୍ୟର ସମାନ୍ତରାଳରେ ବଞ୍ଚିବ। ତୁମେ ତୁମର କାର୍ଯ୍ୟରେ ସମୃଦ୍ଧି ଓ ସଫଳତା ପ୍ରାପ୍ତ ହେବ।

# ୪
# ତାହାଙ୍କ ପ୍ରତିଜ୍ଞା ସକଳ ଅନନ୍ତ କାଳ ସ୍ଥାୟୀ—ଆମ ଘୋଷଣା ମଧ୍ୟ ତଦ୍ରୂପ ଅଟେ

**ଯିହୋଶୂୟ 14:10-12**

**10 ଏବେ ଦେଖ, ପ୍ରାନ୍ତରରେ ଇସ୍ରାଏଲ ଭ୍ରମଣ କରିବା ବେଳେ ସଦାପ୍ରଭୁ ମୋଶାଙ୍କୁ ସେହି ଯେଉଁ କଥା**
**କହିଥିଲେ, ତଦବଧି ସଦାପ୍ରଭୁ ଆପଣା ବାକ୍ୟାନୁସାରେ ମୋତେ ପଞ୍ଚଚାଳିଶ୍ ବର୍ଷ ହେଲା ଜୀବିତ**
**ରଖିଅଛନ୍ତି; ଏଣୁ ଏବେ ଦେଖ, ମୁଁ ଆଜି ଚାରିକୋଡ଼ି ପାଞ୍ଚ ବର୍ଷ ବୟସ୍କ ହୋଇଅଛି।**
**11 ତଥାପି ମୋଶା ଯେଉଁ ଦିନ ମୋତେ ପଠାଇଥିଲେ, ସେଦିନ ମୁଁ ଯେପରି ବଳବାନ ଥିଲି, ସେପରି**
**ଆଜି ଅଛି; ଯୁଦ୍ଧ କରିବା ପାଇଁ ଓ ବାହାରେ ଭିତରେ ଯିବା ଆସିବା ପାଇଁ ସେ ସମୟରେ ମୋହର**
**ଯେପରି ବଳ ଥିଲା, ସେପରି ଏବେ ମଧ୍ୟ ମୋହର ବଳ ଅଛି।**
**12 ଏହେତୁ ସେଦିନ ଏହି ଯେଉଁ ପର୍ବତ ବିଷୟରେ ସଦାପ୍ରଭୁ କହିଥିଲେ, ତାହା ମୋତେ ଦିଅ; କାରଣ**
**ଅନାକୀୟମାନେ ସେଠାରେ ଥା'ନ୍ତି ଓ ନଗରମାନ ବୃହତ ଓ ପ୍ରାଚୀରବେଷ୍ଟିତ, ଏହା ତୁମ୍ଭେ ସେଦିନ**
**ଶୁଣିଥିଲ; ହୋଇପାରେ, ସଦାପ୍ରଭୁ ମୋହର ସଙ୍ଗରେ ହେବେ, ପୁଣି ମୁଁ ସଦାପ୍ରଭୁଙ୍କ ବାକ୍ୟାନୁସାରେ**
**ସେମାନଙ୍କୁ ତଡ଼ି ଦେବି।**

45 ବର୍ଷପରେ, କାଲେବ ୫5 ବର୍ଷ ବୟସରେ, ଈଶ୍ୱର ଯାହା ତାଙ୍କର ହେବ ବୋଲି ପ୍ରତିଜ୍ଞା କରିଥିଲେ ତାକୁ ନିଜର ଅଧିକାରରେ ନେବାପାଇଁ ତାଙ୍କର ଆବେଗ ଏବଂ ଉତ୍ସାହ ଏବେ ଯାଏଁ ପ୍ରଜ୍ୱଳିତ ଥିଲା। ଯୁଦ୍ଧ କରିବା ପାଇଁ ଓ ପରାସ୍ତ କରିବା ପାଇଁ ସେଠାରେ ଏବେ ସୁଦ୍ଧା କେତକ ଅନାକୀୟମାନେ ଥାଇପାରନ୍ତି, କିନ୍ତୁ ସେ ପ୍ରସ୍ତୁତ ଥିଲେ। 45 ବର୍ଷତଳେ ଈଶ୍ୱରଙ୍କଠାରେ ତାଙ୍କର ଭରସା ଯେପ୍ରକାର ଥିଲା ଏବେ ମଧ୍ୟ ସେ ସମାନ ଭାବରେ ଈଶ୍ୱରଙ୍କଠାରେ ଥିବା ତାଙ୍କର ଭରସାକୁ ସେ ଘୋଷଣା କରିଥିଲେ।

ତୁମେ କେତେ ଦିନ ପର୍ଯ୍ୟନ୍ତ ତୁମ ଜୀବନରେ ଈଶ୍ୱରଙ୍କ ବାକ୍ୟକୁ ସତ୍ୟ ବୋଲି ଘୋଷଣା କରିବାକୁ ଯାଉଛ? ପ୍ରକୃତ କଥା ହେଉଛି ଯେ ଈଶ୍ୱର  ମିଥ୍ୟା କହିବା ପରି ମଣିଷ ନୁହଁନ୍ତି। ତାଙ୍କର ବାକ୍ୟ ହେଉଛି ସତ୍ୟ, ତାଙ୍କର ବାକ୍ୟ ଚିରସ୍ଥାୟୀ। ତାଙ୍କର ବାକ୍ୟ କେବେ ପରିବର୍ତ୍ତନ ହୁଏ ନାହିଁ। ଈଶ୍ୱର  ତାଙ୍କ ବାକ୍ୟରେ ତୁମ ବିଷୟରେ

ଯାହା  ପ୍ରତିଜ୍ଞା ଏବଂ ଘୋଷଣା କରିଛନ୍ତି ତାହା ସବୁ ସତ୍ୟ ଅଟେ। ଏହା ପ୍ରତିଷ୍ଠିତ ଏବଂ ଚିରକାଳ ନିମନ୍ତେ  ସ୍ୱର୍ଗରେ ସ୍ଥାପିତ ହୋଇ ରହିଅଛି | ଆମର ପରମେଶ୍ୱର ମହାନ ଅଟନ୍ତି। **ମୁଁ ସ୍ୱୟଂ**। ସେ କଦାପି ପରିବର୍ତ୍ତନ ହୁଅନ୍ତି ନାହିଁ .ତେଣୁ ଆମେ ଆମର ଈଶ୍ୱରଙ୍କ ବିଷୟରେ ଓ ସେ କଣ ପ୍ରତିଜ୍ଞା କରିଛନ୍ତି ତାକୁ  ବଦଳାଇପାରିବା ନାହି। ଆମର ପ୍ରଭୁ କିଏ ତାହା କହିବାର ଆମେ ଜାରି ରଖିଥିବା।  ସେ ଏବେ ମଧ୍ୟ ଆମର ଉଦ୍ଧାର କର୍ତ୍ତା. ଆରୋଗ୍ୟକାରୀ, ତ୍ରାଣକର୍ତ୍ତା, ମୁକ୍ତିଦାତା, ଯୋଗାଣକାରୀ, ପଥ- ନିର୍ମାତା, ଆଶ୍ଚର୍ଯ୍ୟକାରୀ ଅଟନ୍ତି। ସେ ଏବେମଧ୍ୟ ଆମର ସ୍ୱର୍ଗସ୍ଥ ପିତା  ଆମେ ଘୋଷଣା କରୁ ଯେ, .ଆମ ଜୀବନର ପ୍ରତିକ୍ଷେତ୍ରରେ ଯାହା ସବୁ ପ୍ରତିଜ୍ଞା କରିଛନ୍ତି ସେ ସବୁ ମଙ୍ଗଳଜନକ ଓ ସତ୍ୟ ଅଟେ। ଯାହା ସେ ପ୍ରତିଜ୍ଞା କରିଅଛନ୍ତି ତାକୁ ଆମେ ଦୃଢରୁପେ ଧରି ରଖିବା।

କାଲେବଙ୍କ ପରି ହୁଏତ ଈଶ୍ୱରଙ୍କ ପ୍ରତିଜ୍ଞା କରିଥିବା ସ୍ଥାନରେ ପାଦରଖିବା ପାଇଁ କିଛି ସମୟ ଲାଗିପାରେ; ମନେରଖ, ତାଙ୍କର ପ୍ରତିଜ୍ଞା ଗୁଡକ ସ୍ଥାୟୀ ସେମାନେ ସମୟନୁସାରେ ବଦଳନ୍ତି ନାହିଁ। ତୁମପ୍ରତି ତାଙ୍କ ପ୍ରତିଜ୍ଞାର ଘୋଷଣାକୁ ବଜାୟ ରଖ।

# ୨
# ଈଶ୍ୱରଙ୍କ ସହିତ ହୋଇଥିବା ଆପଣଙ୍କ ନିୟମକୁ ଘୋଷଣା କରନ୍ତୁ

**1 ଶାମୁଏଲ 17:26,36,45**

**26ସେତେବେଳେ ଦାଉଦ ଆପଣା ନିକଟରେ ଠିଆ ହୋଇଥିବା ଲୋକମାନଙ୍କୁ ପଚାରିଲେ, ଯେଉଁ ଜନ
ଏହି ପଲେଷ୍ଟୀୟକୁ ବଧ କରି ଇସ୍ରାଏଲର ଅପମାନ ଦୂର କରିବ, ତାହା ପ୍ରତି କ'ଣ କରାଯିବ? କାରଣ
ଏହି ଅସୁନ୍ନତ ପଲେଷ୍ଟୀୟ କିଏ ଯେ, ସେ ଜୀବିତ ପରମେଶ୍ୱରଙ୍କ ସୈନ୍ୟଶ୍ରେଣୀକି ତୁଚ୍ଛ କରିବ?
36ଆପଣଙ୍କ ଦାସ ସିଂହ ଓ ଭାଲୁ ଉଭୟ ବଧ କରିଅଛି; ପୁଣି ଏହି ଅସୁନ୍ନତ ପଲେଷ୍ଟୀୟ ସେମାନଙ୍କର
ଗୋଟିକ ପରି ହେବ, କାରଣ ସେ ଜୀବିତ ପରମେଶ୍ୱରଙ୍କ ସୈନ୍ୟଶ୍ରେଣୀକି ତୁଚ୍ଛ କରିଅଛି।
45ତେବେ ଦାଉଦ ପଲେଷ୍ଟୀୟକୁ କହିଲେ, ତୁମ୍ଭେ ଖଡ୍‌ଗ ଘେନି, ବର୍ଚ୍ଛା ଘେନି ଓ ଶଲ୍ୟ ଘେନି ମୋ'
କତିକି ଆସିଅଛ; ମାତ୍ର ତୁମ୍ଭେ ଯାହାଙ୍କୁ ତୁଚ୍ଛ କରିଅଛ, ସେହି ଇସ୍ରାଏଲ ସୈନ୍ୟଶ୍ରେଣୀର ପରମେଶ୍ୱର
ସୈନ୍ୟାଧିପତି ସଦାପ୍ରଭୁଙ୍କ ନାମରେ ତୁମ୍ଭ ନିକଟକୁ ମୁଁ ଆସୁଅଛି।**

ଯେତେବେଳେ ଦାଉଦ ଗଲିୟାତ କୁ ନେବାପାଇଁ ପ୍ରସ୍ତୁତ ହେଲେ ସେତେବେଳେ ଦାଉଦ ଏକ ଗୁରୁତ୍ୱପୁର୍ଣ୍ଣ ସତ୍ୟ କୁ ଜାଣିଥିଲେ। ଦାଉଦ ସୁନ୍ନତ ପ୍ରାପ୍ତ ଥିଲେ, ଅର୍ଥାତ ଦାଉଦ ଏପରି ଜଣେ ବ୍ୟକ୍ତି ଯେ ଈଶ୍ୱରଙ୍କ ସହିତ ନିୟମରେ ବନ୍ଧାଥିଲେ। ସେ ଗଲିୟାତ କୁ *"ଏହି ଅସୁନ୍ନତ ପଲେଷ୍ଟିୟ"* ବୋଲି ଦର୍ଶାଇଥିଲେ। ଏହି ଲୋକ ଈଶ୍ୱରଙ୍କ ନିୟମ ବିହୀନ ବ୍ୟକ୍ତି ଥିଲା। ଯେହେତୁ ଦାଉଦ ଈଶ୍ୱରଙ୍କ ସହିତ ନିୟମରେ ଥିଲେ ସେ ଜାଣିଥିଲେ ଯେ ଜୀବିତ ପରମେଶ୍ୱର ତାଙ୍କ ପକ୍ଷରେ ହେବେ। ବାହିନୀଗଣ ସଦାପ୍ରଭୁ , ସ୍ୱର୍ଗର ପରମେଶ୍ୱର ଓ ଜଗତର ସେନାବାହିନୀ ଦାଉଦଙ୍କର ସହିତଥିଲେ। ଏହା ସେହି ଭିନ୍ନତାକୁ ସୃଷ୍ଟି କରିଥିଲା।

ଯେତେବେଳେ ଦାଉଦ ଗଲିୟାତକୁ ଭେଟିବାପାଇଁ ଦୌଡିଲେ ଈଶ୍ୱରଙ୍କ ସହିତ ଥିବା ନିୟମର ଆଧାରରେ ସେ ତାହା କରିଥିଲେ। ଈଶ୍ୱର କିଏ, ଈଶ୍ୱର କଣ କରିଅଛନ୍ତି ଓ ତାଙ୍କ ମାଧ୍ୟମରେ ସେ କଣ କରିବେ ତାହା ସେ ସାହାସର ସହିତ ଘୋଷଣା କଲେ। ଦାଉଦ ସାହାସର ସହିତ କହିପାରିଥିଲେ କାରଣ ସେ ଈଶ୍ୱରଙ୍କ ସହିତ ନିୟମରେ ଥିବାର ବ୍ୟକ୍ତି ଥିଲେ।

ତୁମେ କେଉଁ ରକ୍ଷାସମାନଙ୍କର ସାମନା କରୁଛ? ଈଶ୍ୱରଙ୍କ ନିକଟରେ କୌଣସି ରାକ୍ଷାସ ବଡ ନୁହେଁ। ସାଉଲଙ୍କର ଉତ୍ତମ ତାଲିମପ୍ରାପ୍ତ ସୈନୀକମାନେ ନିଜକୁ ଏହି ରାକ୍ଷାସ (ମହାନଯୋଦ୍ଧା) ସହିତ ତୁଳନା କରୁଥିଲେ ତେଣୁ ସେମାନେ ଭୟଗ୍ରସ୍ତ ହେଉଥିଲେ। ସେମାନେ ଯୁଦ୍ଧକରିବାର ଦୁଃସାହାସ କରୁନଥିଲେ। ଦାଉଦ ସେହି ମହାଯୋଦ୍ଧାକୁ ଅନାଇଲେ ଓ ହୃଦୟଙ୍ଗମ କଲେ ଯେ ବାହିନୀଗଣର ପ୍ରଭୁ ଙ୍କ ସହିତ ଏହି ମହାଯୋଦ୍ଧାର କୌଣସି ମେଳ ନାହିଁ। ଆପଣମାନେ ଯେକୌଣସି ରାକ୍ଷାସର ସାମନା କରୁଛ, ଅସୁସ୍ଥତା, ଆର୍ଥିକ ସମସ୍ୟା, ଋଣ, ତୁମ ପରିବାରର ସମସ୍ୟା ଆଇନଗତ ଲଢେଇ ଯାହାକିଛିବି ହେଉ ମନେରଖନ୍ତୁ ଈଶ୍ୱରଙ୍କ ନିକଟରେ ତୁମର ରାକ୍ଷାସ ମାନଙ୍କର କୌଣସି ମେଳନାହିଁ। ତୁମେ ଈଶ୍ୱରଙ୍କ ସହିତ ନିୟମରେ ଥିବା ବ୍ୟକ୍ତି ଅଟ,ଈଶ୍ୱର ତୁମ ପକ୍ଷରେ ଅଛନ୍ତି। ଘୋଷଣାକର ଯେ ତୁମେ ତୁମର ରାକ୍ଷାସ କୁ ପରାସ୍ତ କରିବ, ଘୋଷଣା କର ତୁମର ରାକ୍ଷାସ ମାନେ ପରାଜିତ ହୋଇସାରିଛନ୍ତି ତୁମେ ବିଜୟୀ। ଯୀଶୁଙ୍କ ନାମରେ ତୁମର ବିଜୟକୁ ଘୋଷଣା କର। ଈଶ୍ୱର ତୁମ ପକ୍ଷରେ ଅଛନ୍ତି ସେ ତୁମପାଇଁ ଯୁଦ୍ଧ କରିବେ।

# 10
# ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣ ଯୋଗ୍ୟ ବାକ୍ୟ ସମୁହ ଘୋଷଣା କରନ୍ତୁ

**ଗୀତସଂହିତା 19:14**

**ହେ ସଦାପ୍ରଭୋ, ମୋହର ଶୈଳ ଓ ମୋହର ମୁକ୍ତିକର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ' ମୁଖର ବାକ୍ୟ ଓ ମୋ' ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ।**

ଗୀତସଂହିତା 19 ଗୀତରେ ଈଶ୍ୱରଙ୍କ ମହାନତା ଓ ତାଙ୍କ ବାକ୍ୟର ଶୁଦ୍ଧତା କୁ ଘୋଷଣା କଲାପରେ ଦାଉଦ ପ୍ରାର୍ଥନା କରୁଛନ୍ତି ଯେ, ତାଙ୍କର ମୁଖର ବାକ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ହେଉ। ଏବ୍ରୀ ଭାଷାରେ "ଗ୍ରହଣୀୟ" "ସୁଗ୍ରାହ୍ୟ" ଶବ୍ଦର ଅର୍ଥ "ସନ୍ତୋଷଜନକ, ଆନନ୍ଦଦାୟକ, ଅନୁକୁଳ।"

ଆମେ କହୁଥିବା ବାକ୍ୟକୁ ମନୋନୟନ କରିପାରିବା। ଯେଉଁ ବାକ୍ୟ ଗୁଡିକ ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣ ଯୋଗ୍ୟ, ସନ୍ତୋଷଜନକ, ଆନନ୍ଦଦାୟକ, ଅନୁକୁଳ ତାକୁ ମନୋନୟନ କରିପାରିବା। ଆମର ବାକ୍ୟ ଯେବେ ଈଶ୍ୱରଙ୍କ ବାକ୍ୟର ସମାନତାରେ ବିଶୁଦ୍ଧ,ଓ ଯଥାର୍ଥ ହେବ ତେବେ ଆମର ବାକ୍ୟ ନିଶ୍ଚିତ ଭାବରେ ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣଯୋଗ୍ୟ, ସନ୍ତୋଷଜନକ, ଏବଂ ଆନନ୍ଦଜନକ ହେବ। ଯେତେବେଳେ ଆମେ ତାଙ୍କ ଗୌରବକୁ ଘୋଷଣା କରିବାର ବାକ୍ୟ କହିବା ତେବେ ଆମର ବାକ୍ୟ ଗୁଡିକ ତାଙ୍କ ଦୃଷ୍ଟିରେ ସନ୍ତୋଷଜନକ ହେବ। ଯେତେବେଳେ ଆମେ ଈଶ୍ୱର କଣ କରିପାରନ୍ତି ସେ ବିଷୟରେ କହିବା ତେବେ ଆମର ବାକ୍ୟଗୁଡିକ ତାଙ୍କ ଦୃଷ୍ଟିରେ ସନ୍ତୋଷଜନକ ହେବ। ଯେତେବେଳେ ଆମେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟଜନକ ପ୍ରକୃତି, ତାଙ୍କର ପ୍ରେମ, ତାଙ୍କର କରୁଣା, ତାଙ୍କର ଦୟା ବିଷୟରେ କହିବା ତେବେ ଆମର ବାକ୍ୟଗୁଡିକ ତାଙ୍କ ଦୃଷ୍ଟିରେ ଗ୍ରହଣ ଯୋଗ୍ୟ ହେବ।

ଏବ୍ରୀ 11:6 ଆମକୁ ଶିଖାଏ ଯେ ବିଶ୍ୱାସ ଈଶ୍ୱରଙ୍କୁ ପ୍ରସନ୍ନ କରିଥାଏ। ବିଶ୍ୱାସର ବାକ୍ୟ ଘୋଷଣା କର। ତୁମର ବିଶ୍ୱାସର ବାକ୍ୟ, ଈଶ୍ୱର କିଏ ଓ ଆପଣା

ଲୋକମାନଙ୍କ ପ୍ରତି କଣ କରିଅଛନ୍ତି ତାହା ଘୋଷଣା କର। ଈଶ୍ୱରଙ୍କ ଠାରେ ତୁମ ବିଶ୍ୱାସ, ତାଙ୍କର ବାକ୍ୟ,ଓ ତୁମ ଜୀବନରେ କାର୍ଯ୍ୟକରୁଥିବା ତାଙ୍କ ବାକ୍ୟର ଶକ୍ତିକୁ ଘୋଷଣା କର। ବିଶ୍ୱାସ ଈଶ୍ୱରଙ୍କୁ ପ୍ରସନ୍ନ କରିଥାଏ। ବିଶ୍ୱାସର ବାକ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ଗ୍ରହଣଯୋଗ୍ୟ, ସନ୍ତୋଷଜନକ ଓ ଆନନ୍ଦଜନକ ଅଟେ।

ପ୍ରତ୍ୟେକ ପରିସ୍ଥିତିରେ ଯାହା ଈଶ୍ୱରଙ୍କ ଗ୍ରହଣ ଯୋଗ୍ୟ, ସନ୍ତୋଷଜନକ ଏବଂ ଆନନ୍ଦଜନକ ସେସମସ୍ତ ବାକ୍ୟ କହନ୍ତୁ। ବିଶ୍ୱାସ ର ହୃଦୟରୁ ବିଶ୍ୱାସର ବାକ୍ୟ ଘୋଷଣା କରନ୍ତୁ।

# 11
# ଈଶ୍ୱର ଅପଣଙ୍କ ନିମନ୍ତେ କିଏ ତାହା ପ୍ରତ୍ୟେକ ପରିସ୍ଥିତିରେ ଘୋଷଣା କରନ୍ତୁ

**ଗୀତସଂହିତା 27:1-3**
**1 ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ; ମୁଁ କାହାକୁ ଭୟ କରିବି?**
**ସଦାପ୍ରଭୁ ମୋ' ଜୀବନର ବଳ; ମୁଁ କାହାଠାରୁ ଭୀତ ହେବି?**
**2 ଦୁଷ୍କର୍ମକାରୀଗଣ ମୋହର ମାଂସ ଗ୍ରାସ କରିବା ପାଇଁ ମୋତେ ଆକ୍ରମଣ କରିବା ବେଳେ ମୋହର ସେହି ବିପକ୍ଷ ଓ ଶତ୍ରୁମାନେ ଝୁଣ୍ଟି ପତିତ ହେଲେ।**
**3 ସୈନ୍ୟଦଳ ମୋ' ବିରୁଦ୍ଧରେ ଛାଉଣି କଲେ ହେଁ ମୋହର ଅନ୍ତଃକରଣ ଭୟ କରିବ ନାହିଁ; ଯେବେ ଯୁଦ୍ଧ ମୋ' ବିରୁଦ୍ଧରେ ଉଠେ, ତେବେ ମଧ୍ୟ ମୁଁ ସାହସିକ ହେବି।**

କଠିନ ପରିସ୍ଥିତି ସମୟରେ ଦାଉଦ କଣ କହୁଅଛନ୍ତି ତାହା ବିବେଚନା କରନ୍ତୁ। ସେ ମାନୁଛନ୍ତି ଯେ ସେଠାରେ ବିପକ୍ଷ ଓ ଶତ୍ରୁଗଣ ଅଛନ୍ତି। ତଥାପି ତାଙ୍କପାଇଁ ଈଶ୍ୱର କିଏ ତାହା ସେ ଘୋଷଣା କରୁଛନ୍ତି—ସଦାପ୍ରଭୁ, ମୋହର ଦୀପ୍ତି, ମୋହର ପରିତ୍ରାଣ, ମୋ ଜୀବନର ବଳ। ଏବଂ ଯେହେତୁ ପରମେଶ୍ୱର ତାଙ୍କ ପାଇଁ କିଏ ଦାଉଦ ନିର୍ଭିକ ହୋଇ ଏହି ବ୍ୟକ୍ତବ୍ୟ ଦେଇପାରୁଛନ୍ତି *"ମୁଁ କାହାକୁ ଭୟ କରିବି," "ମୁଁ କାହାଠାରୁ ଭୀତ ହେବି," "ମୋହର ଅନ୍ତଃକରଣ ଭୟ କରିବ ନାହିଁ," "ମୁଁ ସାହସିକ ହେବି।"* ଯେହେତୁ ସଦାପ୍ରଭୁ ତାଙ୍କ ସହିତରେ ଅଛନ୍ତି, ସେ ପ୍ରକାଶ୍ୟରେ ତାଙ୍କର ଶତ୍ରୁ ମାନଙ୍କର ପରାଜୟକୁ ଘୋଷଣା କରୁଅଛନ୍ତି।

ଦାଉଦଙ୍କ ଉଦାହରଣକୁ ଅନୁସରଣ କରିବା ଠିକ ହେବ କି? ଅବଶ୍ୟ। ପ୍ରତ୍ୟେକ ପରିସ୍ଥିତିରେ ଆମେ ମଧ୍ୟ ସାହସର ସହିତ ଛିଡା ହେବା। ସଦାପ୍ରଭୁ ଆମ ପାଇଁ କିଏ ତାହା ଘୋଷଣା କରିପାରିବା *"ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ; ମୁଁ କାହାକୁ ଭୟ କରିବି? ସଦାପ୍ରଭୁ ମୋ' ଜୀବନର ବଳ; ମୁଁ କାହାଠାରୁ ଭୀତ ହେବି?"* ପ୍ରତିକୂଳ ଅବସ୍ଥାରେ ସଦାପ୍ରଭୁ ମୋହର ଉଦ୍ଧାର କର୍ତ୍ତା ଏହା ଆମେ ଘୋଷଣା କରିପାରିବା। ଅସୁସ୍ଥତା ମଧ୍ୟରେ ସେ ଆମର ସୁସ୍ଥକାରୀ ଏହା ଆମେ ଘୋଷଣା କରିପାରିବା। ଅଭାବ ସମୟରେ ସେ ଆମର ପ୍ରତିପାଳକ ଏହା ଘୋଷଣା

କରିପାରିବା। ନିରାଶ ଅବସ୍ଥାରେ ଆମେ ଘୋଷଣା କରିପାରିବା ଯେ ସେ ଆମର ଶୋକକୁ ନୃତ୍ୟରେ ପରିଣତ କରିପାରନ୍ତି। ଆମେ ଘୋଷଣା କରିପାରିବା ଯେ କ୍ରନ୍ଦନ ରାତ୍ରୀପାଇଁ ପ୍ରବାସ କରିପାରେ, ମାତ୍ର ପ୍ରାତଃକାଳରେ ଆନନ୍ଦ ଆସେ।

ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକକୁ ଅସ୍ୱୀକାର କରୁନାହୁଁ। ସେଠାରେ ବିପକ୍ଷ ଓ ଶତ୍ରୁଗଣ ଅଛନ୍ତି ବୋଲି ଅସ୍ୱୀକାର କରୁନାହୁଁ। ଯାହା ବି ଆମେ ସାମ୍ନା କରୁ ତା ସତ୍ତ୍ୱେ,  ଆମେ ଘୋଷଣା କରୁ ଯେ ଈଶ୍ୱର କିଏ, ତାଙ୍କଠାରେ ଆମର କଣ ଅଛି ଏବଂ ତାହାଙ୍କ ହେତୁରୁ ଆମର ଦୃଢବିଶ୍ୱାସ ଅଛି । ପ୍ରତ୍ୟେକ ପରିସ୍ଥିତିରେ ତୁମପାଇଁ ଈଶ୍ୱର କଣ ତାହା ସ୍ୱୀକାର କର। ପ୍ରତ୍ୟେକ ଅବସ୍ଥାରେ ତାଙ୍କଠାରେ ଆମର କଣ ଅଛି ତାହା ସ୍ୱୀକାର କର। ପ୍ରତ୍ୟେକ ପରିସ୍ଥିତିରେ ତାହାଙ୍କଠାରେ ତୁମର ଯେଉଁ ସାହସ, ଦୃଢବିଶ୍ୱାସ, ଆନନ୍ଦ, ସଫଳତା ଏବଂ ବିଜୟ ଅଛି ତାହା ଘୋଷଣା କର। ଦାଉଦ କରିଥିଲେ ତେଣୁ ତୁମେ ମଧ୍ୟ କରିପାରି!

# 12
# ପାର୍ଥିବ ଜଗତ ସଦାପ୍ରଭୁଙ୍କ ସ୍ୱରକୁ ଉତ୍ତର ଦିଏ

**ଗୀତସଂହିତା 29:3-9**
**3 ଜଳରାଶି ଉପରେ ସଦାପ୍ରଭୁଙ୍କର ରବ ଅଛି; ଗୌରବମୟ ପରମେଶ୍ୱର ବଜ୍ରନାଦ କରନ୍ତି,**
**ସଦାପ୍ରଭୁ ଅପାର ଜଳରାଶି ଉପରେ ବିଦ୍ୟମାନ।**
**4 ସଦାପ୍ରଭୁଙ୍କ ରବ ଶକ୍ତିବିଶିଷ୍ଟ; ସଦାପ୍ରଭୁଙ୍କ ରବ ପ୍ରତାପପୂର୍ଣ୍ଣ।**
**5 ସଦାପ୍ରଭୁଙ୍କ ରବ ଏରସ ବୃକ୍ଷମାନ ଭାଙ୍ଗି ପକାଏ;**
**ହଁ, ସଦାପ୍ରଭୁ ଲିବାନୋନ୍‌ର ଏରସ ବୃକ୍ଷସବୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାନ୍ତି।**
**6 ମଧ୍ୟ ସେ ସେମାନଙ୍କୁ ଗୋବତ୍ସ ପରି; ଲିବାନୋନ୍ ଓ ସିରିୟୋନକୁ ଅରଣା ଛୁଆ ପରି ନଚାନ୍ତି।**
**7 ସଦାପ୍ରଭୁଙ୍କ ରବ ଅଗ୍ନିଶିଖା ବିଭକ୍ତ କରେ।**
**8 ସଦାପ୍ରଭୁଙ୍କ ରବ ପ୍ରାନ୍ତରକୁ କମ୍ପିତ କରେ; ସଦାପ୍ରଭୁ କାଦେଶର ପ୍ରାନ୍ତରକୁ କମ୍ପିତ କରନ୍ତି।**
**9 ସଦାପ୍ରଭୁଙ୍କ ରବ ହରିଣୀମାନଙ୍କୁ ପ୍ରସବ କରାଏ**
**ଓ ବନସମୂହକୁ ବିବସ୍ତ୍ର କରେ; ପୁଣି, ତାହାଙ୍କ ମନ୍ଦିରରେ ସମସ୍ତ ବିଷୟ ଗୌରବ, ଗୌରବ ବୋଲି କହନ୍ତି।**

ଏହି ଗୀତରେ ଈଶ୍ୱର ଙ୍କ ମହାନତାକୁ ଘୋଷଣା କରି  ଦାଉଦ ପ୍ରଭୁଙ୍କର ରବ ର ମହାନତା ଓ ଶକ୍ତିକୁ ଘୋଷଣା କରିବାକୁ ଅଗ୍ରସର ହେଉଛନ୍ତି। ଈଶ୍ୱରଙ୍କ ରବ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ନିର୍ଗତ  ହୋଇଥାଏ। ଈଶ୍ୱର ଯାହା କହନ୍ତି ସେ ତାହା ତାଙ୍କ ବାକ୍ୟ ଦ୍ୱାରା ପ୍ରକାଶିତ କରିଥାନ୍ତି। ଏହି ପାଠ୍ୟାଂଶ ପୁଣିଥରେ ଆମକୁ ପ୍ରକାଶ କରେ ଯେ, ପ୍ରାକୃତିକ ଜଗତର ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ (ରବ) କୁ ଈଶ୍ୱରଙ୍କ ବାକ୍ୟରେ ଉତ୍ତର ଦେଇଥାଏ। ସଦାପ୍ରଭୁଙ୍କର ବାକ୍ୟ (ରବ) ଜଳରାଶି ଉପରେ ବିଚରଣ କରୁଛି ଅର୍ଥାତ ସଦାପ୍ରଭୁ ଜଳରାଶି ଉପରେ ବିଚରଣ କରୁଛନ୍ତି। ଈଶ୍ୱରଙ୍କ ବାକ୍ୟ (ରବ) ତାଙ୍କର ଶକ୍ତି ଓ ମହିମାର ଅଭିବ୍ୟକ୍ତି। ପ୍ରତ୍ୟେକ ସୃଷ୍ଟି ସଜୀବ ଓ ନିର୍ଜୀବ ତାଙ୍କ ବାକ୍ୟ ର ଉତ୍ତର ଦିଅନ୍ତି।

ଧର୍ମଶାସ୍ତ୍ରରେ ଏମିତି କିଛିସମୟଥିଲା ଯେବେ ପବିତ୍ରାତ୍ମା ଲୋକମାନଙ୍କ ଉପରେ ବିଚରଣ କରୁଥିଲେ ମନୁଷ୍ୟମାନଙ୍କ ରବ ମାଧ୍ୟମରେ ଈଶ୍ୱରଙ୍କ ରବ ପ୍ରକାଶିତ

ହୋଇଥିଲା। ଯେହେତୁ ସେମାନେ ପବିତ୍ର ଆତ୍ମାଙ୍କ ଚାଳନାରେ କଥା କହିଥିଲେ ଈଶ୍ୱରଙ୍କ ବାକ୍ୟ ସେମାନଙ୍କ ମାଧ୍ୟମରେ ଆସିଥିଲା।ସେମାନଙ୍କ ବିଷୟରେ ଏହା କୁହାଯାଏ ଯେ, ଈଶ୍ୱରଙ୍କ ବାକ୍ୟ ସେମାନଙ୍କ ସହିତରେ ଥିଲା। ଯେତେବେଳେ ପବିତ୍ର ଆତ୍ମାଙ୍କ ଅଭିଷେକରେ ଈଶ୍ୱରଙ୍କ ବାକ୍ୟ(ରବ) ମନୁଷ୍ୟ ମାନଙ୍କର ରବ ମାଧ୍ୟମରେ ଆସିଲା ସେତେବେଳେ ଆଶ୍ଚର୍ଯ୍ୟଜନକ ବିଷୟସବୁ ଘଟଟିଥିଲା। ପଥରରୁ ଜଳ ପ୍ରବାହିତ ହେଲା, ସମୁଦ୍ର ଓ ନଦୀ ଦୁଇ ଭାଗ ହେଲା. ସୂର୍ଯ୍ୟ ସ୍ଥିର ହୋଇରହିଲା, ସୁର୍ଯ୍ୟ ୧୦ ଡିଗ୍ରୀ ପଛକୁ ଘୁଞ୍ଚିଗଲା, ତେଲ ଆଉ ମଇଦା ବହୁଗୁଣିତ ହେଲା ବୁଡିଗଲା ଲୁହା କୁହାଡି ପାଣିରେ ଭାସିଲା। ଆହୁରି ଅନେକ କିଛି ହୋଇଥିଲା।

ବିଶ୍ୱାସୀ ଭାବରେ, ବିଶ୍ୱାସରେ ଈଶ୍ୱରଙ୍କ ବାକ୍ୟ କୁ କହିବାର ସୌଭାଗ୍ୟ ଆମମାନଙ୍କର ଅଛି। ଈଶ୍ୱର ଯାହା କହିସାରିଛନ୍ତି ସେହି ବାକ୍ୟ କୁ ନେଇ ବିଶ୍ୱାସରେ ଆମେ ତାକୁ ଆଜି କହିବା। ଯେପରି ଅତୀତର ଭଳି, ଏମିତି କିଛି ସମୟ ଅଛି ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆମକୁ ଚାଳନା ଦିଅନ୍ତି; ତେଣୁକରି ପ୍ରଭୁ ଯାହାକିଛି କହିବାକୁ ଚାଳନା ଦିଅନ୍ତି ତାହା ଆମେ କହିବା। ଯେତେବେଳେ ଆମେ ବାକ୍ୟ କହିଥାଉ ଈଶ୍ୱରଙ୍କ ରବ ଆମ ବାକ୍ୟ(ରବ) ମାଧ୍ୟମରେ ପ୍ରକାଶିତ ହୋଇଥାଏ। ବାସ୍ତବିକ ଜଗତ ତାଙ୍କର ରବ ର ଉତ୍ତର ଦେଇଥାଏ। ଉଭୟ ବିଷୟ କରିବାକୁ ଶିଖ। ନିଜ ହୃଦୟରେ ବିଶ୍ୱାସର ସହିତ ଈଶ୍ୱରଙ୍କ ବାକ୍ୟ କୁ କୁହ। ପବିତ୍ର ଆତ୍ମାଙ୍କ ପ୍ରେରଣାରେ ଈଶ୍ୱରଙ୍କ ରବ କୁ ପ୍ରକାଶ କର।

# 13
# ପାର୍ଥିବ ଜଗତ ତାହାଙ୍କ ବାକ୍ୟ ଦ୍ୱାରା ନିର୍ମିତ ଓ ଆକାର ପ୍ରାପ୍ତ

**ଗୀତସଂହିତା 33:6,9**
**[6] ଗଗନମଣ୍ଡଳ ସଦାପ୍ରଭୁଙ୍କ ବାକ୍ୟରେ,**
**ଆଉ ତହିଁର ସମସ୍ତ ବାହିନୀ ତାହାଙ୍କ ମୁଖର ନିଶ୍ୱାସରେ ନିର୍ମିତ।**
**[9] ସେ କହିବା ମାତ୍ରେ ସୃଷ୍ଟି ହେଲା,**
**ସେ ଆଜ୍ଞା କରିବା ମାତ୍ରେ ସ୍ଥିତି ହେଲା।**

ସମ୍ପୁର୍ଣ୍ଣ ଧର୍ମଶାସ୍ତ୍ରରେ ଉପସ୍ଥାପିତ ଗୋଟିଏ ସତ୍ୟ ହେଉଛି, ଈଶ୍ୱର ଆପଣା ବାକ୍ୟ ଦ୍ୱାରା ପ୍ରତ୍ୟେକ ବିଷୟକୁ  ସୃଷ୍ଟି କରିଛନ୍ତି। ସେ କହିଲେ. ସେ ଆଜ୍ଞା ହେଲେ। ସେ ଆପଣା ମୁଖଦ୍ୱାରା ଶ୍ୱାସ ବାୟୁ କୁ ପ୍ରବେଶ କରାଇଲେଏ। ସେ ବାକ୍ୟକୁ ମୁକ୍ତ କଲେ। ସେ ଦୃଶ୍ୟମାନ ପ୍ରାକୃତିକ କ୍ଷେତ୍ରକୁ ଅସ୍ତିତ୍ୱ ରେ ଆସିବା ନିମନ୍ତେ କହିଲେ। ଏହା କୁ ବୁଝିବା ଆମପାଇଁ ଗୁରୁତ୍ୱପୁର୍ଣ୍ଣ ଅଟେ।

ଭୌତିକ ଜଗତର ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ବାକ୍ୟର ବଶୀଭୁତ ଅଟେ।

ଈଶ୍ୱରଙ୍କ ବାକ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି। ଈଶ୍ୱରଙ୍କ ବାକ୍ୟ ଆମର "ସଂସାର"ରେ (ଜୀବନ, ଆମର ଦୈନନ୍ଦିନ ଜୀବନର କ୍ଷେତ୍ରରେ) ଯାହା ନାହିଁ ଈଶ୍ୱରଙ୍କ ବାକ୍ୟ ତାହା ସୃଷ୍ଟି  କରିପାରେ। ଆମେ ଯଦି ଈଶ୍ୱରଙ୍କ ବାକ୍ୟର ଶକ୍ତି କୁ ଆମର ସଂସାର ମଧ୍ୟରେ ମୁକ୍ତ କରିବାର ଶିଖିଯିବା ତେବେ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି  ସେସମସ୍ତ ପାଇପାରିବା।

ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତନ ଏବଂ ରୁପାନ୍ତରିତ କରିପାରେ। ଆମର ସଂସାର ଭିତରେ ଥିବା ଜିନିଷ ଗୁଡିକକୁ (ଆମର ଜୀବନ, ଆମ ଦୈନନ୍ଦିନ ଜୀବନର କ୍ଷେତ୍ରକୁ) ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତିତ ଓ ରୁପାନ୍ତରିତ କରିପାରିବ ଏବଂ  ସେସବୁକୁ  ଆମପାଇଁ ଥିବା ଈଶ୍ୱରଙ୍କ ପ୍ରତିଜ୍ଞାର ସମାନ୍ତରାଳକୁ ଆଣିପାରିବ। କିନ୍ତୁ ଆମେ ନିଶ୍ଚୟ  ଈଶ୍ୱରଙ୍କ

ବାକ୍ୟ କୁ ଆମ ସଂସାର ମଧ୍ୟରେ ଉନ୍ମୁକ୍ତ କରିବାକୁ ଶିଖିବା।

ସମଗ୍ର ଧର୍ମଶାସ୍ତ୍ରରେ ଈଶ୍ୱରଙ୍କ ବାକ୍ୟ କୁ ଆମର ସଂସାରରେ ମୁକ୍ତ କରିବାର ଗୋଟିଏ ଚାବି କାଠି ଈଶ୍ୱର ଆମପାଇଁ ରଖିଛନ୍ତି ତାହାହେଲା, ବିଶ୍ୱାସ ଦ୍ୱାରା ତାଙ୍କର ବାକ୍ୟ କହିବା। ଯେତେବେଳେ ଆମେ ତାଙ୍କର ବାକ୍ୟକୁ ବିଶ୍ୱାସ କରୁ ଏବଂ ତାଙ୍କର ବାକ୍ୟକୁ ଆମ ସଂସାରରେ, ଆମର ପରିସ୍ଥିତିରେ, ଆମର ଅବସ୍ଥାରେ, ଆମର ମନ ଶରୀର, ଆର୍ଥିକ, ପରିବାର, କାର୍ଯ୍ୟକ୍ଷେତ୍ର ଇତ୍ୟାଦିରେ କହିଥାଉ, ଈଶ୍ୱରଙ୍କ ବାକ୍ୟ ର ଶକ୍ତି ଆମର ସଂସାର ମଧ୍ୟରେ ମୁକ୍ତ ହୋଇଥାଏ। ଆମ ସଂସାର ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ବାକ୍ୟର ଅଧିନ ଏବଂ ତାଙ୍କ ବାକ୍ୟର ଅନୁରୁପ କୁ ଅଣାଯିବ। ତାଙ୍କ ବାକ୍ୟ ଦ୍ୱାରା ତୁମର ସଂସାରର ଆକାର ଓ ଗଠନ ହେଉ।

# 14
# ଅପଣଙ୍କ ଜିହ୍ୱା ଆପଣଙ୍କ ପାଇଁ ମଙ୍ଗଳର ଦିନ ଓ ଦୀର୍ଘ ଜୀବନ ଆଣିଦେଇ ପାରେ

**ଗୀତସଂହିତା 34:12-14**

**12 ଯେ ଜୀବନ ବାଞ୍ଛା କରେ ଓ ମଙ୍ଗଳ ଦେଖିବା ପାଇଁ ଦୀର୍ଘାୟୁ ପ୍ରିୟ ମଣେ ଏପରି ବ୍ୟକ୍ତି କିଏ?**
**13 ତୁମ୍ଭେ ହିଂସାରୁ ଆପଣା ଜିହ୍ୱା ଓ ଛଳବାକ୍ୟରୁ ଆପଣା ଓଷ୍ଠାଧର ରକ୍ଷା କର।**
**14 ମନ୍ଦତାରୁ ଦୂର ହୁଅ ଓ ସୁକର୍ମ କର; ଶାନ୍ତି ଅନ୍ୱେଷଣ କର ଓ ତହିଁର ଅନୁଗାମୀ ହୁଅ।**

ଏହି ସ୍ଥାନରେ ଧର୍ମଶାସ୍ତ୍ର ଆମକୁ ଶିଖାଏ ଯେ, ଆମର ବାକ୍ୟଗୁଡିକ  ଆମ ଜୀବନର ଦୈର୍ଘ୍ୟ ଓ ଗୁଣବତ୍ତାକୁ ପ୍ରଭାବିତ କରିଥାଏ। ଦାଉଦ ଏହି ପାଠ୍ୟାଂଶରେ ଏକ ମଙ୍ଗଳ ଓ ଦୀର୍ଘ ଜୀବନ କୁ ଉପଭୋଗ କରିବା ନିମନ୍ତେ ପ୍ରଥମ ବିଷୟ ଦର୍ଶାଉଛନ୍ତି ଯେ ଆମେ ନିଜକୁ ମନ୍ଦ, ଭ୍ରଷ୍ଟ, ଅପବିତ୍ର ଓ କଠୋର ବିଷୟ କହୁବାଠାରୁ ଦୁରେଇ ରଖିବା । ଛଳନା ଓ କପଟତାକୁ ଏଡାଇ ରହିବା। ଜିହ୍ୱାକୁ ବଶରେ ରଖିବା। ଯଥାର୍ଥ ବାକ୍ୟ ଗୁଡିକ କହିବା। ସତ୍ୟର ବାକ୍ୟ କହିବା। ଜୀବନର ବାକ୍ୟ କହିବା। ଏହା ହେଉଛି ପ୍ରଥମ ବିଷୟ।  ଏବଂ ମନ୍ଦ କାର୍ଯ୍ୟ କରିବାଠାରୁ ଦୁରେଇ ରହିବା। ତା ପରିବର୍ତ୍ତେ ଉତ୍ତମ କାର୍ଯ୍ୟ କରିବା ଓ ଶାନ୍ତି ର ଅନ୍ୱେଷଣ କରିବା।

ଆମର ବାକ୍ୟ ଗୁଡିକ ଆମର ଜୀବନକୁ ପ୍ରଭାବିତ କରିଥାଏ। ସେମାନେ ମଙ୍ଗଳ, ଜୀବନ ଓ ଆଶିର୍ବାଦର କାରଣ ହୋଇପାରନ୍ତି, କିମ୍ବା ସେମାନେ ଅମଙ୍ଗଳ, ମୃତ୍ୟୁ ଓ ଅଭିଶାପର କାରଣ ହୋଇପାରନ୍ତି। ଆମର ବାକ୍ୟ ଗୁଡିକ  ହୁଏତ ଗୁରୁତ୍ୱହୀନ ବୋଧ ହୋଇପାରେ ତଥାପି, ଅନେକ କ୍ଷେତ୍ରରେ ସେମାନେ ଆମ ଜୀବନର ଅଭିଜ୍ଞତା ନିର୍ମାଣକାରି  ଛାଞ୍ଚ ହୋଇଥାନ୍ତି। ସେଗୁଡ଼ିକ ମଞ୍ଜି ପରି, ଯାହା ଆମେ ବୁଣିଥାଉ ଆଉ ଗୋଟେ ଦିନ ସେମାନେ ନିଜ ପ୍ରକାର ଅନୁସାରେ ତାହା ଆମଜୀବନରେ ଉତ୍ପାଦନ କରିଥାନ୍ତି। ଈଶ୍ୱର ଆମ ବାକ୍ୟ ଗୁଡିକକୁ  ଆମ ଜୀବନରେ ଏକ ଗୁରୁତ୍ୱପୁର୍ଣ୍ଣ ଭୁମିକାର ନିମନ୍ତେ ପରିକଳ୍ପନା କରିଅଛନ୍ତି। ତୁମର ବାକ୍ୟ ଗୁଡିକକୁ ହାଲୁକାରେ ନିଅନାହିଁ।

ତୁମର ବାକ୍ୟ ଗୁଡିକ ଯତ୍ନସହକାରେ ମନୋନୟନ କର କାରଣ ତୁମର ଜୀବନ ସେହିସବୁ ବାକ୍ୟ ଦ୍ୱାରା ଆକାର ପ୍ରାପ୍ତ ହେବ।

ଆମେ ଯଦି ଈଶ୍ୱରଙ୍କ ବାକ୍ୟକୁ ହିଁ କହିବା ତେବେ ଆମର ବାକ୍ୟ ଗୁଡିକ କେତେ ଶକ୍ତିଶାଳୀ ନହେବ! ଆମେ ଯଦି ସେହି ବାକ୍ୟକୁ ଆମ ଉପରେ ଘୋଷଣାକରୁ ଆମର ଜୀବନ କେତେ ଆଶିର୍ବାଦଯୁକ୍ତ ନ ହେବ। ଈଶ୍ୱରଙ୍କ ନିଜ ବାକ୍ୟରୁ ଜାତ ବାକ୍ୟଗୁଡିକ ଯାହା ଉପରେ ଆମର ଜୀବନ ନିର୍ମିତ ହୋଇଥାଏ ସେହି ନିର୍ମାଣକାରୀ ଛାଞ୍ଚ ହେଉ। ଈଶ୍ୱରଙ୍କ ନିଜରୁ ଜାତ ବାକ୍ୟ ଗୁଡିକ ଆମ ଜୀବନରେ ବୁଣାଯାଇଥିବା ସେହି ମଞ୍ଜି ପରି ହେଉ ଯାହା ଆମ ଆଗାମୀ ଦିନ ମାନଙ୍କରେ ଆମ ଜୀବନରେ ଫଳ ଫଳିବ। ତୁମର ଜିହ୍ୱା ତୁମ ନିମନ୍ତେ ମଙ୍ଗଳ ଏବଂ ଦୀର୍ଘ ଜୀବନ ଆଣୁ। ଈଶ୍ୱର ଙ୍କ ବାକ୍ୟ ଘୋଷାଣା କର।

# 15
# ତାହାଙ୍କ ବାକ୍ୟ ଘୋଷଣା କରିବା ହେଉଛି ତାହାଙ୍କ ନିୟମକୁ ଦାବି କରିବା

**ଗୀତସଂହିତା 50:14-17**

**14 ତୁମ୍ଭେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦରୂପ ବଳି ଉତ୍ସର୍ଗ କର**
**ଓ ସର୍ବୋପରିସ୍ଥଙ୍କ ଉଦ୍ଦେଶ୍ୟରେ ଆପଣା ମାନତ ପୂର୍ଣ୍ଣ କର;**
**15 ପୁଣି, ସଙ୍କଟ ଦିନରେ ଆମ୍ଭକୁ ଡାକ; ଆମ୍ଭେ ତୁମ୍ଭକୁ ଉଦ୍ଧାର କରିବା, ଆଉ ତୁମ୍ଭେ ଆମ୍ଭର ମହିମା**
**ପ୍ରକାଶ କରିବ।**
**16 ମାତ୍ର ଦୁଷ୍ଟକୁ ପରମେଶ୍ୱର କହନ୍ତି, ଆମ୍ଭର ବିଧି ପ୍ରଚାର କରିବାକୁ ଓ ତୁମ୍ଭେ ଯେ ଆମ୍ଭର ନିୟମ**
**ଆପଣା ମୁଖରେ ନେଇଅଛ, ତୁମ୍ଭର କି ଅଧିକାର?**
**17 କାରଣ ତୁମ୍ଭେ ଶିକ୍ଷା ଘୃଣା କରୁଅଛ ଓ ଆମ୍ଭ ବାକ୍ୟ ଆପଣା ପଛେ ପକାଇ ଦେଉଅଛ।**

ଆପଣା ମୁଖରେ ତାଙ୍କର ବାକ୍ୟ ଗୁଡିକ କହିବା, ତାଙ୍କର ନିୟମ ଗୁଡିକୁ ନିଜ ମୁଖରେ ନେବାପରି। ଅର୍ଥାତ ଈଶ୍ୱରଙ୍କ ନିୟମ ବା ପ୍ରତିଜ୍ଞା ଗୁଡିକକୁ ଆହ୍ୱାନ କରିବା ଏବଂ ଦାବି କରିବା। ଈଶ୍ୱର ଅଧାର୍ମିକ ଲୋକମାନଙ୍କୁ ଧମକ ଦିଅନ୍ତି କାରଣ ସେମାନେ ତାଙ୍କର ବାକ୍ୟକୁ ଘୃଣା କରନ୍ତି, ସେମାନେ ଈଶ୍ୱରଙ୍କ ବାକ୍ୟର ସମ୍ମାନ କରନ୍ତି ନାହିଁ। ସେମାନେ ତାଙ୍କର ବାକ୍ୟକୁ ମୁଲ୍ୟହୀନ ମନେକରି ଫିଙ୍ଗି ଦିଅନ୍ତି। ତେଣୁକରି ଯେଉଁମାନେ ତାଙ୍କର ବାକ୍ୟ କୁ ଅବମାନନା କରନ୍ତି, ସେମାନଙ୍କର ତାଙ୍କ ବାକ୍ୟକୁ ନିଜ ମୁଖରେ କହିବାର, କିମ୍ବା ତାଙ୍କ ନିୟମର ଲାଭ ଦାବି ପାଇଁ ଚେଷ୍ଟା କରିବାର କୌଣସି ଅଧିକାର ନାହିଁ।

ସେଯାହା ବି ହେଉ, ଆମେ ଯେଉଁମାନେ ତାଙ୍କର ବାକ୍ୟ କୁ ଘୋଷଣା କରିବା ସମୟରେ ତାଙ୍କର ବାକ୍ୟ କୁ ବିଶ୍ୱାସ ଓ ସମ୍ମାନ କରିଥାଉ, ଏହା ଆମମାନଙ୍କ ପାଇଁ ଈଶ୍ୱରଙ୍କ ସହିତ ଥିବା ନିୟମ ଭାବରେ ଈଶ୍ୱର ଦେଖିଥାନ୍ତି। ଆମେ ଯେତେବେଳେ ତାଙ୍କର ବାକ୍ୟ କୁ ଘୋଷଣା କରିବା ଦ୍ୱାରା ତାଙ୍କର ନିୟମ କୁ ମୁଖରେ ନେଇଥାଉ ଈଶ୍ୱରଙ୍କ ସହିତ ଆମ ନିୟମର ଲାଭକୁ ଦାବି କରିଥାଉ।

ଈଶ୍ୱର ହେଉଛନ୍ତି ଯିହୋବା,ଅନନ୍ତ, ସ୍ୱଂ ବିଦ୍ୟମାନ, ଅପରିବର୍ତ୍ତନୀୟ ଈଶ୍ୱର ଯେ ନିୟମ ପାଳନ କରନ୍ତି ଓ ପ୍ରତିଜ୍ଞା ପୁରଣ କରନ୍ତି। ସେ କଦାପି ତାଙ୍କର ନିୟମ ଭାଙ୍ଗିବେ ନାହିଁ କିମ୍ବା ତାଙ୍କ କହିଥିବା ବାକ୍ୟ ଗୁଡିକ ସେ ବଦଳାଇବେ ନାହିଁ। ଆମେମାନେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ସହିତ ତାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଏକ ରକ୍ତ ନିୟମରେ ଅଛୁ। ଆମ ସହିତ ତାଙ୍କ ରକ୍ତ ନିୟମ ମାଧ୍ୟମରେ, ସେ ଆପଣାର ସମସ୍ତ ବିଷୟକୁ ଆମମାନଙ୍କ ନିମନ୍ତେ ଉପଲବ୍ଧ କରାଇଅଛନ୍ତି। ଏସମସ୍ତରୁ କିଛି ଆମେ ତାଙ୍କର ନିୟମର ନାମ ମାଧ୍ୟମରେ ବୁଝିପାରିଥାଉ। ତୁମର ନିୟମର ଆଶିର୍ବାଦ ଗୁଡିକକୁ ଜାଣ। ଯେକୌଣସି ପରିସ୍ଥିତିରେ ତାଙ୍କର ବାକ୍ୟକୁ ଘୋଷଣାକର ଏବଂ ତୁମ ନିୟମର ଆଶିର୍ବାଦର ଦାବିକୁ ନେଇ ଚାଲ।

# 16
# ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି

**ଗୀତସଂହିତା 91:1,2**

**1 ଯେଉଁ ଜନ ସର୍ବୋପରିସ୍ଥଙ୍କ ଆବୃତ ସ୍ଥାନରେ ବାସ କରେ,**

**ସେ ସର୍ବଶକ୍ତିମାନଙ୍କ ଛାୟା ତଳେ ବସତି କରିବ।**

**2 ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋହର ଆଶ୍ରୟ ଓ ମୋହର ଦୁର୍ଗ; ମୋହର ପରମେଶ୍ୱର, ମୁଁ ତାହାଙ୍କଠାରେ ନିର୍ଭର ରଖେ।**

ସଦାପ୍ରଭୁଙ୍କ ବିଷୟରେ ତୁମେ କଣ କହିବ? ଗୀତରଚକ ପ୍ରଭୁଙ୍କ ବିଷୟରେ କହନ୍ତି ସେ ତାଙ୍କର ଆଶ୍ରୟ ଓ ଦୁର୍ଗ । ଆପଣା ସୁରକ୍ଷା ନିମନ୍ତେ ସେ ପ୍ରଭୁଙ୍କଠାରେ ଆପଣା ବିଶ୍ୱାସ, ଆସ୍ଥା, ଦୃଢବିଶ୍ୱାସ ଓ ନିର୍ଭରତା ସ୍ଥାପନ କରୁଅଛନ୍ତି।

ସଦାପ୍ରଭୁଙ୍କ ବିଷୟରେ ତୁମେ କଣ କହିବ?

- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ରକ୍ଷାକର୍ତ୍ତା, ମୋର ସମସ୍ତ ପାପରୁ ସେ ମତେ ରକ୍ଷା କରିଅଛନ୍ତି, ମୋ ଜୀବନରେ ପାପର ଶକ୍ତିକୁ ଭଗ୍ନ କରିଛନ୍ତି। ପାପର କର୍ତ୍ତୃତ୍ୱରୁ ମୁଁ ମୁକ୍ତ।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ସ୍ୱର୍ଗସ୍ଥ ପିତା., ନିଜର ପରି ସେ ମୋର ଯତ୍ନ ନିଅନ୍ତି। ତାଙ୍କ ପ୍ରେମ କଦାପି ଶେଷହୁଏ ନାହିଁ କି ବିଫଳ ହୁଏନାହିଁ। ସେ ମତେ ନିଜର ଭାବରେ ଗ୍ରହଣ କରିଛନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ଆରୋଗ୍ୟକାରୀ ଓ ଉଦ୍ଧାର କାରୀ. ସମସ୍ତ ରୋଗରୁ ସେ ମତେ ସୁସ୍ଥ କରନ୍ତି। ସମସ୍ତ ଯାତନା ଓ ପ୍ରତିକୁଳ ପରିସ୍ଥିତିରୁ ସେ ମତେ ଉଦ୍ଧାର କରନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ତ୍ରାଣକର୍ତ୍ତା। ଅନ୍ଧକାରର ଶକ୍ତିରୁ ସେ ମୋତେ ମୁକ୍ତ କରିଛନ୍ତି ଓ ଆପଣା ରାଜ୍ୟକୁ ମୋତେ ସ୍ଥାନାନ୍ତରିତ କରିଛନ୍ତି। ମୁଁ ତାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପରିତ୍ରାଣ ପାଇଅଛି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ଧାର୍ମିକତା। ମୁଁ କୌଣସି

ଅପରାଧ ବୋଧ, ଲଜ୍ଜ୍ୟା, ତୁଚ୍ଛତା କିମ୍ବା ଦଣ୍ଡାଜ୍ଞା ବିନା ମୁଁ ତାହାଙ୍କ ଧାର୍ମିକତା ର ବସ୍ତ୍ର ପରିଧାନ କରି ଠିଆ ହୋଇଛି। ମୁଁ ତାହାଙ୍କ ସମ୍ମୁଖରେ ପବିତ୍ର ଓ ଦୋଷରହିତ।

- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ଯୋଗାଣକାରୀ, ତାଙ୍କର ଐଶ୍ବର୍ଯ୍ୟ ଅନୁସାରେ ସେ ମୋର ସମସ୍ତ ଆବଶ୍ୟକତାକୁ ପୁରଣ କରନ୍ତି। କୌଣସି ଉତ୍ତମ ବିଷୟ ମୋଠାରୁ ଅଟକାଇ ରଖିବେ ନାହିଁ ଏବଂ ସମସ୍ତ ଅନୁଗ୍ରହ ପ୍ରଚୁର ପରିମାଣରେ ଦେବେ।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ସେ ମୋର ସିଦ୍ଧିଦାତା, ଯିଏ ଆପଣା ନିମନ୍ତ ମୋତେ ପୃଥକ କରିଛନ୍ତି। ସେ ଯେପରି ପବିତ୍ର ମୁଁ ମଧ୍ୟ ପବିତ୍ର। ତାଙ୍କର ନିଜର ବିଶେଷ ଲୋକମାନଙ୍କର ଅଂଶ କରିବା ପାଇଁ ସେ ମୋତେ ପରିଷ୍କୃତ କରିଛନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ପ୍ରତିପାଳକ ଯିଏ ମୋତେ କଢାଇ ନିଅନ୍ତି, ମୋତେ ଯୋଗାନ୍ତି, ମୋତେ ରକ୍ଷା କରନ୍ତି, ମୋତେ ମାର୍ଗ ଦର୍ଶନ କରାନ୍ତି ଏବଂ ପୁନଃରୁଦ୍ଧାର କରନ୍ତି। ସେ ମୋ ଶତ୍ରୁଗଣଙ୍କ ସମ୍ମୁଖରେ ମେଜ ସଜାଇ ରଖନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି ସେ ମୋର ପରାମର୍ଶଦାତା ଯେ ମୋତେ ମାର୍ଗଦର୍ଶନ କରନ୍ତି ଓ ମୋ ପାଦଗତିକୁ ସଳଖ କରନ୍ତି। ମୋର ପାଦଗତି ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ, ଯଦିବା ମୁଁ ପଡିଯାଏ ସେ ମୋତେ ତୋଳିଧରନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି ସେ ମୋର ସାହାର୍ଯ୍ୟକାରୀ। ମୋହର ସାହାର୍ଯ୍ୟ ସ୍ୱର୍ଗ ଓ ପୃଥିବୀର ନିର୍ମାଣକାରି ପ୍ରଭୁଙ୍କଠାରୁ ଆସିଥାଏ। ସେ କେବେହେଲେ ମତେ ନିରାଶ କରିବେନାହିଁ।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ଧାର୍ମିକ ବିଚାରକର୍ତ୍ତା ଓ ନ୍ୟାୟକର୍ତ୍ତା। ମୁଁ ମୋର କଥା ତାଙ୍କ ସମ୍ମୁଖରେ ରଖେ। ମୁଁ ମନ୍ଦ ବଦଳରେ ମନ୍ଦ କରେ ନାହିଁ। ମୁଁ ମନ୍ଦ କୁ ଉତ୍ତମତାରେ ଜୟକରେ। ମୋର ଈଶ୍ୱର ମୋତେ ନ୍ୟାୟ ପ୍ରଦାନ କରନ୍ତି।
- ମୁଁ ସହାପ୍ରଭୁଙ୍କ ବିଷୟରେ କହିବି ସେ ମୋର ଧ୍ୱଜା। ତାହାଙ୍କ ନାମରେ ମୁଁ ବିଜୟ ପାଏ। ପ୍ରତ୍ୟେକ ଅବସ୍ଥାରେ ସେ ମତେ ଜୟଯୁକ୍ତ କରନ୍ତି। ତାଙ୍କ ମାଧ୍ୟମରେ ମୁଁ

ନିର୍ଭିକ ହୋଇଥାଏ  କାରଣ ସେ ମତେ ଜୟ ପ୍ରଦାନ କରନ୍ତି।

- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ଶାନ୍ତି ସେ ମୋ ଜୀବନକୁ ଶାନ୍ତିରେ ସମ୍ପୂର୍ଣ୍ଣ ଶାନ୍ତିରେ ସମ୍ପୂର୍ଣ୍ଣ ସୁସ୍ଥତାରେ  ପୂର୍ଣ୍ଣ କରନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି ସେ ମୋର ସୁରକ୍ଷାକାରୀ,କୌଣସି ଅମଙ୍ଗଳ ମୋଉପରେ  ଆସିବ ନାହିଁ ଯେ ମତେ ପ୍ରହରୀ କନ୍ତି ସେ ନିଦ୍ରା ଯାନ୍ତି ନାହିଁ। ତାଙ୍କର ଦୁତମାନେ ମୋର ଯତ୍ନ ନିଅନ୍ତି।
- ମୁଁ ସଦାପ୍ରଭୁଙ୍କ  ବିଷୟରେ କହିବି, ସେ ମୋର ବଳକାରୀ। ସେ ମୋ ଜୀବନର ବଳ, ଯେତେବେଳେ ମୁଁ ତାଙ୍କର ଅପେକ୍ଷାକରେ ସେ ଉତ୍କ୍ରୋଶ ପକ୍ଷୀର ପକ୍ଷ ପରି  ମତେ ଉଠିବାକୁ ସଶକ୍ତ  କରନ୍ତି।
- ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋର ପୁରସ୍କାରଦାତା। ତାଙ୍କ ନାମରେ କରାଯାଇଥିବା ମୋର ପ୍ରେମର ପରିଶ୍ରମକୁ ସେ ଭୁଲନ୍ତି ନାହିଁ। ସେ ହିଁ ମତେ ପୁରଷ୍କାର ଦିଅନ୍ତି, ମତେ ବୃଦ୍ଧି କରନ୍ତି ଏବଂ ଫଳ ଫଳିବାକୁ ଦିଅନ୍ତି।

ପ୍ରଭୁଙ୍କ ବିଷୟରେ ଆପଣ କଣ କହିବେ?  ଏଥିରେ ଆହୁରି ବିଷୟଗୁଡିକ ଯୋଗ କରନ୍ତୁ।

# 17
# ତାହାଙ୍କ ବାକ୍ୟର ସ୍ୱରକୁ ଦୁତମାନେ ଶୁଣନ୍ତି

**ଗୀତସଂହିତା 103:20,21**

**[20] ହେ ସଦାପ୍ରଭୁଙ୍କ ବାକ୍ୟସାଧକ ଓ ତାହାଙ୍କ ବାକ୍ୟର ରବ ଶ୍ରବଣକାରୀ, ବଳରେ ପରାକ୍ରା; ଦୂତଗଣ, ତୁମ୍ଭେମାନେ ତାହାଙ୍କର ଧନ୍ୟବାଦ କର।**

**[21] ହେ ସଦାପ୍ରଭୁଙ୍କର ପରିଚାରକ ଓ ତାହାଙ୍କ ଅଭିମତସାଧକ ସୈନ୍ୟସକଳ, ତୁମ୍ଭେମାନେ ତାହାଙ୍କର ଧନ୍ୟବାଦ କର।**

ଈଶ୍ୱରଙ୍କ ଦୁତଗଣ ଶକ୍ତିଶାଳୀ ଓ ପରାକ୍ରମୀ ସେମାନେ ଈଶ୍ୱରଙ୍କ ବାକ୍ୟ ସାଧନ କରନ୍ତି। ସେମାନେ ଈଶ୍ୱରଙ୍କ ରବ  ପ୍ରତି ଧ୍ୟାନ ଦିଅନ୍ତି ଏବଂ ଈଶ୍ୱରଙ୍କ ବାକ୍ୟ ଯାହା ଘୋଷଣା କରେ  ସେମାନେ ତାକୁ କାର୍ଯ୍ୟକାରୀ କରାନ୍ତି ।

ଆମେ ଏଠାରେ ଏକ ଧାରଣା ଦେଉଛୁ, ଯଦିଓ ଏହି ଦୁଇଟି ପଦରୁ ନିର୍ଣ୍ଣୟାତ୍ମକ ଭାବରେ ତାହା ପ୍ରମାଣିତ ହୋଇପାରିବ ନାହିଁ, ସ୍ୱର୍ଗଦୂତ ଏବଂ ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ଶାସ୍ତ୍ରରୁ ଆମେ ଯାହା ଜାଣୁ ତାର ଏକ ଭଲ ସାର ମର୍ମକୁ ଆଣିପାରିବ। ଈଶ୍ୱରଙ୍କ ବାକ୍ୟରେ ଯାହା ଘୋଷଣା ହୋଇଛି ତାହା ଯେବେ ଆମେ କହିଥାଉ ଦୁତ ମାନେ ତାଙ୍କର ସେହି ବାକ୍ୟ କୁ ଶୁଣନ୍ତି। ଏବଂ ତେଣୁକରି  ପରିତ୍ରାଣ ର ଉତ୍ତରାଧିକାରୀ ଯେ ଆମେମାନେ ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ସେମାନେ ତାଙ୍କର ସେବାକାର୍ଯ୍ୟ ଆମ ପାଇଁ  କରିଥାନ୍ତି। ଏହା କେବଳ ଏକ ଅନୁମାନର ଯୁକ୍ତି ଆମେ ଏଠି ପ୍ରସ୍ତୁତ କରିଛୁ କିନ୍ତୁ  ଗୋଟିଏ ଠିକ ଯୁକ୍ତି।

ପରିତ୍ରାଣର ଅଧିକାରୀ ଯେ ଆମେ ଆମର ସେବା ପାଇଁ ଦୁତମାନେ ପ୍ରେରିତ ହୋଇଥାନ୍ତି (ଏବ୍ରୀ 1:14)  ଈଶ୍ୱର ଯାହା ଘୋଷଣ କରିଛନ୍ତି ସେମାନେ ତାହା ଆମକୁ ତାଙ୍କର ସାଧୁମାନଙ୍କୁ  ଦିଅନ୍ତି। ଦୁତମାନେ ତାହା କରନ୍ତି ଯାହା ଈଶ୍ୱର ତାହାଙ୍କ ଲୋକମାନଙ୍କ ନିମନ୍ତେ କରିବାକୁ ଚାହାନ୍ତି। ଦାନିଏଲଙ୍କ  (ଦାନିଏକ 10) ଏବଂ ଆଦ୍ୟ ମଣ୍ଡଳୀର  (ପ୍ରେରିତ 12:5-7) ଅନୁଭୁତିରୁ ଆମେ ମଧ୍ୟ ଅନୁମାନ କରିପାରିବା ଯେ, ସେଠାରେ ଆମେ ଜଡିତଥିବା ଆଧ୍ୟାତ୍ମିକ କାର୍ଯ୍ୟକଳାପ ରହିଛି   ତାହା ଦୁତମାନଙ୍କୁ

ଆମ ତରଫରୁ କାର୍ଯ୍ୟକରିବାକୁ ସ୍ୱାଗତ କରିଥାଏ। ପ୍ରାର୍ଥନା ସେପ୍ରକାର ଏକ ବିଷୟ। ଏହା ମଧ୍ୟ କହିବା ନିରାପଦ ହେବ ଯେ ଆମର ଉପାସନା, ଆମର ଦାନ,ଈଶ୍ୱରଙ୍କ ଆଜ୍ଞାଧିନତା ମଧ୍ୟ ସ୍ୱର୍ଗଦୂତମାନଙ୍କୁ ଆମ ତରଫରୁ କାମ କରିବାକୁ ପ୍ରେରିତ କରେ। ଯେହେତୁ ଆମେ ଜାଣୁ ଦୂତମାନେ ଈଶ୍ୱରଙ୍କ ବାକ୍ୟ ପ୍ରତି ଧ୍ୟାନ ଦିଅନ୍ତି ଏବଂ ତାଙ୍କ ବାକ୍ୟ ପାଳନ କରନ୍ତି, ତେଣୁ ଏହାକୁ ଏପ୍ରକାରେ ସମାପ୍ତ କରିବା ଆମପାଇଁ ନିରାପଦ ହେବ ଯେ, ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟରେ ଆମର ବିଶ୍ୱାସ ଏବଂ ଈଶ୍ୱରଙ୍କ ପ୍ରତିଜ୍ଞାକୁ ଘୋଷଣା କରୁ ଏହା ଦୂତମାନଙ୍କୁ ମଧ୍ୟ ଆମ ତରଫରୁ କାର୍ଯ୍ୟ କରିବାକୁ ପରିଚାଳିତ କରିବ। ଦୁତମାନେ ଈଶ୍ୱରଙ୍କ ବାକ୍ୟ ର ବିପରୀତ କୌଣସି କାର୍ଯ୍ୟରେ ଜଡିତ ହେବେନାହିଁ। ତେଣୁକରି,  ଆମେ ଯେବେ ଈଶ୍ୱରଙ୍କ ବାକ୍ୟର ବିପରିତ କଥା କହିବା ସେହି ବାକ୍ୟର ଆଧାରରେ ଦୁତମାନେ ପରିଚାଳିତ ହେବେନାହିଁ।

ଦୁତମାନେ ଜାଣନ୍ତୁ ଯେ ତୁମେ ତୁମ ଜୀବନରେ ଈଶ୍ୱରଙ୍କ ବାକ୍ୟ କୁ ସଫଳ ହେବାର ଅପେକ୍ଷାରେ ଅଛ। ଈଶ୍ୱରଙ୍କ ବାକ୍ୟ କୁ କୁହ । ଉଦ୍ଦେଶ୍ୟମୁଳକ ଭାବେ ଯକୌଣସି ପରିସ୍ଥିତିରେ ତାଙ୍କର ବାକ୍ୟ କୁ ଘୋଷଣା କର। ଅଭାବର ସମୟରେ ଘୋଷଣା କର "ମୋହର  ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ମୋହର ଅଭାବ ପୁରଣ କରିବେ।" ଦ୍ୱନ୍ଦର ପରିସ୍ଥିତିରେ ଘୋଷଣା କର, "ଏହି ପରିସ୍ଥିତିରେ ମୁଁ ସମ୍ପୁର୍ଣ୍ଣ ଶାନ୍ତି, ଉତ୍ତମ ବୁଝାମଣା ଓ ସହଯୋଗ ଆସୁ ବୋଲି ଆଦେଶ କରୁଛି।" ମୋର ଈଶ୍ୱର ଶାନ୍ତିର କର୍ତ୍ତା, ଦ୍ୱନ୍ଦର ନୁହନ୍ତି । ତୁମର ରବ ମାଧ୍ୟମରେ ନିର୍ଗତ ହେଉଥିବା ଈଶ୍ୱରଙ୍କର ରବ, ଦୁତମାନେ ଶୁଣନ୍ତୁ ଓ ବାକ୍ୟ ଅନୁଯାୟୀ କାର୍ଯ୍ୟ କରନ୍ତୁ।

# 18
# ସଦାପ୍ରଭୁଙ୍କ ମୁକ୍ତି ପ୍ରାପ୍ତ  ଲୋକେ  କୁହନ୍ତୁ

**ଗୀତସଂହିତା 107:2**
**ସେ ଯେଉଁମାନଙ୍କୁ ବିପକ୍ଷର ହସ୍ତରୁ ମୁକ୍ତ କରିଅଛନ୍ତି ଓ ନାନା ଦେଶରୁ, ପୂର୍ବ ଓ ପଶ୍ଚିମରୁ,**

ଆମେମାନ ସଦାପ୍ରଭୁଙ୍କର ମୁକ୍ତ ଲୋକ ଏବଂ ଏହା ଆମେ ନିଶ୍ଚୟ କହିବା

ଜଣେ ବନ୍ଦୀ କାରାଗାରରୁ  ମୁକ୍ତହୋଇ ଗଲାପରେ ସେ ନିଜକୁ ଆଉ ବନ୍ଦୀ ବୋଲି କହି ବୁଲେନାହିଁ। ସେ ସାହସ ଓ ଗର୍ବର ସହିତ କହିଥାଏ ସେ ଜଣେ ସ୍ୱାଧିନ ବ୍ୟକ୍ତି।  ସେ ଜଣେ ବନ୍ଦୀଥିଲା। ତାହା ଅତୀତ।  ବର୍ତ୍ତମାନ ସେ କିଏ ତାହାର ମହତ୍ତ୍ୱ ଅଧିକ ଅଛି.। ସେ ଜଣେ ମୁକ୍ତ ମଣିଷ।  ମୁକ୍ତ ହୋଇଥିବାର  ପୁର୍ଣ୍ଣ ଅଧିକାରକୁ ସେ ପ୍ରୟୋଗ କରିପାରିବ।

ବିଶ୍ୱାସୀ ଭାବରେ, ଆମେ ଅନ୍ଧକାରର କ୍ଷମତାଠାରୁ ଉଦ୍ଧାର ହୋଇ ଯୀଶୁଖ୍ରୀଷ୍ଟଙ୍କର ରାଜ୍ୟକୁ ସ୍ଥାନାନ୍ତରିତ ହୋଇଅଛୁ। ସାଧୁମାନଙ୍କ ଅଧିକାରର ସହଭାଗି ହେବା ନିମନ୍ତେ ଆମେମାନେ ଯୋଗ୍ୟ ବିବେଚିତ ହୋଇଅଛୁ। ଆମେମାନେ ଯୀଶୁଖ୍ରୀଷ୍ଟଙ୍କ ବହୁମୁଲ୍ୟ ରକ୍ତ ଦ୍ୱାରା ମୁକ୍ତ ହୋଇଅଛୁ (କଲସୀୟ 1:12-14) ମୁକ୍ତ କରିବା ଅର୍ଥ ହେଉଛି "ପୁନର୍ବାର କିଣିବା," ବନ୍ଦୀତ୍ୱରୁ ମୁକ୍ତି, ଏବଂ  ଗୌରବର ମୂଳ ଅବସ୍ଥାକୁ ଫେରାଇ ଆଣିବା । ଆମ୍ଭେମାନେ ପ୍ରଭୁଙ୍କର ମୁକ୍ତି ପାଇଛୁ। ଆମ ଉପରେ ଶୟତାନ ର  କୌଣସି ଦାବି ନାହିଁ ଆମ ଉପରେ ତାର ପ୍ରଭୁତ୍ୱ ନାହିଁ  ଆମ ଉପରେ କୌଣସି କ୍ଷମତା ନାହି। ଆମେମାନେ ଈଶ୍ୱରଙ୍କ କିଣା ସମ୍ପତ୍ତି। (1 କରନ୍ଥୀୟ 6:20)।

- ମୁଁ ସଦାପ୍ରଭୁଙ୍କର ମୁକ୍ତ ଏବଂ ଏହା ମୁଁ କହିଥାଏ
- ମୁଁ ଶୟତାନ ଓ ତାର ସମସ୍ତ  ଭୁତମାନଙ୍କର  ପ୍ରଭୁତ୍ୱରୁ ମୁକ୍ତ (କଲସୀୟ 1:13), ଅନ୍ଧକାରର କୌଣସି ଦାବି ଓ କୌଣସି ପ୍ରଭୁତ୍ୱ ମୋ ଉପରେ ରହିବ ନାହିଁ
- ମୁଁ ପାପର ଶକ୍ତିରୁ ମୁକ୍ତ (ରୋମୀୟ 6:6,14), ମୋ ଉପରେ ପାପର କର୍ତ୍ତୃତ୍ୱ ହେବ ନାହିଁ

- ମୁଁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ (ଗାଲାତୀୟ 3:13), ବର୍ତ୍ତମାନ ମୁଁ ଅବ୍ରହାର ଙ୍କର ଆଶିର୍ବାଦରେ  ଚାଲୁଛି।
- ମୁଁ ବର୍ତ୍ତମାନ ଜଗତର ମନ୍ଦତାରୁ ମୁକ୍ତ (ଗାଲାତୀୟ 1:4) ତାର ପଥ, ପ୍ରଭାବ ଏବଂ ଏହି ଯୁଗର ମନ୍ଦତାର ଶକ୍ତି  ମୋ ଉପରେ ରହିବ ନାହିଁ
- ମୁଁ ମୋର ସମସ୍ତ ପାପପୁର୍ଣ୍ଣ କାର୍ଯ୍ୟରୁ ମୁକ୍ତ (ତିତସ 2:14) ଅତୀତ ର ମୋର ପାପପୁର୍ଣ୍ଣ ଢାଞ୍ଚାର ଜୀବନ ଶୈଳି ର ଶକ୍ତି ମୋ ଉପରେ ରହିବ ନାହଁ। ମୁଁ ତାଙ୍କ ନିମନ୍ତେ ଓ ସତ୍ କର୍ମ କରିବା ନିମନ୍ତେ ଶୁଦ୍ଧ ହୋଇଅଛି।
- ପିତୃ ପୁରୁଷମାନଙ୍କର ଲକ୍ଷ୍ୟବିହୀନ ପାପପୁର୍ଣ୍ଣ ଢାଞ୍ଚାର ଜୀବନ ଶୈଳି ଠାରୁ ମୁ ମୁକ୍ତ (1 ପିତର 1:18,19) ବର୍ତ୍ତମାନ ମୁଁ ନୁତନ ସୃଷ୍ଟ ଓ ନୁତନ ଜୀବନରେ ଚାଲେ।
- ମୁଁ ମୁକ୍ତ ଏବଂ ମେଷଶାବକଙ୍କ ରକ୍ତରେ ମୁଁ ଶତ୍ରୁ କୁ ପରାସ୍ତ କରିଛି (ପ୍ରକାଶିତ ବାକ୍ୟ 12:11) ଶୟତାନ ଓ ତାର ଭୁତ ସମସ୍ତ ମୋ ପାଦତଳେ ଦଳିତ ହୋଇଛନ୍ତି (ଲୂକ 10:19; ରୋମୀୟ 16:20)
- ମୁଁ ପ୍ରଭୁଙ୍କର ମୁକ୍ତ ତାହା ମୁଁ କହିବି!

# 19
# ଆନନ୍ଦ ଓ ପରିତ୍ରାଣର ଧ୍ୱନି ବଜାଯ ରଖନ୍ତୁ

**ଗୀତସଂହିତା 118:15-17**

**15ଧାର୍ମିକମାନଙ୍କ ତମ୍ବୁରେ ଆନନ୍ଦ ଓ ପରିତ୍ରାଣର ଧ୍ଵନି ଥାଏ; ସଦାପ୍ରଭୁଙ୍କ ଦକ୍ଷିଣ ହସ୍ତ ବୀରର କର୍ମ କରେ।**

**16ସଦାପ୍ରଭୁଙ୍କ ଦକ୍ଷିଣ ହସ୍ତ ଉନ୍ନତ; ସଦାପ୍ରଭୁଙ୍କ ଦକ୍ଷିଣ ହସ୍ତ ବୀରର କର୍ମ କରେ।**

**17ମୁଁ ମରିବି ନାହିଁ, ମାତ୍ର ବଞ୍ଚିବି ଓ ସଦାପ୍ରଭୁଙ୍କ କର୍ମସବୁ ବର୍ଣ୍ଣନା କରିବି।**

ଧାର୍ମିକମାନଙ୍କ ଗୃହରେ ଆନନ୍ଦ ଓ ପରିତ୍ରାଣର ଧ୍ଵନୀ ଥାଏ । ଏବ୍ରୀ ଭାଷାରେ "ପରିତ୍ରାଣ" ଶବ୍ଦ *'ୟେଶୁହା'* ଏହା ଗୋଟିଏ ବ୍ୟାପକ ଶବ୍ଦ (ଗ୍ରୀକ ଶବ୍ଦ *'ସୋଯୋ'* ପରି) ଏବଂ ପରିତ୍ରାଣ, ସୁରକ୍ଷା, ଉଦ୍ଧାର, ବିଜୟ, ଉନ୍ନତି, ସ୍ୟାସ୍ଥ୍ୟ ସାହାର୍ଯ୍ୟ, ମଙ୍ଗଳ ସନ୍ତୁଷ୍ଟି ଓ ସମ୍ପୁର୍ଣ୍ଣତା ଅର୍ନ୍ତଭୁକ୍ତ ।

ଏହି ଜଗତର ଆହ୍ୱାନ ସବୁ କୌଣସି ନା କୌଣସି ଭାବରେ ପ୍ରତ୍ୟେକଙ୍କ ଗୃହକୁ ଆସିବାର ଚେଷ୍ଟା କରିଥାଏ। ଧାର୍ମିକର ଗୃହ ଆହ୍ୱାନସବୁର ଓ ଜୀବନର ଝଡସବୁର ସମ୍ମୁଖିନ ହୋଇଥାଏ। ତଥାପି *"ଈଶ୍ୱରଙ୍କ ଦକ୍ଷିଣ ହସ୍ତ"* ଧାର୍ମିକ ମାନଙ୍କ ପାଇଁ ବୀରତ୍ୱର ସହ କରିଥାଏ। *"ଈଶ୍ୱରଙ୍କ ଦକ୍ଷିଣ ହସ୍ତ"* ହେଉଛି ଈଶ୍ୱରଙ୍କ ଶକ୍ତି ଯାହା ସର୍ବଦା ବିଜୟୀ ଏବଂ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ। ତେଣୁକରି ଧାର୍ମିକ ଆପଣା ଗୃହରେ ଆନନ୍ଦର, ବିଜୟର, ଉତ୍ସବର ପରିତ୍ରାଣର ଉଚ୍ଚଧ୍ୱନି କରିଥାଏ। ତେଣୁକରି ଆମେ କହିପାରିବା, *"ମୁଁ ମରିବି ନାହିଁ, ମାତ୍ର ବଞ୍ଚିବି ଓ ସଦାପ୍ରଭୁଙ୍କ କର୍ମସବୁ ବର୍ଣ୍ଣନା କରିବି ।"*

ଆମେ ଆହ୍ୱାନ ସବୁର ମଧ୍ୟ ଦେଇ ଗତି କଲାବେଳେ କଣ କରିଥାଉ? ଆମର ଆମର ସ୍ୱର ବଦଳାଇଥାଉ କି? ନାହିଁ! ଆମେ ଆମ ଗୃହରେ ଆନନ୍ଦ ଓ ପରିତ୍ରାଣର ସ୍ୱରକୁ ବଜାୟ ରଖିଥାଉ। ଆମର ଈଶ୍ୱର ପରକ୍ରମୀ ଏହା ବର୍ଣ୍ଣନା କରିଚାଲିଥାଉ। ଆମର ପରିତ୍ରାଣର ସ୍ୱର କୁ ବଜାୟ ରଖିଥାଉ। କାରଣ ଆମର ପ୍ରଭୁ ଆମକୁ ବିପଦରୁ ରକ୍ଷା କରନ୍ତି, ସୁରକ୍ଷା କରନ୍ତି, ନିରାପଦରେ ରଖନ୍ତି, ସୁସ୍ଥ କରନ୍ତି, ଉଦ୍ଧାର କରନ୍ତି,

ସମୃଦ୍ଧି କରାନ୍ତି, ଏବଂ ଆମକୁ ଜୟ ପ୍ରଦାନ କରନ୍ତି! ପ୍ରଭୁଙ୍କ ଦକ୍ଷିଣ ହସ୍ତ ସବୁ ଋତୁରେ ସର୍ବଦା ଶକ୍ତିଶାଳୀ ଏବଂ ବିଜୟୀ ଅଟେ। ଆପଣା ଗୃହରେ ଆନନ୍ଦ ଏବଂ ପରିତ୍ରାଣର ସ୍ୱର ଶୁଣାଯାଉ | ପ୍ରତ୍ୟେକ ଋତୁରେ ଆନନ୍ଦ ଏବଂ ପରିତ୍ରାଣର ସ୍ୱର ବଜାୟ ରଖନ୍ତୁ |

# 20
# ଆପଣଙ୍କ ହୃଦୟରୁ ଯେଉଁ ସ୍ରୋତ ନିର୍ଗତ ହୁଏ ତାହା ଆପଣଙ୍କ ଜୀବନକୁ  ଗଠନ କରେ

**ହିତୋପଦେଶ 4:20-23**

**[20] ହେ ମୋହର ପୁତ୍ର, ମୋ’ କଥାରେ ମନୋଯୋଗ କର; ମୋ’ ବାକ୍ୟରେ କର୍ଣ୍ଣ ଡେର।**
**[21] ତାହାସବୁ ତୁମ୍ଭ ଚକ୍ଷୁରୁ ନ ଯାଉ; ତାହାସବୁ ତୁମ୍ଭ ହୃଦୟ ମଧ୍ୟରେ ଯତ୍ନ କରି ରଖ।**
**[22] ଯେହେତୁ ତାହା ଯେଉଁମାନେ ପାଆନ୍ତି, ସେମାନଙ୍କ ପ୍ରତି ତାହା ଜୀବନ ଓ ସର୍ବାଙ୍ଗର ସ୍ୱାସ୍ଥ୍ୟ ଅଟେ।**
**[23] ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମେ।**

ଈଶ୍ୱରଙ୍କ ବାକ୍ୟ କୁ  ଆପଣା  ହୃଦୟକୁ ପୁର୍ଣ୍ଣ କରି ରଖିବାକୁ ନିର୍ଦ୍ଦେଶ ଦିଆ ଯାଇଛି। ତାଙ୍କ ବାକ୍ୟ ପ୍ରତି ମନଯୋଗି ହେବା, ନିର୍ଭର କରିବାଏବଂ ତାଙ୍କର ବାକ୍ୟ କୁ ଶୁଣିବା ଆଉ ଆମର ଧ୍ୟାନ ତାଙ୍କ ବାକ୍ୟ ଉପରେ ରଖିବା ଯଦ୍ୱାରା ସେହି ବାକ୍ୟ ଆମ ଅନ୍ତର ମଧ୍ୟରେ ରହିବ। ତାପରେ ସେହି ବାକ୍ୟ ଆମକୁ ଜୀବନ, ସ୍ୱାସ୍ଥ୍ୟ ଓ ସମ୍ପୁର୍ଣ୍ଣତାରେ ଆଶିର୍ବାଦଯୁକ୍ତ କରିବ। ଆମ ହୃଦୟକୁ ଯତ୍ନରେ ରଖିବା ନିମନ୍ତେ ସେ ଆମକୁ ଆଦେଶ ଦିଅନ୍ତି। ବାକ୍ୟ ର  ବିପରୀତ କୌଣସି ବିଷୟ ଆମ ହୃଦୟ ମଧ୍ୟକୁ ଆସିବାକୁ ଅନୁମତି ଦେବା ନାହିଁ। ଆମର ଆମ ହୃଦୟ କୁ ସୁରକ୍ଷିତ ରଖିବା, ତାର ପରିଣାମ ସ୍ୱରୁପେ ଯେଉଁ ବାକ୍ୟ ଆମେ ସେଠାରେ ଜମାକରି ରଖିଛୁ ତାହା ସୁରକ୍ଷିତ ରହିବ।

ହୃଦୟ, ଆମର ଅନ୍ତରସ୍ଥ ପୁରୁଷ ଅତି ଗୁରୁତ୍ୱପୁର୍ଣ୍ଣ। ହୃଦୟରୁ ବାହାରୁ ଥିବା ଶକ୍ତି ଆମ ଜୀବନ କୁ ଆକାର ଦେଇଥାଏ।  ଯାହା ଆମ  ହୃଦୟରେ ଥାଏ ତାହା ଆମ ଜୀବନ ମଧ୍ୟରେ ବାହାରିବାର ଗୋଟିଏ ଉପାୟ  ହେଉଛି, ଆମେ କହୁଥିବା ବାକ୍ୟ। ଯେଉଁ ଶକ୍ତି ଆମର ଜୀବନକୁ ଆକାର ଦେଇଥାଏ ତାହା ଆମର ଆନ୍ତରିକ ପୁରୁଷ ଠାରୁ ଆସିଥାଏ ଓ ତାହା ଆମ କହୁଥିବା ବାକ୍ୟ ଦ୍ୱାରା ବାହାରିଥାଏ।

ଆମର ହୃଦୟ ଯଦି ତାଙ୍କର ବାକ୍ୟ ରେ ପରିପୁର୍ଣ୍ଣ ତେବେ ଆମେ ଯାହା କିଛି କହୁ ତାହା ଈଶ୍ୱରଙ୍କ ବାକ୍ୟ ର ସମାନତାରେ ହେବ।  ଯେଉଁ ଶକ୍ତି ସବୁ ଆମର

ଜୀବନ କୁ ଆକାର ଦେଇଥାଏ ତାହା ଈଶ୍ୱରଙ୍କ ବାକ୍ୟରୁ ଆସିଥାଏ। ଈଶ୍ୱରଙ୍କ ସେହି ଶକ୍ତି ଯୁକ୍ତ ବାକ୍ୟ ଆମର ଜୀବନରେ କାର୍ଯ୍ୟ କରିବା ନିମନ୍ତେ  ବାହରିଥାଏ ଏବଂ ଆମ ଜୀବନ ର ପ୍ରତ୍ୟେକ କ୍ଷେତ୍ର ରେ ଆମର ବର୍ତ୍ତମାନ ଓ ଭବିଷ୍ୟତ କୁ ପ୍ରଭାବିତ କରିଥାଏ।

ଆପଣା ହୃଦୟକୁ ଈଶ୍ୱରଙ୍କ ବାକ୍ୟରେ ପରିପୂର୍ଣ୍ଣ ରଖ। ତାଙ୍କର ବାକ୍ୟ କୁ ଘୋଷଣା କର। ତୁମର ଜୀବନକୁ ଆକୃତି ଦେବାର ଶକ୍ତି ତୁମ ମଧ୍ୟରେ ଥିବା ଈଶ୍ୱର ଙ୍କ ବାକ୍ୟରୁ ବାହାରିବାକୁ ଦିଅ।

# 21
# ଧର୍ମିକତାର ବାକ୍ୟ ସମୂହ ଜୀବନ ଓ ସାମର୍ଥ୍ୟ ପ୍ରବାହ କରେ

**ହିତୋପଦେଶ 10:11,20,21,31,32**

**11 ଧାର୍ମିକର ମୁଖ ଜୀବନର ନିର୍ଝର, ମାତ୍ର ଦୁଷ୍ଟର ମୁଖ ଦୌରାତ୍ମ୍ୟ ଢାଙ୍କେ।**

**20 ଧାର୍ମିକର ଜିହ୍ଵା ମନୋନୀତ ରୂପା ତୁଲ୍ୟ, ମାତ୍ର ଦୁଷ୍ଟର ହୃଦୟ ଅଳ୍ପ ମୂଲ୍ୟ।**

**21 ଧାର୍ମିକର ଓଷ୍ଠାଧର ଅନେକଙ୍କୁ ପ୍ରତିପାଳନ କରେ, ମାତ୍ର ଅଜ୍ଞାନମାନେ ନିର୍ବୋଧତା ହେତୁରୁ ମରନ୍ତି।**

**31 ଧାର୍ମିକର ମୁଖ ଜ୍ଞାନ ଜନ୍ମାଏ, ମାତ୍ର କୁଟିଳବାଦୀ ଜିହ୍ଵା ଉଚ୍ଛିନ୍ନ ହେବ।**

**32ଧାର୍ମିକର ଓଷ୍ଠାଧର ତୁଷ୍ଟିକର କଥା ଜାଣେ, ମାତ୍ର ଦୁଷ୍ଟର ମୁଖ କୁଟିଳ କଥା କହେ।**

ଏହି ପଦମାନଙ୍କରେ ଧାର୍ମିକର ବାକ୍ୟ ଓ ଦୁଷ୍ଟ ର ବାକ୍ୟ ମଧ୍ୟରେ ଯେଉଁ ବିରୋଧଭାବ ରହିଛି ତାହା ଆମେ ଦେଖିଥାଉ। ଧାର୍ମିକର ବାକ୍ୟଗୁଡ଼ିକ "ଜୀବନର ନିର୍ଝର" ସେମାନେ ଜୀବନ, ସମ୍ପୂର୍ଣ୍ଣତା, ସୁସ୍ଥତା ଏବଂ ଯାହାକିଛି "ଜୀବନ" ସହିତ ଜଡ଼ିତ ବୋଲିଆମେ ଜାଣୁ ସେ ସମସ୍ତକୁ ପରିଚାଳନା କରନ୍ତି। ଧାର୍ମିକର ବାକ୍ୟ ଗୁଡ଼ିକ "ମନୋନିତ ରୁପା" ତୁଲ୍ୟ, ଅର୍ଥାତ "ଅତି ଶୁଦ୍ଧ, ମୁଲ୍ୟବାନ, ଏବଂ ବହୁମୁଲ୍ୟ।" ଧାର୍ମିକର ବାକ୍ୟ *"ଅନେକଙ୍କୁ ଖାଦ୍ୟ ଖୁଆଇ ଥଏ।"* ସେମାନେ ଅନେକଙ୍କୁ ପୁଷ୍ଟିକର ଖାଦ୍ୟ, ବଳ, ଜୀବନ ,ସାହାର୍ଯ୍ୟ ଏବଂ ଆଶିର୍ବାଦ କରିଥାଏ। ଅତିରିକ୍ତ ଦୁଇଟି ବିଷୟ ଧାର୍ମିକର ବାକ୍ୟ କୁ ବର୍ଣ୍ଣନା କରିଥାଏ ତା ହେଲା ଜ୍ଞାନ ଏବଂ ଯାହା ଗ୍ରହଣ ଯୋଗ୍ୟ (ଆନନ୍ଦମୟ)।

ବାକ୍ୟ ଅନ୍ୟମାନଙ୍କୁ ଜୀବନ ଓ ଆଶିର୍ବାଦ ପ୍ରଦାନ କରିଥାଏ। ବାକ୍ୟ ଯାହା ଆମେ ମୁକ୍ତ କରିଥାଉ କେତେକଙ୍କ ପାଇଁ ତାହା ଜୀବନର ନିର୍ଝର ସ୍ଵରୁପ ହୋଇପାରେ। ଆମର ବାକ୍ୟ ଖୋଜୁଥିବା କାହାପାଇଁ ମନୋହର ରୁପା ତୁଲ୍ୟ ହୋଇପାରେ ଅନ୍ୟ କାହାପାଇଁ ପୋଷଣ ଓ ବଳର ସ୍ରୋତ ହୋଇପାରେ।

ତୁମର ବାକ୍ୟ ସବୁ ଯେ ଯଥାର୍ଥ (ଧାର୍ମିକର ବାକ୍ୟ) ତାକୁ ନିଶ୍ଚିତ ହେବାର ଏକ ନିର୍ଦ୍ଦିଷ୍ଟ ଉପାୟ ହେଉଛି ଈଶ୍ଵର ଙ୍କ ବାକ୍ୟ ର ସମାନତାରେ କଥା କହିବା.।

ଆମେ ଯଦି ଏହା କରୁ ତେବେ ଆମର ବାକ୍ୟଗୁଡିକ ଜ୍ଞାନର ବାକ୍ୟ ହେବ ଯାହା ଲୋକମାନଙ୍କୁ ଆନନ୍ଦ, ସ୍ୱାଧିନତା ଓ ମୁକ୍ତ କରିଥାଏ। ଧାର୍ମିକତାର ବାକ୍ୟ କହିବା ନିମନ୍ତେ ମନୋନୟନ କରନ୍ତୁ । ଈଶ୍ୱରଙ୍କ ବାକ୍ୟର ସମାନ୍ତରଳରେ କଥାବାର୍ତ୍ତା କରନ୍ତୁ।

# 22
# ବାକ୍ୟ ସବୁ ସୁସ୍ଥ ଓ ସମ୍ପୂର୍ଣ କରିପାରେ

**ହିତୋପଦେଶ 12:18**
**କାହାର କାହାର ବାଚାଳତା ଖଡ୍‌ଗାଘାତ ପରି; ମାତ୍ର ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟଜନକ।**

**ହିତୋପଦେଶ 15:4**
**ଶାନ୍ତ ଜିହ୍ୱା ଜୀବନ-ବୃକ୍ଷ ସ୍ୱରୂପ; ପୁଣି, କୁଟିଳ ଜିହ୍ୱା ଆତ୍ମାଭଙ୍ଗ କରେ।**

ହିତୋପଦେଶ 12:18, ପଦରେ ଆମେ ଜାଣିଲୁ ଯେ ଜ୍ଞାନୀର ଜିହ୍ୱା ସ୍ୱାସ୍ଥ୍ୟଜନକ। "ସ୍ୱାସ୍ଥ୍ୟ" ଶବ୍ଦ ଏବ୍ରୀ ଭାଷାରେ *'ମାରପେ'* ଅର୍ଥାତ "ଆରୋଗ୍ୟ, ଔଷଧ, ପ୍ରତିକାର, ସୁସ୍ଥତା,ଉଦ୍ଧାର,ମନର ସୁସ୍ଥିତି, ସମ୍ପୁର୍ଣ୍ଣତା।" ବାକ୍ୟ ଯଦି ସଠିକ ଏବଂ ଜ୍ଞାନର ସହିତ ବ୍ୟବହୃତ କରାଯାଏ ତାହା ଉଭୟ ନିଜକୁ ଓ ଅନ୍ୟ ଯେଉଁମାନେ ତୁମକୁ ଶୁଣନ୍ତି ସେମାନଙ୍କ ପାଇଁ ସୁସ୍ଥତା ଓ ପୁର୍ଣ୍ଣତା ଆଣିପାରିବ।

ସେହି ସମାନ ଶବ୍ଦ *'ମାରପେ'* ଆଉଥରେ ହିତୋପଦେଶ 15:4 ରେ ବ୍ୟବହାର କରାଯାଇଛି ଯେଉଁଠି ଏହା "ସ୍ୱାସ୍ଥ୍ୟକର" ବୋଲି ତର୍ଜମା କରାଯାଇଛି। ଜିହ୍ୱା ଯାହା ସ୍ୱାସ୍ଥ୍ୟକର ବାକ୍ୟ କହେ। ଆକ୍ଷରିକ ଭାବେ ସୁସ୍ଥତା ଓ ଉଦ୍ଧାର ର ବାକ୍ୟ ଏକ ଜୀବନ ବୃକ୍ଷ। ପ୍ରକାଶିତ ବାକ୍ୟ 22:1,2 ରେ ଆମେ ଜୀବନ ବୃକ୍ଷ ବିଷୟରେ ପଢିଥାଉ। *"ପରେ ସେ ମୋତେ ଜୀବନଦାୟକ ଜଳର ଗୋଟିଏ ନଦୀ ଦେଖାଇଲେ, ତାହା ସ୍ଫଟିକ ସଦୃଶ ଉଜ୍ଜ୍ୱଳ, ପୁଣି ଈଶ୍ୱର ଓ ମେଷଶାବକଙ୍କ ସିଂହାସନରୁ ନିର୍ଗତ ହୋଇ ନଗରର ପଥ ମଧ୍ୟ ଦେଇ ପ୍ରବାହିତ ହେଉଅଛି।ସେହି ନଦୀର ଉଭୟ ପାର୍ଶ୍ୱରେ ଦ୍ୱାଦଶ ଥର ଫଳଦାୟକ ଜୀବନବୃକ୍ଷ ଅଛି, ସେଥିରେ ପ୍ରତି ମାସରେ ଫଳ ଫଳେ, ପୁଣି ସେହି ବୃକ୍ଷର ପତ୍ର ଜାତିସମୂହର ଆରୋଗ୍ୟକାରକ ।"* ଏହି ବୃକ୍ଷର ପତ୍ର ଜୀବନ ଆଣିଥାଏ। ଆମେ ଯେତେବେଳେ ସୁସ୍ଥତା, ସମ୍ପୁର୍ଣ୍ଣତା, ଉଦ୍ଧାର ଏବଂ ସୁସ୍ଥତି ର ବାକ୍ୟ କହିଥାଉ ଆମେ ଉଭୟ ନିଜକୁ ଓ ଅନ୍ୟ ଯେଉଁମାନେ ଆମର କଥା ଶୁଣିଥାନ୍ତି ସେମାନଙ୍କୁ ଆରୋଗ୍ୟତା ପ୍ରଦାନ କରି ଥାଏ।

ବାକ୍ୟ ଆରୋଗ୍ୟତା ଓ ପୁର୍ଣ୍ଣତା ଦେଇପାରେ ।ଈଶ୍ୱର କହନ୍ତି ଯେ ତାଙ୍କର ବାକ୍ୟ ଜୀବନ (ସତେଜତା, ଶକ୍ତି) ଏବଂ ସର୍ବାଙ୍ଗର ସ୍ୱାସ୍ଥ୍ୟ ଅଟେ(*'ମାରପେ'*)। (ହିତୋପଦେଶ 4:22)। ଲୋକମାନେ ଯେତେବେଳେ ତାଙ୍କ ନିକଟରେ କାକୁକ୍ତି କରିଥାନ୍ତି ଈଶ୍ୱର ଆପଣା ବାକ୍ୟପଠାଇ ସେମାନଙ୍କୁ ସୁସ୍ଥ କରିଥାନ୍ତି (*'ରାପହା'*, ଆରୋଗ୍ୟ, ସୁସ୍ଥ କରିବା) (ଗୀତସଂହିତା 107:20)। ଈଶ୍ୱର ଙ୍କ ବାକ୍ୟ ରେ ସୁସ୍ଥକରିବାର ପୁଣି ସମଗ୍ର ବ୍ୟକ୍ତି କୁ ସମ୍ପୁର୍ଣ୍ଣ କରିବାର କ୍ଷମତା ଅଛି। ତେଣୁ ଈଶ୍ୱରଙ୍କ ବାକ୍ୟ କୁ ଘୋଷଣା କର ଏବଂ ତୁମ ମୁଖର ବାକ୍ୟଦ୍ୱାରା ତାଙ୍କ ଆରୋଗ୍ୟକାରୀ ଶକ୍ତିର ବାକ୍ୟ ବାହାର କରୁ। ଯେଉଁବାକ୍ୟ  ଆରୋଗ୍ୟକୁ ପ୍ରୋତ୍ସାହିତ କରେ ସେ ସବୁ ଉତ୍ତମ ଔଷଧ, ସେଗୁଡିକ ଜୀବନ ବୃକ୍ଷ ସଦୃଶ୍ୟ ତାହା ତୁମ୍ଭ ମୁଖରୁ ନିର୍ଗତ ହୋଇଥାଏ। ଉଭୟ ନିଜ ପାଇଁ ଏବଂ ଆପଣଙ୍କ ଆଖପାଖରେ ଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣତାକୁ ପ୍ରୋତ୍ସାହିତ କରିବା ପାଇଁ  ଈଶ୍ୱରଙ୍କ ଆରୋଗ୍ୟର ବାକ୍ୟ କହି ଆପଣଙ୍କ ବାକ୍ୟକୁ ବ୍ୟବହାର କରନ୍ତୁ |

# 23
# ମନୋହର କଥା ସବୁର ଶକ୍ତି ନିର୍ଗତ କରନ୍ତୁ

**ହିତୋପଦେଶ 16:21,24**
**[21] ମନରେ ଜ୍ଞାନୀ ଲୋକ ବୁଦ୍ଧିମାନ ବିଖ୍ୟାତ ହୁଏ, ପୁଣି ଓଷ୍ଠାଧରର ମିଷ୍ଟତା ପାଣ୍ଡିତ୍ୟ ବଢ଼ାଏ।**
**[24] ମନୋହର ଭାଷା ମଧୁଚାକ ସଦୃଶ୍ୟ, ତାହା ମନକୁ ସୁମିଷ୍ଟ, ଅସ୍ଥିକି ସ୍ୱାସ୍ଥ୍ୟ।**

ଯେକୌଣସି ପରିସ୍ଥିତିରେ ଆମେ କହୁଥିବା ବାକ୍ୟ କୁ ଚୟନ କରିପାରିବା। ଯେ ସମସ୍ତ ବାକ୍ୟ ଦୟା, କୋମଳ,ପ୍ରୀତିକର,ସମୃଦ୍ଧି, ଉନ୍ନତି ସାଧକ ଓ ସକାରମ୍ଭକ ତାର ଏକ ଶକ୍ତିଶାଳୀ ପ୍ରଭାବ ଥାଏ। ମୃଦୁତା ଓ ଦୟାରେ କୁହାଯାଇଥିବା ବାକ୍ୟ ଆମର ଶିକ୍ଷାକରିଥିବା ଜ୍ଞାନ କୁ (ଶିକ୍ଷଣ)ବଢାଇଥାଏ। ତାହା ଲୋକମାନଙ୍କୁ ଅଧିକ ନିର୍ଦ୍ଦେଶ ଗ୍ରହଣ କରିବା ଅଧିକ ହୃଦବୋଧ କରିବା ଓ ପ୍ରବର୍ତ୍ତାଇବାକୁ ସମର୍ଥ କରିଥାଏ। ଦୟା,ପ୍ରୀତିକର ଓ ସମୃଦ୍ଧିର ବାକ୍ୟ ଆନ୍ତରିକ ପୁରୁଷକୁ ଓ ମୁଳ ଅସ୍ତିତ୍ୱକୁ ଶକ୍ତି ଓ ସୁସ୍ଥତା ଆଣିଥାଏ। ଆମେ ଖୋସାମତିର ବିଷୟରେ କହୁନାହୁଁ , ଯାହା ଅସରଳ ବା ଆନ୍ତରିକ ହୀନ ଯେଉଁ ବାକ୍ୟ ପଛରେ ପ୍ରକୃତରେ କିଛିନଥାଏ କେବଳ ଜଣକୁ ଭଲ ଅନୁଭବ କରାଇବାପାଇଁ ଉଦ୍ଧିଷ୍ଟ ଥାଏ । ଆମେ ପ୍ରକୃତରେ ସତ୍ୟତାର ବାକ୍ୟ ବିଷୟରେ କହୁଛୁ, ଯତ୍ନ, ଦୟା ଓ କୋମଳତାର ସହିତ କୁହା ଯାଉଥିବା ବାକ୍ୟର କଥା କହୁଛୁ।

ଈଶ୍ୱର ଙ୍କ ଶକ୍ତିଶାଳୀ ବାକ୍ୟ କୁ ଯେବେ ଆମର ବକ୍ତବ୍ୟର ଅଂଶ କରିଥାଉ ଆମର ବାକ୍ୟ ଦ୍ୱାରା ବିଶ୍ୱାସ, ଆଶା,ଶକ୍ତି ସାହସ, ଆରୋଗ୍ୟ, ଜ୍ଞାନ ପୁଣି ଉପଦେଶକୁ ବାଣ୍ଟିପାରିଥାଉ। ମଧୁରତା ସହ କଥାକୁହ,ଆନନ୍ଦର ସହିତ କଥାକୁହ, ଲୋକଙ୍କୁ ଗଠନ କରିବାର ବାକ୍ୟ କୁହ ସମୃଦ୍ଧି ଓ ସ୍ୱାସ୍ଥ୍ୟ ଦେବାର ବାକ୍ୟ କୁହ। ଈଶ୍ୱରଙ୍କର ସେବାରେ ଲୋକମାନଙ୍କୁ ଯେବେ ତାଙ୍କ ବିଷୟରେ ତୁମେ କଥାବାର୍ତ୍ତା କର ସେ କଣ କରିପାରିବେ ଏବଂ ସେ ଯାହା ପ୍ରତିଜ୍ଞା କରିଛନ୍ତି, ତାହା କୁହ| ପ୍ରସନ୍ନର ବାକ୍ୟର ଶକ୍ତି କୁ ମୁକ୍ତ କର।

# 24
# ଆପଣଙ୍କ ବାକ୍ୟର ଫଳ ଦ୍ୱାରା ଆପଣଙ୍କ ଜୀବନ ପୂର୍ଣ ହୁଏ

ହିତୋପଡେ 12:14
**ମନୁଷ୍ୟ ଆପଣା ମୁଖର ଫଳ ଦ୍ୱାରା ମଙ୍ଗଳରେ ପରିତୃପ୍ତ ହେବ, ପୁଣି ମନୁଷ୍ୟର ହସ୍ତକୃତ କର୍ମଫଳ ତାହାକୁ ଦିଆଯିବ।**

ହିତୋପଦେଶ 18:20
**ମନୁଷ୍ୟର ଉଦର ତାହାର ମୁଖର ଫଳରେ ପୂର୍ଣ୍ଣ ହୁଏ, ପୁଣି ସେ ଆପଣା ଓଷ୍ଠର ଉପାର୍ଜ୍ଜନରେ ତୃପ୍ତ ହୁଏ।**

ଆମର ବାକ୍ୟ ଆମ ଜୀବନ ର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରିଥାଏ. ସେସବୁ ଆମ ଅନ୍ତରିକ ପୁରୁଷକୁ ପ୍ରଭାବିତ କରିଥାଏ। ମନୁଷ୍ୟର ଉଦର ମନୁଷ୍ୟ ର ଅନ୍ତରସ୍ତ ବିଷୟ କୁ ସୁଚାଏ ବା ବୁଝାଏ। ଯେପରି ଖାଦ୍ୟ ଆମର ଉଦରକୁ ଯାଇ ଆମ ପ୍ରତି ଯାହା କରିଥାଏ. ସେହିପରି ଆମର ବାକ୍ୟ ଆମ ଆନ୍ତରିକ ମନୁଷ୍ୟକୁ ଉତ୍ତମ,ସନ୍ତୁଷ୍ଟ ହେବା, ଉପଯୁକ୍ତ ପୋଷଣ, ପାଳିତ ହେବା ବିଷୟରେ ପରିପୁର୍ଣ୍ଣ ଏବଂ ଆଶିର୍ବାଦଯୁକ୍ତ କରିପାରିବ। ଆମ ଜୀବନରେ ଯାହା କିଛି ଘଟି ଥାଏ ତାକୁ ଆମର ବାକ୍ୟ ପ୍ରଭାବିତ କରିଥାଏ। ଆମେ କହୁଥିବା ବାକ୍ୟର ଫଳାଫଳରେ ଆମର ଜୀବନ ପରିପୁର୍ଣ୍ଣ ହୋଇଥାଏ। ଯେ ସମସ୍ତ ବାକ୍ୟ ଆମେ କହି ଆସୁଅଛୁ ତାର ଫଳାଫଳ ରେ ଆମେମାନେ ବଞ୍ଚିଅଛୁ।

ତୁମର ଆନ୍ତରିକ ପୁରୁଷ କେଉଁ ବିଷୟରେ ପୁର୍ଣ୍ଣ ହେଉ ବୋଲି ତୁମେ ଚାହିଁବ? ଦୃଢ ବିଶ୍ୱାସ, ସାହାସ, ପ୍ରତ୍ୟୟ, ଭରସା, ଧାର୍ମିକତା, ଶାନ୍ତି, ଆନନ୍ଦ, ଶାନ୍ତ, ଜ୍ଞାନ, ସାମର୍ଥ୍ୟ ଓ ତାଙ୍କର ପୁତ୍ର କନ୍ୟା ଭାବରେ ଯେ ସମସ୍ତ ଉତ୍ତମ ବିଷୟ ଆମମାନଙ୍କ ନିମନ୍ତେ ଉପଲବ୍ଧ ଅଛି ସେସବୁରେ ପୁର୍ଣ୍ଣ ହେବାର କେମିତି ହେବ? ନିଶ୍ଚିତ ଭାବରେ! ତେବେ ଯେଉଁ ବାକ୍ୟ ଈଶ୍ୱରଙ୍କ ଶକ୍ତିରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଆସି ଏ ସମସ୍ତ ଗୁଣରେ ଆମକୁ ଭରିଦିଏ ସେହି ବାକ୍ୟ ଗୁଡିକୁ କହିବାର ଦରକାର । ଈଶ୍ୱରଙ୍କ

ବାକ୍ୟ କୁ ପ୍ରକାଶ କର ଖ୍ରୀଷ୍ଟଙ୍କଠାରେ ଯାହାସବୁ ତୁମର ତାହା ଘୋଷଣା କର। ତୁମେ ଯେ ଈଶ୍ୱରଙ୍କ ରାଜ୍ୟର ଏକ ଅଂଶ ଓ ତେଣୁକରି ପବିତ୍ର ଆତ୍ମାଙ୍କ ଦ୍ୱାରା ତୁମଠାରେ ଧାର୍ମିକତା, ଶାନ୍ତି ଓ ଆନନ୍ଦ ଅଛି ଯାହା ଜଗତ ଦେଇନପାରେ ଏହା ଘୋଷଣା କର। ଓ ବୋଧର ଅଗମ୍ୟ ଯେଉଁ ଶାନ୍ତି ଏହି ଶାନ୍ତି ଆମର ମନ ଓ ହୃଦୟକୁ ସୁରକ୍ଷିତ କରି ରଖେ। ତୁମପାଖରେ ଯେ ଶକ୍ତି   ଶାନ୍ତି ଓ ସୁସ୍ଥିର ମନ ଅଛି ଏହା ଘୋଣା କର। ସଦାପ୍ରଭୁ ଯେ ତୁମର ଦୃଢ ବିଶ୍ୱାସ ଏହା ଘୋଷଣା କର। ତୁମେ ସିଂହ ପରି ନିର୍ଭିକ ତୁମେ ଶକ୍ତିଶାଳୀ ଓ ସାହସୀ କାରଣ ତୁମେ ଯେଉଁ ସ୍ଥାନକୁ ଯାଅ ଈଶ୍ୱର ତୁମ ସହିତରେ ରହିଥାନ୍ତି। ଯେଉଁବାକ୍ୟ ତୁମର ଆନ୍ତରିକ ପୁରୁଷକୁ ଉତ୍ତମ ବିଷୟରେ ଗଠନ କରେ ସେହି ପ୍ରକାର କଥାବାର୍ତ୍ତା  କର।

ତୁମର ଜୀବନର ଅନୁଭୂତି କପ୍ରକାର ହେଉ ବୋଲି ତୁମେ ଚାହିଁଥାଅ? ତୁମର ବର୍ତ୍ତମାନ ଓ ଭବିଷ୍ୟତ କେଉଁ ବିଷୟରେ ପୂର୍ଣ୍ଣ ହେଉ ବୋଲି ତୁମେ ଚାହିଁ ଥାଅ? ତୁମର ଜୀବନ ଉପରେ ତୁମର ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଈଶ୍ୱରଙ୍କ ପ୍ରତିଜ୍ଞା ସମୁହ ଘୋଷଣା କର। ତୁମର ଜୀବନ ତୁମ ଘୋଷଣା କରିଥିବା ବାକ୍ୟର ଫଳରେ ପରିପୂର୍ଣ୍ଣ ହେବ।

# 25
# ଆପଣଙ୍କ ବାକ୍ୟରେ ଜୀବନ ଓ ମୃତ୍ୟୁର ଶକ୍ତି ଅଛି

**ହିତୋପଦେଶ 18:21**
**ମରଣ ଓ ଜୀବନ ଜିହ୍ବାର ଅଧୀନ; ଯେଉଁମାନେ ତାକୁ ଭଲ ଜାଣନ୍ତି, ସେମାନେ ତାହାର ଫଳ ଭୋଗିବେ।**

ଈଶ୍ୱର ଜିହ୍ବାର ଶକ୍ତିରେ ଜୀବନ ଓ ମୃତ୍ୟୁକୁ ରଖିଛନ୍ତି. ତାର ତାତ୍ପର୍ଯ୍ୟ ହେଲା ଯେଉଁବାକ୍ୟ ଆମେ କହିଥାଉ ତା ଜୀବନ ଅବା ମୃତ୍ୟୁ କୁ ଆଣିପାରେ। ଆମେ ଆମର ବାକ୍ୟ ର ଫଳାଫଳ ପ୍ରତି ନିଶ୍ଚୟ ପ୍ରସ୍ତୁତ ହୋଇରହିବା। ଆପଣା ବାକ୍ୟର ଫଳ ସହିତ ଆମକୁ ବଞ୍ଚିବାକୁ ହେବ।

"ମୃତ୍ୟୁ" "ଶାରୀରିକ ମୃତ୍ୟୁ କୁ" ଦର୍ଶାଏ, ମଧ୍ୟ ଆଳଙ୍କାରିକ ଭାବେ ଏହା ମହାମାରୀ, ରୋଗ, ଏବଂ ସର୍ବନାଶ କୁ ଦର୍ଶାଏ. "ଜୀବନ" ଯାହା କିଛି ସକାରତ୍ମକ ଭାବେ ଜୀବିତ ଯହିଁରେ ସତେଜତା ଓ ସାମର୍ଥ୍ୟ ଅର୍ନ୍ତଭୁକ୍ତ ସେ ସମସ୍ତ ବିଷୟକୁ ଦର୍ଶାଏ।

ଆମେ ଯେଉଁବାକ୍ୟ କହିଥାଉ ତାହା ଧ୍ୱଂସ କିମ୍ବା ଆଶିର୍ବାଦ ଆଣିପାରେ। ଆମେ କହିଥିବା ବାକ୍ୟ ଜୀବନ ଓ ସାମର୍ଥ୍ୟ ଆଣିବାକୁ ଆମକୁ ସବଳ କରିପାରେ କିମ୍ବା ଆମେ କହୁଥିବା ବାକ୍ୟ ଆମକୁ ଚିରିଫାଡି ଦେଇପାରେ, ଦୁର୍ବଳ ଓ ଦେବାଳିଆ କରିଦେଇପାରେ। ଆମ ଉପରେ ଏମିତି ଧକ୍କା ଓ ପ୍ରଭାବ ପକେଇବା ପାଇଁ ଈଶ୍ୱର ଆମର ବାକ୍ୟ କୁ ଏପ୍ରକାରେ ରୁପାଙ୍କନ କରିଛନ୍ତି। ଆମେ ଯାହାକହୁ ତାହା ଆମକୁ ନିର୍ମାଣ କିମ୍ବା ଆମକୁ ନଷ୍ଟ କରିଥାଏ ତେଣୁକରି ଯାହା

ନିଜର ଓ ଅନ୍ୟମାନଙ୍କ ଉପରେ ଜୀବନ ଓ ଆଶିର୍ବାଦ କୁ ମୁକ୍ତ କରିଥାଏ ସେହି ପ୍ରକାର ବାକ୍ୟକୁ ଆମେ ମନୋନୟନ କରିବା। ଈଶ୍ୱରଙ୍କ ବାକ୍ୟ ହିଁ କହିବାଠାରୁ ଆଉ ଅଧିକ କିଛି ଉତ୍ତମ ବିଷୟ ହୋଇନପାରେ। ଈଶ୍ୱରଙ୍କ ପ୍ରତିଜ୍ଞା ବାକ୍ୟଗୁଡିକ ତୁମ ଜୀବନ ଉପରେ ଘୋଷଣା କର। ଖ୍ରୀଷ୍ଟଙ୍କଠାରେ ନୁତନ ସୃଷ୍ଟ ଭାବରେ ତୁମବିଷୟରେ

ଈଶ୍ୱର ଯାହା ଘୋଷଣା କରିଛନ୍ତି ତାହା ସ୍ୱୀକାର କର। ତାଙ୍କର ବାକ୍ୟ ଅନୁଯାୟୀ ତୁମର ଜୀବନରେ ଆଶିର୍ବାଦ, ଉନ୍ନତି, ସଫଳତା, ପ୍ରଚୁରତା ,ଉତ୍ତମତାକୁ ପ୍ରକାଶ କର।ତୁମେ ଯେ ଅନେକଙ୍କ ନିମନ୍ତେ ଆଶିର୍ବାଦ ସ୍ୱରୁପ ହେବ ଏହା ଘୋଷଣା କର। ତୁମେ ଯେ ଆଶିର୍ବାଦ ସ୍ୱରୁପ ହେବା ନିମନ୍ତେ ଅଶେର୍ବାଦଯୁକ୍ତ ହୋଇଛ ତାହା ଘୋଣା କର। ତୁମର ଜୀବନ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ ଏହା ଘୋଷଣା କର। ତୁମର ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଜୀବନ ଓ ଆଶିର୍ବାଦ କୁ ମୁକ୍ତ କରିବାପାଇଁ ତୁମର ବାକ୍ୟକୁ ବ୍ୟବହାର କର।

# 26
# ଆପଣଙ୍କ ମୁଖରେ ତାହାଙ୍କ ବାକ୍ୟ ଜାତି ସମୂହକୁ ପ୍ରଭାବ ପକାଇ ପାରିବ

ଯିରିମୀୟ 1:9,10

**[9] ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢ଼ାଇ ମୋର ମୁଖ ସ୍ପର୍ଶ କଲେ; ଆଉ, ସଦାପ୍ରଭୁ ମୋତେ କହିଲେ, ଦେଖ, ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ;**

**[10] ଦେଖ, ଉତ୍ପାଟନ ଓ ଭଗ୍ନ ଓ ବିନାଶ ଓ ନିପାତ କରିବା ନିମନ୍ତେ; ପତ୍ତନ ଓ ରୋପଣ କରିବା ନିମନ୍ତେ ଆମ୍ଭେ ନାନା ଦେଶ ଓ ରାଜ୍ୟ ଉପରେ ଆଜି ତୁମ୍ଭକୁ ନିଯୁକ୍ତ କଲୁ।**

ଭବିଷ୍ୟତବାଣୀର ଶକ୍ତି କୁ ଆମେ ଏହି ଦୁଇ ପଦରେ ଦେଖୁଅଛୁ।  ଦେଶ ଓ ରାଜ୍ୟ ଉପରେ କହିବା ପାଇଁ ଯିରିମୀୟ ଙ୍କ ମୁଖରେ ଈଶ୍ୱରଙ୍କ ଦେଇଥିବା  ବାକ୍ୟ ଯେବେ କହିବେ. ସବୁ ଜିନିଷର  ଉତ୍ପାଟନ, ଭଗ୍ନ, ବିନାଶ ଓ ପତ୍ତନ ହେବ।  ଈଶ୍ୱରଙ୍କ ଦେଇଥିବା ଭବିଷ୍ୟତ ବାଣୀ ଯିରିମୀୟ କହିଲାପରେ ଈଶ୍ୱର ଯେପ୍ରକାରେ ଦେଶର ଓ ରାଜ୍ୟ ଗୁଡିକର ପତ୍ତନ ଚାହିଁଛନ୍ତି ତାହା ସେପ୍ରକାରେ  ଭଗ୍ନ ଓ ପତ୍ତନ ହେବ।  ଆହୁରି, ଜିନିଷ ଗୁଡିକ ନିର୍ମାଣ ହେବ ସ୍ଥାପିତ ହେବ ଏବଂ ଦେଶ ଓ ରାଜ୍ୟ ଗୁଡିକ ଉଠାଯିବେ।

ଭବିଷ୍ୟତବାଣୀଗୁଡିକ ପବିତ୍ର ଆତ୍ମାଙ୍କ ପ୍ରେରଣାରେ ଦିଆଯାଇଥିବା ବାକ୍ୟ ଲୋକଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥାଏ। ପବିତ୍ର ଆତ୍ମା ଏବେ ମଧ୍ୟ ଈଶ୍ୱରଙ୍କ ଲୋକମାନଙ୍କ  ଜୀବନ ମଧ୍ୟରେ କାର୍ଯ୍ୟ କରୁ ଅଛନ୍ତି। ଦେଶ, ଦେଶ  ଓ ଲୋକମାନଙ୍କ ଉପରେ   ଭବିଷ୍ୟତ ବାଣୀ ସେହି ପ୍ରେରଣାର ବାକ୍ୟ ବା ସେହି ଭବିଷ୍ୟତ ବାଣୀ କୁ ମୁକ୍ତ କରିବା ନିମନ୍ତ  ଏବେ ସୁଦ୍ଧା ସେ ଆମ ଉପରେ ବିଚରଣ କରୁଅଛନ୍ତି। ଯେହେତୁ ଈଶ୍ୱର ଯେଉଁ ବାକ୍ୟ ଆମ ମୁଖରେ ଦିଅନ୍ତି ତାହା ଆମେ କହିଥାଉ। ଯାହା ଦେଶଗୁଡିକ  ଓ ରାଜ୍ୟଗୁଡିକ ର ଆୟତ୍ତରେ ରହିଥାଏ ସେ  ପ୍ରତ୍ୟେକ ପରିସ୍ଥିତି (ଆତ୍ମିକ, ସାମାଜିକ, ଅର୍ଥନୈତିକ) କୁ ଆମେ ପ୍ରଭାବିତ କରିଥାଉ।  ଆମ ମୁଖଦ୍ୱାରା ବାହରୁଥିବା ତାଙ୍କର ବାକ୍ୟ ଦେଶଦେଶ କୁ ପ୍ରଭାବିତ କରିପାରେ। ଈଶ୍ୱର ଆପଣା ବାକ୍ୟ ସଫଳ କରିବାକୁ ଜାଗ୍ରତ ଥାନ୍ତି। (ଯିରିମୀୟ 1:12)।

# 27
# ଶୁଷ୍କ ଅସ୍ଥି ସକଳକୁ କହନ୍ତୁ  ଯେପରି ସେମାନେ ଜୀବିତ ହୁଅନ୍ତି

ଯିହିଜିକଲ 37:1-7

1 ସଦାପ୍ରଭୁଙ୍କର ହସ୍ତ ମୋʼ ଉପରେ ଅଧିଷ୍ଠିତ ହେଲା ଓ ତାହାଙ୍କ ଆତ୍ମାରେ ସେ ମୋତେ ବାହାରକୁ
ନେଇଯାଇ ଉପତ୍ୟକାର ମଧ୍ୟସ୍ଥଳୀରେ ବସାଇଲେ; ଆଉ, ତାହା ଅସ୍ଥିରେ ପରିପୂର୍ଣ୍ଣ ଥିଲା।
2 ତହୁଁ ସେ ସେହି ଅସ୍ଥିସକଳର ନିକଟ ଦେଇ ଚାରିଆଡ଼େ ମୋତେ ଗମନ କରାଇଲେ; ଆଉ ଦେଖ,
ସେହି ପ୍ରଶସ୍ତ ଉପତ୍ୟକାରେ ଅନେକ ଅନେକ ଅସ୍ଥି ଥିଲା; ପୁଣି ଦେଖ, ସେସବୁ ଅତିଶୟ ଶୁଷ୍କ ଥିଲା।
3 ତହିଁରେ ସେ ମୋତେ କହିଲେ, ହେ ମନୁଷ୍ୟ-ସନ୍ତାନ, ଏହି ସକଳ ଅସ୍ଥି କି ସଜୀବ ହୋଇପାରେ?
ଏଥିରେ ମୁଁ ଉତ୍ତର କଲି, ହେ ପ୍ରଭୁ, ସଦାପ୍ରଭୁ, ଆପଣ ତାହା ଜାଣନ୍ତି।
4 ପୁନର୍ବାର ସେ ମୋତେ କହିଲେ, ତୁମ୍ଭେ ଏହିସକଳ ଅସ୍ଥିର ଉଦ୍ଦେଶ୍ୟରେ ଭବିଷ୍ୟଦ୍ବାକ୍ୟ ପ୍ରଚାର କରି
ସେମାନଙ୍କୁ କୁହ, ହେ ଶୁଷ୍କ ଅସ୍ଥିସକଳ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ।
5 ପ୍ରଭୁ ସଦାପ୍ରଭୁ ଏହିସକଳ ଅସ୍ଥିକୁ ଏହି କଥା କହନ୍ତି; ଦେଖ, ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ପ୍ରାଣବାୟୁ
ପ୍ରବେଶ କରାଇବା ଓ ତୁମ୍ଭେମାନେ ଜୀବିତ ହେବ।
6 ପୁଣି, ଆମ୍ଭେ ତୁମ୍ଭମାନଙ୍କ ଉପରେ ଶିରା ଦେବା ଓ ତୁମ୍ଭମାନଙ୍କ ଉପରେ ମାଂସ ଉତ୍ପନ୍ନ କରିବା, ଆଉ
ଚର୍ମରେ ତୁମ୍ଭମାନଙ୍କୁ ଆଚ୍ଛାଦନ କରିବା ଓ ତୁମ୍ଭମାନଙ୍କ ମଧ୍ୟରେ ପ୍ରାଣବାୟୁ ଦେବା, ଆଉ ତୁମ୍ଭେମାନେ
ଜୀବିତ ହେବ; ତହିଁରେ ଆମ୍ଭେ ଯେ ସଦାପ୍ରଭୁ ଅଟୁ, ଏହା ତୁମ୍ଭେମାନେ ଜାଣିବ।
7 ଏଥିରେ ମୋତେ ଯେପରି ଆଜ୍ଞା ହୋଇଥିଲା, ତଦନୁସାରେ ମୁଁ ଭବିଷ୍ୟଦ୍ବାକ୍ୟ ପ୍ରଚାର କଲି; ପୁଣି,
ମୁଁ ପ୍ରଚାର କରୁ କରୁ ଏକ ଶବ୍ଦ ହେଲା ଓ ଦେଖ, ଭୂମିକମ୍ପ ହେଲା, ଆଉ ଅସ୍ଥିସକଳ ଏକତ୍ର ହୋଇ
ପ୍ରତ୍ୟେକ ଅସ୍ଥି ଆପଣା ଅସ୍ଥିରେ ସଂଯୁକ୍ତ ହେଲା।

ଏହି ପାଠ୍ୟାଂଶ ଯିହିଜିକଲ ଭବିଷ୍ୟତ ବକ୍ତାଙ୍କ ଅନୁଭୁତିର କିଛି ଅଂଶକୁ ପ୍ରକାଶିତ କରେ। ଏହି ଅସ୍ଥିଗୁଡିକ ଇଶ୍ରାଏଲ ଜାତିର ଚିତ୍ର ଥିଲା ଯେଉଁମାନେ ଆପଣା ନିଜ ଦେଶରୁ ଛିନ୍ନଭିନ୍ନ ହୋଇ ଥିଲେ ଓ ଭରସାହୀନ ପରି ଅନୁଭବ କରୁଥିଲେ। (ଯିହିଜିକଲ 37:11,12) । ଈଶ୍ୱରଙ୍କଠାରୁ ଦିଆଯାଇଥିବା ଭବିଷ୍ୟତ ବାକ୍ୟକୁ ସେହି ଶୁଷ୍କ ଅସ୍ଥିମାନଙ୍କୁ କହିବା ନିମନ୍ତେ ଈଶ୍ୱରଙ୍କ ଠାରେ ଯିହିଜିକଲ ଥିଲେ। ଅସ୍ଥିମାନେ ପରସ୍ପର ଯୋଡିହେଲେ, ତାଙ୍କ ଉପରେ ମାଂସ ଭରିଗଲା, ଓ ସେମାନଙ୍କ ମଧ୍ୟକୁ ପ୍ରାଣବାୟୁ ଆସିଲା। ସେମାନେ ଜୀବିତ ହେଲେ ଓ ଅତିଶୟ ମହତସେନା ଭାବରେ

ଛିଡା ହେଲେ (ଯିହିଜିକଲ 37:10) ଭବିଷ୍ୟତବକ୍ତା ଙ୍କର ବାକ୍ୟ ରେ ସମଗ୍ର ଦେଶର ଭାଗ୍ୟ ପ୍ରଭାବିତ ହେଲା। ଜଗତରେ ତାଙ୍କର ଉଦ୍ଦେଶ୍ୟ କୁ ସଫଳ କରିବା ନିମନ୍ତେ ଭବିଷ୍ୟତ ବାଣୀ ଏକ ବାହନ ଯାହା ମାଧ୍ୟମରେ ଈଶ୍ୱରଙ୍କ ବାକ୍ୟ କୁ ମୁକ୍ତ କରାଯାଏ।

ଆଜିମଧ୍ୟ ପବିତ୍ର ଆତ୍ମା ଆମକୁ ପ୍ରେରଣା ଦିଅନ୍ତି ଓ କହିବା ନିମନ୍ତେ ଭବିଷ୍ୟତ ବାଣୀ ଦିଅନ୍ତି। ଏହା ନିଜ ଜୀବନ ଉପରେ, ଅନ୍ୟମାନଙ୍କ ଉପରେ, ସହର, ଅଞ୍ଚଳ, ଓ ଦେଶ ଉପରେ ହୋଇପାରେ। ଯେହେତୁ ଯେ ଭାବରେ ସେ ପ୍ରେରଣା ଦିଅନ୍ତି ଆମେ ତାହା କହିଥାଉ ଶୁଷ୍କ ଅସ୍ଥି ଜୀବିତ ହୋଇଥାଏ! ମୃତ କଣ ଜୀବିତ ହୁଏ! ଦେଶ ଓ ଲୋକମାନେ ଜୀବନ ଓ ଆଶା ସହିତ ଉଠିବେ। ମନେ ରଖନ୍ତୁ, ପବିତ୍ର ଆତ୍ମା ଯେପ୍ରକାରେ ତୁମକୁ ପ୍ରେରଣା ଦିଅନ୍ତି ଶୁଷ୍କ ଅସ୍ଥିମାନଙ୍କ କୁହ ଏବଂ ସେମାନେ ଜୀବିତ ହେବେ!

# 28
# ଆପଣଙ୍କ କଥା ସବୁ ସ୍ୱର୍ଗରେ ଶୁଣା ଯାଉଅଛି

ଦାନିଏଲ 10:12

**ଏଥିରେ ସେ ମୋତେ କହିଲେ, ହେ ଦାନିୟେଲ, ଭୟ କର ନାହିଁ; କାରଣ ତୁମ୍ଭେ ଯେଉଁ ପ୍ରଥମ ଦିନରୁ ବୁଝିବା ପାଇଁ ଓ ତୁମ୍ଭ ପରମେଶ୍ୱରଙ୍କ ସାକ୍ଷାତରେ ଆପଣାକୁ ନମ୍ର କରିବା ପାଇଁ ଆପଣା ମନ ନିବେଶ କଲ, ସେହି ଦିନଠାରୁ ତୁମ୍ଭର ବାକ୍ୟ ଶୁଣାଗଲା; ଆଉ, ତୁମ୍ଭର ବାକ୍ୟ ସକାଶୁ ଆମ୍ଭେ ଆସିଅଛୁ।**

ଆମେ ଏଠି ଜଗତରେ ଯେଉଁ ବାକ୍ୟ କହିଥାଉ ତାହା ସ୍ୱର୍ଗରେ ଶୁଣା ଯାଇଥାଏ. ଆମ କହିଥିବା ବାକ୍ୟର ଉତ୍ତରରେ ଈଶ୍ୱର ଦୁତ ମାନଙ୍କୁ  ପ୍ରେରଣ କରିଥାନ୍ତି ବା ପଠାଇଥାନ୍ତି।

ଆମେ ପ୍ରାର୍ଥନାରେ ବାକ୍ୟ କହିଥାଉ। ବିଶ୍ୱାସ କୁ ପ୍ରୟୋଗ କରିବା ସକାଶେ ଆମେ ବାକ୍ୟ କହିଥାଉ। ଅନ୍ଧକାରର ଶକ୍ତି ବିରୁଦ୍ଧରେ ଯୁଦ୍ଧ କଲାବେଳେ ଆତ୍ମାଙ୍କ ଖଡ୍ଗ କୁ ବ୍ୟବହାର କଲାବେଳେ ଆମେ ବାକ୍ୟ କହିଥାଉ। ଆମେ ଲୋକମାନଙ୍କୁ ଆଶିର୍ବାଦର ବାକ୍ୟ କହିଥାଉ। ଆମେ ଉଦ୍ଧାର ଓ ଆଶ୍ଚର୍ଯ୍ୟ କର୍ମର ସେବା ନିମନ୍ତେ ବାକ୍ୟ କହିଥାଉ। ଆମେ ବାନ୍ଧିବାକୁ ଓ ମୁକ୍ତ କରିବାକୁ, ଜଗତରେ ଆମର କ୍ଷମତାକୁ ପ୍ରୟୋଗ କରିବାକୁ ବାକ୍ୟ କହିଥାଉ। ଆମର ବାକ୍ୟ ଶୁଣା ଯାଏ । ଆମ ବାକ୍ୟର ଉତ୍ତରରେ ଦୁତ ମାନଙ୍କୁ ପ୍ରେରଣ କରାଯାଏ।

ତୁମେ ଜାଣିଛ ଯେ ତୁମର ବାକ୍ୟ ଗୁଡିକ ସ୍ୱର୍ଗରେ ଶୁଣାଯାଉଛି, ତେବେ ତୁମେ କିପ୍ରକାର ବାକ୍ୟ କହିବ? । ସ୍ୱର୍ଗରେ ଏହା ଈଶ୍ୱର ଙ୍କ ବାକ୍ୟ  ତାହାଙ୍କ ଆୟତ୍ତାଧିନରେ ଥାଏ। *"ହେ ସଦାପ୍ରଭୋ, ତୁମ୍ଭବାକ୍ୟ ଅନନ୍ତକାଳ ନିମନ୍ତେ ସ୍ୱର୍ଗରେ ସଂସ୍ଥାପିତ ଅଛି"* (ଗୀତସଂହିତା 119:89)। ଆମେ ପ୍ରାର୍ଥନାରେ, ଯୁଦ୍ଧ ସମୟରେ, ସେବାରେ, କ୍ଷମତା ପ୍ରୟୋଗରେ, ସମସ୍ତ ପରିସ୍ଥିତିରେ କହୁଥିବା ବାକ୍ୟ ଗୁଡିକ ସ୍ୱର୍ଗରେ ସଂସ୍ଥାପିତ ହୋଇଥିବା ଈଶ୍ୱରଙ୍କ ବାକ୍ୟରେ ସମାନ୍ତରାଳରେ ହେବା ଉଚିତ। ମନେ ରଖିବା, ତୁମର ବାକ୍ୟ ଗୁଡିକ ସ୍ୱର୍ଗରେ ଶୁଣାଯାଇଥାଏ।  ସର୍ବଦା ସ୍ୱର୍ଗର ସମାନ୍ତରାଳରେ କଥା କହ ଏବଂ ସ୍ୱର୍ଗ ତୁମ ତରଫରୁ ଗତିକରିବ।

# 29
# ବାକ୍ୟ ସବୁ ଆତ୍ମିକ ସ୍ଥାନରୁ ପ୍ରାକୃତିକ ସ୍ଥାନକୁ ସ୍ଥାନାନ୍ତରିତ ହୁଏ

**ଦାନିୟେଲ 10:17-19**

**17 କାରଣ ମୋର ଏହି ପ୍ରଭୁଙ୍କର ଦାସ କିପ୍ରକାରେ ଏହି ମୋ' ପ୍ରଭୁଙ୍କ ସଙ୍ଗେ କଥାବାର୍ତ୍ତା କରି ପାରେ?**
**ସେହିକ୍ଷଣେ ମୋ'ଠାରେ କିଛି ବଳ ଅବା ମୋ' ମଧ୍ୟରେ ଶ୍ୱାସ ରହିଲା ନାହିଁ।**
**18 ସେତେବେଳେ ମନୁଷ୍ୟର ଆକୃତିବିଶିଷ୍ଟ ଜଣେ ଲୋକ ପୁନର୍ବାର ମୋତେ ସ୍ପର୍ଶ କରି ସବଳ କଲେ।**
**19 ପୁଣି, ସେ କହିଲେ, ହେ ଅତ୍ୟ; ପ୍ରିୟପାତ୍ର ମନୁଷ୍ୟ, ଭୟ କର ନାହିଁ ; ତୁମ୍ଭର ଶାନ୍ତି ହେଉ, ସବଳ**
**ହୁଅ, ସବଳ ହୁଅ। ସେ ମୋତେ ଏହା କହନ୍ତେ, ମୁଁ ସବଳ ହୋଇ କହିଲି, ମୋର ପ୍ରଭୁ କହନ୍ତୁ; କାରଣ**
**ତୁମ୍ଭେ ମୋତେ ସବଳ କରିଅଛ।**

ଯେତେବେଳେ ଦାନିଏଲ ଙ୍କୁ ଦୁତ ପରିଦର୍ଶନ କଲେ ସେ ଅଭିଭୁତ, ଦୁର୍ବଳ, ଶକ୍ତିହୀନ ଏବଂ ହୁଏତ ଭୟ ଅନୁଭବ କରିଥିଲେ। ଦୁତ ତାଙ୍କୁ ସ୍ପର୍ଶ କଲେ ଆଉ ତାଙ୍କୁ କହିଲେ *"ଭୟ କରନାହିଁ ତୁମର ଶାନ୍ତି ହେଉ, ସବଳ ହୁଅ,"* ଏବଂ ଦାନିଏଲ ସବଳ ହେଲେ। ଯେଉଁବାକ୍ୟ ଦୁତ ଦାନିଏଲଙ୍କୁ କହିଲେ ତାହା ଦାନିଏଲଙ୍କ ମଧ୍ୟରେ ଶାନ୍ତି ଓ ବଳକୁ ସଂଚାରିତ କଲା। ବାକ୍ୟ ଆଧ୍ୟାତ୍ମିକ କ୍ଷେତ୍ର ଓ ପ୍ରାକୃତିକ କ୍ଷେତ୍ର କୁ ସଂଯୋଗ କରେ। ବାକ୍ୟ ଆତ୍ମିକ କ୍ଷେତ୍ରରୁ ପ୍ରାକୃତିକ କ୍ଷେତ୍ର କୁ ସ୍ଥାନାନ୍ତରିତ ହୋଇଥାଏ।

ମନୁଷ୍ୟ ଭାବରେ ଆମେ ଉଭୟ ଆତ୍ମିକ ଓ ପ୍ରାକୃତିକ କ୍ଷେତ୍ରରେ କାର୍ଯ୍ୟ କରିପାରିବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ରଚନା କରାଯାଇଛୁ। ବିଶ୍ୱାସୀ ଭାବରେ ଯୀଶୁଙ୍କର ଦକ୍ଷିଣ ପାର୍ଶ୍ୱରେ ଆମର ବସିବାର ସ୍ଥାନ ଅଛି। ଆମେ ଖ୍ରୀଷ୍ଟଙ୍କଠାରେ ଅଛୁ। ଆମେ ଈଶ୍ୱରଙ୍କର ଉତ୍ତରାଧିକାରୀ ଓ ଯୀଶୁଙ୍କ ସହିତ ସହଉତ୍ତରାଧିକାରୀ। ଆତ୍ମିକ କ୍ଷେତ୍ରରେ ଆମ୍ଭେ ଏହା ଅଟୁ। ଆତ୍ମିକ କ୍ଷେତ୍ରରେ ଈଶ୍ୱର ଯାହା ଆମକୁ ଦେଇଛନ୍ତି ତାକୁ ନେଇ ପ୍ରାକୃତିକ କ୍ଷେତ୍ରରେ ଅନ୍ୟ  କାହାଠାରେ ପ୍ରୟୋଗ କରିବାର ସାମର୍ଥ୍ୟ ଆମର ବାକ୍ୟରେ ଅଛି। ଉଦାହରଣ ସ୍ୱରୁପ ଯେତେବେଳେ ଆମେ ରୋଗୀମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିଥାଉ ଓ ସୁସ୍ଥତା

ନିମନ୍ତେ  ଆଦେଶ ଦେଇଥାଉ। ପ୍ରାକୃତିକ ଭାବରେ ଆମ ପାଖରେ ଏମିତି କିଛି ଅଛି  କି ଯାହା ଅଲୌକିକ ସୁସ୍ଥତା ଆଣିପାରେ?  ଅବଶ୍ୟ କୌଣସିମତେ କିଛି ନାହିଁ। ଆମେ ଯାହା କରୁଛୁ  ତାହେଉଛି, ଯୀଶୁଖ୍ରୀଷ୍ଟଙ୍କର ସମାପ୍ତ କରିଥିବା କାର୍ଯ୍ୟକୁ ନେଇ, ଆତ୍ମିକ କ୍ଷେତ୍ରରେ ଥିବା ଆମର ଅଭିଷେକ ଓ କ୍ଷମତାକୁ ନେଇ ସେହି ବ୍ୟକ୍ତିର ଶାରୀରିକ ସୁସ୍ଥତା ପାଇଁ ଆମେ ତାକୁ ପରିଚାଳିତ କରିଥାଉ। ଆମର ବାକ୍ୟ ଆତ୍ମିକ କ୍ଷେତ୍ର ଓ ପ୍ରାକୃତିକ କ୍ଷେତ୍ର କୁ ସଂଯୁକ୍ତ କରିଥାଏ। ଯେହେତୁ ଆମେ ଈଶ୍ୱରଙ୍କ ବାକ୍ୟଉପରେ  ଆଧାର କରି  କଥା କହିଥାଉ ଆତ୍ମିକ ଭାବରେ ଆମର ଯାହା ଅଛି ତାହା ନେଇ ପ୍ରକୃତି ଭିତରେ  ତାହା ମୁକ୍ତ କରିପାରିବା   ଈଶ୍ୱରଙ୍କ ରାଜ୍ୟ ଆସିବାର ଦେଖିବା ପାଇଁ ଆମେ ଏଠାରେ ଅଛୁ।, ସ୍ୱର୍ଗରେ ଯେପରି ପୃଥିବୀରେ ସେପରି ତାଙ୍କର ଇଚ୍ଛା ସଫଳ ହେବ । ଆମେ ଏହା କରିବାର ଗୋଟିଏ ଉପାୟ ହେଉଛି ତାଙ୍କର ବାକ୍ୟର ସମାନ୍ତରାଳରେ କହିବା ଯାହାଫଳରେ  ଆଧ୍ୟାତ୍ମିକ ଭାବରେ ଯାହା ସେ ଆମକୁ ଦେଇଛନ୍ତି ତାକୁ ପ୍ରାକୃତିକରେ ଏଠାରେ ଆମେ ମୁକ୍ତ କରି ପାରିବା।

# 30
# ଦୁର୍ବଳ ବ୍ୟକ୍ତି କହୁ ଯେ ମୁଁ ବଳବାନ

**ଯୋୟେଲ 3:9,10**
**[9] ତୁମ୍ଭେମାନେ ଗୋଷ୍ଠୀବର୍ଗ ମଧ୍ୟରେ ଏହି କଥା ପ୍ରଚାର କର; ଯୁଦ୍ଧ ଆୟୋଜନ କର; ବୀରମାନଙ୍କର ପ୍ରବୃତ୍ତି ଜନ୍ମାଅ; ଯୋଦ୍ଧା ସମସ୍ତେ ନିକଟକୁ ଆସି ଉପସ୍ଥିତ ହେଉନ୍ତୁ।**
**[10] ତୁମ୍ଭେମାନେ ଆପଣା ଆପଣା ଲଙ୍ଗଳର ଫାଳ ଭାଙ୍ଗି ଖଡ୍‌ଗ ଗଢ଼ାଅ ଓ ଆପଣା ଆପଣା ଦା ଭାଙ୍ଗି ବର୍ଚ୍ଛା ଗଢ଼: ଦୁର୍ବଳ ଲୋକ କହୁ, ମୁଁ ବଳବାନ।**

ଯୋୟଲ 3 ଅଧ୍ୟାୟ ଯିହୋଶାଫଟ ଉପତ୍ୟକାରେ ଥିବା ହର୍ମିଗିଦୋନ୍ ନାମକ ସ୍ଥାନରେ ଯୁଦ୍ଧ ଏବଂ ପ୍ରଭୁଙ୍କ ଦିନ ବିଷୟରେ ଏକ ଭବିଷ୍ୟବାଣୀ ଅଟେ। ଦେଶଗୁଡ଼ିକ ଯୁଦ୍ଧ ପାଇଁ ସଙ୍ଗଠିତ ହେଉଛନ୍ତି । ଯୋୟେଲ ବର୍ଣ୍ଣନା କରନ୍ତି, ଏପରିକି ଲଙ୍ଗଳର (ଫାଳ ଏବଂ ଦା') ପରି ଶାନ୍ତ ବସ୍ତୁଗୁଡ଼ିକ ମଧ୍ୟ ଯୁଦ୍ଧରେ ବ୍ୟବହାରର ଯୁଦ୍ଧ ଅସ୍ତ୍ର (ଖଣ୍ଡା ଏବଂ ବର୍ଚ୍ଛା) ରୂପରେ ପରିଣତ ହେଲେ । ଏହି ପ୍ରକ୍ରିୟାରେ ଏକ ଚିତ୍ତାକର୍ଷକ କଥନ ଘୋଷଣା କରାଗଲା—*ଦୁର୍ବଳଲୋକମାନେ କୁହନ୍ତୁ, 'ମୁଁ ଶକ୍ତିଶାଳୀ।'* ଦୁର୍ବଳଲୋକମାନେ କହିବାକୁ ହେବ ନାହିଁ, "ମୁଁ ଦୁର୍ବଳ"। ଦୁର୍ବଳଲୋକମାନେ କହିବାକୁ ହେବ, "ମୁଁ ବଳବାନ।" ଏଠାରେ ଏହିପରି କୁହାଯିବାର ମହତ୍ତ୍ୱ ହେଉଛି ଯେ, ଦୁର୍ବଳଲୋକମାନେ "ମୁଁ ବଳବାନ୍" କହିଲେ, ସେମାନେ ବଳବାନ ହେବେ ଏବଂ ଯୁଦ୍ଧକୁ ଅଗ୍ରସର ହେବେ ।

ଈଶ୍ୱର ତାଙ୍କ ବାକ୍ୟରେ ଆମ୍ଭମାନଙ୍କ ନିମନ୍ତେ ଯାହା ଘୋଷଣା କରିଛନ୍ତି, ଯଦ୍ୟପି ଏଇ ମୁହୂର୍ତ୍ତରେ ଆମେ ତାହାକୁ ଅନୁଭବ କରି ନ ଥାଉ, ତଥାପି ତାହାକୁ ସେହି ସମାନ ଭାବରେ ସ୍ୱୀକାର କରିବା ଠିକ ହେବ କି?

ଯେଉଁମାନେ ପାପ ସହିତ ସଂଘର୍ଷ କରନ୍ତି, ସେହି ଲୋକମାନେ ଏହା କହିବା ଉପଯୁକ୍ତ ହେବ କି "ପାପର ମୋ' ଉପରେ ଆଧିପତ୍ୟ ରହିବ ନାହି," ଯାହାଫଳରେ ସେମାନେ ପାପ ଉପରେ ବିଜୟୀ ହୋଇ ପାରିବେ। ଅବଶ୍ୟ!

ଯେଉଁମାନେ (ଆମେ ସମସ୍ତେ) ପାପ ଓ ପ୍ରଲୋଭନର ସମ୍ମୁଖୀନ ହେଉଛନ୍ତି, ସେମାନେ କହନ୍ତୁ *"ମୋର ପୁରାତନ ପାପପୂର୍ଣ୍ଣ ସ୍ୱଭାବ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି ଏବଂ ପାପର ଶକ୍ତି ମୋ 'ଜୀବନରୁ ଭଗ୍ନ ହୋଇଅଛି ପାପ ମୋ' ଉପରେ ଆଧିପତ୍ୟ କରିବ  ନାହିଁ।"*

ଯେଉଁମାନେ ରୋଗରେ ପୀଡ଼ିତ ସେମାନେ ଏହା କହିବା ଠିକ୍ ହେବ କି *"ଯୀଶୁଙ୍କ ପ୍ରହାରରେ ମୁଁ ସୁସ୍ଥ ହୋଇଛି"*, ଯାହାର ଫଳ ସ୍ୱରୂପ ସେମାନେ  ସୁସ୍ଥ ହେବେ। ଅବଶ୍ୟ!

ଯେଉଁମାନେ ରୋଗରେ ପୀଡ଼ିତ ସେମାନେ କହନ୍ତୁ, *"ଯୀଶୁ ନିଜେ ମୋର ପୀଡ଼ିତ ଅବସ୍ଥା ନେଇଅଛନ୍ତି, ମୋର ଯନ୍ତ୍ରଣାକୁ ସେ ବହନ କରିଅଛନ୍ତି ଏବଂ ତାହାଙ୍କ ପ୍ରହାରରେ ମୁଁ ସୁସ୍ଥ ହୋଇଅଛି"।*

ଯେଉଁମାନେ ଅଭାବରେ ଅଛନ୍ତି, ସେମାନେ ଏହା କହିବା ଠିକ ହେବ କି *"ଈଶ୍ୱର ମୋର ସମସ୍ତ ଆବଶ୍ୟକତା ଯୋଗାଇଦିଅନ୍ତି।"* ଅବଶ୍ୟ!

ଯେଉଁମାନେ ଅଭାବରେ ଅଛନ୍ତି, ସେମାନେ କହନ୍ତୁ, *"ସଦାପ୍ରଭୁ ମୋର ପ୍ରତିପାଳକ; ମୋହର ଅଭାବ ହେବ ନାହି। ମୋହର ଈଶ୍ୱର ମୋହର ପ୍ରତ୍ୟେକ ଅଭାବ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପୂରଣ କରିବେ।"*

ଯେଉଁମାନେ ନିଜକୁ ବଳହୀନ ଅନୁଭବ କରନ୍ତି, ସେମାନେ ଏହା କହିବା ଠିକ୍ ହେବ କି, *"ପ୍ରକୃତରେ ମୁଁ ବଳରେ ପରିପୂର୍ଣ୍ଣ ହୋଇଅଛି, କାରଣ ପବିତ୍ରଆତ୍ମା ମୋ' ଉପରେ ଅବତରଣ କରିଅଛନ୍ତି,"* ଯାହାଫଳରେ ସେମାନେ ଆତ୍ମାଙ୍କ ଶକ୍ତିରେ ଯାଇ ପାରିବି।  ଅବଶ୍ୟ!

ଆସନ୍ତୁ କହିବା, *"ପବିତ୍ରଆତ୍ମା ମୋ ଉପରେ ଅଧିଷ୍ଠିତ ହେଲା ଉତ୍ତାରେ, ମୁଁ ଶକ୍ତି ପାଇଛି ଏବଂ ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ, ଭଗ୍ନାନ୍ତକରଣଙ୍କୁ ସୁସ୍ଥ କରିବା ପାଇଁ,  ବନ୍ଦୀମାନଙ୍କ ନିକଟରେ ମୁକ୍ତିର ବିଷୟ ଘୋଷଣା କରିବାକୁ ମୁଁ ଅଭିଷିକ୍ତ ହୋଇଅଛି ।"*

ଈଶ୍ୱରଙ୍କ ବାକ୍ୟ ତୁମ୍ଭ ବିଷୟରେ ଯାହା କହନ୍ତି, ଯଦିବା ତୁମେ ତାହାର ବିପରୀତ ଅନୁଭବ କରୁଥାଅ, ତଥାପି ତାହା ସ୍ୱୀକାର କର । ଈଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ। ତଥ୍ୟର ପରିବର୍ତ୍ତନ ହୋଇପାରେ। ଈଶ୍ୱରଙ୍କ ସତ୍ୟତା ଅନନ୍ତକାଳ ସ୍ଥାୟୀ ଓ ତାହା କେବେ ପରିବର୍ତ୍ତନ ହେବନାହିଁ । ଯେଉଁ ତଥ୍ୟଗୁଡ଼ିକର ସମ୍ମୁଖୀନ ଆପଣ ହେଉଛନ୍ତି, ସେଗୁଡ଼ିକୁ ଈଶ୍ୱରଙ୍କ ବାକ୍ୟର ସତ୍ୟତା ସହିତ ସମାନ୍ତରାଳ କରିବା ପାଇଁ ତାହାର ପରିବର୍ତ୍ତନ କରାଯାଇପାରେ। ଯେଉଁମାନେ ଦୁର୍ବଳ ସେମାନେ କହନ୍ତୁ, "ମୁଁ ବଳବାନ," ଏବଂ ତେଣୁ ବଳବାନ ହୁଅନ୍ତୁ ।

# 31
# ଆପଣଙ୍କ ବାକ୍ୟ ଦ୍ୱାରା ଈଶ୍ୱରଙ୍କ ଅପମାନ କରନ୍ତୁ ନାହିଁ

ମଲାଖୀ 3:13-16

**[13] ସଦାପ୍ରଭୁ କହନ୍ତି, ଆମ୍ଭ ବିରୁଦ୍ଧରେ ତୁମ୍ଭମାନଙ୍କର ବାକ୍ୟସବୁ ଶକ୍ତ ହୋଇଅଛି, ତଥାପି ତୁମ୍ଭେମାନେ କହୁଅଛ, ଆମ୍ଭେମାନେ କାହିଁରେ ତୁମ୍ଭ ବିରୁଦ୍ଧରେ କଥା କହିଅଛୁ?**

**[14] ତୁମ୍ଭେମାନେ କହିଅଛ, ପରମେଶ୍ୱରଙ୍କର ସେବା କରିବାର ବ୍ୟର୍ଥ; ଆଉ, ଆମ୍ଭେମାନେ ଯେ ତାହାଙ୍କର ରକ୍ଷଣୀୟ ରକ୍ଷା କରିଅଛୁ, ସୈନ୍ୟାଧିପତି ସଦାପ୍ରଭୁଙ୍କ ଛାମୁରେ ଖେଦଯୁକ୍ତ ହୋଇ ଗମନାଗମନ କରିଅଛୁ, ଏଥିରେ ଆମ୍ଭମାନଙ୍କର କି ଲାଭ?**

**[15] ପୁଣି, ଏବେ ଆମ୍ଭେମାନେ ଅହଙ୍କାରୀକି ସୁଖୀ କହୁ; ହଁ, ଦୁଷ୍ଟାଚାରୀମାନେ ବର୍ଦ୍ଧିଷ୍ଣୁ ହୁଅନ୍ତି; ହଁ, ଯେଉଁମାନେ ପରମେଶ୍ୱରଙ୍କର ପରୀକ୍ଷା କରନ୍ତି, ସେମାନେ ରକ୍ଷା ପାଆନ୍ତି।**

**[16] ସେସମୟରେ ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କଲେ, ସେମାନେ ଏକ ଆରେକର ସଙ୍ଗେ କଥାବାର୍ତ୍ତା କଲେ; ଆଉ, ସଦାପ୍ରଭୁ ମନୋଯୋଗ କରି ତାହା ଶୁଣିଲେ ଓ ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କଲେ ଓ ତାହାଙ୍କ ନାମ ଧ୍ୟାନ କଲେ, ସେମାନଙ୍କ ନିମନ୍ତେ ଏକ ସ୍ମରଣାର୍ଥ ପୁସ୍ତକ ତାହାଙ୍କ ଛାମୁରେ ଲେଖାଗଲା।**

କଳ୍ପନାକରନ୍ତୁ, ସଦାପ୍ରଭୁ ନିଜ ଲୋକମାନେ କହିଥିବା କଥାଗୁଡ଼ିକ ଏବଂ ଯେଉଁସବୁ ବିଷୟ କହିଥିଲେ, ତାହା ଶୁଣି ଆହତ ହେଲେ ଏବଂ କଷ୍ଟ ପାଇଲେ। ସଦପ୍ରଭୁ ଆମ୍ଭମାନଙ୍କର କଥା ଶୁଣନ୍ତି। ୧୬ ପଦ ଆମକୁ ସୂଚିତ କରେ ଯେ ଯେଉଁମାନେ ସଦାପ୍ରଭୁଙ୍କ ବିଷୟରେ ଭକ୍ତିର ସହ କଥା ହେଲେ ଓ ତାହାଙ୍କର ନାମ ଧ୍ୟାନ କଲେ, ସେମାନଙ୍କ କଥା ଲିପିବଦ୍ଧ କରିବା ନିମନ୍ତେ ଏକ ସ୍ମୃତି ପୁସ୍ତକ ଲେଖାଗଲା।

ଆମେ କହୁଥିବା କଥା ସଦାପ୍ରଭୁ ଶୁଣନ୍ତି । ତୁମେ କହୁଥିବା କଥା ଈଶ୍ୱର ଶୁଣି ସେ  କିପରି ଅନୁଭବ କରନ୍ତୁ ବୋଲି ତୁମେ ଚାହିଁବ ? ନିଶ୍ଚିତଭାବେ ଆମେ ଆମର ବାକ୍ୟ ଦ୍ୱାରା ସଦାପ୍ରଭୁଙ୍କୁ ଆହତ କିମ୍ବା ଅପମମାନିତ କରିବାକୁ  ଆମେ ଚାହିଁବା ନାହି।

ଆମେ କିପରି ସୁନିଶ୍ଚତ କରିବା ଯେ ଆମେ ଯାହା କହିଥାଉ, ତାହା ଆମ ସଦାପ୍ରଭୁଙ୍କୁ ଗୌରବାନ୍ୱିତ ଓ ମହିମାନ୍ୱିତ କରେ ଓ ତାଙ୍କ  ହୃଦୟକୁ ସନ୍ତୁଷ୍ଟି ଦିଏ? ଆମେ ଯେତେବେଳେ କଥା କହୁ, ତାହା ସଦାପ୍ରଭୁଙ୍କ ବାକ୍ୟର  ସମାନ୍ତରାଳରେ ଓ ଠିକ ତାହାଙ୍କ ଚକ୍ଷୁ ସମ୍ମୁଖରେ ରହିଥାଏ।

ତୁମ୍ଭ ମୁଖରୁ ନିର୍ଗତ ହେଉଥିବା କଥା ସଦାପ୍ରଭୁଙ୍କୁ ଅପମାନିତ ନ କରୁ। ଈଶ୍ୱର ଯାହା କହିଅଛନ୍ତି, ତାହା କୁହ। ପ୍ରତ୍ୟେକ ପରିସ୍ଥିତିରେ ସଦାପ୍ରଭୁଙ୍କ ବାକ୍ୟ କୁହ। ସେ ଜାଣନ୍ତୁ ଯେ, ତୁମେ ପ୍ରତ୍ୟେକ ପରିସ୍ଥିତରେ ତାଙ୍କୁ ଏବଂ ତାଙ୍କ ବାକ୍ୟକୁ ସମ୍ମାନ ଦେଉଅଛ।

# 32
# "ଏହା ଲେଖା ଅଛି" ବୋଲି କହିବାକୁ ଶିଖନ୍ତୁ—ଯୀଶୁ ଏହା କରିଥିଲେ

**ମାଥିଉ 4:1-4**

**[1] ସେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ଆତ୍ମାଙ୍କ କର୍ତ୍ତୃକ ପ୍ରାନ୍ତରକୁ ନୀତଣହେଲେ,**

**[2] ପୁଣି ଚାଳିଶ ଦିନ ଓ ଚାଳିଶ ରାତ୍ରି ଉପବାସ କରି ଶେଷରେ କ୍ଷୁଧିତ ହେଲେ।**

**[3] ଆଉ, ପରୀକ୍ଷକ ତାହାଙ୍କ ନିକଟକୁ ଆସି କହିଲା, ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ାକ ରୋଟୀ ହେବା ପାଇଁ ଆଜ୍ଞା ଦିଅ।**

**[4] କିନ୍ତୁ ଯୀଶୁ ଉତ୍ତର ଦେଲେ, ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ।**

ପ୍ରଭୁ ଯୀଶୁ ଆମର ଉପଯୁକ୍ତ ଆଦର୍ଶ, ଯାହାଙ୍କୁ ଆମେ ସମସ୍ତ ବିଷୟରେ ଅନୁକରଣ ଏବଂ ଅନୁସରଣ କରିଥାଉ। ପ୍ରାନ୍ତରରେ ପ୍ରଭୁ ଯୀଶୁ ଯେଉଁ ତିନୋଟି ପରୀକ୍ଷାର ସମ୍ମୁଖୀନ ହେଲେ ତାହା ଆମ୍ଭମାନଙ୍କ ପାଇଁ  ଲିପିବଦ୍ଧ ହୋଇଅଛି। ସେ ଯେ କେବଳ ଏହି ତିନୋଟି ପରୀକ୍ଷାର ସମ୍ମୁଖୀନ ହୋଇଥିଲେ, ତାହା ନୁହେଁ। ସେ ଆମ୍ଭମାନଙ୍କ ପରି ସମସ୍ତ ପରିସ୍ଥିତରେ (ସବୁ ବିଷୟରେ, ସବୁ ପ୍ରକାରେ) ପରିକ୍ଷୀତ ହୋଇଥିଲେ, କିନ୍ତୁ ସେ ପାପ ଶୂନ୍ୟ ହେଲେ (ଏବ୍ରୀ 4:15)।  ଯୀଶୁ ସମ୍ମୁଖୀନ ହୋଇଥିବା ସମସ୍ତ ପରୀକ୍ଷାର ତାଲିକା ଆମ୍ଭ ପାଖରେ ନାହିଁ । ସେ ଯାହା ବି ହେଉ, ମାଥିଉ 4 ରେ ଲେଖା ହୋଇଥିବା ତିନୋଟି ପରୀକ୍ଷାରୁ ଆମେ ଲକ୍ଷ୍ୟକରୁ ଯେ ପ୍ରଭୁ ଯୀଶୁ ପ୍ରତିଥର ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପରୀକ୍ଷାକୁ ଉତ୍ତର ଦେଇଥିଲେ । ପ୍ରତିଥର ସେ କହିଥିଲେ  "ଏପରି ଲେଖାଅଛି"। ଅତଏବ ଆମେ ନିଶ୍ଚିତ ହେବା  ଯେ ସେ ପ୍ରତ୍ୟେକ ପରୀକ୍ଷାକୁ ସମାନ  ଢଙ୍ଗରେ ପ୍ରଭୁଙ୍କର ବାକ୍ୟ କହି  ତାକୁ ସାମନା କରିଥିଲେ।

ପ୍ରତ୍ୟେକ ପରୀକ୍ଷାରେ, ପ୍ରତ୍ୟେକ ପରିସ୍ଥିତିରେ "ଏହା ଲିଖିତ ଅଛି" କହିବାକୁ ଶିଖ। ଈଶ୍ୱର ଯାହା କହିଛନ୍ତି ତାହା କୁହ।  ଆମକୁ ଆହ୍ୱାନ କରୁଥିବା ସମସ୍ତ ପରିସ୍ଥିତିକୁ ଓ ପରୀକ୍ଷାକୁ ପରାଜିତ କରିବା ପାଇଁ ଈଶ୍ୱରଙ୍କ ବାକ୍ୟ କହୁ। । ଯେତେବେଳେ

ପରୀକ୍ଷାର ସମ୍ମୁଖୀନ ହେଉ, ସେତେବେଳେ ଏହା କହୁ, "ଏହା ଲିଖିତ ଅଛି, ମୋର ଶରୀର ପବିତ୍ର ଆତ୍ମାଙ୍କ ମନ୍ଦିର ଯିଏ ମୋ' ଅନ୍ତରରେ ବାସ କରନ୍ତି। ଏହା ଲେଖାଅଛି, ପାପର ଆଧିପତ୍ୟ ମୋ ଉପରେ ରହିବ ନାହିଁ; ମୁଁ ଧାର୍ମିକତାର ଅସ୍ତ୍ର ସ୍ୱରୂପେ ମୋର ଶରୀରକୁ ସମର୍ପଣ କରେ।" ଯେତେବେଳେ ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ, ଯାହା ଦୁର୍ଗମ ଆହ୍ୱାନ ପରି ଅନୁଭବ ହୁଏ, ସେତେବେଳେ ଏପରି କୁହନ୍ତୁ, "ଲେଖାଅଛି ମୁଁ ଈଶ୍ୱରଙ୍କ ଠାରୁ ଜାତ ଏବଂ ମୁଁ ଜଗତକୁ ଜୟ କରିଅଛି"। ଏହା ହେଉଛି ସେହି ବିଜୟ ଯାହା ଜଗତକୁ ଏପରିକି ମୋର ବିଶ୍ୱାସକୁ ମଧ୍ୟ ପରାସ୍ତ କରେ । ଈଶ୍ୱର ସବୁବେଳେ ମୋତେ ଜିତିବାକୁ ଦିଅନ୍ତି। ମୁଁ ଏହି ପରିସ୍ଥିତିରେ ମଧ୍ୟ ଜିତିବି। "ଏହା ଲେଖା ଅଛି " କହିବାକୁ ଶିଖ। ଯୀଶୁ ଏହା କରିଥିଲେ। ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱରଙ୍କ ବାକ୍ୟ କହନ୍ତୁ।

# 33

# ବାକ୍ୟ ସାହାର୍ଯ୍ୟରେ ଭୁତ ଆତ୍ମା ଗୁଡ଼ିକକୁ ଛଡ଼ାନ୍ତୁ

**ମାଥିଉ ୫:16**

**ସନ୍ଧ୍ୟା ହୁଅନ୍ତେ, ଲୋକମାନେ ଅନେକ ଭୂତଗ୍ରସ୍ତ ଲୋକଙ୍କୁତାହାଙ୍କ ନିକଟକୁ ଆଣିଲେ,ସେଥିରେ ସେ କଥା ମାତ୍ରକେ ଭୂତଗୁଡ଼ାକୁ ଛଡ଼ାଇଲେ ଏବଂ ସମସ୍ତ ପୀଡ଼ିତ ଲୋକଙ୍କୁ ସୁସ୍ଥ କଲେ ।**

ଆମ୍ଭେମାନେ ଯେତେବେଳେ ସୁସମାଚାର ପୁସ୍ତକଗୁଡ଼ିକ ମାଧ୍ୟମରେ ଯୀଶୁଙ୍କର ସେବାକାର୍ଯ୍ୟକୁ ପଢୁ, ସେତେବେଳେ ଆମେ ଶିଖୁ ଯେ ଯୀଶୁ କିପରି ଭାବରେ ଦୁଷ୍ଟଆତ୍ମାଗୁଡ଼ିକର ମୁକାବିଲା କରୁଥିଲେ । ସେ ମନ୍ଦ ଆତ୍ମାଗୁଡ଼ିକ ଉପରେ ଆଦେଶର ବାକ୍ୟ କହି ଆପଣା ଅଧିକାର ଏବଂ ଆଧିପତ୍ୟ ପ୍ରୟୋଗ କରୁଥିଲେ। ମାଥିଉ ଏଠାରେ ଲେଖନ୍ତି, ସେ ବାକ୍ୟ କହି ମନ୍ଦ ଆତ୍ମାଗୁଡ଼ିକୁ ଛଡ଼ାଇଲେ । ସେ କେବଳ ଆଦେଶର ବାକ୍ୟ କହିଥିଲେ।

ଆସୁ ଆମ୍ଭେମାନେ ଯୀଶୁଙ୍କ ଉଦାହରଣକୁ ଅନୁସରଣ କରୁ। ଆମ୍ଭମାନଙ୍କର କଥା ହେଉଛି- କ୍ଷମତା ଓ ଅଧିକାରର ଅଭିବ୍ୟକ୍ତି ଯାହା ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ଦିଆ ଯାଇଛି। ଯୀଶୁଙ୍କର ନାମକୁ ବ୍ୟବହାର କରିବାକୁ ଯେଉଁ ଅଧିକାର ଆମେ ପାଇଛୁ ତା'ସହ ଏହି କ୍ଷମତା ଆମକୁ ଦିଆଯାଇଛି। ଆମେ ତାଙ୍କର କ୍ଷମତାରେ ଚାଲିଥାଉ। ଯେତେବେଳେ ଆମେ ମନ୍ଦ ଶକ୍ତିର ସମ୍ମୁଖୀନ ହୋଇଥାଉ, ସେତେବେଳେ ଆମ୍ଭେମାନେ କ୍ଷମତାର ବାକ୍ୟ ପ୍ରୟୋଗ କରି ମନ୍ଦ ଶକ୍ତିର ସାମ୍ନା କରିବା ଉଚିତ୍ । ଆମ୍ଭେମାନେ କ୍ଷମତାର ବାକ୍ୟ ବ୍ୟବହାର କରି ମନ୍ଦ ଶକ୍ତି ଗୁଡିକୁ ଆମେ ବାହାର କରିଦେବା ।

ଆମ୍ଭେମାନେ କ୍ଷମତାର ବାକ୍ୟ କହିବା ଶିଖିବ ଉଚିତ୍ । ଆମ୍ଭେମାନେ ଏହା ନିଜ ପାଇଁ କରିବା ସହିତ ଯେଉଁ ମାନଙ୍କର ସେବା କରୁଅଛ, ସେମାନଙ୍କ ନିମନ୍ତେ ମଧ୍ୟ ଏହା କରିବା। ଯେତେବେଳେ ଆମ ମନରେ ଭୟ ଜାତ ହୁଏ, ଏହା କହିବାକୁ ଶିଖିବା —"ଯୀଶୁଙ୍କ ନାମରେ ଭୟର ଆତ୍ମାକୁ ଆଦେଶ ଦେଉଛି, ଏବେ ହିଁ ଛାଡି ଚାଲି ଯାଅ। ଯୀଶୁଙ୍କ ନାମରେ ଭୟର ଆତ୍ମାକୁ ଅଗ୍ରାହ୍ୟ କରୁଛି।" ସାଧାରଣତଃ, ଯେଉଁ

ଘଟଣା ଘଟୁଛି ଆପଣ ସେହି ଆତ୍ମାକୁ ସେହି କାରଣ ଦ୍ୱାରା ଆହ୍ୱାନ କରୁଅଛନ୍ତି । କିନ୍ତୁ ଯଦି ଆପଣ ଅନୁଭବ କରନ୍ତି ଯେ, କିଛି ଅସ୍ୱଷ୍ଟ ବା ଅସାଧାରଣ "ବିଷୟ" ମନରେ ଦ୍ୱନ୍ଦ ସୃଷ୍ଟି କରୁଅଛି, ତେବେ ସେହି ଦ୍ୱନ୍ଦ ଉପରେ କ୍ଷମତା ପ୍ରୟୋଗ କର । ଏହିପରି କହିବକୁ ଶିଖନ୍ତୁ, "ଏହି ପରିସ୍ଥିତରେ ଦ୍ୱନ୍ଦ ସୃଷ୍ଟିକରୁଥିବା ଆତ୍ମାଗୁଡ଼ିକ ଉପରେ ମୁଁ ଯୀଶୁଙ୍କ ନାମରେ  କ୍ଷମତା ବିସ୍ତାର କରୁଅଛି ।" ସେମାନଙ୍କର କାର୍ଯ୍ୟକୁ  ବାନ୍ଧୁଅଛି । ମୁଁ ସେମାନଙ୍କୁ ଛାଡ଼ି ଚାଲି ଯିବାକୁ ଯୀଶୁଙ୍କ ନାମରେ ଆଦେଶ ଦେଉଅଛି। ଯଦି ତୁମେ କୌଣସି ପିଡୀତ ବ୍ୟକ୍ତି ର ସେବା କରୁଅଛ ଓ ତୁମେ ଜାଣ ଯେ ମନ୍ଦ ଶକ୍ତି ହେତୁରୁ ଏହି ଅବସ୍ଥା ହୋଇଅଛି ତୁମେ କୁହ "ଯୀଶୁଙ୍କ ନାମରେ ଏହି  ଶାରୀରିକ ଅକ୍ଷମତା/ ଦୁର୍ବଳତା ର ଆତ୍ମା କୁ ଆଦେଶ ଦେଉଛି ଏହାଙ୍କୁ ଛାଡି ଚାଲିଯା।"

ମନ୍ଦ ଆତ୍ମା ଗୁଡିକକୁ ଆଦେଶର ବାକ୍ୟ ଦ୍ୱାରା ଛଡାଅ। ଯୀଶୁ ତାହା କରିଥଲେ, ତେଣୁ ଆମେ ମଧ୍ୟ କରିବା

# 34
# ଆପଣ ଯେତେବେଳେ ତାହାଙ୍କୁ ପୃଥିବୀରେ ସ୍ୱର୍ଗୀକାର କରନ୍ତି, ଆପଣ ସ୍ୱର୍ଗ ରେ ଉଲ୍ଲେଖିତ ହୁଅନ୍ତି

**ମାଥିଉ 10:32,33**

**32 ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍‌ବୀକାର କରିବ, ମୁଁ ମଧ୍ଯ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍‌ବୀକାର କରିବି।**

**33 ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍‌ବୀକାର କରିବ, ମୁଁ ମଧ୍ଯ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍‌ବୀକାର କରିବି।**

ଯୀଶୁଙ୍କ ବାକ୍ୟଗୁଡିକ ବହୁତ ସ୍ପଷ୍ଟ । ଆମେ ଯଦି ଲୋକଙ୍କ ସାକ୍ଷାତରେ ତାଙ୍କୁ ସ୍ୱୀକାର କରୁ, ସେ ଆମକୁ ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ସ୍ୱୀକାର କରିବେ.।

"ସ୍ୱୀକାର" ଶବ୍ଦଟି ଗ୍ରୀକ ଭାଷାରେ *'ହୋମୋଲୋଗିଅ,'* ଗ୍ରୀକ ଭାଷାର ଏକ ଯୌଗିକ ଶବ୍ଦ *'ହୋମେ'* ଅର୍ଥ "ସମାନ" ଗ୍ରୀକର *'ଲୋଗସ'* ଶବ୍ଦ ର ଅର୍ଥ "ଯାହା କୁହାଯାଇଛି"। ତେଣୁ "ସ୍ୱୀକାର କରିବା ଅର୍ଥ କିଛି କହିବା, ରାଜି ହେବା, ସମ୍ମତ ହେବା, ପ୍ରାପ୍ତି ସ୍ୱୀକାର କରିବା, ସ୍ୱୀକାରୋକ୍ତି କରିବା"।

"ସ୍ୱୀକାର କରିବା" ହେଉଛି "ଅନ୍ୟ ଜଣକ ପରି ସମାନ କଥା କହିବା"। ବାଇବଲୀୟ ସ୍ୱୀକାର ହେଉଛି ଈଶ୍ୱର ତାଙ୍କ ବାକ୍ୟରେ ଯାହା କହୁଛନ୍ତି, ସେହି ବାକ୍ୟ ସହିତ ଏକମତ ହେବା। ଈଶ୍ୱରଙ୍କ କହିଥିବା କଥା ସଙ୍ଗେ ଏହା ସମାନ। ସେ ଯାହା କହିଛନ୍ତି ତାହା ଆମେ କହିଥାଉ। ଆମେ ନିଜର ବିଷୟ କହି ପାରିବା ନାହିଁ ଯାହା ଈଶ୍ୱରଙ୍କ ବାକ୍ୟର ବିରୋଧ କରେ ଓ ତାହାକୁଆମେ ସ୍ୱୀକାର ବୋଲି କହିବା।

ଯୀଶୁ ସେ କିଏ ବୋଲି ଯାହା କହିଥିଲେ, ତାହା ଆମେ ନିତାନ୍ତ ସ୍ୱୀକାର କରିବା। ଆମର ସ୍ୱୀକାର ଯୀଶୁ ନିଜ ବିଷୟରେ ଯାହା କହିଥିଲେ ତା'ସହିତ ନିତାନ୍ତ ସମ୍ମତ ହେବ ଉଚିତ। ଯୀଶୁ ଖ୍ରୀଷ୍ଟ (ମଶୀହ) ଅଟନ୍ତି, ଜୀବନ୍ତ ଈଶ୍ୱରଙ୍କ ପୁତ୍ର , ସେ ପଥ, ସତ୍ୟ ଓ ଜୀବନ; ତାଙ୍କ ବିନା କେହି ପିତାଙ୍କ ନିକଟକୁ ଯାଏ ନାହିଁ। ଯେତେବେଳେ

ଆମେ ଲୋକଙ୍କ ସାକ୍ଷାତରେ ତାଙ୍କୁ ସ୍ୱୀକାର କରୁ, ସେ ନିଜ ବିଷୟରେ ଯାହା କହିଛନ୍ତି ସେହି ସମାନ ବିଷୟକୁ ସ୍ୱୀକାର କରୁ। ସେ ଆମ୍ଭମାନଙ୍କୁ (ତାଙ୍କ ସହିତ ଆମର ସଂପର୍କ ବିଷୟ ବରେ ଯାହା ଆମେ କହୁ ସେଥିରେ ଏକମତ ହୋଇ) ସ୍ୱର୍ଗସ୍ଥ ପିତା ଙ୍କ ସମ୍ମୁଖରେ ସ୍ୱୀକାର କରିବେ। ତା'ପରେ ତୁମେ କହିପାରିବ "ମୁଁ ଈଶ୍ୱରଙ୍କ ଜଣେ ସନ୍ତାନ, ତାଙ୍କ ରକ୍ତ ଦ୍ୱାରା ଧୌତ, ପାପରୁ ଉଦ୍ଧାର ପ୍ରାପ୍ତ ଓ ଈଶ୍ୱରଙ୍କ ରାଜ୍ୟକୁ ସ୍ଥାନାନ୍ତରିତ ଇତ୍ୟାଦି," ଏହା ଆମ ବିଷୟରେ ସ୍ୱର୍ଗସ୍ଥ ପିତା ଙ୍କ ସାକ୍ଷାତରେ ଯୀଶୁ ଙ୍କର ସ୍ୱୀକାର ହେବ।

ଯୀଶୁ ନିଜେ ନିଜ ବିଷୟ ରେ ଯାହା କହିଛନ୍ତି ଓ ଈଶ୍ୱରଙ୍କ ବାକ୍ୟ ରେ ଯାହା ପ୍ରକାଶିତ ହୋଇଛି ସେ ସମସ୍ତ ବିଷୟ କହିବା। ସେ ପରିତ୍ରାଣକର୍ତ୍ତା। ସେ ଆରୋଗ୍ୟଦାତା। ସେ ମୁକ୍ତିଦାତା। ସେ ଶାନ୍ତିର ରାଜକୁମାର। ଲୋକଙ୍କ ସାକ୍ଷାତରେ ତାଙ୍କୁ ସ୍ୱୀକାର କର। ସେ ପିତାଙ୍କ ସାକ୍ଷାତରେ ଆମକୁ ସ୍ୱୀକାର କରିବେ।

# 35
# ଆପଣଙ୍କ ହୃଦୟରେ ଯାହା ଅଛି ତାହା ଆପଣଙ୍କ ଜୀବନରେ ବାକ୍ୟ ଉନ୍ମୁକ୍ତ କରେ

**ଉନ୍ମୁକ୍ତ କରେମାଥିଉ 12:33-35**

**33 ଗଛକୁ ଭଲ କୁହ ଓ ତାହାର ଫଳକୁ ଭଲ କୁହ, ନତୁବା ଗଛକୁ ମନ୍ଦ କୁହ ଓ ତାହାର ଫଳକୁ ମନ୍ଦ କୁହ, କାରଣ ଫଳ ଦ୍ୱାରା ଗଛ ଚିହ୍ନାଯାଏ।**

**34 ରେ କାଳସର୍ପର ବଂଶ, ତୁମ୍ଭେମାନେ ଦୁଷ୍ଟ ହୋଇ କିପ୍ରକାରେ ଭଲ କଥା କହି ପାର? କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ।**

**35 ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ।**

ଫଳ ଦ୍ୱାରା ଗଛକୁ ଚିହ୍ନାଯାଏ। ଗଛ ଯେଉଁ ଫଳ ଫଳେ ଏହା ଗଛ ଭିତରେ କଣ ଅଛି ଓ ଏହ କେଉଁପ୍ରକାର  ଗଛ ତା' ଉପରେ ନିର୍ଭର କରେ। ତା'ପରେ  ଯୀଶୁ ଏହାକୁ ଲୋକମାନଙ୍କ ସହିତ ଯୋଡ଼ନ୍ତି ।  ଯଦି ହୃଦୟ ମନ୍ଦ, ମୁଖ ମନ୍ଦ କଥା କହିବ କାରଣ ହୃଦୟ ଭିତରେ ଯାହା ଥାଏ  ଆମ ମୁଖ ଦ୍ୱାରା ସେହି କଥା ବାହାରିଥାଏ।

35 ପଦରେ, ଆମେ ଜାଣିଲୁ ଯେ ଜୀବନରେ ଯାହା ଆମେ ଉତ୍ପନ୍ନ କରୁ (ଫଳିଥାଉ) ଆମ ଅନ୍ତରରେ ଯାହା ଅଛି ତା' ଉପରେ ନିର୍ଭର କରେ। ଆମ ଭିତରେ ଯଦି ଭଲ ଭଣ୍ଡାର (ଉତ୍ତମ ଧନ) ଅଛି, ତେବେ ଆମ ଜୀବନରେ ଉତ୍ତମ ଫଳ ଫଳିବ। ଆମ ଜୀବନରେ ଉତ୍ତମ ବିଷୟ ଉତ୍ପନ୍ନ କରିବା।

ଆମ ଜୀବନରେ କଅଣ ଅଛି (ଉତ୍ତମ ଧନ), ତାକୁ ଆମ ଜୀବନରେ(ଫଳ) ଉତ୍ପନ୍ନ କରିବାରେ ବାକ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, କାରଣ, ହୃଦୟର ପୂର୍ଣ୍ଣତାରୁ ହିଁ ମୁଖ କଥା କହିଥାଏ(ଉତ୍ତମ ଧନ)।

ବାକ୍ୟ ଆତ୍ମମାନଙ୍କ ଭିତରେ ଯାହା ଥାଏ, ବାକ୍ୟ ସେଗୁଡ଼ିକୁ ଆତ୍ମମାନଙ୍କ ଜୀବରେ ପ୍ରବେଶ କରାଏ। ଆମ ହୃଦୟରେ ସଞ୍ଚୟ କରାଯାଇଥିବା ବାକ୍ୟ ଆମେ

କହୁଥିବା ବାକ୍ୟ ଦ୍ୱାରା  ଆମ ଜୀବନରେ   ମୁକ୍ତ ହୋଇଥାଏ।

ଉତ୍ତମତାକୁ ଜମା କରନ୍ତୁ । (କଲସୀୟ 3:16) ଆମକୁ ନିର୍ଦ୍ଦେଶ ଦିଏ  ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ଆମମାନଙ୍କଠାରେ ବାସ କରୁ। ଈଶ୍ୱରଙ୍କ ବାକ୍ୟର ଧନ ଭଣ୍ଡାର ଆମ ଅନ୍ତରରେ ରହିଥାଉ। ତୁମେ ନିଜେ କିଛି କରିପାରିବ ନାହି, କାରଣ ଆମ ଭିତରେ ଜମା ହୋଇରହିଥିବା ଈଶ୍ୱରଙ୍କ ବାକ୍ୟ କଥା କହିବ। ତୁମେ ମଧ ଉତ୍ତମ ବିଷୟ ଉତ୍ପାଦନ କରିବ, କାରଣ ଆମ ହୃଦୟରୁ ନିର୍ଗତ ବାକ୍ୟର ପ୍ରବାହ ଆମର ଜୀବନକୁ ଗଢି ତୋଳିବ (ହିତୋପଦେଶ 4:22)। ଆମ ହୃଦୟରେ ଯାହା ଅଛି ତାହା ହିଁ  ଆମ ଜୀବନ ମଧ୍ୟରେ ପ୍ରବେଶ କରିଥାଏ। ବାକ୍ୟରେ ନିଜକୁ  ପରିପୂର୍ଣ୍ଣ କର । ବାକ୍ୟ କୁହ।

# 36
# ଆପଣଙ୍କ ବାକ୍ୟ ଦ୍ଵାରା ଆପଣ ଧାର୍ମିକ ଗଣିତ ଅବା ଦୋଷୀକୃତ ହୁଅନ୍ତି

**ମାଥିଉ 12:36,37**
**[36] କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନେ ଯେକୌଣସି ଅସାର କଥା କହନ୍ତି, ବିଚାର-ଦିନରେ ସେମାନେ ସେଥିର ଉତ୍ତର ଦେବେ;**
**[37] ଯେଣୁ ତୁମ୍ଭ ବାକ୍ୟ ଦ୍ଵାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ଵାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ।**

ଆମ୍ଭମାନଙ୍କର ବାକ୍ୟ କେତେ ଗୁରତ୍ୱପୂର୍ଣ୍ଣ ଅଟେ? ଯୀଶୁ କହିଲେ ,ଏପରିକି କୌଣସି ଅସାର କଥା ଆମେ କହିଛୁ ତାହାର ସୁଦ୍ଧା ଆମକୁ ହିସାବ ଦେବାକୁ ହେବ। ଆମ୍ଭେମାନେ ହିତୋପଦେଶ 18:21 ରେ ଦେଖୁଛୁ ଯେ, ମରଣ ଓ ଜୀବନର ଶକ୍ତି ଆମ୍ଭମାନେ କହିଥିବା ବା କହୁଥିବା କଥାରେ ଅଛି । ମାଥିଉ 12:36,37 ରେ ଯୀଶୁ ଆମ ବାକ୍ୟର ଶେଷ ପରିଣାମ ବିଷୟରେ ପ୍ରକଶ କରନ୍ତି। ଆମ୍ଭେମାନେ ଆମର ବାକ୍ୟ ଦ୍ଵାରା ଧାର୍ମିକ ଅବା ଦୋଷୀ ଗଣିତ ହେବା। ଯଦି ବାକ୍ୟ ଏହି ଜୀବନରେ ତଥା ଏହା ପରେ ଥିବା ଜୀବନରେ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ, ତେବେ ବାକ୍ୟକୁ ଆମେ ଗମ୍ଭୀରତା ସହ ନେବା ନିତାନ୍ତ ଆବଶ୍ୟକ ଅଟେ।

ଗ୍ରୀକ୍ ଭାଷାରେ "ନିଷ୍କ୍ରିୟ" ଶବ୍ଦ ହେଉଛି *'ଆର୍ଗୋସ୍'* ଅର୍ଥ "ନିଷ୍କ୍ରିୟତା, ଲାଭହୀନ, ବେରୋଜଗାରୀ, ଅଦରକାରୀ, ଧୀର, ବନ୍ଧ୍ୟା।" ଯୀଶୁ କହିଥିଲେ ଯେ ଆମେ ପ୍ରତ୍ୟେକ ଅସାର ବାକ୍ୟର ହିସାବ ଦେବୁ। ଆମେ ଯାହା କହୁ ଆମେ ପ୍ରକୃତରେ ତାହା କହିବାକୁ ଚାହୁଁନାହୁଁ, ଅର୍ଥାତ୍ ଆମେ ସେହି ବାକ୍ୟକୁ ସକ୍ରିୟ ଭାବରେ କାର୍ଯ୍ୟରେ ଲଗାଉ ନ ଥିଲୁ । ଏହା କିପରି ହେବ ମୁଁ ଜାଣେ ନାହିଁ । କିନ୍ତୁ ଆସନ୍ତୁ ତାଙ୍କର ଏହି ଚେତାବନୀକୁ ଗମ୍ଭୀରତାର ସହ ନେବା |

ଆସୁ ଆମ୍ଭେମାନେ ଅସାର କଥା କହିବା ପରିବର୍ତ୍ତେ ଯାହା ଆମ ପାଇଁ ଓ ଆମ ଆଖପାଖରେ ଥିବା ଲୋକମାନଙ୍କ ନିମନ୍ତେ ଉପଯୋଗୀ, ଫଳପ୍ରଦ, ଲାଭଜନକ

ବାକ୍ୟ କହୁ। ଆମେ ସେହି କଥା କହୁ ଯାହା ନିଜର ପୁଣି ଅନ୍ୟମାନଙ୍କର ଜୀବନକୁ ମୁକ୍ତ , ଆଶିର୍ବାଦଯୁକ୍ତବାନଙ୍କର ଜୀବନ ହୁ, ବଳଯୁକ୍ତ ଓ ଶକ୍ତିଯୁକ୍ତ କରିବ। ଏପରି କଥା କୁହନ୍ତୁ ଆପଣଙ୍କୁ  ଏବଂ ଆପଣଙ୍କ ଚତୁର୍ପାଶ୍ୱରେ ଥିବା ଲୋକମାନଙ୍କୁ ଯଥାର୍ଥ, ଉଚ୍ଚକୁ ଉଠାଇବ, ଉନ୍ନତ କରିବ, ପଦୋନ୍ନତି କରିବ।

# 37
# ବନ୍ଧନ ଏବଂ ମୁକ୍ତ କରିବା ନିମନ୍ତେ ଈଶ୍ୱରଙ୍କ ରାଜ୍ୟର କ୍ଷମତାକୁ ବାକ୍ୟ ଉନ୍ମୁକ୍ତ କରେ।

**ମାଥିଉ 16:18,19**

**18 ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ।**

**19 ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ।**

ମଣ୍ଡଳୀ ଯେଉଁ ପ୍ରସ୍ତର ଉପରେ ସ୍ଥାପିତ, ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ (ମଶୀହ) ଜୀବିତ ଈଶ୍ୱରଙ୍କ ପୁତ୍ର। ଏହା ପିତରଙ୍କ ମହାନ ସ୍ୱୀକାର ଯାହା ପିତାଙ୍କ ଦ୍ୱାରା ପ୍ରକାଶନ ହୋଇଥିଲା। ଯୀଶୁ ଖ୍ରୀଷ୍ଟ ଯେଉଁ ମଣ୍ଡଳୀ ନିର୍ମାଣ କରୁଅଛନ୍ତି ତାହା ଏକ ଶକ୍ତିଶାଳୀ ମଣ୍ଡଳୀ ଯାହାକୁ ନର୍କର ସମସ୍ତ ଶକ୍ତି ଧରିରଖି ପାରେ ନାହିଁ, ପ୍ରତିବାଧା ଦେଇପାରେ ନାହି କିମ୍ବା ଆୟତ୍ତାଧିନ କରିପାରେ ନାହିଁ। ଏହି ମଣ୍ଡଳୀକୁ ପ୍ରଭୁ ଯୀଶୁ ସ୍ୱର୍ଗ ରାଜ୍ୟର କ୍ଷମତା(ଚାବୀ) ନ୍ୟସ୍ତ କରିଅଛନ୍ତି ଯାହା ଈଶ୍ୱରଙ୍କ ନିଜସ୍ୱ ରାଜ୍ୟ ଅଟେ । ପୃଥିବୀରେ ଈଶ୍ୱରଙ୍କ ରାଜ୍ୟର ଉନ୍ମୋଚନ କରିବା ନିମନ୍ତେ ମଣ୍ଡଳୀ ଅଛି ଏବଂ ରାଜ୍ୟାଧିକାର ତାହା ଉପରେ ନ୍ୟସ୍ତ କରାଯାଇଛି।

ରାଜ୍ୟାଧିକାର କିପରି ଏହି ପୃଥିବୀରେ ପ୍ରୟୋଗ କରାଯିବ? ଯୀଶୁ କହିଲେ ଯେ ଆମେ "ପୃଥିବୀରେ ବନ୍ଦ" କରିବା, ଆମେ "ପୃଥିବୀ ରେ ମୁକ୍ତ" କରିବା। "ବନ୍ଦ" ଶବ୍ଦର ଅର୍ଥ "ନିଷେଧ କରିବା, ବାରଣ କରିବା, ନାମଞ୍ଜୁର କରିବା, ଏବଂ ବେଆଇନ ଘୋଷଣା କରିବା"। "ମୁକ୍ତ" ଶବ୍ଦ ର ଅର୍ଥ "ବିନଷ୍ଟ କରିବା, ପରିତ୍ୟାଗ କରିବା, ବନ୍ଧନ ମୁକ୍ତ କରିବା, ଫୋପାଡ଼ିଦେବା, ମୂଳରୁ ଉପାଡ଼ି ଦେବା, ସମାପ୍ତ କରିଦେବା।" ଆମେ କିପରି ବନ୍ଦ କରିବା ଓ ମୁକ୍ତ କରିବା? ଯୀଶୁ ନିଜ ସେବା କାର୍ଯ୍ୟରେ ନିଜେ ଏହା କରିବାର ଆମେ ଦେଖିଛୁ। ମୁଖର ବାକ୍ୟ ଦ୍ୱାରା ତାଙ୍କର ଅଧିକାରକୁ ସେ ପ୍ରୟୋଗ କଲେ। ମୁକ ଓ ବଧିର କୁ ସେ କହିଲେ *"ଫିଟିଯା"* ଓ ତାଙ୍କର କାନ ଓ ଜିହ୍ୱାର

ବନ୍ଧନ ଫିଟିଗଲା (ମାର୍କ 7:33-35)। ରେ ସେ ସ୍ତ୍ରୀ ଲୋକକୁ କହିଲେ, *"ତୁମ୍ଭର ଦୁର୍ବଳତାରୁ ମୁକ୍ତ ହେଲ"* (ଲୂକ 13:12)। ଯୀଶୁ ଅଧିକାରର ବାକ୍ୟ କହିଲେ, ଆଉ ତାହା ଲୋକମାନଙ୍କୁ ମୁକ୍ତ କଲା ଓ ଶୟତାନର କାର୍ଯ୍ୟକୁ ବନ୍ଦ କଲା।

ଆମେ ତାହାଙ୍କର ଉଦାହରଣକୁ ଅନୁସରଣ କରୁ। ଆମେ ଯୀଶୁଙ୍କ ନାମରେ ଅଧିକାରର ବାକ୍ୟ କହିଥାଉ, ଆମର କ୍ଷମତାପ୍ରାପ୍ତ ବାକ୍ୟକୁ ଅଧିକାର ସହ ପ୍ରୟୋଗ କରିଥାଉ। ବିଶ୍ୱାସୀ ଭାବେ ନ୍ୟସ୍ତ ହୋଇଥିବା ରାଜ୍ୟାଧିକାରର କ୍ଷମତାର ବାକ୍ୟକୁ ଆମେ ପ୍ରୟୋଗ କରୁ। ଆମର ବାକ୍ୟ ବନ୍ଦ କରିବାର ଓ ମୁକ୍ତ କରିବାର ରାଜ୍ୟାଧିକାରକୁ ଉନ୍ମୋଚନ କରିଥାଏ! କ୍ଷମତାର ବାକ୍ୟ କହନ୍ତୁ।

# ୩୮
# ପର୍ବତକୁ କୁହନ୍ତୁ

ମାଥିଉ 17:20

**ଯୀଶୁ ସେମାନଙ୍କୁ କହିଲେ,ତୁମ୍ଭମାନଙ୍କ ଅଳ୍ପ ବିଶ୍ୱାସ ସକାଶେ,କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯଦି ଗୋଟିଏ ସୋରିଷଦାନା ପରି ତୁମ୍ଭମାନଙ୍କର ବିଶ୍ୱାସ ଥାଏ, ତା'ହେଲେ ଏହି ପର୍ବତକୁ 'ଏଠାରୁ ସେଠାକୁ ଘୁଞ୍ଚିଯା' ବୋଲି କହିଲେ ତାହା ଘୁଞ୍ଚିଯିବ, ଆଉ କିଛି ହିଁ ତୁମ୍ଭମାନଙ୍କର ଅସାଧ ହେବ ନାହିଁ।**

ଆମେ ଯଦି ସୁସମାଚାରରେ ଯୀଶୁଙ୍କର ବିଶ୍ୱାସ ଉପରେ ଦେଇଥିବା ଶିକ୍ଷାକୁ ଅଧ୍ୟୟନ କରିଥିବା, ତେବେ ଆମେ ଦେଖିଥାଉ ଯେ ଯୀଶୁ ଆମର ବିଶ୍ୱାସ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ମାଥିଉ 17 ପର୍ବରେ ଶିଷ୍ୟମାନେ ଯେତେବେଳ ଦୁଷ୍ଟ ଆତ୍ମାକୁ ଛଡାଇବାରେ ବିଫଳ ହେଲେ ଏବଂ ଯୀଶୁଙ୍କୁ ପ୍ରଶ୍ନ ପଚାରିଲେ ଯେ ସେମାନେ କାହିଁକି ତାହା କରିପାରିଲେ ନାହିଁ। ଯୀଶୁ ସେମାନଙ୍କର ଅବିଶ୍ୱାସ କିମ୍ବା ବିଶ୍ୱାସର ଅଭାବକୁ ଦର୍ଶାଇଲେ। ତା'ପରେ ସେ ସେମାନଙ୍କୁ (ଆମକୁ) ବିଶ୍ୱାସର ସମ୍ଭାବ୍ୟତା, ବିଶ୍ୱାସ ଦ୍ୱାରା ଆମେ କଣ କରି ପାରିବା, ବିଶ୍ୱାସକୁ ଆମେ କିପରି ପ୍ରୟୋଗ କରିବା ସେବିଷୟରେ ଶିକ୍ଷା ଦେଲେ।

ସଂକ୍ଷେପରେ, ବିଶ୍ୱାସ କେବଳ ଭୂତମାନକୁ ଛଡାଇଥାଏ କିମ୍ବା ବାହାର କରିଦିଏ ତାହା ନୁହେଁ, ମାତ୍ର ପ୍ରକୃତିକୁ ବଦଳାଇବାରେ ମଧ ପ୍ରଭାବିତ କରିଥାଏ (ଉଦାହରଣ, ପର୍ବତକୁ ଏହି ସ୍ଥାନରୁ ସେହି ସ୍ଥାନକୁ ଘୁଞ୍ଚାଇବା) । ଯୀଶୁ କହିଲେ, ବିଶ୍ୱାସ ଥିଲେ ତୁମ୍ଭମାନଙ୍କ ପକ୍ଷରେ "କୌଣସି ବିଷୟ ଅସମ୍ଭବ ନୁହେଁ।" ଆମ ହୃଦୟରେ ଥିବା ବିଶ୍ୱାସ ଦ୍ୱାରା କାର୍ଯ୍ୟ କରାଇପାରୁ । ଯୀଶୁ କହିଲେ ଆମ ହୃଦୟର ବିଶ୍ୱାସର ପ୍ରଭାବ ଏତେ ଯେ ସୋରିଷ ଦାନା ପରି ଆମର ବିଶ୍ୱାସ ପର୍ବତକୁ ଘଞ୍ଚାଇ ଦେଇପାରେ। ଆମର ବିଶ୍ୱାସକୁ ପ୍ରୟୋଗ କରିବାର ବାଟ ହେଲା, **କହିବା**! ଆମର ବିଶ୍ୱାସକୁ କହିବା। ଆମ ହୃଦୟରେ ଥିବା ବିଶ୍ୱାସ ସହିତ ଯାହା ଆମର ବିଶ୍ୱାସକୁ ବର୍ଣ୍ଣନା କରେ ଈଶ୍ୱରଙ୍କ ସେହି ବାକ୍ୟକୁ ବାହାର କର।

ସେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ଆମେ ନିଶ୍ଚିତ ରୂପେ ପର୍ବତକୁ କହିବା।

ଆମେ ଯେତେବେଳେ ପର୍ବତକୁ ଘୁଞ୍ଚାଇବାକୁ ଚାହୁଁ, ସେତେବେଳେ ଆମେ ପର୍ବତକୁ କହିବା। ପ୍ରାୟତଃ ଆମେ ପର୍ବତ ବିଷୟରେ ଅନ୍ୟକୁ କହିବାର ଭୁଲ କରିଥାଉ। ବେଳେ ବେଳେ ଆମେ ଏ ପର୍ବତ ବିଷୟରେ ଈଶ୍ୱରଙ୍କୁ କହି ଥାଉ ବା ଅଭିଯୋଗ କରିଥାଉ ଯେପରିକି ସେ ଏ ବିଷୟରେ ଆଗରୁ ଜାଣିନାହାନ୍ତି କି ଏହା ଏଠାରେ ଅଛି ବୋଲି। ଯୀଶୁ ସ୍ପଷ୍ଟ ଭାବରେ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆମର ହୃଦୟର ବିଶ୍ୱାସରେ ସେହି ପର୍ବତକୁ କହିବା। ଦୁଷ୍ଟ ଆତ୍ମାକୁ କହିବା। ରୋଗକୁ କହିବା। ଝଡକୁ କହିବା। ପରିସ୍ଥିତିକୁ କହିବା। ଅଭାବକୁ କହିବା। ବନ୍ଦ ଦ୍ୱାରକୁ କହିବା। ଯାହା କିଛି ଆମର ବାସ୍ତବିକ  ପରିସର ମଧ୍ୟରେ ଅଛି ତାକୁ କହିବା। ନିଜର ବିଶ୍ୱାସ ଅନୁସାରେ ଆଦେଶ ଦିଅନ୍ତୁ। ସେ କହିଛନ୍ତି *"ଆମ ପାଇଁ କୌଣସି ବିଷୟ ଅସମ୍ଭବ ନୁହେଁ।"* ଆସୁ, ବିଶ୍ୱାସ ଉପରେ ଯୀଶୁ ଦେଇଥିବା ନିର୍ଦ୍ଦେଶାବଳୀ କୁ ଅନୁସରଣ କରିବା। ବିଶ୍ୱାସ ବିଷୟରେ କହିବା ।

## 39

# ଆପଣଙ୍କ ବାଞ୍ଛନୀୟ ଫଳାଫଳ ଘୋଷଣା କରନ୍ତୁ

ମାର୍କ 5:25-34

25 ସେତେବେଳେ ବାର ବର୍ଷ ପର୍ଯ୍ୟନ୍ତ ପ୍ରଦର-ରୋଗଗ୍ରସ୍ତା ଜଣେ ସ୍ତ୍ରୀଲୋକ,

26 ଯେ କି ଅନେକ ବୈଦ୍ୟଙ୍କ ଦ୍ୱାରା ବହୁ କ୍ଲେଶ ଭୋଗ କରି ସର୍ବସ୍ୱ ବ୍ୟୟ କରିଥିଲେ ହେଁ କିଛିମାତ୍ର
ଉପକାର ନ ପାଇ ବରଂ ଅଧିକ ପୀଡ଼ିତ ହୋଇ ପଡ଼ିଥିଲା,

27 ସେ ଯୀଶୁଙ୍କ ବିଷୟ ଶୁଣି ଲୋକଗହଳ ମଧ୍ୟରେ ପଛଆଡୁ ଆସି ତାହାଙ୍କ ଲୁଗା ଛୁଇଁଲା; କାରଣ
ସେ କହୁଥିଲା,

28 କେବଳ ତାହାଙ୍କ ଲୁଗା ଛୁଇଁଲେ ମୁଁ ସୁସ୍ଥ ହେବି।

29 ସେହିକ୍ଷଣି ତାହାର ରକ୍ତସ୍ରାବ ଶୁଷ୍କ ହେଲା, ପୁଣି ସେ ଯେ ରୋଗରୁ ଆରୋଗ୍ୟ ହୋଇଅଛି, ଏହା
ସେ ନିଜ ଦେହରେ ଅନୁଭବ କଲା।

30 ତତ୍କ୍ଷଣାତ୍ ଯୀଶୁ ଆପଣାଠାରୁ ଶକ୍ତି ନିର୍ଗତ ହେବା ଅନ୍ତରରେ ଜ୍ଞାତ ହୋଇ ଲୋକଗହଳ ମଧ୍ୟରେ
ବୁଲିପଡ଼ି କହିଲେ, କିଏ ମୋହର ଲୁଗା ଛୁଇଁଲା?

31 ତାହାଙ୍କ ଶିଷ୍ୟମାନେ ତାହାଙ୍କୁ କହିଲେ, ଆପଣ ଦେଖୁଅଛନ୍ତି ଯେ, ଲୋକସମୂହ ଆପଣଙ୍କ ଉପରେ
ମାଡ଼ିପଡୁଅଛନ୍ତି, ଆଉ ଆପଣ କହୁଅଛନ୍ତି, କିଏ ମୋତେ ଛୁଇଁଲା?

32 କିନ୍ତୁ ଯେ ଏହା କରିଥିଲା, ତାହାକୁ ଦେଖିବା ନିମନ୍ତେ ସେ ଚତୁର୍ଦ୍ଦିଗରେ ଦୃଷ୍ଟିପାତ କରିବାକୁ
ଲାଗିଲେ।

33 ସେଥିରେ ସେହି ସ୍ତ୍ରୀଲୋକଟି ଆପଣା ପ୍ରତି ଯାହା ଘଟିଅଛି, ତାହା ଜାଣି ଭୟରେ ଥରି ଥରି ଆସି
ତାହାଙ୍କ ଚରଣ ତଳେ ପଡ଼ି ସମସ୍ତ ସତ୍ୟ କଥା ତାହାଙ୍କୁ କହିଲା।

34 ତହିଁରେ ଯୀଶୁ ତାହାକୁ କହିଲେ, ବତ୍ସେ, ତୋହର ବିଶ୍ୱାସ ତୋତେ ସୁସ୍ଥ କରିଅଛି; ଶାନ୍ତିରେ ଚାଲି
ଯା ଓ ତୋହର ରୋଗରୁ ଆରୋଗ୍ୟ ହୋଇଥା।

ପ୍ରାରମ୍ଭରେ ହୁଏତ ଏହି ସ୍ତ୍ରୀଲୋକ ନିଜେ ଭାବିଥିବ "ଯଦି ମୁଁ କେବଳ ତାଙ୍କର ଲୁଗାକୁ ଛୁଇଁବି, ମୁଁ ସୁସ୍ଥ ହେବି" ପରିଶେଷରେ ତାହା ସେ କହିଲା, "ଯଦି ମୁଁ କେବଳ ତାହାଙ୍କ ଲୁଗାକୁ ଛୁଇଁବି ମୁଁ ସୁସ୍ଥ ହେବି।" ଏ ପ୍ରକାରେ ସେ ଯାହା କହିଲା ତାହା ଲୋକେ ଜାଣିଲେ ଓ ଏହାକୁ ଆମପାଇଁ ଲିପିବଦ୍ଧ କରାଗଲା। ଯୀଶୁ ଏହି ସ୍ତ୍ରୀଲୋକକୁ ଉତ୍ତରରେ କହିଲେ ତାହାର ବିଶ୍ୱାସ ତାକୁ ସୁସ୍ଥକଲା। ତା'ର କହିବାରେ ଓ କରିବାରେ ସମାନତା ଥିଲା। ସେ ବିଶ୍ୱାସ କଲା। ସେ କହିଲା। ସେ ଯାହା କହିଲା

ତାହା ସେ କଲା।

ସେହି ସ୍ତ୍ରୀଲୋକ ତା'ର ବିଶ୍ୱାସକୁ ତା'ର ଇଚ୍ଛାକୃତ ଫଳାଫଳ ପାଇବା ପାଇଁ ବ୍ୟକ୍ତ କଲା। ସେ କହିଲା, ସେ ଯୀଶୁଙ୍କ ଲୁଗାକୁ ଟିକିଏ ଛୁଇଁଲେ ସୁସ୍ଥ ହେବ। ତା'ର ବିଶ୍ୱାସକୁ ପ୍ରଭୁ ଯୀଶୁଙ୍କ ସ୍ୱୀକାର ଆଶ୍ଚର୍ଯ୍ୟ ସୁସ୍ଥତା ଆଣିଦେଲା।

ସମୟ ବଦଳିଅଛି। ତଥାପି, ବାଇବଲର ଈଶ୍ୱରଙ୍କଠାରେ ବିଶ୍ୱାସର ନୀତି ଏପର୍ଯ୍ୟନ୍ତ ଠିକ ଅଛି। ଆମର କହିବା ଓ କରିବା ଦ୍ୱାରା ଆମର ବିଶ୍ୱାସ ବ୍ୟକ୍ତ ହୋଇଥାଏ । ନିଜର ବିଶ୍ୱାସ ବିଷୟରେ କହନ୍ତୁ । ଯେଉଁ ବିଷୟରେ ଈଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି, ତା'ର ବାଞ୍ଛନୀୟ ଫଳାଫଳ ପାଇବାକ ନିମନ୍ତେ କହନ୍ତୁ।

# 40
# ଆପଣ ଯାହା କୁହନ୍ତି ତାହା ଘଟିବ  ଏଥିରେ ବିଶ୍ୱାସ କରନ୍ତୁ

**ମାର୍କ 11:22,23**

**22 ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କ-ଠାରେ ବିଶ୍ୱାସ ରଖ।**

**23 ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଁଦ୍ରରେ ଯାଇ ପଡ଼୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା' ନିମନ୍ତେ ତାହା ଘଟିବ।**

ମାର୍କ 11:22,23 ପାଠ୍ୟାଂଶରେ ଈଶ୍ୱରଙ୍କ ଉପରେ ଥିବା ବିଶ୍ୱାସକୁ କି ପ୍ରକାରେ ପ୍ରୟୋଗ କରିବ ସେବିଷୟରେ ଯୀଶୁ ସ୍ପଷ୍ଟ ଶିକ୍ଷା ଦେଇଛନ୍ତି।  ଡିମ୍ବୁରି ବୃକ୍ଷକୁ କହିବା ଦ୍ୱାରା ବିଶ୍ୱାସର ପ୍ରୟୋଗକୁ ପ୍ରଦର୍ଶିତ କଲାପରେ ଯୀଶୁ ସେମାନଙ୍କୁ  କିପରି ଆପଣା ବିଶ୍ୱାସର ପ୍ରୟୋଗ କରିବେ ତାହା ବୁଝାଇଦେଲେ। ଶିଷ୍ୟମାନେ ଡିମ୍ବୁରି ବୃକ୍ଷସହ କଥା ହେବାର ଦେଖିଥିଲେ । ତା'ପରେ ଯୀଶୁ ସେମାନଙ୍କୁ ଈଶ୍ୱରଙ୍କଠାରେ ସେମାନେ ରଖିଥିବା ବିଶ୍ୱାସକୁ କିପରି ପ୍ରୟୋଗ କରିବେ ସେବିଷୟରେ ଶିକ୍ଷା ଦେଲେ।

ଈଶ୍ୱରଙ୍କଠାରେ ଥିବା ବିଶ୍ୱାସ ସହିତ ଯୀଶୁ ଆମ୍ଭମାନଙ୍କୁ ଶିକ୍ଷା ଦେଲେ ଯେ, ପର୍ବତକୁ ଘୁଞ୍ଚିଯିବାକୁ ଆଦେଶ ଦିଅ। ଆପଣ ଯାହା କହୁଛନ୍ତି ସେବିଷୟରେ ସନ୍ଦେହ କରନ୍ତୁ ନାହିଁ। ବିଶ୍ୱାସ କରନ୍ତୁ ଯେ ଆପଣ ଯାହା କହିବେ ତାହା ନିଶ୍ଚୟ ଘଟିବ ଏବଂ ଆପଣ କହୁଥିବା ବିଷୟ ଆପଣ ପାଇବେ । ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ଅଛି। ତତ୍‌ସଙ୍ଗେ ଆମେ ସ୍ୱାଭାବିକ ରୂପେ କିଛି କରିଥାଉ। ଆମେ ବିଶ୍ୱାସର ବାକ୍ୟ କହିଥାଉ। ଆମେ ଯାହା କହୁଛୁ ତାହା ଘଟିବ ବୋଲି ଆମେ ବିଶ୍ୱାସ କରିଥାଉ; କାରଣ ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ଅଛି। ଆମେ ଈଶ୍ୱରଙ୍କ ସହକର୍ମୀ ଏହା ବିଶ୍ୱାସ କରୁ। ଆମେ ଯେତେବେଳେ ବିଶ୍ୱାସରେ କଥା କହିଥାଉ, ଯେଉଁ ଈଶ୍ୱରଙ୍କଠାରେ ଆମେ ବିଶ୍ୱାସ କରୁ; ତାହା ଘଟିବା ନିମନ୍ତେ ଆମମାନଙ୍କ ପକ୍ଷରୁ ସେ କାର୍ଯ୍ୟ କରନ୍ତି। ଈଶ୍ୱରଙ୍କଠାରେ ଏହି ବିଶ୍ୱାସ ହେତୁରୁ, ଆମେ ଏହା ମଧ୍ୟ ବିଶ୍ୱାସ କରିବା ଯେ, ଆମେ

ଯାହା କହିଥାଉ ତାହା ଘଟିବ, କାରଣ ଈଶ୍ୱର ତାହା କରାଇବା ନିମନ୍ତେ ସମର୍ଥ ଅଟନ୍ତି।

ଈଶ୍ୱରଙ୍କଠାରେ ବିଶ୍ୱାସ ରଖନ୍ତୁ। ବିଶ୍ୱାସ  ବିଷୟରେ କୁହନ୍ତୁ। ଯାହା ଆପଣ କହୁଛନ୍ତି, ତାହା ଘଟିବ ବୋଲି ବିଶ୍ୱାସ କରନ୍ତୁ; କାରଣ ଈଶ୍ୱର ତାହା କରାଇବେ। ଆପଣ ଯାହା କହୁଛନ୍ତି, ତାହା ଘଟିବ ବୋଲି ବିଶ୍ୱାସ କରନ୍ତୁ।

# 41
# ପ୍ରାର୍ଥନାରେ ବିଶ୍ୱାସପୂର୍ଣ୍ଣ ବାକ୍ୟ କୁହନ୍ତୁ

**ମାର୍କ 11:22-24**

**22 ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କ-ଠାରେ ବିଶ୍ୱାସ ରଖ।**

**23 ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା' ନିମନ୍ତେ ତାହା ଘଟିବ।**

**24 ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ,ସେସବୁ ପାଇଅଛ ବୋଲି ବିଶ୍ୱାସ କର, ସେଥିରେ ସେହିସବୁ ପାଇବ।**

ଏହି ସମାନ ବାକ୍ୟାଂଶରେ ଯେଉଁଠି ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ଶିଖାଇଲେ ଯେ,  କିପ୍ରକାରେ ଈଶ୍ୱରଙ୍କଠାରେ ଆମର ବିଶ୍ୱାସକୁ ପ୍ରୟୋଗ କରିବା, ସେ ଏଠାରେ ଆମ୍ଭମାନଙ୍କୁ ପ୍ରାର୍ଥନା କରିବା ବିଷୟରେ ଶିକ୍ଷା ଦେବା ଜାରି ରଖିଲେ । *"ଅତଏବ ମୁଁ ତୁମ୍ଭମାନଙ୍କୁ କହୁଅଛି ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ..."  "ଅତଏବ ମୁଁ ତୁମ୍ଭମାନଙ୍କୁ କହୁଅଛି"* ର ଅର୍ଥ  "ଏହି କାରଣରୁ ମୁଁ ଏହା ତୁମ୍ଭମାନଙ୍କୁ କହୁଅଛି..." ଅବା "...ଏ ହେତୁରୁ ମୁଁ ତୁମ୍ଭମାନଙ୍କୁ କହୁଅଛି।"  ମାର୍କ 11:24 ରେ ପ୍ରାର୍ଥନା ବିଷୟରେ ଓ ପ୍ରାର୍ଥନା କରିବାର ପଦ୍ଧତି ବିଷୟରେ ପ୍ରଭୁ ଯାହା ପ୍ରତିଜ୍ଞା ଦେଇଛନ୍ତି ମାର୍କ 11:22,23 ରେ ଦେଇଥିବା ଶିକ୍ଷା ସହିତ ସଂପର୍କ ଅଛି।

ଯୀଶୁ କହିଲେ, ଯେତେବେଳେ ତୁମେ ମାଗ , ତାହା ପାଇ ଅଛ ବୋଲି ବିଶ୍ୱାସ କର, ସେଥିରେ ସେହି ସବୁ ପାଇବ। ଆମେ ଯେବେ ତାହାଙ୍କ ଇଚ୍ଛାନୁସାରେ ପ୍ରାର୍ଥନା କରୁ, ତେବେ ପିତାଙ୍କ ନିକଟରେ ଯାହା ମାଗିଥିଲୁ ସେହି ସବୁ ପାଇଅଛୁ; ଏହା ମଧ୍ୟ ଜାଣୁ (1 ଯୋହନ 5:14,15)। ଏଣୁ ଆମେ ବିଶ୍ୱାସ କରିବା ଯେ ଆମେ ପ୍ରାର୍ଥନା କରିବା ସମୟରେ ଯାହା ମାଗିଥିଲୁ  ତାହା ପାଇଛୁ ବୋଲି । ଏହା ଏକ ସମ୍ପୂର୍ଣ୍ଣ ହୋଇଥିବା ବିଷୟ ଅଟେ। ଏହା ଆତ୍ମାରେ କରାଯାଇଥାଏ। ଆସନ୍ତୁ ସେ ଆମକୁ ଯାହା ମାର୍କ 11:23ରେ ଯାହା ଶିଖାଇଥିଲେ, ତାକୁ ଏବେ ପ୍ରୟୋଗ କରିବା। ଆମେ ଆବଶ୍ୟକତାକୁ, ପରିସ୍ଥିତିକୁ ସମସ୍ୟାକୁ, ପର୍ବତକୁ କହିବା ଓ ପ୍ରାର୍ଥନା ଦ୍ୱାରା ଯାହା

ଆମେ ମାଗିଅଛୁ, ତାହା ଆମେ ପାଇଅଛୁ ବୋଲି ଘୋଷଣା କରୁ । ଆମେ ପର୍ବତକୁ ଘୁଞ୍ଚି ଯିବା ପାଇଁ ଘୋଷଣା କରିବା। ଈଶ୍ୱର ଙ୍କୁ ବିଶ୍ୱାସ କରିବାର ପ୍ରୟୋଗ ଉଭୟ ଯାହା ମାଗି ଅଛୁ ତାହା ପାଇଛୁ ବୋଲି ବିଶ୍ୱାସ କରିବା, ଏହି ପରିସ୍ଥିତି ପାଇଁ ଯାହା ମାଗିଅଛୁ ତାହା ଘଟିଅଛି ବୋଲି ଘୋଷଣା କରିବା। ପ୍ରାର୍ଥନାରେ ଆମେ ବିଶ୍ୱାସଯୁକ୍ତ ବାକ୍ୟ କହିବା। ଯେଉଁ ପରିସ୍ଥିତି ବିଷୟରେ ଆମେ ପ୍ରାର୍ଥନା କରୁ, ସେଥିରେ ବିଶ୍ୱାସର ବାକ୍ୟ ଅନ୍ତର୍ଭୁକ୍ତ ହୋଇଥାଏ।

# 42
# ତାହାଙ୍କ ବାକ୍ୟରେ ସମ୍ମତ ହୁଅନ୍ତୁ

**ଲୁକ 1:37,38,45**
**37 କାରଣ ଈଶ୍ୱରଙ୍କଠାରୁ ନିର୍ଗତ କୌଣସି ବାକ୍ୟ ଶକ୍ତିହୀନ ହେବ ନାହିଁ।**
**38 ଏଥିରେ ମରୀୟମ କହିଲେ, ଦେଖନ୍ତୁ, ମୁଁ ପ୍ରଭୁଙ୍କ ଦାସୀ; ଆପଣଙ୍କ ବାକ୍ୟାନୁସାରେ ମୋ' ପ୍ରତି**
**ଘଟୁ। ତାହା ପରେ ଦୂତ ତାଙ୍କ ନିକଟରୁ ପ୍ରସ୍ଥାନ କଲେ।**
**45 ଯେ ବିଶ୍ୱାସ କଲେ, ସେ ଧନ୍ୟ, କାରଣ ପ୍ରଭୁଙ୍କଠାରୁ ତାଙ୍କୁ ଯାହା ଯାହା କୁହାଯାଇଅଛି, ସେହିସବୁ**
**ସଫଳ ହେବ।**

ମରିୟମଙ୍କୁ ପ୍ରଭୁଙ୍କ ଆତ୍ମାଙ୍କ ଦ୍ୱାରା ତୁମେ ଗର୍ଭବତୀ ହେବାର ସମ୍ବାଦ ଯେଉଁ ଦୂତ ଆଣିଥିଲା ସେହି ବାର୍ତ୍ତା ଏହା କହି ଶେଷ ହେଲା *"ଈଶ୍ୱରଙ୍କ ଠାରେ କୌଣସି ବିଷୟ ଅସମ୍ଭବ ନୁହେଁ।"* "କୌଣସି" ଶବ୍ଦ ଗ୍ରୀକ ଭାଷା ର ତିନୋଟି ଶବ୍ଦ କୁ ନେଇ ଗଠିତ *'ପାଶ'* (ସବୁ ସମସ୍ତ), *'ରେହମା'* (ବାକ୍ୟ, କହିବା), ଏବଂ *'ଓଉ'*(ନା)। ସେଥିପାଇଁ, 37 ପଦର ଏକ ଉତ୍ତମ ତର୍ଜମା ସଂଶୋଧିତ ସଂସ୍କରଣରେ ଦେଖିଥାଉ *"କାରଣ ଈଶ୍ୱରଙ୍କ ମୁଖରୁ ନିର୍ଗତ କୌଣସୀ ବାକ୍ୟ ଶକ୍ତିହୀନ ହେବ ନାହିଁ"* ସଫଳ ହେବ। ଈଶ୍ୱରଙ୍କ ଠାରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ଶକ୍ତିଯୁକ୍ତ ଓ ତାହା ସଫଳ ହେବ।

ଈଶ୍ୱର କହିଲେ ଦୂତ କେବଳ ତାକୁ ପ୍ରମାଣିତ କଲେ। ମରିୟମ ଉତ୍ତରରେ ଈଶ୍ୱରଙ୍କ କଥାରେ ରାଜି ହେଲେ। ସେ କହିଲେ, *"ଆପଣା ବାକ୍ୟ ଅନୁସାରେ ମୋ ପ୍ରତି ଘଟୁ ।"* ଈଶ୍ୱରଙ୍କ କଥାରେ ସମ୍ମତ ହେବାର ଅର୍ଥ ସେହିକ୍ଷଣ ଠାରୁ ଈଶ୍ୱର ଯାହା କହିଥିଲେ ତାର ସମାନତାରେ ସବୁକିଛି କଲେ। ପରେ, ପବିତ୍ର ଆତ୍ମା ଏଲୀଶାବେଥଙ୍କ ମାଧ୍ୟମରେ ସେ ଯେଉଁ ବାକ୍ୟ ତାଙ୍କୁ କୁହାଗଲା, ତାହା ଯେ ବିଶ୍ୱାସ କଲେ ନିଶ୍ଚୟ ତାହାର ସଫଳ ହେବାର ଦେଖିବେ ଏହି ବୋଧ ଦେଇ ମରିୟମଙ୍କୁ ଉତ୍ସାହିତ କରିଥିଲେ।

ଆମେ ପାଠ କରୁଥିବା ଧର୍ମଶାସ୍ତ୍ର ରେ ଲେଖା ହୋଇଥିବା ଈଶ୍ୱରଙ୍କ ଠାରୁ ନିର୍ଗତ ଯେକୌଣସି ବାକ୍ୟ ସଫଳ ହେବା ନିମନ୍ତେ ଶକ୍ତିହୀନ ନୁହେଁ। ଆମକୁ

ଦିଆହୋଇଥିବା ଧର୍ମଶାସ୍ତ୍ରର ପ୍ରତ୍ୟେକ ବାକ୍ୟ ଶକ୍ତିଶାଳୀଓ ତାହା ସଫଳ ହେବ। ତାଙ୍କ ବାକ୍ୟକୁ ବିଶ୍ୱାସ କରିବା  ଅର୍ଥାତ ଆମେ ତାଙ୍କ ବାକ୍ୟ ସହିତ ଏକମତ ହେବା। ଆମେ ସହମତ ହେବା ଏବଂ ମରିୟମଙ୍କ ପରି କହିବା, *"ଆମର ବାକ୍ୟ ଅନୁଯାୟୀ ମୋ ପ୍ରତି ଘଟୁ ।"* ଆମର ତାଙ୍କ ବାକ୍ୟ ସହିତ ସମ୍ମତ ହେବା ଆମେ କିପରି ଭାବୁ, କଥାବାର୍ତ୍ତା ଏବଂ କାର୍ଯ୍ୟ କୁ  ଅନ୍ତର୍ଭୁକ୍ତ କରେ । ଆମେ ବାକ୍ୟର  ବିପରୀତ କଥା କହିପାରିବା ନାହିଁ ଏବଂ କହିବା ଯେ ଆମେ  ତାଙ୍କ ବାକ୍ୟ ସହିତ ସହମତ । ଆମେ ଯଦି ଈଶ୍ୱର ଓ ଈଶ୍ୱରଙ୍କ ବାକ୍ୟ ସହିତ ସହମତ ତେବେ ଆମର କଥା ଗୁଡିକ ମଧ୍ୟ ତାଙ୍କ ବାକ୍ୟ ସହିତ ସହମତ ହେବ। । ଆମେ ଯେତେବେଳେ ତାଙ୍କ ବାକ୍ୟର  ସହମତିରେ ଆମର ବିଶ୍ୱାସର ବାକ୍ୟ କହିବା ସେତେବେଳେ, ପ୍ରଭୁ ଯେ ସମସ୍ତ କଥା ତାଙ୍କ ବାକ୍ୟ ରେ ଆମକୁ କହିଥିଲେ ସେ ସମସ୍ତ ସଂପାଦିତ ହେବ।

# 43
# ରୋଗବ୍ୟାଧିକୁ ଛାଡ଼ିଯିବା ପାଇଁ ଆଦେଶ ଦିଅନ୍ତୁ

**ଲୂକ 4:38,39**
**38 ପରେ ସେ ସମାଜଗୃହରୁ ଉଠି ଶିମୋନଙ୍କ ଘରକୁ ଗଲେ। ଶିମୋନଙ୍କ ଶାଶୁଙ୍କୁ ଭୟଙ୍କର ଜ୍ୱର ହୋଇଥିଲା, ଆଉ ସେମାନେ ତାଙ୍କ ବିଷୟରେ ତାହାଙ୍କୁ ଅନୁରୋଧ କଲେ।**
**39 ସେଥିରେ ସେ ତାଙ୍କ ପାଖରେ ଠିଆ ହୋଇ ଜ୍ୱରକୁ ଧମକ ଦେଲେ, ଆଉ ତାଙ୍କୁ ଜ୍ୱର ଛାଡ଼ିଗଲା, ପୁଣି ସେ ସେହିକ୍ଷଣି ଉଠି ସେମାନଙ୍କ ପରିଚର୍ଯ୍ୟା କରିବାକୁ ଲାଗିଲେ।**

ଆମେ ଯୀଶୁଙ୍କ ଜୀବନ ଓ ସେବାକାର୍ଯ୍ୟ କୁ ଅନୁସରଣ କରିଥାଉ। ଯୀଶୁ କିପ୍ରକାରେ ଲୋକମାନଙ୍କର ସେବା କରୁଥିଲେ ସେମାନଙ୍କୁ ସେମାନଙ୍କ ରୋଗ ଓ ଅସୁସ୍ଥତାରୁ ସୁସ୍ଥ କରୁଥିଲେ। ବାସ୍ତବରେ, ଯୀଶୁ ତାଙ୍କର ପିତାଙ୍କୁ ରୋଗ ଓ ଅସୁସ୍ଥତାକୁ ଛଡାଇ ଦିଅ ବୋଲି ପ୍ରାର୍ଥନାରେ ନିବେଦନ କରିବାର ଆମେ କେବେ ପାଇ ନାହୁଁ। ଯୀଶୁ ଅନେକ ସମୟ ପ୍ରାର୍ଥନାରେ ପିତାଙ୍କ ସହିତ କଥୋପକଥନ କରୁଥିଲେ। କିନ୍ତୁ ରୋଗ ଓ ଅସୁସ୍ଥତାର ମୁକାବିଲା କଲାବେଳେ ଯୀଶୁ ଅଧିକାର ସହିତ ସେହି ରୋଗକୁ ଛାଡିଯିବାକୁ ଆଦେଶ ଦେଉଥିଲେ। ଲୁକ 4:38,39 ରେ ଆମେ ତାର ଏକ ଉଦାହରଣ ଦେଖିବାକୁ ପାଉ, ଯୀଶୁ ଜ୍ୱରକୁ ଧମକ ଦେଉଛନ୍ତି। ସେ ଜ୍ୱର କୁ କହିଲେ ଏବଂ ଆଦେଶ ଦେଲେ ଛାଡିଯିବା ପାଇଁ ଏବଂ ତତ୍ କ୍ଷଣାତ ତାହା ଛାଡିଗଲା।

ଯୀଶୁ ସବୁବେଳେ ଠିକ। ସେ ଅନନ୍ତ ବାକ୍ୟ। ଆଜିପର୍ଯ୍ୟନ୍ତ ଯଦି ଆମମାନଙ୍କର ପରମାର୍ଥତତ୍ତ୍ୱ ରେ ଯୀଶୁ ଙ୍କ ପରି ରୋଗ ଓ ଅସୁସ୍ଥତାକୁ ଛଡାଇବା ବିଷୟ ଅନ୍ତର୍ଭୁକ୍ତ ନୁହେଁ ତେବେ ଯୀଶୁ ଯାହା କହୁଥିଲେ ଓ କରୁଥିଲେ ତାସହିତ ସମାନତାରଖି ଆମର ପରମାର୍ଥତତ୍ତ୍ୱ କୁ ବଦଳିବାର ଆବଶ୍ୟକତା ଅଛି।

ମତେ ଆଉ ଆପଣମାନଙ୍କୁ ଆହୁରି ଅଧିକ ମହତ କର୍ମମାନ କରିବାକୁ ହେବ (ଯୋହନ 14:12)। ଆମେ ଅବଶ୍ୟ ଯୀଶୁ ଯେପ୍ରକାର କରୁଥିଲେ, ସେ ପ୍ରକାର କରିବା। ଯୀଶୁ ରୋଗ ଓ ଅସୁସ୍ଥତା କୁ କହିଲେ ଓ ସେମାନଙ୍କୁ ଛାଡିଯିବାକୁ ଧମକ ଦେଲେ। ତେଣୁ ଆପଣ ଓ ମୁଁ ସେହି ସମାନ ଭାବରେ ଆମେ ରୋଗକୁ ଛାଡିଯିବାପାଇଁ

ଧମକ ଦେବା। ଆମେ ନିଜ ଶରୀର ତାସହିତ ଯେଉଁମାନଙ୍କର ଆମେ ସେବାକରୁଛୁ ସେମାନଙ୍କ ନିମନ୍ତେ ଏହା କରିପାରିବା। ଯୀଶୁଙ୍କ ଅନୁସରଣକରିବା। ସେ ଯାହା କରିଅଛନ୍ତି ତାହାକରିବା। ଆମର ବାକ୍ୟ ତାଙ୍କ ଦେଇଥିବା କ୍ଷମତାର ଅଭିବ୍ୟକ୍ତି। ରୋଗକୁ ଛାଡିଯିବା ନିମନ୍ତେ ଆଦେଶ ଦିଅ।  ତୁମ୍ଭର ବିଶ୍ୱାସକୁ ପ୍ରକାଶ କର।

# 44
# ଝଡ଼କୁ ଧମକାନ୍ତୁ

ଲୂକ 8:22-25
[22] ସେହି ସମୟରେ ଦିନେ ସେ ଓ ତାହାଙ୍କ ଶିଷ୍ୟମାନେ ଗୋଟିଏ ନୌକାରେ ଚଢ଼ିଲେ, ଆଉ ସେ ସେମାନଙ୍କୁ କହିଲେ, ଆସ, ହ୍ରଦର ଆରପାରିକି ଯିବା।
ସେଥିରେ ସେମାନେ ନୌକା ଫିଟାଇଦେଲେ।
[23] କିନ୍ତୁ ସେମାନେ ନୌକା ବାହି ଯାଉଥିବା ସମୟରେ ସେ ଶୋଇପଡ଼ିଲେ। ସେତେବେଳେ ହ୍ରଦରେ ତୋଫାନ ହେଲା, ଆଉ ସେମାନଙ୍କ ନୌକା ଜଳରେ
ପୂର୍ଣ୍ଣ ହେବାକୁ ଲାଗିଲା ଓ ସେମାନେ ବିପଦରେ ପଡ଼ିଲେ।
[24] ସେଥିରେ ସେମାନେ ନିକଟକୁ ଆସି ତାହାଙ୍କୁ ଉଠାଇ କହିଲେ, ହେ ଗୁରୁ, ହେ ଗୁରୁ, ଆମେ ମଲୁ। ଏଥିରେ ସେ ଉଠି ପବନ ଓ ପ୍ରବଳ ତରଙ୍ଗକୁ
ଧମକ ଦେଲେ, ଆଉ ସେହିସବୁ ନିବୃତ୍ତ ହୋଇ ସୁସ୍ଥିର ହେଲା।
[25] ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର ବିଶ୍ୱାସ କାହିଁ? କିନ୍ତୁ ସେମାନେ ଭୀତ ଓ ଚମତ୍କୃତ ହୋଇ ପରସ୍ପରକୁ କହିବାକୁ ଲାଗିଲେ, ଏ ତେବେ
କିଏ ଯେ, ସେ ବାୟୁ ଓ ଜଳକୁ ସୁଦ୍ଧା ଆଦେଶ ଦିଅନ୍ତେ, ସେମାନେ ତାହାଙ୍କ ଆଜ୍ଞା ମାନନ୍ତି।

ଯୀଶୁ ପବନ ଓ ଜଳକୁ କହିଲେ ଓ ଶାନ୍ତ ହେବାପାଇଁ ଆଦେଶ ଦେଲେ ଆଉ ସେମାନେ ତାଙ୍କୁ ମାନିଲେ। ଯୀଶୁ ବୁଲିପଡି ତାଙ୍କ ଶିଷ୍ୟମାନଙ୍କୁ ପଚାରିଲେ "ତୁମ୍ଭମାନଙ୍କ ବିଶ୍ୱାସ କାହିଁ?" ଏହା ଦର୍ଶାଏ ଯେ ସେମାନେ ଏହି ପରିସ୍ଥିତି ର ମୁକାବିଲା ବିଶ୍ୱାସ ଦ୍ୱାରା କରିପାରିଥନ୍ତେ।

ପ୍ରଭୁ ଯୀଶୁ ଆମ୍ଭମାନଙ୍କ ନିମନ୍ତେ  ପିତାଙ୍କ ସହିତ କିପରି ବଞ୍ଚିବାର ଓ ଚାଲିବାର ଏକ ପ୍ରତିରୁପ। ସେ ପବିତ୍ର ଆତ୍ମାଙ୍କ ଅଭିଷେକରେ ଚାଲିବାର ଓ ସେବାକରିବାର ପାଇଁ ଆମମାନଙ୍କର ଆଦର୍ଶ ସ୍ୱରୁପ ହେଲେ। ବିଶ୍ୱାସ କଣ କରିପାରେ ତାପାଇଁ ମଧ୍ୟ ଆଦର୍ଶ ସ୍ୱରୁପ ହୋଇଛନ୍ତି। ସେ ବସ୍ତୁ ମାନଙ୍କୁ କଥା କହିଲେ- ଡିମ୍ବିରି ବୃକ୍ଷ, ଅସୁସ୍ଥତା, ପବନ ଏବଂ ତରଙ୍ଗ ସେ ସେମାନଙ୍କୁ ଆଦେଶଦେଲେ ଓ ସେମାନେ ମାନିଲେ। ଆମେ ଯୀଶୁ ଯାହା କଲେ  ତାଙ୍କର ଅନୁସରଣ କରିବା କି? ଅବଶ୍ୟ!

ଅନ୍ୟଥର ଯଦି ଝଡ ର ସମ୍ମୁଖୀନ ହୁଅ ଏହା ବାସ୍ତବରେ ପବନ ଓ ତରଙ୍ଗ ବା ଜୀବନରେ ଆସିଥିବା ଅନ୍ୟ କିଛି ପରିସ୍ଥିତି ର "ଝଡ,"ଯୀଶୁ ଯେପ୍ରକାର କରିଥିଲେ ସେ ପ୍ରକାର କରନ୍ତୁ। ଝଡ କୁ କହନ୍ତୁ, ଶାନ୍ତ ହେବାନିମନ୍ତେ ଆଦେଶ ଦିଅନ୍ତୁ। ବିଶୃଂଖଳାକୁ ପ୍ରତ୍ୟାହାର କରିବାକୁ,ବନ୍ଦ ହେବାକୁ, ସୁସ୍ଥିର ହେବାକୁ ଆଦେଶ ଦିଅନ୍ତୁ। ଦ୍ୱନ୍ଦର ଝଡ କୁ ଆଦେଶ ଦିଅ,ଦୁଷ୍କର୍ମ, ଗପସପ, ମତଭେଦ, ଶତ୍ରୁତା ଯାହାସବୁ ଯଥାର୍ଥ ନୁହେଁ ସେ ସବୁ ବନ୍ଦ ହେବା ପାଇଁ ଆଦେଶ ଦିଅନ୍ତୁ।

# 45
# ଲୋକମାନଙ୍କ ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଘୋଷଣା କରନ୍ତୁ

ଲୁକ 13:10-16

10 ଥରେ ସେ ବିଶ୍ରାମବାରରେ ଗୋଟିଏ ସମାଜଗୃହରେ ଶିକ୍ଷା ଦେଉଥିଲେ।

11 ଆଉ ଦେଖ, ଅଠର ବର୍ଷ ପର୍ଯ୍ୟନ୍ତ ଦୁର୍ବଳକାରୀ ଆତ୍ମା ଦ୍ୱାରା ଆବିଷ୍ଟ ଜଣେ ସ୍ତ୍ରୀଲୋକ ସେଠାରେ ଥିଲା, ସେ କୁବ୍ଜା ହୋଇ କୌଣସି ପ୍ରକାରେ ଆପଣାକୁ ସଳଖ କରି ପାରୁ ନ ଥିଲା।

12 ଯୀଶୁ ତାହାକୁ ଦେଖି ପାଖକୁ ଡାକି କହିଲେ, ହେ ନାରୀ, ତୁମ୍ଭର ଦୁର୍ବଳତାରୁ ମୁକ୍ତ ହେଲ।

13 ଆଉ, ସେ ତାହା ଉପରେ ହାତ ଥୋଇଲେ, ସେଥିରେ ସେ ସେହିକ୍ଷଣି ସଳଖ ହୋଇ ଈଶ୍ୱରଙ୍କ ମହିମା କୀର୍ତ୍ତନ କରିବାକୁ ଲାଗିଲା।

14 କିନ୍ତୁ ଯୀଶୁ ବିଶ୍ରାମବାରରେ ସୁସ୍ଥ କରିବାରୁ ସମାଜଗୃହର ଅଧ୍ୟକ୍ଷ ବିରକ୍ତ ହୋଇ ଲୋକସମୂହକୁ ଉତ୍ତର ଦେଲେ, କର୍ମ କରିବା ନିମନ୍ତେ ଛଅ ଦିନ ଅଛି, ଏଣୁ ସେହିସବୁ ଦିନରେ ଆସି ସୁସ୍ଥ ହୁଅ, ବିଶ୍ରାମବାରରେ ଆସ ନାହିଁ।

15 କିନ୍ତୁ ପ୍ରଭୁ ତାଙ୍କୁ ଉତ୍ତର ଦେଲେ, ରେ କପଟୀ-ମାନେ, ତୁମ୍ଭେମାନେ ପ୍ରତ୍ୟେକେ କଅଣ ବିଶ୍ରାମବାରରେ ଆପଣା ଆପଣା ବଳଦ କିମ୍ବା ଗଧ ଗୁହାଳରୁ ଫିଟାଇ ଘେନିଯାଇ ପାଣି ପିଆଅ ନାହିଁ?

16 ତେବେ ଦେଖ, ଅଠର ବର୍ଷ ବ୍ୟାପି ଶୟତାନ ଦ୍ୱାରା ଆବଦ୍ଧ ଅବ୍ରହାମଙ୍କ କନ୍ୟା ଏହି ସ୍ତ୍ରୀଲୋକଟି କଅଣ ବିଶ୍ରାମବାରରେ ଆପଣା ବନ୍ଧନରୁ ମୁକ୍ତ ହେବା ଆବଶ୍ୟକ ନ ଥିଲା?

ଏହି ପାଠ୍ୟାଂଶରୁ ଉଲ୍ଲେଖିତ ମହିଳା ଙ୍କର ପିଠିରେ ଏକ ସମସ୍ୟା ଥିଲା ୧୮ ବର୍ଷ ପର୍ଯ୍ୟନ୍ତ ସେ କୁବଜା ହୋଇ ରହିଥିଲା ତାକୁ ଶୟତାନ ବନ୍ଦୀ କରି ବାନ୍ଧି କରି ରଖିଥିଲା। ଏ କ୍ଷେତ୍ରରେ ଦୁର୍ବଳତାର ଆତ୍ମା ଏହି ସମସ୍ୟା ର କାରଣ ଥିଲା। ଯୀଶୁ କିପରି ତାର ସେବା କଲେ?ସେ କଥା କହିଲେ ଓ ତା' ଉପରେ ହାତ ଥୋଇଲେ। ସେ କହିଲେ *"ହେ ନାରୀ ତୁମ୍ଭର ଦୁର୍ବଳତାରୁ ମୁକ୍ତ ହେଲ।।"* ୧୮ ବର୍ଷ ପର୍ଯ୍ୟନ୍ତ ଦୁର୍ବଳତାର ଆତ୍ମା ମାଧ୍ୟମରେ ଶୟତାନ ଯାହା କରିଥିଲା ତତ୍କ୍ଷଣାତ ତାକୁ ମୁକ୍ତ କଲା।

ଯୀଶୁଙ୍କ ବିଶ୍ୱାସୀ ଭାବରେ ଆମକୁ ସାପ ବିଛା ଉପରେ ଚାଲିବାକୁ ପୁଣି ଶତ୍ରୁ ର ସମସ୍ତ ଶକ୍ତି ଉପରେ କ୍ଷମତା ଦିଆ ଯାଇଅଛି (ଲୁକ 10:19) । ଯୀଶୁ ଙ୍କ ର କ୍ଷମତା

ତାଙ୍କ ଶରୀର ରୁପ  ମଣ୍ଡଳୀ ଯାହା ଆପଣ ଓ ମୋ ପରି ବିଶ୍ୱାସୀ ମାନଙ୍କ ଦ୍ୱାରା ଗଠିତ ତା ମାଧ୍ୟମରେ ବ୍ୟକ୍ତ ହୋଇଛି। ଆମେ କହୁଥିବା ବାକ୍ୟ ଦ୍ୱାରା କ୍ଷମତାର ପ୍ରୟୋଗ ହୋଇଥାଏ। କ୍ଷମତା ସହିତ ଆମେ ଘୋଷଣା କରୁ, ଲୋକମାନେ ବନ୍ଧନରୁ ମୁକ୍ତ ହେଉନ୍ତୁ । ଯେଉଁମାନେ ନିଶା ର ବନ୍ଧନରେ ଅଛନ୍ତି "ଯୀଶୁ ଙ୍କ ନାମରେ" ଆମେ ଘୋଷଣା କରୁଛୁ ନିଶାରୁ ମୁକ୍ତ ହୁଅ । ଯେଉଁମାନେ ଭୟର ବନ୍ଧନରେ ର ଅଛନ୍ତି "ଯୀଶୁଙ୍କ ନାମରେ ଆମେ ଘୋଷଣା କରୁଛୁ ଏହି ଯନ୍ତ୍ରଣା ଦାୟକ ଭୟରୁ ମୁକ୍ତ ହୋଇଯାଅ ।" ସେହି ସମାନ ଭାବରେ ଅନ୍ୟ ପ୍ରକାର ବନ୍ଧନରୁ ଲୋକମାନଙ୍କୁ ମୁକ୍ତ କରିବା। କ୍ଷମତାର ବାକ୍ୟ କହନ୍ତୁ। ଲୋକମାନେ ତାଙ୍କର ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଘୋଷଣା କରନ୍ତୁ।

# 46
# ଅଭିଷିକ୍ତ ବାକ୍ୟ ସମୂହ ଆତ୍ମାଙ୍କ ଜୀବନ ଧାରଣ କରେ

**ଯୋହନ 6:63**
**ଆତ୍ମା ଜୀବନଦାୟକ; ମାଂସ କୌଣସି ଉପକାର କରେ ନାହିଁ; ମୁଁ ତୁମ୍ଭମାନଙ୍କୁ ଯେସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ।**

ଯୀଶୁ ତାହାଙ୍କ ଶିଷ୍ୟଙ୍କୁ ତାଙ୍କଠାରେ ଲାଗି ରହିବା ବିଷୟ,ତାଙ୍କର ମାଂସକୁ ଭୋଜନ କରିବା ଓ ରକ୍ତକୁ ପାନ କରିବା ବିଷୟରେ କହି ଶେଷ କରିଥିଲେ। ତା'ପରେ ସେ ସେମାନଙ୍କୁ ଯେ ଏହା ଆକ୍ଷରିକ, ସ୍ୱାଭାବିକ ଭାବରେ କହୁନାହାନ୍ତି ତାହା ଜାଣିବାକୁ ଦେଲେ । ସେ ସ୍ପଷ୍ଟ କରିଲେ ଯେ ଆତ୍ମା ହିଁ ଜୀବନ ପ୍ରଦାନ କରନ୍ତି।(ଈଶ୍ୱରଙ୍କ ପରି ଜୀବନ)। ମାଂସ (ପ୍ରାକୃତିକ) ଏହା କରିପାରେ ନାହିଁ। ତା'ପରେ ସେ ତାଙ୍କର ବାକ୍ୟକୁ ଦର୍ଶାଇଲେ। ଯେସମସ୍ତ ବାକ୍ୟ ସେ କହିଥିଲେ ସେହି ସବୁ ଆତ୍ମା, ଆତ୍ମିକ ବା ଆତ୍ମାଙ୍କର ଓ ତାଙ୍କର ବାକ୍ୟ ସମୁହ ଈଶ୍ୱରଙ୍କ ଜୀବିତ ଆତ୍ମା କୁ ସେମାନଙ୍କ ମଧ୍ୟକୁ ଆଣିଦିଏ। ଯୀଶୁ ଅଭିଷିକ୍ତ ହୋଇଥିଲେ। ଯେବେ ସେ କଥା କହନ୍ତି ତାଙ୍କର ବାକ୍ୟ ଶ୍ରୋତାମାନଙ୍କୁ ଜୀବନର ଆତ୍ମା ଦେଇଯାଏ।

ଆମେ ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ହୋଇଛୁ(2 କରନ୍ଥୀୟ 1:21) ଆମ୍ଭମାନଙ୍କ ମଧ୍ୟରେ ଈଶ୍ୱରଙ୍କ ଅଭିଷେକ କାର୍ଯ୍ୟ କରିଥାଏ. ଆମେ ଯାହା କହିଥାଉ ଈଶ୍ୱର ତାକୁ ଜୀବନର ଆତ୍ମା ବହନ କରିବା ପାଇଁ ବ୍ୟବହାର କରିଥାନ୍ତି। ଅତଏବ ଯେତେବେଳେ ଆମେ ସେହି ଅଭିଷେକରେ କଥା କହି ଥାଉ କିମ୍ବା ଆତ୍ମାରେ ଅନୁପ୍ରାଣିତ ହୋଇ କହିଥାଉ ସେହି ବାକ୍ୟସବୁ ଆଶ୍ଚର୍ଯ୍ୟ ବିଷୟମାନ ଘଟିବାର କାରଣ ହୋଇଥାଏ। ସେ ସମସ୍ତ ଲୋକମାନଙ୍କର ଈଶ୍ୱରୀୟ ଜୀବନକୁ ଖୋଲିଦେଇଥାଏ। ସେସମସ୍ତ ଅବସ୍ଥା ଓ ପରିସ୍ଥିତିରେ ଈଶ୍ୱରଙ୍କ ଶକ୍ତି କୁ ଖୋଲି ଦେଇଥାଏ। ଅଭିଷେକର ବାକ୍ୟ ଯେ ଜୀବନର ଆତ୍ମାକୁ ଧାରଣକରେ ଏହା ଜ୍ଞାତ ହୋଇ ଆତ୍ମା ଯେ ପ୍ରକାରେ ଚାଳନା ଦିଅନ୍ତି ସାହାସର ସହ କଥାକୁହ।

# 47
# ବିଶ୍ୱାସରେ ଆଦେଶ ଦିଅନ୍ତୁ

**ଯୋହନ 11:40-43**

**[40] ଯୀଶୁ ତାଙ୍କୁ କହିଲେ, ଯଦି ତୁମ୍ଭେ ବିଶ୍ୱାସ କର, ତାହାହେଲେ ଈଶ୍ୱରଙ୍କ ମହିମା ଦେଖିବ, ଏହା କଅଣ ମୁଁ ତୁମ୍ଭକୁ କହିଲି ନାହିଁ? ସେଥିରେ ସେମାନେ ପଥର ଘୁଞ୍ଚାଇଦେଲେ।**

**[41] ଆଉ, ଯୀଶୁ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ, ପିତଃ, ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି।**

**[42] ତୁମ୍ଭେ ଯେ ସର୍ବଦା ମୋହର ପ୍ରାର୍ଥନା ଶୁଣିଥାଅ, ଏହା ମୁଁ ଜାଣିଥିଲି; କିନ୍ତୁ ଯେଉଁ ଲୋକସମୂହ ଚତୁର୍ଦ୍ଦିଗରେ ଠିଆ ହୋଇଅଛନ୍ତି, ତୁମ୍ଭେ ମୋତେ ପ୍ରେରଣ କରିଅଛ ବୋଲି ସେମାନେ ଯେପରି ବିଶ୍ୱାସ କରିବେ, ଏଥିପାଇଁ ସେମାନଙ୍କ ହେତୁ ମୁଁ ଏହା କହିଲି।**

**[43] ସେ ଏହା କହି ଉଚ୍ଚ ସ୍ୱରରେ ଡାକିଲେ, ଲାଜାର, ବାହାରିଆସ।**

ଲାଜାର ଯିଏ କି ଚାରିଦନ ହେଲା ମୃତ ହୋଇଥିଲା, ତା'ର ସମାଧି ସମ୍ମୁଖରେ ଠିଆ ହୋଇ ପ୍ରଭୁ ଯୀଶୁ ମାର୍ଥାଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ସେ ଯଦି ବିଶ୍ୱାସ କରନ୍ତି ତାହାହେଲେ ଈଶ୍ୱରଙ୍କ ମହିମା ଦେଖିବେ। ପିତା ଶୁଣିସାରିଛନ୍ତି ଜାଣି ସେ ପିତାଙ୍କୁ ଧନ୍ୟବାଦ ଦେଲେ ତାପରେ ସେ ଆଦେଶର ବାକ୍ୟ କହିଲେ *"ଲାଜାର ବାହାରି ଆସ।"*

ଯୀଶୁ ପିତାଙ୍କୁ ପ୍ରାର୍ଥନା କରିସାରିଥିଲେ। ସେ ଜାଣିଥିଲେ ତାଙ୍କର ନିବେଦନ ମଞ୍ଜୁର ହୋଇସାରିଛି। କିନ୍ତୁ ଏଠାରେ ପ୍ରାକୃତିକ କ୍ଷେତ୍ରରେ  ଇଚ୍ଛାକୃତ ଫଳାଫଳକୁ ଘଟିବା ନିମନ୍ତେ ଆଦେଶ ମଧ୍ୟ ଦେଲେ। ଆମେ ଯେବେ ବିଶ୍ୱାସ କରୁ ଯେ ଆମେ ଈଶ୍ୱରଙ୍କ ମହିମା ଦେଖିବା, ଈଶ୍ୱରଙ୍କର ପରାକ୍ରମର କାର୍ଯ୍ୟ ଆମ ସମ୍ମୁଖରେ ପ୍ରଦର୍ଶିତ ହୋଇଥାଏ। ଯୀଶୁଙ୍କ ପରି ଆମେ ବିଶ୍ୱାସ ରେ ପ୍ରାର୍ଥନା କରିବା।ଏବଂ ଯୀଶୁଙ୍କ ପରି ବିଶ୍ୱାସରେ ଆମେ ଆଦେଶର ବାକ୍ୟ କହିବା।

ତୁମେ କେଉଁସବୁ ବିଷୟରେ ଈଶ୍ୱରଙ୍କୁ ବିଶ୍ୱାସ କରିଥାଅ? ବେଳେବେଳେ କବରରେ ଶୋଇଥିବା ଲାଜାର ପ୍ରତି ଯାହାକଲେ ତାହା ଆଶା କରିଥାଉ। ଏହା ଟିକେ ବେଶୀ ବିଳମ୍ବ ହୋଇଯାଇଛି,  କିନ୍ତୁ ଈଶ୍ୱରଙ୍କ ପ୍ରତିଜ୍ଞା ସ୍ପଷ୍ଟ। ଆମେ ଯଦି ବିଶ୍ୱାସ

କରୁ, ଈଶ୍ୱରଙ୍କ ମହିମା ଦେଖିବା, ଆମେ ଈଶ୍ୱରଙ୍କର ପରାକ୍ରମର କାର୍ଯ୍ୟ ଦେଖିବା। ଆମେ ବିଶ୍ୱାସଯୁକ୍ତ ପ୍ରାର୍ଥନା  କରିବା ଉଚିତ, ବିଶ୍ୱାସରେ ଆଦେଶ ଦେବା ଉଚିତ। ଆମର ବିଶ୍ୱାସ ବିଷୟରେ ସାହାସର ସହିତ କହନ୍ତୁ। ଆପଣ "ଲାଜାରକୁ" ବାହାରି ଆସିବାପାଇଁ ଆଦେଶ ଦିଅନ୍ତୁ!

# 48
# ବାକ୍ୟ ଆପଣଙ୍କ ଅଧିକାର ମଧ୍ୟକୁ ଆପଣଙ୍କୁ ଆଣେ

ପ୍ରେରିତ 30:32

**ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି।**

ପ୍ରେରିତ ପାଉଲ ସ୍ପଷ୍ଟ ରୁପେ କହିଛନ୍ତି ଯେ ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ନିଷ୍ଠାବାନ କରିବା ନିମନ୍ତେ ଓ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପବିତ୍ରିକୃତ ସମସ୍ତଙ୍କ ମଧ୍ୟରେ ଉତ୍ତରାଧିକାର ଦେବା ନିମନ୍ତେ ସମର୍ଥ ଅଟେ। ଅବଶ୍ୟ ଆମେ ସମସ୍ତେ ଆମର ଉତ୍ତରାଧିକାରରେ ଚାଲିବାକୁ ଇଚ୍ଛା କରୁ। ମୁକ୍ତି ପାଇଥିବା ପୁଅ ଓ ଝିଅ ଭାବରେ ଜୀବନକୁ  ଉପଭୋଗ କରିବାକୁ ଆମେ ଚାହିଁଥାଉ। କିନ୍ତୁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟର ସହିତ ଜଡିତ ହେବାକୁ ହେବ। ଆମମାନଙ୍କର ଅନ୍ତପୁରୁଷର ନିର୍ମାଣ ସକାଶେ ଉଦ୍ଦେଶ୍ୟମୂଳକ ଭାବରେ ଈଶ୍ୱରଙ୍କ ବାକ୍ୟର ସହିତ ସଂଯୁକ୍ତ ହେବା ଯଦ୍ୱାରା ଈଶ୍ୱରଙ୍କ ଦ୍ୱାରା ଆମମାନଙ୍କ ନିମନ୍ତେ ଉପଲବ୍ଧ ବ୍ୟବସ୍ଥା ଓ ସୁବିଧାଗୁଡିକରେ ଚାଲିପାରିବା।

ଅନେକ ଉପାୟରେ ଆମେ ବାକ୍ୟ ସହିତ ସଂଯୁକ୍ତ ହୋଇ ପାରିବା। ଆମର ତାଙ୍କର ବାକ୍ୟ କୁ ନିଶ୍ଚୟ ପଢିବା, ବାକ୍ୟ ଯାହା  ପ୍ରକାଶକରେ ତାକୁ ଗ୍ରହଣ କରିବା। ତାଙ୍କର ବାକ୍ୟକୁ ଅଧ୍ୟୟନ କରିବା, ବାକ୍ୟକୁ ଆମ ଭିତରେ ନିବାସ କରିବାକୁ ଦେବା ଓ ତାଙ୍କ ବାକ୍ୟର ବାଧ୍ୟ  ହେବା।  ଯେପରି ରୋମୀୟ 10:17 କୁହାଯାଏ  ତାଙ୍କର ବାକ୍ୟ ଆମ ହୃଦୟରେ ବିଶ୍ୱାସ ଜାତ କରାଏ ଓ ଏହି ସମଗ୍ର ପୁସ୍ତକରେ ଯାହା ଆମେ ଦେଖୁଅଛୁ।  ନିଶ୍ଚିତ ରୁପେ ଆମେ ବିଶ୍ୱାସ ଯୁକ୍ତ ବାକ୍ୟ କହିବା। ଏହା କରିବା ଦ୍ୱାରା ଆମେ ଈଶ୍ୱରଙ୍କ ବାକ୍ୟ ସହିତ ସଂଯୁକ୍ତ ହେବା। ଆମମାନଙ୍କ ଉତ୍ତରାଧିକରରେ ଚାଲିବାର ଗୋଟିଏ ଚାବି ହେଉଛି ଆମର ଜୀବନ ଉପରେ ଈଶ୍ୱରଙ୍କ ବାକ୍ୟ କହିବା। ଅବଶ୍ୟ ଏହା ଆମେ ଅର୍ଥହୀନ ଭାବେ ବା କବିତା ପାଠ କଲାପରି କିମ୍ବା  ଖାଲି ରୀତିନୀତି ପରି ପଢିବା ନାହିଁ। ଆମେ ଈଶ୍ୱରଙ୍କ ଠାରେ ଓ ତାଙ୍କ ବାକ୍ୟରେ ବିଶ୍ୱାସର

ବାକ୍ୟ କହିବା ଆଉ ଏ ପ୍ରକାରେ ଆମେ ବାକ୍ୟ ଦ୍ୱାରା ଉତ୍ତରାଧିକାରରେ ଚାଲିବା ପାଇଁ ପ୍ରସ୍ତୁତି ହୋଇପାରିବା। ପରମେଶ୍ୱର ଓ ତାଙ୍କ ବାକ୍ୟ ଉପରେ ଆପଣା ବିଶ୍ୱାସକୁ ପ୍ରକାଶ କର।

# 49
# ମୋତେ ଯେପରି କୁହାଯାଇଛି, ସେହିପରି ହେବ-ଏହା ମୁଁ ବିଶ୍ୱାସ କରେ

**ପ୍ରେରିତ 27:23-25**

**23ଯେଣୁ ମୁଁ ଯେଉଁ ଈଶ୍ୱରଙ୍କର ଲୋକ, ପୁଣି ଯାହାଙ୍କର ମଧ୍ୟ ମୁଁ ସେବା କରେ, ତାହାଙ୍କର ଜଣେ ଦୂତ ଏହି ରାତ୍ରିରେ ମୋ' ପାଖରେ ଠିଆ ହୋଇ କହିଲେ,**

**24ପାଉଲ, ଭୟ କର ନାହିଁ; କାଇସରଙ୍କ ସମ୍ମୁଖରେ ତୁମ୍ଭକୁ ଠିଆ ହେବାକୁ ହେବ, ଆଉ ଦେଖ, ତୁମ୍ଭର ସହଯାତ୍ରୀସମସ୍ତଙ୍କୁ ଈଶ୍ୱର ତୁମ୍ଭକୁ ଦାନ କରିଅଛନ୍ତି।**

**25ଅତଏବ, ମହାଶୟମାନେ, ସାହସ ଧରନ୍ତୁ, କାରଣ ଈଶ୍ବରଙ୍କଠାରେ ମୋହର ବିଶ୍ୱାସ ଅଛି ଯେ, ମୋତେ ଯେପରି କୁହା ହୋଇଅଛି, ଠିକ୍ ସେହିପରି ଘଟିବ।**

ଜଣେ ଦୂତ ପାଉଲଙ୍କ ନିମନ୍ତେ ଈଶ୍ୱରଙ୍କଠାରୁ ଏକ ବାର୍ତ୍ତା ଆଣିଥିଲେ, ଆଉ ପାଉଲ ଈଶ୍ୱରଙ୍କଠାରେ ଆପଣା ବିଶ୍ୱାସକୁ ସାହସର ସହିତ ଘୋଷଣା କଲେ ମୋତେ ଦୂତଙ୍କ ଦ୍ୱାରା ଯାହା କୁହା ହୋଇଛି ଠିକ ସେହିପରି ଘଟିବ।

ଆମମାନଙ୍କ ପାଖରେ ଲିଖିତ ଈଶ୍ୱରଙ୍କ ବାକ୍ୟ  ପବିତ୍ର ଧର୍ମ ଶାସ୍ତ୍ର ଅଛି ଯାହା ଦୂତଙ୍କ ଅପେକ୍ଷା ଅଧିକ ନିଶ୍ଚିତର ବାକ୍ୟ। ଈଶ୍ୱରଙ୍କ ଲିଖିତ ବାକ୍ୟରେ ଯାହା ସେ କହିଅଛନ୍ତି ତାକୁ ଆମେ ନେଇ ପାରିବା ଆମମାନଙ୍କ ନିମନ୍ତେ ଯେ ସମସ୍ତ ବିଷୟ ଖ୍ରୀଷ୍ଟଙ୍କଠାରେ ସାଧନ କରିସାରିଅଛନ୍ତି, ଆମର ଏହି ଜୀବନ ନିମନ୍ତେ ଯାହାସବୁ କରିବାକୁ ପ୍ରତିଜ୍ଞା କରିଛନ୍ତି ଓ ଯାହା କହିଛନ୍ତି ତାହାସବୁ ଘୋଷଣା କର। ସାହାସର ସହିତ ଘୋଷଣା କର ଯେ ଏ ସମସ୍ତ ବିଷୟ ଯେପରି ପ୍ରଭୁଙ୍କ ପବିତ୍ର ବାକ୍ୟରେ ଲେଖାଅଛି  ଠିକ ସେହିପରି ଘଟିବ ବୋଲି ମୁଁ ବିଶ୍ୱାସ କରେ। ଆମର ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଈଶ୍ୱର ଯାହା କହିଛନ୍ତି ତା' ସହିତ ସମାନ ହେବ।

ଏବଂ ତା'ପରେ ଏମିତି କିଛି ସମୟ ଅଛି  ଯେତେବେଳେ ପରମେଶ୍ୱର ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ ସହିତ କଥା ହେବେ ଆମ ଅନ୍ତରରେ ଥିବା ଆତ୍ମାଙ୍କ ସାକ୍ଷ୍ୟ ଦ୍ୱାରା, ଭବିଷ୍ୟତ ବାଣୀ ଦ୍ୱାରା, ସ୍ୱପ୍ନ ଓ ଦର୍ଶନ  ଇତ୍ୟାଦି ଦ୍ୱାରା। ଆମେ ଯେବେ ତାହା

ଜାଣିବା, ପରଖିବା ଏବଂ ନିଶ୍ଚିତ ହେବା ଯେ ପବିତ୍ର ଆତ୍ମା ଆମ ସହିତ ପ୍ରକୃତରେ ଏକ ନିର୍ଦ୍ଦିଷ୍ଟ ବାକ୍ୟରୁ କଥା କହୁଛନ୍ତି ତେବେ ସାହସର ସହିତ ଘୋଷଣା କରିବା ଯେ, ମୁଁ ବିଶ୍ୱାସ କରେ ମୋତେ ଯେପ୍ରକାରେ କୁହାଯାଇଅଛି ଠିକ ସେହି ପ୍ରକାରେ ତାହା ଘଟିବ।

ସାହାସର ସହିତ ଘୋଷଣା କର, "ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ।"

ମୁଁ ଈଶ୍ୱର ଙ୍କୁ ବିଶ୍ୱାସ କରେ ଯେ ତାଙ୍କର ବାକ୍ୟରେ ମୋ' ବିଷୟରେ ଯାହା କହିଅଛନ୍ତି, ସେହିପ୍ରକାର ଘଟିବ।

# 50
# ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତୁ

ରୋମୀୟ 4:17

**ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ,ଯେ ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି,**

**ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭ ସମସ୍ତଙ୍କର ପିତା ଅଟନ୍ତି, ଯେପରି ଲେଖାଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ।**

ଅବ୍ରହାମଙ୍କର ବିଶ୍ୱାସରେ ଚାଲିବାର ଅର୍ନ୍ତନିହିତ ବିଷୟରେ ପ୍ରେରିତ ପାଉଲ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରକାଶ କରନ୍ତି। ଅବ୍ରହାମ ପରମେଶ୍ୱର ଙ୍କୁ ବିଶ୍ୱାସ କରୁଥିଲେ। ଅବ୍ରହାମ ପୃଥିବୀ ରେ ଈଶ୍ୱରଙ୍କ ଯୋଜନାକୁ ଉନ୍ମୋଚନ କରିବା ସକାଶେ ବିଶ୍ୱାସରେ ଈଶ୍ୱରଙ୍କ ସହଭାଗୀ ହୋଇଥିଲେ. ଅବ୍ରହାମ ଯେଉଁ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ ଓ ସହଭାଗୀ ହୋଇଥିଲେ ସେ ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁ କୁ ଥିବା ବସ୍ତୁ ପରି ଡାକନ୍ତି। ଅବ୍ରହାମଙ୍କୁ ବିଶ୍ୱାସ କରିବାକୁ ପଡିଲା ଯେ ଯାହା ମୃତପରି ଦେଖା ଯାଉଛି ତାକୁ ସଜୀବ କରାଯିବ, ନିର୍ଦ୍ଧିଷ୍ଟ ଭାବରେ ସେମାନଙ୍କର ବୟସ୍କ ଶରୀର ଏବଂ ସାରାଙ୍କର ବନ୍ଧ୍ୟା ଗର୍ଭ। ଆଉ ଅବ୍ରହାମ ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକିବାର ଶିଖିଲେ। ଏହା ପ୍ରଥମେ ପରମେଶ୍ୱର କଲେ, ଏପରିକି ଯେତେବେଳେ ଅବ୍ରହାମଙ୍କର କୌଣସି ସନ୍ତାନ ନ ଥିଲେ ପରମେଶ୍ୱର ଅବ୍ରହାମଙ୍କ ସହିତ କଥା ହେଲେ ଏବଂ କହିଲେ ସେ ତାହାଙ୍କୁ ଏକ ମହାନ ଜାତିର ପିତା କରିଅଛନ୍ତି ତାପରେ ପରମେଶ୍ୱର ସେମାନଙ୍କର ନାମ ପରିବର୍ତ୍ତନ କରି ଅବ୍ରାମ ଓ ସାରି ଠାରୁ ଅବ୍ରହାମ ଓ ସାରା କଲେ। ତାର ପ୍ରଭାବ ସ୍ୱରୁପେ ସେମାନେ ନ ଥିବା ବସ୍ତୁ କୁ ଥିବା ବସ୍ତୁ ପରି ଡାକିଲେ।

ବିଶ୍ୱାସ ହେଉଛି ଏକ ଶିରୋନାମା, ଆଶା ବା ଇଚ୍ଛା କରାଯାଉଥିବା ବିଷୟଗୁଡିକର ମାଲିକାନାର ପ୍ରମାଣ। ବିଶ୍ୱାସ ହେଉଛି ଏକ ଧାରଣା, ବିଶ୍ୱାସ ହେଉଛି ପ୍ରତ୍ୟାଶିତ ବିଷୟର ମୂଳଭୁମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ। ଏ ପ୍ରକାର ବିଶ୍ୱାସ ଯେତେବେଳେ କଥା କହେ ଯେ ବିଷୟଗୁଡିକ ପ୍ରକୃତରେ ନାହିଁ ସେମାନଙ୍କୁ ଡାକିଥାଏ, କିନ୍ତୁ ସେଗୁଡିକ ମଧ୍ୟ ଆଧ୍ୟାତ୍ମିକ ଭାବରେ ଅଛନ୍ତି। ଏହି ପ୍ରକାର ବିଶ୍ୱାସ

ନ ଥିବା ବସ୍ତୁ କୁ ଥିବାବସ୍ତୁ ପରି ଡାକିଥାଏ। ବିଶ୍ୱାସ ନିଶ୍ଚତ କରାଇଥାଏ ଯେ ଯାହା ପରମେଶ୍ୱର କହିଛନ୍ତି ତାହା ଘଟିବ। ଆପଣା ବିଶ୍ୱାସକୁ କୁହ। ଯାହାସବୁ ପ୍ରକୃତରେ ନାହିଁ ସେସବୁ ଥିଲାପରି ଡାକ, କାରଣ ପରମେଶ୍ୱର ତାହା କହିଅଛନ୍ତି।

# 51
# ତାହାଙ୍କ ପ୍ରତିଜ୍ଞା ଅନୁଯାୟୀ କୁହନ୍ତୁ

ରୋମୀୟ 4:18-21

**[18] "ଏହିପରି ତୁମ୍ଭର ବଂଶ ହେବ," ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ।**
**[19] ତାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ,**
**[20] ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ,**
**[21] କିନ୍ତୁ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳବାନ ହେଲେ।**

ପ୍ରଭୁ ଯାହା ପ୍ରତିଜ୍ଞା କରିଥିଲେ ତାହା ପାଇବା ନିମନ୍ତେ ଅବ୍ରହାମ କିପରି ବିଶ୍ୱାସରେ ଚାଲିଲେ, ପବିତ୍ର ଆତ୍ମା ପାଉଲଙ୍କ ମାଧ୍ୟମରେ ତାହା ପ୍ରକାଶ କରିଛନ୍ତି। ଏପରିକି ଯେତେବେଳେ କୌଣସି ଆଶାର କାରଣ ନ ଥିଲା, ଅବ୍ରହାମ ଭରସା କଲେ,ବିଶ୍ୱାସ ଦ୍ୱାରା ଅନୁପ୍ରାଣିତ ହେଲେ, ସେ ବିଶ୍ୱାସ କଲେ। କଣ ସେ ବିଶ୍ୱାସ କରିଥିଲେ? ସେ ବିଶ୍ୱାସ କଲେ ଯେ, ପରମେଶ୍ୱର ତାଙ୍କ ବିଷୟରେ ଯାହା କହିଥିଲେ ସେ ଠିକ୍ ସେହିପରି ହିଁ ହେବେ। ଯେତେବେଳେ ଏହି ସତ୍ୟତା ଗୁଡିକ ସେଠାରେ ଥିଲା ଯଥା—ତାଙ୍କର ଶାରୀରିକ ଅବସ୍ଥା, ସାରାଙ୍କ ଶରୀର ର ସତ୍ୟତା, ଏସବୁ ସତ୍ୟତା ତାଙ୍କର ବିଶ୍ୱାସ କୁ ଆଦେଶ ଦେବା ପାଇଁ ସେ ଦେଲେ ନାହିଁ। ତାଙ୍କଠାରେ ଈଶ୍ୱରଙ୍କଠାରୁ ଆଗତ ବାକ୍ୟ ଥିଲା। ଈଶ୍ୱର ତାଙ୍କ ପରିସ୍ଥିତି ବିଷୟରେ କହିଥିଲେ ଏବଂ ତାଙ୍କ ଜୀବନର ଅନ୍ତିମ ଅଧିକାରୀ ଈଶ୍ୱର ଙ୍କ ଠାରୁ ଆଗତ ସେହି ବାକ୍ୟ ଥିଲା। ଅବ୍ରହାମଙ୍କ ବିଶ୍ୱାସ ର ମଙ୍ଗ ଈଶ୍ୱର ଯାହା ପ୍ରତିଜ୍ଞା କରିଥିଲେ ଓ ଈଶ୍ୱରଙ୍କ ଏହି ପ୍ରତିଜ୍ଞା ପୁରଣ କରିବାକୁ ସକ୍ଷମତା ଉପରେ ଥିଲା। ଜୀବନର ସମସ୍ତ ବିଷୟରେ ଯାହା ସେ ବିଶ୍ୱାସ କଲେ, ଯାହା ସେ କଲେ ଓ ଯାହା ସେ କହିଲେ—ଈଶ୍ୱର ଯାହା କହିଥିଲେ ତାହାର ଅନୁଯାୟୀ ଓ ତାହାର ସମାନ୍ତରାଳରେ ଥିଲା। ଈଶ୍ୱର ଯାହା କହିଛନ୍ତି ବିଶ୍ୱାସ ତାହାର ପରିପ୍ରକାଶ କରିଥାଏ।

ପ୍ରାୟତଃ, ଯାହା ଲେଖାଅଛି ବା ପବିତ୍ର ଧର୍ମଶାସ୍ତ୍ର ରେ ଆମପାଇଁ ପ୍ରତିଜ୍ଞା କରାଯାଇଅଛି, ଆମମାନଙ୍କ ନିଜ ଜୀବନର ବର୍ତ୍ତମାନ ପରିସ୍ଥିତିରେ ତାହା ହୁଏତ ଅସତ୍ୟ ହୋଇପାରେ। ଈଶ୍ୱରଙ୍କ ବାକ୍ୟ କିଛି ପ୍ରତିଜ୍ଞା କରେ ଓ ଆମର ଅନୁଭୂତି ହୁଏତ ତାଠାରୁ ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଈଶ୍ୱରଙ୍କ ବାକ୍ୟ ଘୋଷଣା କରେ ଯେ, ପରମେଶ୍ୱର ଯିହୋବା ରାପହା ଏବଂ ହୁଏତ ଶାରୀରିକ ଅସୁସ୍ଥତା ଶରୀର କୁ ଧ୍ୱଂସ କରୁଛି। ଈଶ୍ୱରଙ୍କ ବାକ୍ୟ କହେ ତୁମେ ଯାହାକିଛି କର ତୁମର ଉନ୍ନତି ହେବ, ମାତ୍ର ହାଲରେ ହୋଇଥିବା ଆମର ଅନୁଭୂତି ହୁଏତ ବିଫଳତାରେ ଗୁନ୍ଥିହେଲା ପରି ହୋଇଥିବ। ଈଶ୍ୱରଙ୍କ ବାକ୍ୟ ବିଜୟର ପ୍ରତିଜ୍ଞା ଦେଇଥାଏ, ହୁଏତ ଅନେକ କ୍ଷେତ୍ରରେ ପରାଜୟ ହୋଇଥାଇପାରେ। ଆମେ କଣ କରିବା? ଆମେ ଆମର ଅଭିଜ୍ଞତାକୁ ସତେ ଯେପରି ଏହା ଈଶ୍ୱର ଙ୍କ ଇଚ୍ଛା ବୋଲି ଗ୍ରହଣ କରିବା କିମ୍ବା ଈଶ୍ୱରଙ୍କ ବାକ୍ୟକୁ ଆମ ଜୀବନ ପାଇଁ ଈଶ୍ୱରଙ୍କ ଇଛା ବୋଲି ଗ୍ରହଣ କରିବା?

ଅବ୍ରହାମଙ୍କ ବିଶ୍ୱାସର ପଦଚିହ୍ନରେ ଚାଲିବାକୁ ଆମେ ଆହୁତ ହୋଇଛୁ। ଏପରିକି ଯେଉଁଠି କୌଣସି ପ୍ରତ୍ୟାଶାର କାରଣ ନାହିଁ ସେଠାରେ ଆମେ ଈଶ୍ୱରଙ୍କ ବାକ୍ୟ ଓ ଈଶ୍ୱରଙ୍କଠାରେ ଭରସା କରିବା। କୌଣସି ସତ୍ୟତା ତୁମର ବିଶ୍ୱାସକୁ ଦୁର୍ବଳ ନ କରୁ। ଈଶ୍ୱରଙ୍କ ବାକ୍ୟରେ ତୁମର ବିଶ୍ୱାସ ସ୍ଥାପନ କର। ପ୍ରତିଜ୍ଞା ଅନୁଯାୟୀ ବିଶ୍ୱାସ ପ୍ରକାଶିତ ହୋଇଥାଏ। ତୁମର ବିଶ୍ୱାସ କୁ ପ୍ରକାଶ କର।

# 52
# ଜୀବନରେ କର୍ତ୍ତୃତ୍ୱ କରନ୍ତୁ—କର୍ତ୍ତାପଣର ବାକ୍ୟ ସବୁ କୁହନ୍ତୁ

ରୋମୀୟ 5:17

**ଯେଣୁ ଯଦି ଜଣକର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।**

ଆଦମ ଦ୍ୱାରା ଯେ ସମସ୍ତ ବିଷୟର ଆମେ ଅଧିନସ୍ଥ ଥିଲୁ ସେ ସମସ୍ତରୁ ପ୍ରଭୁ ଯୀଶୁ ଆମକୁ ବାହାର କରି ଆଣିଛନ୍ତି। ଆମ୍ଭେମାନେ ପ୍ରଚୁର ଅନୁଗ୍ରହ ଓ ଧାର୍ମିକତାର ଦାନ ପାଇଅଛୁ। ଈଶ୍ୱର ତାଙ୍କର ଅନୁଗ୍ରହ ପ୍ରଚୁର ଭାବରେ ଆମ ଜୀବନରେ ଦେଇଅଛନ୍ତି। ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା  ସେ ଆମମାନଙ୍କୁ ତାଙ୍କର ନିଜର ଧାର୍ମିକତା ଦାନ ସ୍ୱରୁପେ ପ୍ରଦାନ କରିଅଛନ୍ତି। ଅତିତରେ ଆମେ ସମସ୍ତେ ପାପୀ ଥିଲୁ, କିନ୍ତୁ  ବର୍ତ୍ତମାନ  ଜିନିଷ ଗୁଡିକ ଭିନ୍ନ ଅଟେ। ଆମେ ଈଶ୍ୱର ଙ୍କ ଧାର୍ମିକତା ସ୍ୱରୁପ ହୋଇଅଛୁ। ଆମେ ଈଶ୍ୱରଙ୍କର  ଅନୁଗ୍ରହ ପ୍ରଚୁର ପରିମାଣରେ ପାଇଅଛୁ। ଅନୁଗ୍ରହ ହେଉଛି ଯାହା ଆମେ ପାଇବାର ଯୋଗ୍ୟ ନୋହୁଁ, କିମ୍ବା ଯାହା ଆମେ ନିଜେ କେବେ ଉପାର୍ଜନ କରି ନ ପାରୁ। ଈଶ୍ୱର ଅନୁଗ୍ରହରେ ଯାହା ଆମକୁ ଦେଇଛନ୍ତି ପ୍ରକୃତରେ ତାହା ଆମର। ଏହା ଆମ ପାଖରେ ଅଛି। ଈଶ୍ୱର ଏହାକୁ  ଆମେ ଉପଭୋଗ କରିବାକୁ, ବଞ୍ଚିବାକୁ ଓ ଆମର ନିଜର କରି ରଖିବାକୁ ଦେଇଛନ୍ତି।

ତାଙ୍କ ଅନୁଗ୍ରହରେ ମାଗଣାରେ ପାଇଥିବା ଅନେକ ବିଷୟ ମଧ୍ୟରୁ ଗୋଟିଏ ବିଷୟ ହେଲା ଯେ, ଯୀଶୁ ଖ୍ରୀଷ୍ଟଙ୍କ ଠାରେ ସେ ଆମ୍ଭ ମାନଙ୍କୁ ରାଜା ଭାବରେ ରାଜତ୍ୱ  କରିବା ପାଇଁ ଅବସ୍ଥାପିତ କରିଅଛନ୍ତି। ଯୀଶୁଙ୍କ ଦ୍ୱାରା ଓ ତାଙ୍କ ହେତୁରୁ ଯେଉଁ କ୍ଷମତା ସେ ଆମକୁ ପ୍ରଦାନ କରିଅଛନ୍ତି,ତାଦ୍ଦ୍ୱାରା ଆମେ ଜୀବନରେ ଶାସନ ଓ ରାଜତ୍ୱ କରିବା। ଏହି ସତ୍ୟ କୁ ବୁଝନ୍ତୁ। ଆପଣ ଜଣେ ଆଧ୍ୟାତ୍ମିକ ଅଧିକାର ଏବଂ କ୍ଷମତା ଥିବା ବ୍ୟକ୍ତି। ତୁମେ ଯଦି ଏହାକୁ ପ୍ରୟୋଗ ନ କର ତେବେ କୌଣସି ଲାଭ

ନାହିଁ। ରାଜାମାନେ କଣ କରନ୍ତି? ରାଜାମାନେ ବାକ୍ୟ ଦ୍ୱାରା କ୍ଷମତା ଓ ଅଧିକାର କୁ ପ୍ରୟୋଗ କରନ୍ତି। ସେମାନେ ବାକ୍ୟ କହନ୍ତି ଓ ଆଦେଶ ଦିଅନ୍ତି। ଯଦ୍ଦ୍ୱାରା ଯାହା ସେମାନେ ଆଦେଶ କରନ୍ତି, ତାହା ସେମାନଙ୍କ ପ୍ରଭାବିତ ରାଜ୍ୟରେ ସ୍ଥାପିତ ହୁଏ।

ଆଦମ ଆମକୁ ପାପ,ଶୟତାନ ଓ ଭୂତମାନଙ୍କର ଅଧିନସ୍ଥ କରିଅଛି। ଏବଂ ସେହି ପତନ ହେତୁରୁ ଯେ ସମସ୍ତ ବିଷୟ ଆସିଲା ତହିଁମଧ୍ୟରେ ଅସୁସ୍ଥତା, ଦାରିଦ୍ର୍ୟତା, ଭୂତର ଅତ୍ୟାଚାର ଇତ୍ୟାଦି ଅନ୍ତର୍ଭୁକ୍ତ। ଆଦମ ଯେ ସମସ୍ତ ବିଷୟର ଅଧିନରେ ଆମକୁ ରଖିଥିଲା ପ୍ରଭୁ ଯୀଶୁ ସେଥିରୁ ଆମକୁ ବାହାର କରି ଆଣି ସେସବୁ ଉପରେ ରାଜତ୍ୱ ଓ ଶାସନ କରିବା ନିମନ୍ତେ ଆମକୁ ଅବସ୍ଥାପିତ କରିଅଛନ୍ତି। କିନ୍ତୁ ଆମେ ଯଦି ଆମର ଆଧିପତ୍ୟକୁ ବ୍ୟବହାର ନ କରିବା ତେବେ ଏହାକୁ ଆମେ କେବେ ବି ଅନୁଭବ କରି ପାରିବା ନାହିଁ। କ୍ଷମତାର ବାକ୍ୟ କହନ୍ତୁ। ଆଦେଶ ଦିଅନ୍ତୁ। ବାକ୍ୟର ଘୋଷଣା କର। ତୁମର ବିଶ୍ୱାସ କୁ ପ୍ରକାଶିତ କର ଏଂବ ତୁମ ପ୍ରଭାବିତ କ୍ଷେତ୍ରର ଅଧିନରେ ଥିବା ସମସ୍ତବିଷୟ ଈଶ୍ୱରଙ୍କ ରାଜ୍ୟର ସତ୍ୟତା ଦ୍ୱାରା ଶାସିତ ଓ ପରିଚାଳିତ ହେଉ।

# 53
# ବିଶ୍ୱାସ ଏହିପରି କଥା କୁହେ

**ରୋମୀୟ 10:6-8**
**6 କିନ୍ତୁ ବିଶ୍ୱାସମୂଳକ ଧାର୍ମିକତା ଏପରି କହେ, "ମନେ ମନେ କୁହ ନାହିଁ, 'କିଏ ସ୍ୱର୍ଗାରୋହଣ କରିବ' (ଅର୍ଥାତ୍, ଖ୍ରୀଷ୍ଟଙ୍କୁ ଓହ୍ଲାଇଆଣିବା ନିମନ୍ତେ)?**
**7 ଅବା 'କିଏ ରସାତଳକୁ ଅବତରଣ କରିବ' (ଅର୍ଥାତ୍, ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଆଣିବା ନିମନ୍ତେ)?**
**8 କିନ୍ତୁ ତାହା କଅଣ କହେ? 'ବାକ୍ୟ ତୁମ୍ଭର ନିକଟବର୍ତ୍ତୀ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି', ଅର୍ଥାତ୍ ଯେଉଁ ବିଶ୍ୱାସ ସମ୍ବନ୍ଧୀୟ ବାକ୍ୟ ଆମ୍ଭେମାନେ ପ୍ରଚାର କରୁ, ସେହି ବାକ୍ୟ।"**

ରୋମୀୟ 4 ଅଧ୍ୟାୟରେ ପ୍ରେରିତ ପାଉଲ ଉଲ୍ଲେଖ କରିଛନ୍ତି ଯେ, ଅବ୍ରହାମ ପରମେଶ୍ୱର ଙ୍କୁ ବିଶ୍ୱାସ କଲେ ତେଣୁ ଈଶ୍ୱର ତାଙ୍କୁ ଧାର୍ମିକ ବୋଲି ଗଣିତ କଲେ। ସେ ଏହା ମଧ୍ୟ ସ୍ଥାପନ କରଛନ୍ତି ଯେ ଈଶ୍ୱରଙ୍କ ଆମକୁ ପ୍ରଚୁର ଅନୁଗ୍ରହ ଓ ଧାର୍ମିକତା ଦାନ ସ୍ୱରୁପେ ପ୍ରଦାନ କରଛନ୍ତି। ବର୍ତ୍ତମାନ ଯେବେ ଆମେ ତାହାଙ୍କ ସହିତ ଧାର୍ମିକ ଗଣିତ ହୋଇଅଛୁ  ଏହା କିପରି ଈଶ୍ୱରଙ୍କ ଉପରେ ବିଶ୍ୱାସ  କୁ ପ୍ରକାଶ କରିଥାଏ? ଧାର୍ମିକ ଓ ବିଶ୍ୱାସୀ ଲୋକମାନେ ଯେ ଆମେମାନେ, ଆମେ କିପ୍ରକାର କଥା କହିଥାଉ?

ଆମେ ହତାଶ  ଏବଂ ନିରାଶ ର କଥା କହି ନଥାଉ। ସତେ  ଯେପରି ଈଶ୍ୱର ଅନେକ ଦୁରରେ ସ୍ୱର୍ଗରେ ଅଛନ୍ତି ଓ ସେ ଆମକୁ ସାହାର୍ଯ୍ୟ କରିପାରିବେ ନାହିଁ ବୋଲି କହି ନ ଥାଉ। ଈଶ୍ୱର ଯେ ମୃତ ଓ ଆମକୁ ସାହାର୍ଯ୍ୟ କରିବାକୁ ଶକ୍ତିହୀନ ବୋଲି କହି ନ ଥାଉ  ତାପରିବର୍ତ୍ତେ, ପ୍ରେରିତ ପାଉଲ ନୁତନ ନିୟମର ବିଶ୍ୱାସୀମାନଙ୍କ  ନିମନ୍ତେ ପୁରାତନ ନିୟମର ଏକ ସତ୍ୟ କୁ ବ୍ୟବହାର କରିଛନ୍ତି। ଦ୍ୱିତୀୟବିବରଣ 30:11-14 ରେ ମୋଶା ଈଶ୍ୱରଙ୍କ ଲୋକମାନଙ୍କୁ ଯାହା କହିଥିଲେ ସେ ସମାନ କଥା ସେ ଆମମାନଙ୍କୁ କହୁଛନ୍ତି। ବାକ୍ୟ ତୁମ ନିକଟରେ ଅଛି। ଈଶ୍ୱର ଯେଉଁ ବାକ୍ୟ ତୁମକୁ କହିଛନ୍ତି ତାହା ତୁମ ମୁଖରେ ଓ ତୁମ ହୃଦୟରେ ଅଛି। ଏଠାରେ ସ୍ୱଷ୍ଟ ଯୁକ୍ତି ଏହା ଯେ ଯେଉଁ ବାକ୍ୟ ତୁମ ହୃଦୟରେ ଅଛି ତାକୁ ତୁମକୁ ବିଶ୍ୱାସ କରିବାକୁ ହେବ ଏବଂ ଯେଉଁବାକ୍ୟ ତୁମ ମୁଖରେ ଅଛି ତୁମକୁ ତାହା ସ୍ୱୀକାର କରିବାକୁ ହେବ। ତାପରେ,

ସେ ଏହି  ବିଶ୍ୱାସ ର ବାକ୍ୟ କୁ ଆମେ ପ୍ରଚାର କରୁଥିବା ଯୀଶୁଙ୍କ ସୁସମାଚାର ର ବାର୍ତ୍ତାରୁପେ  ପ୍ରୟୋଗ କରିବେ।

ଆମମାନଙ୍କ ନିମନ୍ତେ ଏଠାରେ ଗୁରୁତ୍ୱପୂର୍ଣ୍ଣ ସତ୍ୟତା ହେଉଛି ଯେ ବିଶ୍ୱାସ କଥା କହେ  ଏହା ଆମେ ଜାଣିବା । ବିଶ୍ୱାସ ଈଶ୍ୱରଙ୍କ ବାକ୍ୟ କୁ ପ୍ରକାଶ କରିଥାଏ, ଯାହା ଆମ ହୃଦୟରେ ରେ ଓ ମୁଖରେ ନିରନ୍ତର ରଖିଥିବା ଉଚିତ।  କେବେହେଲେ ହତାଶର ବାକ୍ୟ  କୁହ ନାହିଁ।  ନିରାଶ ର ବାକ୍ୟ କେବେହେଲେ କୁହ ନାହିଁ। ବିଶ୍ୱାସ କରିବା ନିମନ୍ତେ ତୁମ ପାଇଁ ଈଶ୍ୱରଙ୍କ ବାକ୍ୟତୁମହୃଦୟରେ ଅଛି ଓ ତୁମକୁ  କହିବା ନିମନ୍ତେ ତୁମ ମୁଖରେ ଅଛି। ବାକ୍ୟକୁ କହନ୍ତୁ। ଈଶ୍ୱରଙ୍କ ବାକ୍ୟରେ ତୁମର ବିଶ୍ୱାସ କୁ ପ୍ରକାଶ କରନ୍ତୁ।

# 54
# ପରିତ୍ରାଣ ପ୍ରାପ୍ତି ନିମନ୍ତେ ସ୍ୱୀକାର

**ରୋମୀୟ 10:6-10**

**6 କିନ୍ତୁ ବିଶ୍ୱାସମୂଳକ ଧାର୍ମିକତା ଏପରି କହେ, "ମନେ ମନେ କୁହ ନାହିଁ, 'କିଏ ସ୍ୱର୍ଗାରୋହଣ କରିବ' (ଅର୍ଥାତ୍, ଖ୍ରୀଷ୍ଟଙ୍କୁ ଓହ୍ଲାଇଆଣିବା ନିମନ୍ତେ)?**

**7 ଅବା 'କିଏ ରସାତଳକୁ ଅବତରଣ କରିବ' (ଅର୍ଥାତ୍, ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଆଣିବା ନିମନ୍ତେ)?**

**8 କିନ୍ତୁ ତାହା କଅଣ କହେ? 'ବାକ୍ୟ ତୁମ୍ଭର ନିକଟବର୍ତ୍ତୀ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି', ଅର୍ଥାତ୍ ଯେଉଁ ବିଶ୍ୱାସ ସମ୍ବନ୍ଧୀୟ ବାକ୍ୟ ଆମ୍ଭେମାନେ ପ୍ରଚାର କରୁ, ସେହି ବାକ୍ୟ।"**

**9 ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ;**

**10 କାରଣ ଧାର୍ମିକତାପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ।**

ଏହି ପାଠ୍ୟାଂଶରେ, ଆମେ ବିଶ୍ୱାସ ଓ ସ୍ୱୀକାର ର ଗୁରୁତ୍ୱ ଦେବାର ଅନ୍ୟ ଏକ ସତ୍ୟ କୁ ଆମେ ଆଲୋକପାତ କରିବା। ହୃଦୟରେ ଈଶ୍ୱରଙ୍କ ବାକ୍ୟ କୁ ବିଶ୍ୱାସ କରିବା ପ୍ରଭୁ ଙ୍କ ସହିତ ଆମକୁ ସଠିକ ସ୍ତରରେ ରେ ରଖିଥାଏ ("ହୃଦୟରେ ବିଶ୍ୱାସ କରିବାଦ୍ୱାରା ଧାର୍ମିକଗଣିତ ହେଉ") । ଈଶ୍ୱରଙ୍କୁ ଗ୍ରହଣ କରିବା ପାଇଁ ଆମେ ଠିକ ସ୍ଥାନରେ, ସ୍ଥିତିରେ ଅଛୁ, ତାପରେ ଆଉ ଏକ ପଦକ୍ଷେପ ନେବା ନିମନ୍ତେ ଶାସ୍ତ୍ର ଗୁଡିକରେ ଆମକୁ ନିର୍ଦ୍ଦେଶ ଦିଆଯାଇଛି। ଆମକୁ ମୁଖରେ ସ୍ୱୀକାର କରିବାକୁ ନିର୍ଦ୍ଦେଶ କରାଯାଇଛି, ତାହା ପରେ ତାହା ପରିତ୍ରାଣକୁ ପାଇବାର ବା ଅନୁଭୁତିରେ ପରିଣତ ହୋଇଥାଏ ("ପରିତ୍ରାଣ ପ୍ରାପ୍ତି ନିମନ୍ତେ ସ୍ୱୀକାର") ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶରେ ମୃତ୍ୟୁ ଓ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଆମକୁ ଧାର୍ମିକତା ଓ ପରିତ୍ରାଣ ଦେବା ନିମନ୍ତେ ଦାନ ସ୍ୱରୁପେ ଉପଲବ୍ଧ ଅଛି। ଏହା ପ୍ରତ୍ୟେଙ୍କ ସକାଶେ ରହିଅଛି। ପରିତ୍ରାଣ ପ୍ରଦାନ କରାଯାଇଅଛି। କିନ୍ତୁ ଏହା ପାଇବା ନିମନ୍ତେ ବିଶ୍ୱାସ ଓ ସ୍ୱୀକାର କରିବାକୁ ହେବ। ସ୍ୱୀକାର ର ମହତ୍ତ୍ୱକୁ ଧ୍ୟାନ ଦିଅନ୍ତୁ। ଯେବେ

ଆମେ ବିଶ୍ୱାସ କରୁ ତାହା ଗ୍ରହଣ କରିବାର ସ୍ଥିତିକୁ ଆସିଥାଉ କିନ୍ତୁ ସ୍ୱୀକାର ଯାହା ପରିତ୍ରାଣ କୁ ଆମର ଅଧିକାର ମଧ୍ୟକୁ ଆଣିଥାଏ।

ନୁତନ ନିୟମରେ ପରିତ୍ରାଣକୁ ଆମେ ଯେପ୍ରକାରେ ବୁଝିଥାଉ, ଏହା ଏକ ବିସ୍ତୃତ ଶବ୍ଦ, ଏହା ଅନନ୍ତ ପରିତ୍ରାଣ,ପାପ କ୍ଷମା, ପାପ ଉପରେ ବିଜୟ,ଅସୁସ୍ଥତାରୁ ସୁସ୍ଥତା, ଦ୍ୱନ୍ଦ ଉପରେ ଜୟଲାଭ, ଶତ୍ରୁର ପ୍ରତ୍ୟେକ କାର୍ଯ୍ୟରୁ ମୁକ୍ତି, ଅନିଷ୍ଟରୁ ଉଦ୍ଧାର,ବିପଦରୁ ରକ୍ଷା, ଏବଂ ପୁର୍ଣ୍ଣ ସମ୍ପୂର୍ଣ୍ଣତା | ଏହାର ଅର୍ଥ ହେଉଛି ଉଦ୍ଧାର, ସୁସ୍ଥ, ମୁକ୍ତ, ବିଜୟ ପାଇବା, ସୁରକ୍ଷା, ସଂରକ୍ଷଣ ଏବଂ ପୁର୍ଣ୍ଣ ସୁସ୍ଥତା। ବିଶ୍ୱାସ କୁ କହନ୍ତୁ କାରଣ ସ୍ୱୀକାର ହିଁ ପରିତ୍ରାଣରେ ପରିଣତ ହୋଇଥାଏ। ଆମମାନଙ୍କ ନିମନ୍ତେ ଏଠାରେ ଗୁରୁତ୍ୱପୂର୍ଣ୍ଣ ସତ୍ୟତା ହେଉଛି ଯେ ବିଶ୍ୱାସ କଥା କହେ ଏହା ଆମେ ଜାଣିବା । ବିଶ୍ୱାସ ଈଶ୍ୱରଙ୍କ ବାକ୍ୟ କୁ ପ୍ରକାଶ କରିଥାଏ, ଯାହା ଆମ ହୃଦୟରେ ରେ ଓ ମୁଖରେ ନିରନ୍ତର ରଖିଥିବା ଉଚିତ। କେବେହେଲେ ହତାଶର ବାକ୍ୟ କୁହ ନାହିଁ। ନିରାଶ ର ବାକ୍ୟ କେବେହେଲେ କୁହ ନାହିଁ|। ବିଶ୍ୱାସ କରିବା ନିମନ୍ତେ ତୁମ ପାଇଁ ଈଶ୍ୱରଙ୍କ ବାକ୍ୟ ତୁମ ହୃଦୟରେ ଅଛି ଓ ତୁମକୁ କହିବା ନିମନ୍ତେ ତୁମ ମୁଖରେ ଅଛି। ବାକ୍ୟକୁ କହନ୍ତୁ। ଈଶ୍ୱରଙ୍କ ବାକ୍ୟରେ ତୁମର ବିଶ୍ୱାସ କୁ ପ୍ରକାଶ କରନ୍ତୁ।

# 55
# ତାହାଙ୍କ ସମସ୍ତ ପ୍ରତିଜ୍ଞା ଗୁଡ଼ିକୁ ଆପଣଙ୍କ ହଁ ଓ ଆମେନ ଘୋଷଣା କରନ୍ତୁ

**2 କରନ୍ଥୀୟ 1:19,20**

**19 କାରଣ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଯୀଶୁ, ଯେ ଆମ୍ଭମାନଙ୍କ ଦ୍ୱାରା, ଅର୍ଥାତ୍, ମୋ' ଦ୍ୱାରା ଏବଂ ସିଲ୍‌ବାନ ଓ ତୀମଥିଙ୍କ ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରେ ପ୍ରଚାରିତ ହେଲେ, ସେ ହଁ ଓ ନା ହୋଇ ନାହାନ୍ତି, ବରଂ ତାହାଙ୍କଠାରେ ହଁ ହୋଇଅଛି।**

**20 ଯେଣୁ ଈଶ୍ୱରଙ୍କର ଯେତେ ପ୍ରତିଜ୍ଞା, ସେସମସ୍ତର ହଁ ତାହାଙ୍କଠାରେ ଅଛି; ଏଥିସକାଶେ ମଧ୍ୟ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟରେ ଆମ୍ଭେମାନେ ଆମେନ୍ କହିଥାଉ।**

କେତେଥର ଲୋକେ ଆମକୁ କହିବାର ଶୁଣିଛୁ ଯେ, ଏମିତି କିଛି ସମୟ ଅଛି ଯେତେବେଳେ ଈଶ୍ୱର ଆସନ୍ତି; ଏମିତିବି କିଛି ସମୟ ଅଛି ଯେତେବେଳେ ସେ ଆସନ୍ତି ନାହିଁ। ଏହା ଆମେ ନିଶ୍ଚିତ ଭାବରେ ଜାଣିନାହୁଁ। ଲୋକମାନେ ଆମକୁ କହନ୍ତି ଯେ, ବେଳେବେଳେ ଈଶ୍ୱରଙ୍କ ପ୍ରତିଜ୍ଞା କାର୍ଯ୍ୟ କରିଥାଏ ଏବଂ ବେଳେ ବେଳେ କାର୍ଯ୍ୟ କରି ନ ଥାଏ। ଏହି ଲୋକମାନଙ୍କୁ ଦେଖୁ ଯେଉଁମାନେ ପ୍ରଭୁଙ୍କୁ ବିଶ୍ୱାସ କରିଥିଲେ ତଥାପି ବିଫଳ ହୋଇଥିଲେ, କିମ୍ବା ମୃତ୍ୟୁ ବରଣ କରିଥିଲେ, କିମ୍ବା ବିପର୍ଯ୍ୟୟର ଅନୁଭବ କରିଥିଲେ। ଲୋକମାନଙ୍କର ଅନୁଭୂତି ହେତୁ ରୁ ଈଶ୍ୱର କିଏ ବା ଈଶ୍ୱର ଙ୍କ ବାକ୍ୟ କଣ କହେ ତାକୁ ବଦଳାଇବାର ଅଧିକାର ଆମର ଅଛି କି? ଈଶ୍ୱର ଓ ଈଶ୍ୱରଙ୍କ ବାକ୍ୟ ଅପେକ୍ଷା ଅନୁଭୂତି ଅଧିକ ବିଶ୍ୱାସ ଯୋଗ୍ୟ କି? ଆମର ପରମାର୍ଥବିଦ୍ୟା ଲୋକମାନଙ୍କର ଅନୁଭୂତି ଆଧାରିତ କିମ୍ବା ଆମର ପରମାର୍ଥ ବିଦ୍ୟା ଈଶ୍ୱର ଙ୍କ ବାକ୍ୟ ଆଧାରିତ?

ପ୍ରେରିତ ପାଉଲ ସ୍ପଷ୍ଟ କରିଛନ୍ତି ଯେ, ଈଶ୍ୱର ସେ ପ୍ରକାର ଅସ୍ଥିର ନୁହନ୍ତି ଯେମିତି କେତେକ ଲୋକ ତାଙ୍କୁ ସେହି ପ୍ରକାର କରିଥାନ୍ତି। ଯୀଶୁଙ୍କଠାରେ, "ହଁ" କିମ୍ବା "ନା" ନାହିଁ, କିନ୍ତୁ ସର୍ବଦା ଏବଂ କେବଳ ଏକ ନିଶ୍ଚିତ "ହଁ" ଅଛି | *"ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରୁ, ଅର୍ଥାତ୍, ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ"* (ଯାକୁବ 1:17)।

ପ୍ରେରିତ ପାଉଲ ସାହାସର ସହିତ ଘୋଷଣା କରନ୍ତି ଯେ, ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଯୀଶୁଙ୍କଠାରେ "ହଁ"। ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞାଗୁଡିକ ସତ୍ୟ ଓ ବିଶ୍ୱସ୍ତ, ସେ ସମସ୍ତ ଯୀଶୁଙ୍କଠାରେ ସଫଳ ହୋଇଅଛି। ତାପରେ ଈଶ୍ୱର ଙ୍କୁ ଗୌରବ ଦେବା ନିମନ୍ତେ ଆମେ "ଆମେନ" କହିଥାଉ।

ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ପାଇଁ ଯୀଶୁ ଙ୍କଠାରେ "ହଁ ଏବଂ ଆମେନ" ଅଛି। ଏହି ପ୍ରତ୍ୟାଶା ଆମ ସମସ୍ତଙ୍କ ଠାରେ ଥିବା ଉଚିତ। ଯୀଶୁଙ୍କଠାରେ ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ସଫଳ ହେବାର ଦେଖିବା ଯଦ୍ୱାରା ଈଶ୍ୱର ଆମ ଜୀବନ ମାଧ୍ୟମରେ ଗୌରବାନ୍ୱିତ ହେବେ। ଏହି ସତ୍ୟତାରେ ପ୍ରତିଷ୍ଠିତ ହୁଅ, ଯେ ଯୀଶୁଙ୍କଠାରେ ସମସ୍ତ ପ୍ରତିଜ୍ଞା ଉତ୍ତମ। ସେ ସମସ୍ତ ହଁ। ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞା ଉପରେ ତୁମର ବିଶ୍ୱାସ କୁ ପ୍ରକାଶ କର। ପ୍ରତ୍ୟେକ ପ୍ରତିଜ୍ଞା ଯାହାସବୁ ସଫଳ ହେବାର ଦେଖିବାକୁ ପ୍ରତ୍ୟାଶା ରଖିଅଛ ତାହାସବୁ ପ୍ରଦର୍ଶିତ ହେବା ପାଇଁ ତୁମର ହଁ ଓ ଆମେନ ଘୋଷଣା କର।

# 56
# ଆମେ ବିଶ୍ୱାସ କରୁ, ତେଣୁ କଥା କହୁ

**2 କରିନ୍ଥୀୟ 4:13,14**

**13 "ମୁଁ ବିଶ୍ୱାସ କଲି, ଏଣୁ କଥା କହିଲି", ଏହି ଲିଖିତ ବାକ୍ୟ ଅନୁସାରେ ସେହି ବିଶ୍ୱାସଜନକ ଆତ୍ମା ପାଇଥିବାରୁ ଆମ୍ଭେମାନେ ମଧ୍ୟ ବିଶ୍ୱାସ କରୁ, ଏଣୁ ମଧ୍ୟ କଥା କହୁ;**

**14 କାରଣ ଆମ୍ଭେମାନେ ଜାଣୁ, ପ୍ରଭୁ ଯୀଶୁଙ୍କୁ ଯେ ଉଠାଇଲେ, ସେ ଆମ୍ଭମାନଙ୍କୁ ମଧ୍ୟ ଯୀଶୁଙ୍କ ସହିତ ଉଠାଇବେ ଓ ତାହାଙ୍କ ଛାମୁରେ ତୁମ୍ଭମାନଙ୍କ ସହିତ ଉପସ୍ଥିତ କରିବେ।**

ପ୍ରେରିତ ପାଉଲ ଗୀତସଂହିତା 116:10ରୁ ଏଠାରେ ଉଦ୍ଧୃତ  କରିଛନ୍ତି | ପ୍ରକୃତରେ,ପ୍ରେରିତ ପାଉଲ, ପବିତ୍ର ଆତ୍ମାଙ୍କ ପ୍ରେରଣା ଅନୁଯାୟୀ, ବୋଧହୁଏ ଏକ ନିର୍ଦ୍ଦିଷ୍ଟ  ସତ୍ୟକୁ ଗୁରୁତ୍ୱ ଦେବାକୁ ସେହି ପଦର କେବଳ ଏକ ଅଂଶ କୁ ବିଶ୍ୱାସୀମାନେ ତାହା  ଗ୍ରହଣ କରିବେ ବୋଲି ସେ  ଇଚ୍ଛା କରି ଉଦ୍ଧୃତ କରିଛନ୍ତି । ଆମେ ଯାହା ବିଶ୍ୱାସ କରୁ ତାହାହିଁ କହିଥାଉ। ଆମର ବିଶ୍ୱାସକୁ ଆମେ ନିଶ୍ଚେ ପ୍ରକାଶ କରିବା ଉଚିତ। ବିଶ୍ୱାସ କହିଥାଏ। ସମଗ୍ର ନିୟମରେ "ବିଶ୍ୱାସ ର ଆତ୍ମା" ପରିବର୍ତ୍ତିତ ହୋଇନାହିଁ। ଈଶ୍ୱରଙ୍କଠାରେ ବିଶ୍ୱାସ ର ମୂଳ ସାରମର୍ମ ପୁରାତନ ନିଯମର ଲୋକମାନଙ୍କ ଦ୍ୱାରା କିମ୍ବା ନୂତନ ନିୟମର ଲୋକମାନଙ୍କ ଦ୍ୱାରା ପରିବର୍ତ୍ତିତ ହୋଇନାହିଁ.। ଏବେ ବି ବିଶ୍ୱାସ ର ନୀତି ସମାନ ତାହା ହେଉଛି—ମୋର ବିଶ୍ୱାସ ଅଛି ଓ ମୁଁ ବିଶ୍ୱାସର କଥା କହେ କିମ୍ବା ସରଳଭାବରେ, ବିଶ୍ୱାସ କଥା କହେ।

ଆମେ ବିଶ୍ୱାସ କରୁ ସେଥିପାଇଁ  ଯାହା ବିଶ୍ୱାସ କରୁ ତାହା କହିଥାଉ। ଆମର ବିଶ୍ୱାସ ଅଛି ଓ ଆମର ବିଶ୍ୱାସକୁ କହିଥାଉ। ପୁରା ବାଇବଲ ଭିତରେ ଏହା ହେଉଛି ବିଶ୍ୱାସ ର ଅର୍ନ୍ତନିହିତ ନୀତି. ଯାହା ଆମେ ବିଶ୍ୱାସ କରୁ ତାହାକୁ ନିଶ୍ଚୟ ପ୍ରକାଶ କରିବା। ବିଶ୍ୱାସ କୁ କହିବା ଆବଶ୍ୟକ। ଆମେ ଈଶ୍ୱର ଓ ତାଙ୍କ ନାମରେ ବିଶ୍ୱାସ କରୁ। ତେବେ ଆମେ  ତାହା ଅନୁଯାୟୀ କହିବା ଉଚିତ। ଈଶ୍ୱର କିଏ ଏବଂ ସେ ଆମପାଇଁ କଣ ପ୍ରତିଜ୍ଞା କରିଛନ୍ତି ତାହା ଘୋଷଣା କରିବା।

ଆମେ ଯୀଶୁ ଙ୍କୁ ବିଶ୍ୱାସ କରୁ ଓ ତାହାଙ୍କ କ୍ରୁଶୀୟ ମୃତ୍ୟୁ, ତାଙ୍କର ପୁନରୁତ୍ଥାନ,

ତାଙ୍କର ଆରୋହଣ ଓ ଉଚ୍ଚିକୃତ ହେବା ଦ୍ୱାରା ସେ ଆମମାନଙ୍କ ପାଇଁ ଯାହା ସାଧନ କରିଛନ୍ତି। ତେଣୁକରି ଆମେ ଏହାକୁ  କହିବା ଓ ଘୋଷଣା କରିବା ତୁମର ବିଶ୍ୱାସ କୁ ପ୍ରକାଶ କର।

# 57
# ଅନୁଗ୍ରହର ସେବା ନିମନ୍ତେ ବାକ୍ୟଗୁଡ଼ିକ ବ୍ୟବହାର କରନ୍ତୁ

**ଏଫିସୀୟ 4:29**
**ତୁମ୍ଭମାନଙ୍କ ମୁଖରୁ କୌଣସି କୁବାକ୍ୟ ନିର୍ଗତ ନ ହେଉ, ବରଞ୍ଚ ଆବଶ୍ୟକତାନୁସାରେ ନିଷ୍ଠାଜନକ ବାକ୍ୟ ନିର୍ଗତ ହେଉ, ଯେପରି ତାହା ଶ୍ରୋତାମାନଙ୍କ ଅନୁଗ୍ରହ ପକ୍ଷରେ ହିତଜନକ ହୁଏ।**

ବାକ୍ୟଗୁଡିକ ଶ୍ରୋତାମାନଙ୍କୁ କିଛି  ବିଦିତ କରାଇଥାଏ.। ଭ୍ରଷ୍ଟତା (ମନ୍ଦ, ପଚା, ମୁଲ୍ୟହୀନ) ବାକ୍ୟସବୁ ଦୁର୍ନିତି ବିଦିତ କରାଇଥାଏ (ଯାହା କୌଣସି ଲାଭ ଆଣି ନ ଥାଏ) ଉତ୍ତମ ବାକ୍ୟ ଶକ୍ତି, ଅନୁଗ୍ରହ ଓ  ସମ୍ପୂର୍ଣ୍ଣତା ପ୍ରଦାନ କରେ।

ବାକ୍ୟଗୁଡିକ ପାତ୍ର, ବାକ୍ୟ ଗୁଡିକ ବାହକ, ବାକ୍ୟଗୁଡିକ ପ୍ରେରକ। ବାକ୍ୟ ଗୁଡିକ "ସେବକ" ସେମାନେ ପ୍ରାପ୍ତକର୍ତ୍ତା / ଗ୍ରହଣକାରୀ  ପ୍ରତି କିଛି କରିଥାନ୍ତି। ସେମାନେ ଆର୍ଶିବାଦ, ନିର୍ମାଣ,ଏବଂ ଶକ୍ତିଶାଳୀ କରିପାରନ୍ତି କିମ୍ବା ସେମାନେ ଭଗ୍ନ, ଦୁର୍ବଳ, ଆଘାତ ଓ ବିନାଶ କରିପାରନ୍ତି.

ବିଶ୍ୱାସି ଭାବରେ ଯେ ସମସ୍ତ ବାକ୍ୟ ବିଶ୍ୱାସ କୁ ବହନ କରେ ଓ ପ୍ରକାଶ କରେ ତାହାସବୁ କହିବା। ବିଶ୍ୱାସଯୁକ୍ତ ବାକ୍ୟ କହିବା ଯଦ୍ୱାରା ଯିଏ ଏହା ଶୁଣିବ  ତା ମନଭିତରେ ଏହା ପ୍ରବେଶ କରିବ, ଅନୁପ୍ରେରିତ  କରିବ ଏଂବ ବିଶ୍ୱାସ କୁ ଜଗାଇବ। ଆମେ ଜ୍ଞାନର ବାକ୍ୟ କହିବା । ଆମେ ଯେଉଁ ବାକ୍ୟ ସାହାର୍ଯ୍ୟ,ପୋଷଣ,ମାର୍ଗଦର୍ଶନ ଓ ଆଶିର୍ବାଦ ଆଣିଥାଏ ସେହି କଥାସବୁ ନିଶ୍ଚୟ କହିବା। ତୁମର ବାକ୍ୟଗୁଡିକ ବୁଦ୍ଧିରସହ ବ୍ୟବହାର କର। ଲୋକଙ୍କୁ ଆଶୀର୍ବାଦ ଦେବା ପାଇଁ ଏହାକୁ ବ୍ୟବହାର କର.। ଅନ୍ୟମାନଙ୍କୁ ଆଶୀର୍ବାଦ କରିବା ନିମନ୍ତେ ବିଶ୍ୱାସ କୁ ପ୍ରକାଶ କର।

# 58
# ଆତ୍ମାଙ୍କ ଖଡ୍ଗ ବ୍ୟବହାର କରନ୍ତୁ

**ଏଫିସୀୟ 6:17**
**ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍ଗ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର;**

ପ୍ରେରିତ ପାଉଲ ଏଫିସୀୟ 6:17 ରେ ଉଲ୍ଲେଖ କରନ୍ତି ଯେ ଆମେ ଏକ ଆଧ୍ୟାତ୍ମିକ ଯୁଦ୍ଧ ମଧ୍ୟରେ ଅଛୁ। ଶତ୍ରୁ ପରାଜିତ ହୋଇଅଛି ତଥାପି ଯେଉଁ ଅବଶିଷ୍ଟ ସମୟ ରହିଛି ସେ ତାର ଗରିଲା ରଣନୀତି କୁ ଚଳାଇବାର ଚେଷ୍ଟାରେ ରହିଛି। ବିଶ୍ୱାସୀ ଭାବରେ ଈଶ୍ୱର ଆମକୁ ଆତ୍ମିକ ଯୁଦ୍ଧ ର ଅସ୍ତ୍ର ଗୁଡିକ ଦେଇଛନ୍ତି ତାହ ଆମକୁ ବିଜୟୀ ଜୀବନ କାଟିବାକୁ ଓ ଶକ୍ତିଯୁକ୍ତ ସେବାକାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକତାରୁ ଅଧିକ। ଏସମସ୍ତ ଯୁଦ୍ଧସାମଗ୍ରୀ ମଧ୍ୟରୁ ପ୍ରତିରୋଧ କରିବା ନିମନ୍ତେ ଶକ୍ତିଶାଳୀ ଅସ୍ତ୍ର ହେଉଛି ଆତ୍ମାଙ୍କ ଖଡ୍ଗ। ଏହା ଗୋଟିଏ  ଖଡ୍ଗ   ଯାହା ପବିତ୍ର ଆତ୍ମା ଙ୍କ ଦ୍ୱାରା ଆମମାନଙ୍କୁ ଦିଆଯାଇଛି। ଶକ୍ତିଶାଳୀ ପବିତ୍ରାତ୍ମା ନିଜେ ଏହାକୁ ସମର୍ଥନ ଓ ଶକ୍ତିଯୁକ୍ତ କରିଛନ୍ତି। ଯାବି ହେଉ, ଆମକୁ ତାହାନେଇ ବ୍ୟବହାର କରିବାକୁ ହେବ। ଏହାର ନିର୍ଭର ପ୍ରତିଶ୍ରୁତି ଏହା ଯେ  ଯେତେବେଳେ ଆମେ ଏହି ଖଡ୍ଗ କୁ ବ୍ୟବହାର କରୁ ପବିତ୍ରଆତ୍ମା  ଆମ ତରଫରୁ   ନିଜେ ଏହାକୁ ଚଳାନ୍ତି କାରଣ ଏହା ତାଙ୍କର ନିଜ ଖଡ୍ଗ।

ଖଡ୍ଗ, ଆମର ପ୍ରତିରୋଧ କରିବାର ଅସ୍ତ୍ର ଯାହା ଶତ୍ରୁକୁ  ଆକ୍ରମଣ କରେ, ଓ ଚିରିପକାଏ ତା ହେଉଛି ଈଶ୍ୱରଙ୍କ ବାକ୍ୟ। ଆମେ ଏହି ଖଡ୍ଗ କୁ କିପରି ବ୍ୟବହାର କରିବା? ଆମେ ବାକ୍ୟ ସହିତ କଣ କରିଥାଉ? ଆମେ ବାକ୍ୟ ଗୁଡିକ କହିଥାଉ। ଆମେ ପ୍ରକାଶିତ ବାକ୍ୟରେ ଏକ ସ୍ପଷ୍ଟ ଚିତ୍ର ଦେଖୁଛୁ ଯୀଶୁ ଈଶ୍ୱର ଙ୍କ ବାକ୍ୟ *"ତାହାଙ୍କ ମୁଖରୁ ତୀକ୍ଷ୍ଣ ଖଡ୍ଗ ନିର୍ଗତ ହୁଏ"* (ପ୍ରକାଶିତ ବାକ୍ୟ 19:13,15 )। ତେଣୁ ତୀକ୍ଷ୍ଣ ଖଡ୍ଗ ର ବାକ୍ୟ ହେଉଛି ଈଶ୍ୱରଙ୍କ ବାକ୍ୟ ଯାହା ଆମେ ମୁଖରେ କହିଥାଉ।

ଆମେ ଈଶ୍ୱରଙ୍କ ବାକ୍ୟ କହିବା ଦ୍ୱାରା ଆତ୍ମାଙ୍କ ଖଡ୍ଗ କୁ ବ୍ୟବହାର କରିଥାଉ। ପ୍ରତ୍ୟେକଥର ଯେତେବେଳେ ତୁମେ ଈଶ୍ୱର ଙ୍କ ବାକ୍ୟ କୁ ଘୋଷଣା କରିଥାଅ ଓ ତୁମର ବିଶ୍ୱାସ କୁ ଈଶ୍ୱରଙ୍କ ବାକ୍ୟ ରେ କହିଥାଅ ତୁମର ଶତ୍ରୁ ଉପରେ ତାହା ଏକ

କ୍ଷତ ସୃଷ୍ଟି କରିଥାଏ। ଯେତେବେଳେ ଶତ୍ରୁ ଆସି ତୁମ ମନରେ ଭୁଲ ଚିନ୍ତା ଆଣିଥାଏ ଅବା ତୁମ ଜୀବନର କୌଣସି କ୍ଷେତ୍ରରେ ହସ୍ତକ୍ଷେପ କରେ  ତାହାର ବିରୋଧରେ ଆତ୍ମାଙ୍କ ଖଡ୍ଗ କୁ ବ୍ୟବହାର କର। ସେ ଶକ୍ତିଶାଳୀ ପବିତ୍ର ଆତ୍ମାଙ୍କ ବିରୋଧରେ ଛିଡା ହେବାକୁ ସୁଯୋଗ ପାଇବ ନାହିଁ। ଈଶ୍ୱରଙ୍କ ବାକ୍ୟ କହନ୍ତୁ। ତୁମର ବିଶ୍ୱାସ ପ୍ରକାଶ କରନ୍ତୁ।

# 59
# ଭବିଷ୍ୟତ ବାଣୀ ସମ୍ବନ୍ଧିତ ବାକ୍ୟ ଗୁଡିକ ସହିତ ଏକ ଉତ୍ତମ ଯୁଦ୍ଧ ଲଢ଼

1 ତୀମଥି 1:18

**ହେ ବତ୍ସ ତୀମଥି, ତୁମ୍ଭ ବିଷୟରେ ପୂର୍ବରେ ଉକ୍ତ ସମସ୍ତ ଭାବବାଣୀ ଅନୁସାରେ ମୁଁ ତୁମ୍ଭକୁ ଏହି ଆଜ୍ଞା ଦେଉଅଛି, ଯେପରି ତୁମ୍ଭେ ସେହି ସମସ୍ତ ଭାବବାଣୀ ସାହାଯ୍ୟରେ ଉତ୍ତମ ଯୁଦ୍ଧ କରି ପାର;**

ଭବିଷ୍ୟତବାଣୀ ଗୁଡିକ ପବିତ୍ର ଆତ୍ମା ଙ୍କ ଦ୍ୱାରା ପ୍ରବର୍ତ୍ତାଇ ଥିବା ଅବା ପ୍ରେରଣାରେ  ଦିଆଯାଇଥିବା ବାକ୍ୟ। ଆଜି ପ୍ରକୃତରେ ଭବିଷ୍ୟତବାଣୀ ର ଦାନ ଓ ଭବିଷ୍ୟତ ବାଣୀ ର ସେବାକାର୍ଯ୍ୟ ଖ୍ରୀଷ୍ଟ ଙ୍କ ଶରୀରରେ କାର୍ଯ୍ୟରତ ହେଉଅଛି। ଯେତେବେଳେ ଭବିଷ୍ୟତ ବାଣୀ ଆମକୁ ଦିଆଯାଇଛି ଏହା ବୁଝିବା ନିତାନ୍ତ ଦରକାର ଯେ, ଏହି ବାକ୍ୟ ଗୁଡିକ ଦେବାର କାରଣ ହେଉଛି ଆମକୁ ଆଧ୍ୟାତ୍ମିକ  ଯୁଦ୍ଧରେ ସଶକ୍ତ କରିବା । ଆମେ ନିଶ୍ଚୟ ଏହାକୁ ଶତ୍ରୁ ବିରୋଧରେ ଉତ୍ତମ ଯୁଦ୍ଧରେ  ବ୍ୟବହାର କରିବା।

ଶତ୍ରୁ ଶୟତାନ ଏବଂ ତାର ଭୁତମାନେ ଚୋରି, ହତ୍ୟା ଓ ବିନାଶ କରିବାକୁ ଆସିଥାନ୍ତି, ସେମାନେ ବ୍ୟାଘାତ କରିବାକୁ, ବିଭ୍ରାନ୍ତ କରିବାକୁ ଏଂବ କୌଣସି ପ୍ରକାରେ ଈଶ୍ୱରଙ୍କ ଯୋଜନାରୁ ଆମକୁ ବିଚଳିତ କରିବାକୁ ଚେଷ୍ଟା କରିଥାନ୍ତି. ଆମ ଜୀବନ ଉପରେ କୁହାଯାଇଥିବା ଭବିଷ୍ୟତ ବାଣୀ ଯାହା ଈଶ୍ୱରଙ୍କ ଯୋଜନା, ଈଶ୍ୱରଙ୍କ ପ୍ରତିଜ୍ଞା ଓ ଈଶ୍ୱରଙ୍କ ସାମର୍ଥ୍ୟକୁ ଘୋଷଣାକରେ ତାହାକୁ ଧରି ରଖନ୍ତୁ। ଏହି ସମସ୍ତ ଭବିଷ୍ୟତ ବାଣୀ ଦ୍ୱାରା ଆମେ ଉତ୍ତମ ଯୁଦ୍ଧ କରିପାରିବା ।ଆମେ ଯେସମସ୍ତ ଆତ୍ମିକ ଯୁଦ୍ଧରେ ଜଡିତ ସେହି ଶତ୍ରୁ ବିରୋଧରେ ଏହି ଭବିଷ୍ୟତ ବାଣୀ ଗୁଡିକକୁ ଅସ୍ତ୍ର ଭାବେ ନିଶ୍ଚୟ ବ୍ୟବହାର କରିବା। ମନେ ରଖନ୍ତୁ ବାକ୍ୟଗୁଡିକ ନିଶ୍ଚୟ କହିବାକୁ ହେବ। ସେହି ଭବିଷ୍ୟତ ବାଣୀର ବାକ୍ୟ ଯାହା ଥରେ ତୁମ ଜୀବନ ଉପରେ କୁହାଯାଇଥିଲା (ଅବଶ୍ୟ ତୁମେ ପରୀକ୍ଷା କରିଛ ଓ ଜାଣିଛ ଯେ ଏହା ଆତ୍ମାଙ୍କଠାରୁ ଆସିଛି) ଈଶ୍ୱର ତାଙ୍କ ଆତ୍ମାଙ୍କ ଦ୍ୱାରା ତୁମ ଉପରେ ଯାହା ଘୋଷଣା କରିଛନ୍ତି ତାକୁ ଘୋଷଣା

କର। ପରମେଶ୍ୱର ଏହା କହିଛନ୍ତି, ଏହି ବାକ୍ୟ ଗୁଡିକ ଶତ୍ରୁ ବିରୋଧରେ ଥିବା ତୁମ ଅସ୍ତ୍ରଗୁଡିକର ଏକ ଅଂଶ। ସେହି ଭବିଷ୍ୟତବାଣୀ ର ସେହି ବାକ୍ୟ ଗୁଡିକ କୁ କହନ୍ତୁ। ତୁମର ବିଶ୍ୱାସକୁ  ପ୍ରକାଶ କରନ୍ତୁ।

# 60
# ଖ୍ରୀଷ୍ଟରେ ଆପଣଙ୍କ ଠାରେ ଥିବା ପ୍ରତ୍ୟେକ ଉତ୍ତମ ବିଷୟ ସ୍ୱୀକାର କରନ୍ତୁ

ଫୀଲିମୋନ 1:6

**ଯେପରି ତୁମ୍ଭ ବିଶ୍ୱାସର ସହଭାଗିତା, ଆମ୍ଭମାନଙ୍କୁ ଦତ୍ତ ସମସ୍ତ ଉତ୍ତମ ବିଷୟ ସମ୍ବନ୍ଧୀୟ ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ପକ୍ଷରେ କାର୍ଯ୍ୟସାଧକ ହୁଏ।**

ପାଉଲ ଜଣେ ପଳାୟନ କରିଥିବା କ୍ରୀତଦାସ ଅନୀସିମ କୁ ଯିଏ କି ବର୍ତ୍ତମାନ ପାଉଲଙ୍କ ସେବାକାର୍ଯ୍ୟର ଅଧିନରେ ଜଣେ ବିଶ୍ୱାସୀ, ସେ ବର୍ତ୍ତମାନ ପ୍ରଭୁରେ ଜଣେ ଭ୍ରାତା ତାର ପୁର୍ବତନ ପ୍ରଭୁ / କର୍ତ୍ତା ଫିଲୀମୋନଙ୍କ ନିକଟକୁ ପଠାଇବା ବିଷୟରେ ଲେଖୁଛନ୍ତି। ପାଉଲ ଏହି କ୍ଷୁଦ୍ର ଚିଠିକୁ ଖୋଲିବାବେଳେ ସେ ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ଦର୍ଶାଉଛନ୍ତି ଯେ ଯେତେବେଳେ ଆମେ ଆମ ଭିତରେ ଖ୍ରୀଷ୍ଟଙ୍କ ଠାରେ ଥିବା ସମସ୍ତ ଉତ୍ତମ ବସ୍ତୁ(ସମସ୍ତ ଧନ, ଆଶିର୍ବାଦ) କୁ ସ୍ୱୀକାର କରୁ (ସଂପୂର୍ଣ୍ଣ ଭାବେ ଚିହ୍ନିଥାଉ)। ଆମମାନଙ୍କର ବିଶ୍ୱାସର ସହଭାଗୀତା ପ୍ରଭାବଶାଳୀ ହୋଇଥାଏ (ଫଳପ୍ରଦ, ଶକ୍ତିଶାଳୀ, ବଳଶାଳୀ)।

ଆମକୁ ଡାକିବା, ସ୍ୱୀକାର କରିବା ଏବଂ କହିବା ପାଇଁ ଶିଖିବା ଦରକାର ଏବଂ ଖ୍ରୀଷ୍ଟଙ୍କଠାରେ ଯେସମସ୍ତ ଉତ୍ତମ ବିଷୟ ଈଶ୍ୱର ଆମ ଭିତରେ ରଖିଛନ୍ତି ତାହାସବୁକୁ ଚିହ୍ନିବା ଦରକାର। ଖ୍ରୀଷ୍ଟଙ୍କଠାରେ ଆମେ କିଏ ତାହା ନିଶ୍ଚୟ ସ୍ୱୀକାର କରିବା ଓ ଚିହ୍ନିବା। ଉଭୟ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ଏହା କରିବା। ଖ୍ରୀଷ୍ଟଙ୍କଠାରେ ଈଶ୍ୱର ଆମ ପାଇଁ ଯାହା କରିଛନ୍ତି ତାହା ବିଷୟରେ ଆମେ ସହଭାଗୀତା କରିବା  ଏହା ଆମର ସହଭାଗିତାକୁ ଶକ୍ତିଶାଳୀ କରିଥାଏ। ଆମେ କେତେ ଦୁର୍ବଳ, କେତେ  ଦରିଦ୍ର, କେତେ ଦୁଃଖି, କେତେ ପାପୀ. କେତେ ଖରପ କହିବା ପରିବର୍ତ୍ତେ ଖ୍ରୀଷ୍ଟଙ୍କଠାରେ ଯେତେ.ଉତ୍ତମ ବିଷୟ ଆମ ଭିତରେ ଅଛି ସେ ସବୁକୁ ସ୍ୱୀକାର କରିବା।

**ଟିପ୍ପଣ:** ଆମେ ଏଠାରେ କହୁନାହୁଁ ଯେ,  ପାପ କୁ ସମ୍ବୋଧିତ କରିବା ନାହିଁ। ଯଦି

କିଛି ଭୁଲ ଅଛି ଆମେ ତାକୁ ଅଣଦେଖା କରି ତାକୁ ସଂଶୋଧନ କରିବା ନାହିଁ। ଆମେ ନିଶ୍ଚୟ ତ୍ରୁଟିର, ଭୁଲ ଏବଂ ଭୁଲକାମ କୁ ସାମନା କରିବା ଏବଂ ଯେଉଁଠାରେ ସଂଶୋଧନ ର ଆବଶ୍ୟକତା ଅଛି ତାର ସଂଶୋଧନ କରିବା। କିନ୍ତୁ ଆମେ ଏହା ଜାଣିରଖିବା ଯେ ଏହି ସଂଶୋଧନକୁ କାର୍ଯ୍ୟାନ୍ୱିତ କରାଯାଇଛି ଓ ଗ୍ରହଣ କରିଯାଇଛି। ଆମେ ଅତୀତରୁ ମୁକ୍ତ ହେବା ଓ ଖ୍ରୀଷ୍ଟଙ୍କଠରେ ଯେ ସମସ୍ତ ଉତ୍ତମ ବସ୍ତୁ ଆମ ପ୍ରତ୍ୟେକଙ୍କ ନିମନ୍ତେ ଅଛି ତା ପ୍ରତି ଦୃଷ୍ଟିପାତ କରିବା।

# 61
# ତାହାଙ୍କ ବାକ୍ୟ ଆପଣଙ୍କ ଜଗତକୁ ଧାରଣ ଓ ନିୟନ୍ତ୍ରଣ କରିପାରିବ

ଏବ୍ରୀ 1:3

**ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜନା କଲା ଉତ୍ତାରେ, ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି,**

ଆମେ ଯେହେତୁ ପୁରାତନ ନିୟମରେ ଅନେକ ଉଦାହରଣ ଦେଖିସାରିଛୁ। ଏଠି ଧର୍ମଶାସ୍ତ୍ରର ଏବ୍ରୀ ପୁସ୍ତକ ଆଉଥରେ ସେ ସମସ୍ତ ବିଷୟରେ ଆମକୁ ଶିକ୍ଷା ଦିଏ। ସମସ୍ତ ସୃଷ୍ଟି ସମର୍ଥିତ, ସ୍ଥାୟୀ, ନିୟନ୍ତ୍ରିତ ଏବଂ ବାକ୍ୟର ଶକ୍ତିରେ ସେମାନଙ୍କୁ ସ୍ଥାପିତ କରାଯାଇଛି।

ସେହି ସମାନ ସର୍ବଶକ୍ତିମାନ ଈଶ୍ୱର ଏହି ଜଗତରେ ବଞ୍ଚିବା ନିମନ୍ତେ ତାଙ୍କର ବାକ୍ୟ ଆମକୁ ଦେଇଛନ୍ତି। ନିଶ୍ଚିତଭାବରେ ତାଙ୍କ ଦେଇଥିବା ବାକ୍ୟ ଆମର "ଛୋଟ ଦୁନିଆ"କୁ ସମର୍ଥିତ ସ୍ଥାୟୀ ଓ ନିୟନ୍ତ୍ରିତ କରି ବ୍ୟବସ୍ଥିତ ଭାବରେ ରଖି ଚଳାଉଅଛି।

ତେବେ ଏଠି ଚାବି ହେଉଛି ପବିତ୍ର ଶାସ୍ତ୍ରରେ ଲିଖିତ ଭାବେ ଆମକୁ ଦିଆ ଯାଇଥିବା ବାକ୍ୟ କୁ ଗ୍ରହଣ କରିବା ଏବଂ ଆମର ଦୁନିଆରେ ବହନ କରିବା ନିମନ୍ତେ ତାକୁ ଆଣିବା। ଆମେ ଗୋଟିଏ ଉପାୟରେ ଏହା କରିଥାଉ, ଆମେ ସାରା ଧର୍ମଶାସ୍ତ୍ର ଭିତରେ ଯେ ପ୍ରକାର ଦେଖିଛୁ ତାଙ୍କର ବାକ୍ୟ କୁ ବିଶ୍ୱାସ କରିବା; ଏବଂ ତାଙ୍କ ବାକ୍ୟ କୁ ଆମ ଦୁନିଆରେ ପ୍ରକାଶ କରିବା।

ଜାଣିରଖଯେ, ତୁମର ଦୁନିଆକୁ ସମର୍ଥନ ଓ ନିୟନ୍ତ୍ରିତ କରିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟରେ ଆବଶ୍ୟକତାଠାରୁ ଅନେକ ବେଶୀ ଶକ୍ତି ଅଛି। ହୋଇପାରେ ଏମିତି କିଛି ସମୟ ହୋଇପାରେ ଯେବେ ଜିନିଷଗୁଡିକ ଅଲଗା ହୋଇଯାଉଥିଲା ପରି ମନେହୁଏ. ଜିନିଷସବୁ ହାତରୁ ଛାଡିଗଲାପରି କିମ୍ବା ନିୟନ୍ତ୍ରଣ ବାହାରେ ଚାଲିଗଲାପରି

ମନେହୁଏ।  ଈଶ୍ୱରଙ୍କ ବାକ୍ୟ ର ଶକ୍ତି ଉପରେ ବିଶ୍ୱାସ ରଖ। ତୁମର ଜୀବନ ଉପରେ, ତୁମର ବର୍ତ୍ତମାନ ଉପରେ. ଭବିଷ୍ୟତ ଉପରେ, ଅବସ୍ଥା ଓ ପରିସ୍ଥିତି ଗୁଡିକ ଉପରେ ତାଙ୍କର ବାକ୍ୟ କୁ କୁହ। ତାଙ୍କର ପ୍ରତିଜ୍ଞାଗୁଡିକକୁ କୁହ।, ତୁମର ଦୁନିଆର ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ବାକ୍ୟର ଅଧିନ ଏବଂ ତାଙ୍କ ବାକ୍ୟର ସମାନ୍ତରାଳରେ ହେବ ଏହା ତୁମେ ଘୋଷଣାକର । ତୁମର ବିଶ୍ୱାସ କୁ ପ୍ରକାଶ କର । ତୁମର  ଜୀବନରେ ଈଶ୍ୱର ଙ୍କ ବାକ୍ୟର ଶକ୍ତି କାର୍ଯ୍ୟ କରିବାର ଦେଖିବ।

# 62
# ଯୀଶୁ ଆମ ବିଶ୍ୱାସମତର ମହାଯାଜକ ଅଟନ୍ତି

ଏବ୍ରୀ 3:1

**ଅତଏବ, ହେ ସ୍ୱର୍ଗୀୟ ଆହ୍ୱାନର ସହଭାଗୀ ପବିତ୍ର ଭ୍ରାତୃଗଣ, ଆମ୍ଭମାନଙ୍କ ବିଶ୍ୱାସ ମତାନୁସାରେ ପ୍ରେରିତ ଓ ମହାଯାଜକ। ଯୀଶୁଙ୍କ ବିଷୟ ଭାବି ଦେଖ;**

ଆମେ ପୁର୍ବ ଅଧ୍ୟାୟରେ ବ୍ୟାଖା କିରିଅଛୁ ଯେ "ସ୍ୱୀକାର" ଶବ୍ଦ (ଗ୍ରୀକ *'ହୋମୋଲୋଗିୟା'*) ଅର୍ଥାତ "ସମାନ କଥା କହିବା" କିମ୍ବା "ବାକ୍ୟରେ ସହମତ ହେବା ।" ଏହା ନୁତନ ନିୟମ ର ପରିପ୍ରେକ୍ଷିରେ ସ୍ୱୀକାର ହେଉଛି, ଯେତେବେଳେ ଆମେ ଈଶ୍ୱର ଯାହା କହିଛନ୍ତି ସେହି ସମାନ କଥାକହିଥାଉ  କିମ୍ବା ଆମ ବାକ୍ୟ ଦ୍ୱାରା ଈଶ୍ୱରଙ୍କ ସହିତ ସମ୍ମତ ହୋଇଥାଉ ଆମର ଆମର ସ୍ୱୀକାର କରିଥାଉ।

ଏବ୍ରୀ ପୁସ୍ତକର ଲେଖକ ଆମକୁ ଯୀଶୁଙ୍କ ଆଡକୁ ନିର୍ଦ୍ଦେଶ କରନ୍ତି ଓ କହନ୍ତି ଯେ ସେ ପ୍ରେରିତ, (ଅଗ୍ରଗାମୀ ଯିଏ ଆଗରେ ଯାଇଥାଏ) ଏବଂ ଆମମାନଙ୍କର ସ୍ୱୀକାର ର ମହାଯାଜକ (ଯିଏ ପ୍ରତିନିଧିତ୍ୱ କରନ୍ତି) ଆମେ ସ୍ୱୀକାର କରିଥିବା ବିଶ୍ୱାସ କୁ ସେ ପ୍ରତିନିଧିତ୍ୱ କରନ୍ତି. କିମ୍ବା ସ୍ୱର୍ଗରେ ସ୍ୱୀକାର କରନ୍ତି। ତାର ଅର୍ଥ ଆମେ ଯେତେବେଳେ ଈଶ୍ୱରଙ୍କ ବାକ୍ୟର ସମାନତାରେ କଥାକହିଥାଉ ଏବଂ ଈଶ୍ୱର ଙ୍କ କହିଥିବା ବାକ୍ୟରେ ସମ୍ମତ ହୋଇଥାଉ ତେବେ ଯୀଶୁ ତାକୁ ସ୍ୱୀକାର କରି ଆମ ତରଫରୁ ପିତାଙ୍କ ସମ୍ମୁଖରେ ତାର ପ୍ରତିନିଧିତ୍ୱ କରିଥାନ୍ତି।

ମନେରଖ, ଯୀଶୁ ତୁମ ସ୍ୱୀକାର ର ମହାଯାଜକ ତାଙ୍କ ବାକ୍ୟ ସହ ଏକମତରେ କଥା କହନ୍ତୁ। ତୁମର ବିଶ୍ୱାସ ପ୍ରକାଶ କର।

# 63
# ଆପଣା  ବିଶ୍ୱାସମତକୁ ଦୃଢରୁପେ ଧରି ରଖନ୍ତୁ

ଏବ୍ରୀ 4:14

**ଅତଏବ ସ୍ୱର୍ଗସମୂହ ମଧ୍ୟ ଦେଇ ଗମନ କରିଅଛନ୍ତି ଯେ ଈଶ୍ୱରଙ୍କ ପୁତ୍ର ଯୀଶୁ, ସେ ଆମ୍ଭମାନଙ୍କର ପ୍ରଧାନ ମହାଯାଜକ ହେବାରୁ ଆସ, ଆମ୍ଭେମାନେ ଆମ୍ଭମାନଙ୍କ ବିଶ୍ୱାସମତକୁ ଦୃଢ଼ ଭାବରେ ଧାରଣ କରୁ।**

ଏବ୍ରୀ  10:23

**ହା ଅଟଳ ଭାବରେ ଦୃଢ଼ କରି ଧରୁ, କାରଣ ଯେ ପ୍ରତିଜ୍ଞା କରିଅଛନ୍ତି, ସେ ବିଶ୍ୱସ୍ତ।**

କାରଣ ଯୀଶୁ ଆମର ମହାଯାଜକ ଭାବରେ ଅଛନ୍ତି ଆମେ ନିଶ୍ଚିତରୁପେ ତାକୁ ଧରିରଖିବା (ଶକ୍ତି ପ୍ରୟୋଗକରି, ଦୃଢରୁପେ  ଜାବୁଡିଧରିବା ଯେପରି ତା ଖସି ନ ଯାଏ)  ଆମର ସ୍ୱୀକାର ଯାହା ଆମେ ତାଙ୍କର ବାକ୍ୟର ସହମତରେ ଘୋଷଣା କରିଛୁ  ତାକୁ  ଦୃଢଭାବେ ଧରିରଖିବା। ଆହୁରି ମଧ୍ୟ ଆମେ ଜାଣୁଯେ ଯେ ପ୍ରତିଜ୍ଞା କରିଛନ୍ତି ଯେ ସେ ବିଶ୍ୱସ୍ତ। ସେ ଆପଣା ପ୍ରତିଜ୍ଞା ରକ୍ଷା କରିବାରେ  ବିଫଳ ହେବେ ନାହିଁ।

ଯେତେବେଳେ କୌଣସି ବିଷୟ ଆମର ବିଶ୍ୱାସ କୁ ପ୍ରଶ୍ନ କରିଥାଏ ଆମେ ଟଳମଳ ନ ହୋଇ ଆପଣା ସ୍ୱୀକାର କୁ ଦୃଢରୁପେ ଧରିରଖିବା। ତୁମର ବିଶ୍ୱାସ କୁ ଈଶ୍ୱର ଓ ଈଶ୍ୱରଙ୍କ ବାକ୍ୟ ସହିତ ସମାନ୍ତରାଳରେରେ କହୁଥାଅ।

ଯେତେବେଳେ ଈଶ୍ୱରଙ୍କ ବାକ୍ୟର ସଫଳ ହେବାର ବିଳମ୍ବ  ହେବାର ବୋଧହୋଇଥାଏ, ଆମେ ଅସ୍ଥିର ନହୋଇ ଆମର ବିଶ୍ୱାସର ସ୍ୱୀକାରକୁ ଦୃଢଭାବରେ ଧରିରଖିବା. ତୁମର ବିଶ୍ୱାସ କୁ ଈଶ୍ୱର ଓ ଈଶ୍ୱରଙ୍କ ବାକ୍ୟ ସହିତ ସମାନ୍ତରାଳରେରେ କହିଚାଲିଥାଅ।

ଯେତେବେଳେ ବିଷୟ ଗୁଡିକ ଅଧିକ ଖରାପ ହେବାର ମନେହୁଏ ଆମେ ଟଳମଳ ନହୋଇ ଦୃଢଭାବରେ ଛିଡା ହେବା ଓ ଆମର ସ୍ୱୀକାର କୁ ଧରିରଖିବା।

ସ୍ୱର୍ଗରେ ଆମର ଏକ  ମହାନ ମହାଯାଜକ ଅଛନ୍ତି ଯେ ଆମ ସ୍ୱୀକାରର ପ୍ରତିନିଧିତ୍ୱ କରୁଅଛନ୍ତି ଓ  ଯେ ଆପଣା ପ୍ରତିଜ୍ଞାରେ ବିଶ୍ୱସ୍ତ ଅଟନ୍ତି। ତୁମର ବିଶ୍ୱାସ କୁ ପ୍ରକାଶ କରି ଚାଲିଥାଅ। ଈଶ୍ୱର ଓ ଈଶ୍ୱରଙ୍କ ବାକ୍ୟ ସହିତ ସମାନ୍ତରାଳରେ ରହିଥାଅ।

# 64
# ସମସ୍ତ ବିଶ୍ୱ ଈଶ୍ୱରଙ୍କର ବାକ୍ୟ ଦ୍ୱାରା ରଚିତ

ଏବ୍ରୀ 11:3

**ବିଶ୍ୱାସ ଦ୍ୱାରା ଆମ୍ଭେମାନେ ବୁଝୁ ଯେ, ସମସ୍ତ ବିଶ୍ୱ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ରଚିତ, ଅତଏବ କୌଣସି ପ୍ରତ୍ୟକ୍ଷ ବିଷୟରୁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇ ନାହିଁ।**

ବିଶ୍ୱାସ ଦ୍ୱାରା ଆମେ ଜାଣୁ ଯେ ସମଗ୍ର ବିଶ୍ୱ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ରଚିତ (ସୃଷ୍ଟ,ଗଠିତ, ନିର୍ମିତ, ଆକୃତ) ଅଦୃଶ୍ୟ ଆଧ୍ୟାତ୍ମିକ କ୍ଷେତ୍ରରୁ ଦୃଶ୍ୟମାନ ପ୍ରାକୃତିକ ପୃଥିବୀ ବାହାର ହୋଇଆସିଲା। ଈଶ୍ୱର ଆପଣା ବାକ୍ୟ ଦ୍ୱାରା ସମସ୍ତ ବିଷୟ ସୃଷ୍ଟ କଲେ। ଏବଂ ଯାହା ଅଦୃଶ୍ୟ ଥିଲା ତାକୁ ଦୃଶ୍ୟମାନ କରାଇଲେ। ପ୍ରାକୃତିକ ଦୃଶ୍ୟମାନ ପୃଥିବୀର ସମସ୍ତ ବିଷୟ ଈଶ୍ୱରଙ୍କ ଓ ଈଶ୍ୱର ଙ୍କ ବାକ୍ୟର ଅଧିନ।

ଏଣୁ ଆସନ୍ତୁ ଏଠାରେ ଏ ବିଷୟକୁ ଦେଖିବା । ଆମ ପ୍ରତ୍ୟେକଙ୍କର ନିଜର ଦୁନିଆ ଅଛି ଯେଉଁଠି ଆମେ ବଞ୍ଚିଥାଉ। "ଆମର ଦୁନିଆ" କହିବା ଦ୍ୱାରା ଆମେ ଆମର ବ୍ୟକ୍ତିଗତ ଦାୟିତ୍ୱ ଓ ପ୍ରଭାବର କ୍ଷେତ୍ର ବିଷୟକୁ ଉଲ୍ଲେଖ କରୁଅଛୁ; ଆମର ଘର, ପରିବାର, ବୃତ୍ତି ବ୍ୟବସାୟ, ସେବାକାର୍ଯ୍ୟ ର କ୍ଷେତ୍ର ଇତ୍ୟାଦି। ଏମିତି ଅନେକ ବିଷୟ ଅଛି ଯାହା ଆମ ଦୁନିଆରେ ନାହିଁ। ଆମ ଦୁନିଆରେ ଯାହା ବିଦ୍ୟମାନ ନାହିଁ ଈଶ୍ୱର ତାଙ୍କର ବାକ୍ୟର ଶକ୍ତି ଦ୍ୱାରା ତାକୁ ଅସ୍ତିତ୍ୱରେ ଆଣିପାରିବେ। ତାଙ୍କର ବାକ୍ୟ ଆମର ଦୁନିଆକୁ ସୃଷ୍ଟି, ଗଠନ, ନିର୍ମାଣ ଓ ଆକୃତି ଦେଇପାରେ। ଆଜି ଯେବେ ତୁମେ ତୁମର ଦୁନିଆକୁ ଦେଖ ବୋଧେ ମନେହୁଏ ଏହା "ଶୂନ୍ୟ ଓ ଆକାର ବିହିନ" ଅନ୍ଧକାର ଓ ନିର୍ଜନ। ବୋଧହୁଏ ତୁମେ ଅନେକ ବିଷୟ ଇଚ୍ଛା କରୁଥିବ ଓ ଈଶ୍ୱରଙ୍କ ପ୍ରତିଜ୍ଞା ବାକ୍ୟରେ ଦେଖିଥିବ ତାର ଅସ୍ତିତ୍ୱ ତୁମର ଦୁନିଆରେ ନାହିଁ। ତୁମେ କଣ ବିଶ୍ୱାସ କର ଯେ ତୁମର ଦୁନିଆରେ ସୃଷ୍ଟି କରିବାର ଶକ୍ତି ଈଶ୍ୱର ଙ୍କ ବାକ୍ୟ ରେ ଅଛି? ତୁମେ କଣ ବିଶ୍ୱାସ କର ଯେ ,ଯାହା ତୁମ ଦୁନିଆରେ ନାହିଁ ଈଶ୍ୱରଙ୍କ ବାକ୍ୟ ସେଗୁଡିକ ସୃଷ୍ଟି କରିପାରିବ? ଈଶ୍ୱରଙ୍କ ବାକ୍ୟକୁ ଦୃଢରୁପେ ଧରିରଖ। ଈଶ୍ୱରଙ୍କ ବାକ୍ୟ ସତ୍ୟ। ଈଶ୍ୱରଙ୍କ ବାକ୍ୟ ଜୀବନ୍ତ

ଓ ଶକ୍ତିରେ ପରିପୂର୍ଣ୍ଣ। ତାଙ୍କର ବାକ୍ୟରେ ବିଶ୍ୱାସ କର। ତୁମର ଦୁନିଆ ଉପରେ ତାଙ୍କର ବାକ୍ୟ କହ। ତାଙ୍କର ବାକ୍ୟ ତୁମର ଦୁନିଆକୁ ସୃଷ୍ଟି ଗଠନ, ନିର୍ମାଣ ଓ ଆକୃତି ପ୍ରଦାନ କରୁ। ତୁମର ବିଶ୍ୱାସ ପ୍ରକାଶ କର।

# 65
# ଈଶ୍ୱର କହିଅଛନ୍ତି, ଅତଏବ ଆମ୍ଭେମାନେ ସାହସର ସହିତ କହିବା

**ଏବ୍ରୀ 13:5,6**

**[5]ଆଚାରବ୍ୟବହାରରେ ଧନଲୋଭଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି, ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଅଛନ୍ତି, "ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ"।**

**[6]ଅତଏବ ଆମ୍ଭେମାନେ ସାହସପୂର୍ବକ କହି ପାରୁ, ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ; ମନୁଷ୍ୟ ମୋହର କଅଣ କରିବ?**

ଆମେ କିପରି କହିବା ଉଚିତ ତାର ଏକ ସରଳ ଯୁକ୍ତିର ଆଧାର ଏବ୍ରୀପୁସ୍ତକର ଲେଖକଙ୍କ ପାଖରେ ଅଛି। କାରଣ ଈଶ୍ୱର କହିଛନ୍ତି ଆମେ ସାହାସରେ କହିବା। ଆମେ ଦୃଢତାର ସହିତ ଈଶ୍ୱର ନିଜେ ଯାହା କହିଛନ୍ତି ତା ସହିତ ଏକମତ ହୋଇ ସାହାସରେ କହିବା।

ଈଶ୍ୱର କହିଛନ୍ତି,*"ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡିବା ନାହିଁ ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ"* ତେଣୁ ଆମେ ସାହାସରେ କହିବା 'ସଦାପ୍ରଭୁ ମୋର ସହହାୟ ମୁଁ ଭୟ କରିବି ନାହିଁ।"

ଈଶ୍ୱର କହିଛନ୍ତି, *"ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ" ତେଣୁ ଆମେ ସାହାସରେ କହିବା"* "ସେ ମୋର ଅସୁସ୍ଥତାକୁ ନେଇଅଛନ୍ତି, ମୋର ଯନ୍ତ୍ରଣାକୁ ବହିଅଛନ୍ତି ଏବଂ ତାହାଙ୍କ ପ୍ରହାରରେ ମୁଁ ସୁସ୍ଥତା ପାଇଅଛି।"

ଈଶ୍ୱର କହିଛନ୍ତି , "ତୁମେ ଜଳସ୍ରୋତ ନିକଟରେ ରୋପିତ ବୃକ୍ଷ ସଦୃଶ୍ୟ ହେବ" ତେଣୁ ସାହାସର ସହ କହିବା "ମୁଁ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ମୋହର ପତ୍ର ମଳିନ ହେବ ନାହିଁ ଆଉ ମୁଁ ଯାହାକରେ ସେଥିରେ ସଫଳ ହେବି।"

ଆମେ ଏଥିରେ ଆହୁରି ଯୋଗ କରିପାରିବା ।

ପ୍ରଭୁ ଯାହା କହିଛନ୍ତି  ପ୍ରତ୍ୟେକ କ୍ଷେତ୍ରରେ ସାହାସରେ ତାହା କହିବା ପାଇଁ ଅଭ୍ୟାସ କରନ୍ତୁ। ତୁମର ବିଶ୍ୱାସ ସାହାସର ସହିତ ପ୍ରକାଶ କରନ୍ତୁ, କାରଣ ତୁମେ ଜାଣିଛ ପ୍ରଭୁ କଣ କହିଛନ୍ତି ତେଣୁକରି ତା ସହ ଏକମତରେ ତୁମେ କହିପାରିବ। ସେ ତୁମକୁ କେବେ ହତାଶ କରିବେ ନାହିଁ।

ଏକ ପରମର୍ଶ ହେଲେଯାଇ ଦୁଇଜଣ ଏକତ୍ର ଗମନ କରିପାରିବେ (ଆମୋଷ 3:3)। ଆମେ ପ୍ରଭୁ ଙ୍କ ସହିତ ଚାଲିପାରିବ  କେବଳ ଆମେ ଯେତେବେଳେ ତାଙ୍କ ସହିତ ଏକ ପରାମର୍ଶ ହେବା।ଆମେ ତାଙ୍କର ବାକ୍ୟ ସହିତ ଏକମତ ହେବା ଦ୍ୱାରା ଆମେ ଈଶ୍ୱର ଙ୍କ ସହିତ ଏକମତ ହୋଇଥାଉ। ପ୍ରଭୁ କଥା କହିଛନ୍ତି, ତେଣୁ ଆମେ ଉଦ୍ଦ୍ୟେଶମୂଳକ ଭାବେଏବଂ ପ୍ରଭୁ ସହିତ ଏକମତ ହୋଇ ସାହାସର ସହିତ କହିବା

# 66

# ଆପଣଙ୍କ ଜିହ୍ୱାକୁ ନିୟନ୍ତ୍ରଣ ଓ ଆପଣଙ୍କ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ କୁ ଶାସନରେ ରଖନ୍ତୁ

**ଯାକୁବ 1:26**

**ଯଦି କେହି ଆପଣାକୁ ଧର୍ମପରାୟଣ ବୋଲି ମନେ କରେ, ଆଉ ଆପଣା ଜିହ୍‌ବାକୁ ବଶୀଭୂତ ନ କରି ନିଜ ହୃଦୟକୁ ପ୍ରବଞ୍ଚନା କରେ, ତାହାର ଧର୍ମପରାୟଣତା ବୃଥା।**

**ଯାକୁବ 3:1-6**

**1 ହେ ମୋହର ଭାଇମାନେ, ତୁମ୍ଭେମାନେ ଅନେକେ ଶିକ୍ଷକ ହୁଅ ନାହିଁ ଶିକ୍ଷକ ଯେ ଆମ୍ଭେମାନେ, ଆମ୍ଭେମାନେ ଯେ ଗୁରୁତର ଦଣ୍ଡ ପାଇବା, ଏହା ଜାଣ।**

**2 ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡ଼ୁ। ଯଦି କେହି ବାକ୍ୟରେ ଝୁଣ୍ଟି ନ ପଡ଼େ, ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ।**

**3 ଆମ୍ଭେମାନେ ଘୋଡ଼ାମାନଙ୍କୁ ବଶୀଭୂତ କରିବା ନିମନ୍ତେ ସେମାନଙ୍କ ମୁଖରେ ଲଗାମ ଦେଲେ, ତଦ୍ୱାରା ସେମାନଙ୍କ ସମସ୍ତ ଶରୀର ମଧ୍ୟ ବୁଲାଉଥାଉ।**

**4 ଦେଖ, ଜାହାଜ ମଧ୍ୟ ଏତେ ବଡ଼ ହୋଇ ପ୍ରଚଣ୍ଡ ପବନରେ ଚାଳିତ ହେଲେ ହେଁ ଗୋଟିଏ ଅତି କ୍ଷୁଦ୍ର ମଙ୍ଗ ଦ୍ୱାରା ମଙ୍ଗଧରାର ଇଚ୍ଛାନୁସାରେ ବୁଲାଇ ଦିଆଯାଏ।**

**5 ସେହିପରି ଜିହ୍‌ବା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହା ଗର୍ବର କଥା କହେ। ଦେଖ, କେଡ଼େ କ୍ଷୁଦ୍ର ଅଗ୍ନିକଣିକା ଦ୍ୱାରା କେଡ଼େ ବଡ଼ ଅରଣ୍ୟରେ ନିଆଁ ଲାଗିଯାଏ।**

**6 ଜିହ୍‌ବା ମଧ୍ୟ ଅଗ୍ନି ସ୍‌ବରୂପ; ତାହା ଆମ୍ଭମାନଙ୍କ ଅଙ୍ଗସମୂହ ମଧ୍ୟରେ ସମସ୍ତ ଅଧର୍ମର ମୂଳାଧାର ସ୍‌ବରୂପେ ଅବସ୍ଥିତ; ତାହା ସମସ୍ତ ଶରୀରକୁ ଅଶୁଚି କରେ ଓ ନିଜେ ନରକାନଳରେ ପ୍ରଜ୍‌ବଳିତ ହୋଇ ପ୍ରକୃତିର ଚକ୍ରକୁ ଜ୍‌ବଳାଏ।**

ଜଣେ "ସିଦ୍ଧ ପରୁଷ" ଯିଏ କି ସଂପୁର୍ଣ୍ଣଭାବରେ ବୃଦ୍ଧିପାଇଥିବ ଏବଂ ପରିପକ୍ୱ, ଆତ୍ମିକ ଭାବରେ କହିବାକୁ ଗଲେ, ଯିଏ ନିଜର ଜିହ୍ୱାକୁ ନିୟନ୍ତ୍ରଣରେ ରଖିପାରୁଥିବ। ଆମେ ଯେତେବେଳେ ଆମର କଥାଉପରେ ନଜର ରଖିବା ଓ ଜିହ୍ୱାକୁ ବଶରେ ରଖିବାକୁ ସକ୍ଷମ ହେବା ତେବେ ସମଗ୍ର ଶରୀର ଉପରେ ନିୟନ୍ତ୍ରଣ ରଖିବାକୁ ଆମେ ସକ୍ଷମ କିମ୍ବା ଦକ୍ଷତା ରଖିବାକୁ ସକ୍ଷମ ହେବା କିମ୍ବା *"ସବୁପ୍ରକାରେ ନିଜକୁ ନିୟନ୍ତ୍ରଣରେ ରଖିବା"* (ଥେ ପଶନ ଟ୍ରାନ୍ସଲେସନ) |

ଏହା ଆମର ଜିହ୍ୱାକୁ ଶାସନରେ ରଖିବାର ମହତ୍ତ୍ୱକୁ ବହନ କରିଥାଏ କିମ୍ବା ଆମେ ଯାହାକହୁ ତାକୁ ନିୟନ୍ତ୍ରଣ କରେ। ସର୍ବୋତ୍ତମ ଅନୁଶାସନ ମଧ୍ୟରୁ ଏହା ଗୋଟିଏ ଯେ ଆମେ ଆମର ବାକ୍ୟ / କଥା କୁ ଶାସନରେ ରଖିବା ଏହାକୁ ନିଶ୍ଚିତ କରିବାକୁ ଆମେ ସର୍ବଦା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ କହିବା । ଯାହା ଈଶ୍ୱର ଙ୍କ ଦୃଷ୍ଟିରେ ସନ୍ତୋଷଜନକ ଓ ଈଶ୍ୱରଙ୍କୁ ଗୌରବ ଦିଏ ସେ ପ୍ରକାର କଥା କହିବା । ବିଶ୍ୱାସ କହିବା। ଆମେ ଯଦି ଏପ୍ରକାର କରିପାରିବା ତେବେ ଆମେ ନିଜକୁ ସବୁପ୍ରକାରେ ଶାସନ କରିବାକୁ ସମର୍ଥ / ସକ୍ଷମ ହେବା।

ଜିହ୍ୱାକୁ ବଶରେ ରଖିବାର ସବୁଠାରୁ ଉତ୍ତମ ଉପାୟ ହେଲା ଉଦ୍ଦେଶ୍ୟମୂଳକ ଭାବରେ ଈଶ୍ୱରଙ୍କ ବାକ୍ୟ କହିବାର ଅଭ୍ୟାସ କରିବା, ଆମେ ଅନେକ ଆତ୍ମିକ ଅଭ୍ୟାସତ ବିଷୟ ଧର୍ମଶାସ୍ତ୍ର ରେ ଦେଖିଥାଉ। ଉଦାହରଣ ସ୍ୱରୂପେ ଆମେ ପ୍ରଶଂସାର ବଳୀ ଉତ୍ସର୍ଗ କରି ଆରଧନା କରିଥାଉ। ଆମେ ଜାଣୁ ପ୍ରାର୍ଥନା କିପରି କରଯାଏ ଓ ବିଭିନ୍ନ ପ୍ରାର୍ଥନାରେ ଆମେ ଜଡିତ। ଆମେ ଜାଣୁ ଈଶ୍ୱରଙ୍କ ବାକ୍ୟ କିପ୍ରକାରେ ପଠନ କରାଯାଏ, ଅଧ୍ୟୟନ କରାଯାଏ, ଓ କିପରି ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରାଯାଏ। ସେହିଭଳି, ଆମର ଆଧ୍ୟାତ୍ମିକ ଅନୁଶାସନର ଏକ ଅଂଶ ଭାବରେ, ଆମେ ଈଶ୍ୱରଙ୍କ ବାକ୍ୟ କୁ କହିବା ପାଇଁ ସମୟ ନେଇପାରିବା। ଏ ପୁସ୍ତକ ର ପ୍ରାରମ୍ଭରୁ ବ୍ୟକ୍ତିଗତ ଭାବରେ ଲେଖାଯାଇଥିବ ଈଶ୍ୱରଙ୍କ ବାକ୍ୟ ଜୀବନର କ ରୁ କ୍ଷ ପ୍ରତିକ୍ଷେତ୍ରରେ ଘୋଷଣା କରିବାର ଉଦାହରଣଗୁଡିକ ଦେଇଅଛୁ। ତୁମେ ସେହି ପଦ୍ଧତିକୁ ବ୍ୟବହାର କରିପାର କିମ୍ବା ଅନ୍ୟ କୌଣସି ଭାବରେ ଈଶ୍ୱରଙ୍କ ବାକ୍ୟକୁ ତୁମ ଜୀବନ ଉପରେ ଘୋଷଣା କର। ଏହାକୁ ଏକ ଅର୍ଥହୀନ ରୀତିନୀତି କିମ୍ବା ପ୍ରତ୍ୟେକ ଦିନ ଯାଞ୍ଚ କରିବାକୁ ବାକ୍ସ ଭାବରେ ବ୍ୟବହାର କରନ୍ତୁନାହିଁ। ସତ୍ୟ ଦ୍ୱାରା ପ୍ରେରିତ / ଅନୁପ୍ରାଣିତ ହୋଇ ଏହା କର. କାରଣ ତୁମଠାରେ ତାହା ପ୍ରକାଶିତ କିମ୍ବା ଈଶ୍ୱରଙ୍କ ବିଶ୍ୱାସକୁ କହିବାର ମହତ୍ତ୍ୱ କୁ ତୁମେ ବୁଝିଅଛ ।ତୁମେ ଯଦି ତୁମର ଜିହ୍ୱାକୁ ବଶରେ ରଖିବ ତୁମର ବାକ୍ୟ ବିଷୟରେ ଜାଗ୍ରତ ହେବା ସ୍ୱାଭାବିକ ହୋଇଯିବ ଏବଂ ଈଶ୍ୱରଙ୍କ ସହମତରେ କହିବାର ନିଶ୍ଚିତ ହୋଇଯିବ। ତୁମର ବିଶ୍ୱାସକୁ କହିବା ସ୍ୱାଭାବିକ ହୋଇଯିବ।

# 67
# ଆପଣଙ୍କ ବାକ୍ୟ ଗୁଡ଼ିକ ଆପଣଙ୍କ ଜୀବନକୁ ପଥ ଦେଖାଇବ, ଶାସନ ଓ ଆଶୀର୍ବାଦ କରିବ

**ଯାକୁବ 3:3-6**

**3 ଆମ୍ଭେମାନେ ଘୋଡ଼ାମାନଙ୍କୁ ବଶୀଭୂତ କରିବା ନିମନ୍ତେ ସେମାନଙ୍କ ମୁଖରେ ଲଗାମ ଦେଲେ, ତଦ୍ଦ୍ୱାରା ସେମାନଙ୍କ ସମସ୍ତ ଶରୀର ମଧ୍ୟ ବୁଲାଉଥାଉ।**

**4 ଦେଖ, ଜାହାଜ ମଧ୍ୟ ଏତେ ବଡ଼ ହୋଇ ପ୍ରଚଣ୍ଡ ପବନରେ ଚାଳିତ ହେଲେ ହେଁ ଗୋଟିଏ ଅତି କ୍ଷୁଦ୍ର ମଙ୍ଗ ଦ୍ୱାରା ମଙ୍ଗଧରାର ଇଚ୍ଛାନୁସାରେ ବୁଲାଇ ଦିଆଯାଏ।**

**5 ସେହିପରି ଜିହ୍ୱା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହା ଗର୍ବର କଥା କହେ। ଦେଖ, କେଡ଼େ କ୍ଷୁଦ୍ର ଅଗ୍ନିକଣିକା ଦ୍ୱାରା କେଡ଼େ ବଡ଼ ଅରଣ୍ୟରେ ନିଆଁ ଲାଗିଯାଏ।**

**6 ଜିହ୍ୱା ମଧ୍ୟ ଅଗ୍ନି ସ୍ୱରୂପ; ତାହା ଆମ୍ଭମାନଙ୍କ ଅଙ୍ଗସମୂହ ମଧ୍ୟରେ ସମସ୍ତ ଅଧର୍ମର ମୂଳାଧାର ସ୍ୱରୂପେ ଅବସ୍ଥିତ; ତାହା ସମସ୍ତ ଶରୀରକୁ ଅଶୁଚି କରେ ଓ ନିଜେ ନରକାନଳରେ ପ୍ରଜ୍ୱଳିତ ହୋଇ ପ୍ରକୃତିର ଚକ୍ରକୁ ଜ୍ୱଳାଏ।**

ଯାକୁବ, ପବିତ୍ର ଆତ୍ମାଙ୍କ ମାର୍ଗଦର୍ଶନରେ ଆମେ କହୁଥିବା ବାକ୍ୟର ଶକ୍ତି ଓ ପ୍ରଭାବକୁ ପ୍ରକାଶିତ କରିବା ନିମନ୍ତେ ଆମ ଦୁନିଆର କିଛି ପ୍ରତିଛବି କୁ ବ୍ୟବହାର କରିଛନ୍ତି। ଆମ ଦୁନିଆର ଯେଉଁ ଅନୁରୁପତା ଗୁଡିକ ସେ ବ୍ୟବହାର କରିଛନ୍ତି ତାକୁ ଧ୍ୟାନ ଦେଉ, ସେ ଘୋଡାମାନଙ୍କର ମୁଖର ଲଗାମକୁ ବ୍ୟବହାର କରିଛନ୍ତି। .ସେହିଭଳି ଗୋଟିଏ ବଡ ଜାହାଜକୁ  ପ୍ରଚଣ୍ଡ ପବନ ଓ ତରଙ୍ଗ ମଧ୍ୟରେ ସେନାପତି ଗୋଟିଏ କ୍ଷୁଦ୍ର ମଙ୍ଗ ଦ୍ୱାରା  ତାକୁ  ପରିଚାଳିତ କରିଥାଏ। ଏକ କ୍ଷୁଦ୍ର ଅଗ୍ନିକଣିକା ଦ୍ୱାରା ସମଗ୍ର ଜଙ୍ଗଲରେ ନିଆଁ ଲାଗି ଯାଇଥାଏ। ଏଠି ବିଷୟଟା ଏହା ଯେ, ଆମର ବାକ୍ୟ ହୁଏତ ବହୁତ ଛୋଟ, ଦୁର୍ବଳ ଓ ଗୁରୁତ୍ୱହୀନ ପରି ମନେ ହୁଏ। ତଥାପି, ପବିତ୍ର ଆତ୍ମା ଆମକୁ ଜାଣିବାନିମନ୍ତେ  ଚାହାନ୍ତି ଯେ, ଯେଉଁ ବାକ୍ୟଗୁଡିକ ଆମେ କହିଥାଉ ତାହା ଶକ୍ତିଶାଳୀ, ସେ ସବୁଗୁଡିକ ଆମର ଜୀବନର ସମସ୍ତ  ଗତିପଥକୁ ମାର୍ଗଦର୍ଶନ, ନିର୍ଦ୍ଦେଶ ଓ ପରିଚାଳନା କରିପାରିବ।

6 ପଦରେ ଯାକୁବ ଏକ ମନ୍ଦ ଜିହ୍ୱା ବିଷୟରେ ଲେଖନ୍ତି । ଏକ ମନ୍ଦ ଜିହ୍ୱା

ଅଗ୍ନି ସ୍ୱରୁପ, କିମ୍ବା ଦୁଷ୍ଟତା ଦ୍ୱାରା ଅନୁପ୍ରାଣିତ କିମ୍ବା ତାହା ନିଜେ ନର୍କରୁ ଆସିଥାଏ। ଏଠାରେ ଉପସ୍ଥାପିତ କରାଯାଇଥିବା ମନ୍ଦ ଜିହ୍ୱାର ପ୍ରଭାବକୁ ବିବେଚନା କର। ଏକ ମନ୍ଦ ଜିହ୍ୱା ଜଣେ ବ୍ୟକ୍ତିର ସମଗ୍ର ଶରୀରକୁ କିମ୍ବା ସଂପୁର୍ଣ୍ଣ ବ୍ୟକ୍ତିତ୍ୱ କୁ(ଆତ୍ମା, ମନ, ଶରୀର) ଅଶୁଚି କରିଥାଏ । ଏହା ମଧ୍ୟ ସେହି ବ୍ୟକ୍ତିର ଜୀବନ କୁ ଅଗ୍ନି ପ୍ରଜ୍ୱଳିତ କରିଥାଏ କିମ୍ବା ଜୀବନର ସମସ୍ତ ଗତିକୁ ପ୍ରଭାବିତ କରିଥାଏ ।ମନ୍ଦ ବାକ୍ୟ ଆମର ସମଗ୍ର ବ୍ୟକ୍ତିତ୍ୱ କୁ ଓ ଆମ ଜୀବନର ସମସ୍ତ ଗତିପଥ କୁ ଅଶୁଚି ଓ ବିନଷ୍ଟ କରିଥାଏ। ବର୍ତ୍ତମାନ ଯଦି ଆମର ଉତ୍ତମ ଜିହ୍ୱା ଥାଏ, ଜିହ୍ୱା ଯାହା ଈଶ୍ୱରଙ୍କ ବାକ୍ୟର ଅଗ୍ନିରେ ପ୍ରଜ୍ୱଳିତ ହୋଇଥାଏ। (ଈଶ୍ୱରଙ୍କ ବାକ୍ୟ ଅଗ୍ନି ସଦୃଶ୍ୟ। ଯିରିମୀୟ 23:29) ଉତ୍ତମ ଜିହ୍ୱା ଯାହା ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଅନୁପ୍ରାଣିତ ଓ ସମାନ୍ତରଳରେ କଥା କହିଥାଏ। ଏହି ପ୍ରକାର ବାକ୍ୟ ଆମର ସମଗ୍ର ବ୍ୟକ୍ତିତ୍ୱ କୁ ଆର୍ଶିବାଦ ଓ ଗଠନ କରିବ ଓ ଆମ ଜୀବନର ସମସ୍ତ ଗତିପଥକୁ ଆର୍ଶିବାଦିତ ଓ ଗଠନ କରିବ।

ଆମର ବାକ୍ୟ ଗୁଡିକ ଆମ ଜୀବନର ସମଗ୍ର ଗତିପଥକୁ ମାର୍ଗଦର୍ଶନ, ଶାସନ, ଏବଂ ନିର୍ଦ୍ଦେଶ ଦେଇଥାଏ। ଆମର ବାକ୍ୟ ସମଗ୍ର ବ୍ୟକ୍ତିତ୍ୱକୁ ଏବଂ ଆମ ଜୀବନର ସମସ୍ତ ଗତିପଥକୁ ଆର୍ଶିବାଦ ଓ ଗଠନ କରିପାରିବ। ବାକ୍ୟ କହନ୍ତୁ। ବିଶ୍ୱାସବାକ୍ୟ ପ୍ରକାଶ କରନ୍ତୁ। ତୁମର କହୁଥିବା ବାକ୍ୟ ତୁମର ଜୀବନକୁ ଆର୍ଶିବାଦଯୁକ୍ତ ଓ ଗଠନ କରୁ।

# ୬୪
# ବିଶ୍ୱାସକୁ ସୁସଂଗତ ଭବରେ ପ୍ରକାଶ କରନ୍ତୁ

ଯାକୁବ 3:7-12

[7] କାରଣ ସମସ୍ତ ପ୍ରକାର ପଶୁ, ପକ୍ଷୀ, ସରୀସୃପ ଓ ଜଳଚର ପ୍ରାଣୀମାନଙ୍କୁ ମାନବ ଦ୍ୱାରା ବଶରେ ରଖାଯାଇ ପାରେ, ପୁଣି ବଶରେ ରଖାଯାଇଅଛି;

[8] କିନ୍ତୁ ଜିହ୍ୱାକୁ କେହି ବଶରେ ରଖି ପାରେ ନାହିଁ, ଅନିଷ୍ଟ ସାଧନରେ ତାହାର ବିରାମ ନାହିଁ, ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ।

[9] ତଦ୍ୱାରା ଆମ୍ଭେମାନେ ପ୍ରଭୁ ଓ ପିତାଙ୍କର ଧନ୍ୟବାଦ କରିଥାଉ, ପୁଣି, ତଦ୍ୱାରା ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟକୁ ଅଭିଶାପ ଦେଇଥାଉ;

[10] ଏକ ମୁଖରୁ ଧନ୍ୟବାଦ ଓ ଅଭିଶାପ ନିର୍ଗତ ହୁଏ। ହେ ମୋହର ଭାଇମାନେ, ଏପରି ହେବା ଉଚିତ ନୁହେଁ।

[11] ନିର୍ଝର କଅଣ ଏକ ବାଟ ଦେଇ ମିଠା ଓ ପିତା ଦୁଇ ପ୍ରକାର ଜଳ ବାହାର କରେ?

[12] ହେ ମୋହର ଭାଇମାନେ, ଡିମିରି ବୃକ୍ଷ କଅଣ ଜୀତଫଳ, ଅବା ଦ୍ରାକ୍ଷାଲତା କଅଣ ଡିମିରି ଫଳ ଫଳି ପାରେ? ଲବଣାକ୍ତ ନିର୍ଝର ମଧ୍ୟ ମିଷ୍ଟ ଜଳ ଦେଇ ପାରେ ନାହିଁ।

ଯେସମସ୍ତ ବାକ୍ୟ ଆମେ କହିଥାଉ ତାହା କ୍ରମାଗତ ଭାବେ ଉତ୍ତମ, ଯଥାର୍ଥ, ବିଶୁଦ୍ଧ ଓ ନିର୍ମଳ ହେବାର ମହତ୍ତ୍ୱ କୁ ପବିତ୍ର ଆତ୍ମା ଙ୍କ ଦ୍ୱାରା ଯାକୁବ ସମ୍ବୋଧନ କରିଛନ୍ତି।  ଆମେ ଆମର କହୁଥିବା ବାକ୍ୟ କୁ ସବୁ ସମୟରେ ନିୟନ୍ତ୍ରଣରେ ରଖିବା ଉଚିତ, ଯଦ୍ୱାରା ଆମେ ସର୍ବଦା  ଜୀବନ ଓ ଆର୍ଶିବାଦ ର କଥା କହିପାରିବା । ଆମେ ଦ୍ୱି-ଜିହ୍ୱା ହେବାନାହିଁ। ଆମେ କିଛି ସମୟରେ ଜୀବନ ଓ ଆର୍ଶିବାଦ ର କଥା କହିଥାଉ ଓ ଅନ୍ୟ ସମୟରେ ମୃତ୍ୟୁ ଓ ଅଭିଶାପ ର କଥା କହିଥାଉ। ସଦାସର୍ବଦା ପ୍ରତ୍ୟେକ ପରିସ୍ଥିତିରେ ଜୀବନ ଓ ଆର୍ଶିବାଦ ର କଥା କହିବା ଉଚିତ।

ସେହିପ୍ରକାରେ, କିଛିସମୟରେ ଆମେ ବିଶ୍ୱାସର କଥା କହି ଏବଂ ପରେ ଅନ୍ୟ ସମୟରେ ଭୟ,ସନ୍ଦେହ, ଅବିଶ୍ୱାସ ର କଥା କହିବା ନାହିଁ। କ୍ରମାଗତ ଭାବେ ସର୍ବଦା ବିଶ୍ୱାସ ପ୍ରକାଶ କରନ୍ତୁ। ଆମେ ଯଦି କ୍ରମାଗତ ଭାବରେ ଆମର ହୃଦୟ ଓ ମନକୁ ଈଶ୍ୱରଙ୍କ ବାକ୍ୟ ରେ ପରିପୁର୍ଣ୍ଣ ରଖିବା ତେବେ ଏହା କରି ପାରିବା। ଆମେ ଯଦି

କ୍ରମାଗତ ଭାବରେ  ନିଜକୁ ଈଶ୍ୱରଙ୍କ ବାକ୍ୟର ପୋଷଣ ଦେବା ତେବେ ସବୁବେଳେ ସର୍ବଦା ବିଶ୍ୱାସର ବାକ୍ୟ କ୍ରମାଗତ ଭାବେ କହିପାରିବା

ଜିହ୍ୱାକୁ ବଶରେ ରଖ। ସର୍ବଦା ଜୀବନ, ଆର୍ଶିବାଦ ଓ  ବିଶ୍ୱାସର ବାକ୍ୟ  କହିବା ନିମନ୍ତେ ନିଜକୁ  ତାଲିମ ଦିଅ। କ୍ରମାଗତ ଭାବେ ତୁମର ବିଶ୍ୱାସ ପ୍ରକାଶ କର।

# ୬୨
# ଶୟତାନକୁ ପ୍ରତିବାଧା କର

**ଯାକୁବ 4:7**
**ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ; ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ।**

ଆମେ ଈଶ୍ୱରଙ୍କ ଆଜ୍ଞାକୁ ପାଳନ କରିବା ଏବଂ ତାପରେ ଶୟତାନକୁ ପ୍ରତିବାଧା ଦେବା। "ପ୍ରତିବାଧା" ଶବ୍ଦ ହେଉଛି "ଶୟତାନ ଆମକୁ ଯାହା ଉପସ୍ଥାପନ କରେ ତାହା ବିରୁଦ୍ଧରେ ଠିଆ ହେବା ଏବଂ ବିରୋଧ କରିବା।" ଆମେ ଧର୍ମଶାସ୍ତ୍ର ନୂତନ ନିୟମରେ ଦେଖୁ ଈଶ୍ୱରଙ୍କ ବାକ୍ୟ କହିବାଦ୍ୱାରା ଆମେ ଶୟତାନ କୁ ପ୍ରତିବାଧା ଦେଇଥାଉ। "ଏହା ଲେଖାଅଛି..." ଆତ୍ମାଙ୍କ ଖଡ୍ଗ ବ୍ୟବହାର କର ଅର୍ଥାତ ଈଶ୍ୱରଙ୍କ ବାକ୍ୟ ଏବଂ ଯୀଶୁଙ୍କଠାରେ ପାଇଥିବା ଅଧିକାର ସହ ଆଦେଶର ବାକ୍ୟ କହ। ଈଶ୍ୱରଙ୍କ ବାକ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବାବେଳେ, ଶୟତାନ ଯାହା କରିବାକୁ ଚେଷ୍ଟା କରୁଛି ତାହାର ଆକ୍ରମଣାତ୍ମକ ବିରୋଧ କରିବା ପାଇଁ ଏବଂ ଏହା ଆମର ପ୍ରତିରୋଧର ଏକ ଅଂଶ ଭାବରେ ଈଶ୍ୱରଙ୍କ ବାକ୍ୟକୁ କହିବା ସେହି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ |

ଯେତେବେଳେ ଶତ୍ରୁ ଭୁଲ ଓ ମନ୍ଦ ଚିନ୍ତାଧାରା, ଧାରଣା କଳ୍ପନା, ତର୍କ ଏବଂ ଯୁକ୍ତି ଆମ ମନରେ ଭରିଦିଏ ତତ୍ କ୍ଷଣାତ ଏ ସମ୍ବନ୍ଧରେ ଈଶ୍ୱରଙ୍କ ବାକ୍ୟ କଣ କହେ ତାହା ମନର ସାମ୍ନା କୁ ଆଣିବା ଗୁରୁତ୍ୱପୁର୍ଣ୍ଣ ଏବଂ ଶୟତାନ ଦ୍ୱାରା ଉପସ୍ଥାପିତ ସେହି ମନ୍ଦ ଧାରଣା ବିଷୟରେ ଈଶ୍ୱରଙ୍କ ବାକ୍ୟ କଣ କହେ ତାହା କହିବା "ଏହା ଲେଖାଅଛି..."

ସ୍ଥିର ରୁହ ଏବଂ ଏହା କହିବାରେ ଆକ୍ରମଣାତ୍ମକ ହୁଅ। ଶୟତାନ କୁ ପ୍ରତିବାଧା ଦିଅ, ବିଶ୍ୱାସରେ ସ୍ଥିର ରୁହ (1 ପିତର 5:୨) ତୁମର ବିଶ୍ୱାସ ପ୍ରକାଶ କର। ଯେତେଥର ସେ ଫେରିଆସେ ତୁମର ବିଶ୍ୱାସ କହିବା ଜାରି ରଖ। ଶୟତାନ ଜାଣୁ ଯେ ତୁମ ଜୀବନରେ ଶୟତାନ କୁ ପାଦ ରଖିବାକୁ ତମେ କୌଣସି ସ୍ଥାନ ଦେବ ନାହିଁ।

# 70
# ଆର୍ଶିବାଦର ବାକ୍ୟ ଉନ୍ମୋଚନ  କରନ୍ତୁ

1 ପିତର 3:8-12

**8ଶେଷ କଥା ଏହି, ତୁମ୍ଭେମାନେ ସମସ୍ତେ ଏକମନା, ପରସ୍ପରର ସୁଖଦୁଃଖର ସହଭାଗୀ, ଭ୍ରାତୃପ୍ରେମୀ,
କୋମଳ ହୃଦୟ ଓ ନମ୍ରଚିତ୍ତ ହୁଅ;
9ଅନିଷ୍ଟ ପରିବର୍ତ୍ତରେ ଅନିଷ୍ଟ କିଅବା ନିନ୍ଦାର ପରିବର୍ତ୍ତରେ ନିନ୍ଦା ନ କରି ଅନ୍ୟ ପକ୍ଷରେ ବରଂ ଆଶୀର୍ବାଦ
କର, କାରଣ ତୁମ୍ଭେମାନେ ଯେପରି ଆଶୀର୍ବାଦର ଅଧିକାରୀ ହୁଅ, ଏଥିପାଇଁ ଆହୂତ ହୋଇଅଛ।
10ଯେଣୁ ଯେ ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳର ଦିନ ଦେଖିବାକୁ ଇଚ୍ଛା କରେ, ସେ ମନ୍ଦ
ବାକ୍ୟରୁ ଆପଣା ଜିହ୍ବାକୁ ଆଉ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠାଧରକୁ ନିବୃତ୍ତ କରୁନ୍ତ
11ସେ ମନ୍ଦରୁ ବିମୁଖ ହୋଇ ସତ୍କର୍ମ କରୁନ୍ତ ସେ ଶାନ୍ତି ଅନ୍ଵେଷଣ କରି ସେଥିର ଅନୁଗାମୀ ହେଉ।
12କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ,
କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ।**

ଆର୍ଶିବାଦ କୁ ଫେରଇବାର ଗୋଟିଏ ଉପାୟ ହେଲା, ଆମେ ଅଭିଶାପିତ ଓ ଅନ୍ୟାୟରେ ଥିଲେ ମଧ୍ୟ ଆର୍ଶିବାଦ ଦେବା। ଯୀଶୁ ଆମକୁ ଶିଖାଇଛନ୍ତି *"କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁ-ମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର"* (ମାଥିଉ 5:44) ତେଣୁ ଉଦ୍ଦ୍ୟେଶମୁଳକ ଭାବରେ ସେମାନଙ୍କୁ ଓ ସେମାନଙ୍କ ଉପରେ ଆର୍ଶିବାଦର ବାକ୍ୟ କହ, ଯଦ୍ୟପି ଆମ ପ୍ରତି ଅନ୍ୟାୟ ହୋଇଛି। ଏହା ଆମେ ମନୋନିତ କରିଥାଉ। ତୁମର ଜିହ୍ଵାକୁ ଧରିରଖିବାର ମନୋନୟନ କର ମନ୍ଦ ବାକ୍ୟ କହିବାକୁ ଏହାକୁ ଅନୁମତି ଦିଅ ନାହିଁ। ବାରଣ କରନ୍ତୁ। ତା ପରିବର୍ତ୍ତେ ଆର୍ଶିବାଦର ବାକ୍ୟ କୁ ମୁକ୍ତ କରିବାକୁ ସୁଚିନ୍ତିତ ମନୋନୟନ କରନ୍ତୁ। ଈଶ୍ଵରଙ୍କ ସମ୍ମୁଖକୁ ଯାଅ ଏବଂ କୁହ ପିତା, "ଯୀଶୁଙ୍କ ନାମରେ, ମୁଁ ଆଶୀର୍ବାଦ କରୁଅଛି ଯଦିଓ ସେମାନେ ମୋତେ ଆଘାତ ଦେଇଥିବେ, ଯୀଶୁଙ୍କ ନାମରେ ସେମାନଙ୍କ ଜୀବନ ଉପରେ ମୁଁ ଆଶୀର୍ବାଦ କରୁଛି | ସବୁକିଛି ସେମାନଙ୍କ ସହିତ ଭଲ ହେଉ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ  ସେମାନେ ଫଳପ୍ରଦ ଓ ଆଶୀର୍ବାଦ ପ୍ରାପ୍ତ ହେଉନ୍ତୁ।"

ଥରେ ଗୁପ୍ତଭାବରେ  ସେମାନଙ୍କ ଉପରେ ଆର୍ଶିବାଦ କୁ ମୁକ୍ତ କଲାପରେ ବୃଥାଗପ କର ନାହିଁ ଏବଂ ଅନ୍ୟମାନଙ୍କୁ କୁହ ନାହିଁ ସେମାନେ ତୁମପ୍ରତି କେତେ ଖରାପ ବ୍ୟବହାର କରିଥିଲେ ଏବଂ ସେମାନେ କିପରି  ତୁମପ୍ରତି ଅନ୍ୟାୟ କରିଥିଲେ ଓ ଆଘାତ ଦେଇଥିଲେ। ମନ୍ଦ କଥାକହିବାରୁ ତୁମର ଜିହ୍ୱା କୁ ନିବୃତ କର।. ଆର୍ଶିବାଦକୁ ମୁକ୍ତ କରିବା ଦ୍ୱାରା ତୁମେ ନିଜକୁ ଉତ୍ତରାଧିକାରିର  ସ୍ଥାନରେ ସ୍ଥାପିତ କରିଅଛ କିମ୍ବା ଆର୍ଶିବାଦ ପାଇବାର ସ୍ଥାନରେ ସ୍ଥାପିତ କରିଅଛ। ପ୍ରଭୁଙ୍କ ଚକ୍ଷୁ ତୁମ ଉପରେ ଅଛି ସେ ନିଶ୍ଚତ କରିବେ ଯେପରି ତୁମେ ଏକ ଭଲ ଜୀବନ ପାଇବ ଓ ଉତ୍ତମ ଦିନ ଗୁଡିକ ଦେଖିବ। ସର୍ବଦା ଆର୍ଶିବାଦ ର  ବାକ୍ୟ ମୁକ୍ତ କର। ବିଶ୍ୱାସରେ ଆର୍ଶିବାଦ ବାକ୍ୟ ପ୍ରକାଶ କର।

# 71

# ଜୟଲାଭ କରିବା ନିମନ୍ତେ ବାକ୍ୟ ସକଳ ଆପଣଙ୍କ ବିଶ୍ୱାସକୁ ଉନ୍ମୋଚନ କରେ

1 ଯୋହନ 5:1,4

**[1] ଯେକେହି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କରେ, ସେ ଈଶ୍ୱରଙ୍କଠାରୁ ଜାତ; ଆଉ, ଯେକେହି ଜନ୍ମ-ଦାତାଙ୍କୁ ପ୍ରେମ କରେ, ସେ ତାହାଙ୍କଠାରୁ ଜାତ ହୋଇଥିବା ଲୋକକୁ ମଧ୍ୟ ପ୍ରେମ କରେ,।**
**[4] ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ଜଗତକୁ ଜୟ କରେ, ଆଉ ଯାହା ଜଗତକୁ ଜୟ କରିଅଛି, ତାହା ଆମ୍ଭମାନଙ୍କର ବିଶ୍ୱାସ।**

ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କରିବାଦ୍ୱାରା ଆମେ ଈଶ୍ୱରଙ୍କଠାରୁ ଜାତ ହୋଇଛୁ। ଆମ ମଧ୍ୟରେ ଈଶ୍ୱରଙ୍କ ଜୀବନ ଓ ପ୍ରକୃତି ଅଛି। ଆମେ ତାଙ୍କର ପୁତ୍ରଗଣ ଓ କନ୍ୟାଗଣ ଅଟୁ। ଏବଂ ଯେହେତୁ ଆମେ ଈଶ୍ୱର ଙ୍କଠାରୁ ଜାତ ଆମେ ବିଜୟୀ। ସମଗ୍ର ଜଗତ ଉପରେ-ଶୟତାନ ଓ ଶାରୀରିକ ବିଷୟ ଉପରେ ବିଜୟୀ ଜୀବନ କାଟିବା ନିମନ୍ତେ ସମସ୍ତ ଆବଶ୍ୟକିୟ ବିଷୟରେ ଆମେ ପରିପୁର୍ଣ୍ଣ। ଧର୍ମଶାସ୍ତ୍ର ଏହା ସ୍ପଷ୍ଟ କରେ ଯେ, ଈଶ୍ୱରଙ୍କଠାରେ ଥିବା ଆମର ବିଶ୍ୱାସକୁ ଅଭ୍ୟାସ କରିବା ଦ୍ୱାରା ଆମେ ଏହି ବିଜୟ ପ୍ରାପ୍ତ ହୋଇଥାଉ। ଆମେ ଯଦି ଜଣେ ପରାଜୟକାରୀ ଓ ବିଜୟୀ ଜୀବନ ବଞ୍ଚିବାକୁ ଚାହୁଁ ତେବେ ଆମକୁ ନିଶ୍ଚୟ ବିଶ୍ୱାସରେ ଚାଲିବାକୁ ହେବ । ନିଜ ଇଚ୍ଛା ଶକ୍ତିରେ ରେ ଅବା ନିଜ ଜ୍ଞାନର ବଳରେ ଆମେ ଜଣେ ପରାଜୟକାରୀ ଓ ବିଜୟୀର ଜୀବନ କାଟି ନ ପାରୁ। ଈଶ୍ୱର କହନ୍ତି, ସମଗ୍ର ବିଶ୍ୱ ଉପରେ ବିଜୟୀ ଜୀବନ କାଟିବାର ଉପାୟ ହେଉଛି ବିଶ୍ୱାସ।

ବିଶ୍ୱାସ ର ଏକ ପ୍ରମୁଖ ନୀତି ଯାହା ଆମେ ସାରା ଧର୍ମଶାସ୍ତ୍ରରେରେ ଦେଖୁଛୁ ଏହି ପୁସ୍ତକରେ ତାର ଆଲୋକପାତ କରିଛୁ, ତାହା ହେଉଛି ବିଶ୍ୱାସ କଥା କହିଥାଏ। ବାକ୍ୟ ଦ୍ୱାରା ବିଶ୍ୱାସ ର ଅଭିବ୍ୟକ୍ତି ହୋଇଥାଏ। ବିଶ୍ୱାସଯୁକ୍ତ ବାକ୍ୟ, ବାକ୍ୟ ଯାହା ଈଶ୍ୱରଙ୍କ ଠାରେ ଥିବା ଆମର ବିଶ୍ୱାସକୁ ଅଭିବ୍ୟକ୍ତ କରେ। ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ ପ୍ରତି ସାଧିତ ସମସ୍ତ ବିଷୟକୁ ଆମେ ନିଶ୍ଚୟ ପ୍ରକାଶ କରିବା। ଏହା

କରିବା ହେଉଛି, ସମଗ୍ର ବିଶ୍ୱ, ଶରୀର ଓ ଶୟତାନ ଉପରେ  ପରାଜୟକାରୀ ଓ ବିଜୟୀ ଭାବରେ ବଞ୍ଚିବାର ଗୋଟିଏ ଉପାୟ।

ତୁମର ବିଶ୍ୱାସ କୁ ପ୍ରକାଶ କର ଏହା ଜୟକାରୀ ଭାବରେ ବିଜୟୀ ଜୀବନ କାଟିବାର ଚାବିକାଠି।

# 72

# ଆମ୍ଭେମାନେ ଈଶ୍ୱରଙ୍କ ଲୋକ ଅଟୁ, ତେଣୁ ଈଶ୍ୱରଙ୍କ ଠାରୁ କହିବା ପରି କଥା କହୁ

**1 ଯୋହନ 4:4-6**

**4 ହେ ବତ୍ସଗଣ, ତୁମ୍ଭେମାନେ ଈଶ୍ୱରଙ୍କଠାରୁ ଜାତ, ଆଉ ତୁମ୍ଭେମାନେ ସେମାନଙ୍କୁ ଜୟ କରିଅଛ, କାରଣ ତୁମ୍ଭମାନଙ୍କଠାରେ ଯେ ଅଛନ୍ତି, ସେ, ଜଗତରେ ଯେ ଅଛି, ତାହାଠାରୁ ମହାନ।**

**5 ସେମାନେ ଜଗତରୁ ଉତ୍ପନ୍ନ, ଅତଏବ ସେମାନେ ଜାଗତିକ କଥା କହନ୍ତି, ଆଉ ଜଗତ ସେମାନଙ୍କ କଥା ଶୁଣେ।**

**6 କିନ୍ତୁ ଆମ୍ଭେମାନେ ଈଶ୍ୱରଙ୍କଠାରୁ ଜାତ; ଯେ ଈଶ୍ୱରଙ୍କୁ ଜାଣେ, ସେ ଆମ୍ଭମାନଙ୍କ କଥା ଶୁଣେ; ଯେ ଈଶ୍ୱରଙ୍କଠାରୁ ଜାତ ନୁହେଁ, ସେ ଆମ୍ଭମାନଙ୍କ କଥା ଶୁଣେ ନାହିଁ। ଏତଦ୍ୱାରା ଆମ୍ଭେମାନେ ସତ୍ୟମୟ ଆତ୍ମା ଓ ଭ୍ରାନ୍ତିପୂର୍ଣ୍ଣ ଆତ୍ମାକୁ ଚିହ୍ନି ପାରୁ।**

ପ୍ରେରିତ ଯୋହନ, ଦୁଇ ପ୍ରକାର ଲୋକଙ୍କର ତୁଳନାତ୍ମକ ପାର୍ଥକ୍ୟ କରୁଛନ୍ତି। ଯେଉଁମାନେ *"ଜଗତ"*ର ଓ ଯେଉଁମାନେ *"ଈଶ୍ୱରଙ୍କର।"* ସେ କହୁଛନ୍ତି ଯେ, ଯେଉଁମାନେ ଜଗତର ସେମାନେ ଏ ପ୍ରକାରେ ଚିହ୍ନା ଯାଆନ୍ତି *"ସେମାନେ ଜଗତ ବିଷୟରେ"* କହନ୍ତି, ଜଗତର ଭାଷା କହନ୍ତି, ଜାଗତିକ ବିଷୟ ଓ ଜଗତର ଆତ୍ମାକୁ ଅଭିବ୍ୟକ୍ତ କରନ୍ତି। ତେଣୁ ଜଗତ ସେମାନଙ୍କ ପ୍ରତି ଧ୍ୟାନ ଦିଏ। ସେ ଯାହାବି ହେଉ ଆମେ ଯେଉଁମାନେ *"ଈଶ୍ୱରଙ୍କ"* ଠାରୁ ଜାତ ଏହାର ତାତ୍ପର୍ଯ୍ୟ ହେଉଛି ଆମେ *"ଈଶ୍ୱରଙ୍କ"* ବିଷୟରେ କହିଥାଉ। ଆଉ ଯେଉଁମାନେ ଈଶ୍ୱର ଙ୍କୁ ଜାଣନ୍ତି, ସେମାନେ ଶୁଣନ୍ତି ଓ ବୁଝନ୍ତି ଓ ଆମେ ଯାହା କହୁ ତାପ୍ରତି ଧ୍ୟାନ ଦିଅନ୍ତି।

ଆମେ *"ଈଶ୍ୱରଙ୍କର"* ତେଣୁ ଆମେ *"ଈଶ୍ୱରଙ୍କର"* ପରି କଥା କହିଥାଉ। ଆମେ ଏକ ଭିନ୍ନ ଭାଷା କହିଥାଉ। ଆମେ ଈଶ୍ୱରଙ୍କ ବାକ୍ୟର ଭାଷା କହିଥାଉ। ଆମେ ଈଶ୍ୱରଙ୍କ ବାକ୍ୟର ସତ୍ୟତା ର ସମମାନ୍ତରାଳରେ କଥା କହିଥାଉ।

ମନେ ରଖ ତୁମେ *"ଈଶ୍ୱରଙ୍କର"*, ଯେତେବେଳେ ତୁମ ଚତୁର୍ଦ୍ଦିରେ *"ଜଗତର"* ଲୋକମାନେ ଥାନ୍ତି, ତୁମେ ସେମାନଙ୍କ ଅନୁରୂପ ହେବା ଓ *"ଜଗତର"* ଲୋକମାନଙ୍କ

ପରି କହିବା ପାଇଁ ଚାପ ଅନୁଭବ କରିଥାଅ। କିନ୍ତୁ  ଏହି ଜଗତର ଚାପରେ ତୁମକୁ ସମର୍ପଣ ହେବାର ଆବଶ୍ୟକତା ନାହିଁ। ତୁମେ ଈଶ୍ୱରଙ୍କର ଜଣେ ପରାଜୟକାରୀ ବ୍ୟକ୍ତି। ତୁମେ ତ୍ରୁଟି କରିବାର ଆତ୍ମା, ଏହି ଯୁଗର ଆତ୍ମା, ଖ୍ରୀଷ୍ଟଙ୍କ ବିରୁଦ୍ଧରେ ଥିବା ଆତ୍ମା କୁ ପରାସ୍ତ କରିଅଛ। ତୁମ ଭିତରେ ଯିଏ ଅଛନ୍ତି  ସେ ଏ ଜଗତରେ ଥିବା ବ୍ୟକ୍ତି ଠାରୁ ମହାନ ଅଟନ୍ତି। *"ଜଗତର"* ଭାଷା କିମ୍ବା ଜାଗତିକ ଭାବରେ କୁହାଯାଉଥିବା କଥାରେ ରାଜିହେବାର ତୁମର ଆବଶ୍ୟକତା ନାହିଁ। ତୁମେ ନିଜେ ତୁମର କଥା / ବାକ୍ୟ ମନୋନୟନ କର। ତୁମେ *"ଈଶ୍ୱରଙ୍କ"* କଥା କୁହ। ଈଶ୍ୱରଙ୍କ ବାକ୍ୟର ସମାନତାରେ କଥା କୁହ। ତୁମର ବିଶ୍ୱାସ କୁ ପ୍ରକାଶ କର।

# 73

# ମେଷଶାବକଙ୍କ ରକ୍ତ ଓ ଆତ୍ମ ସାକ୍ଷ୍ୟର ବାକ୍ୟ ଦ୍ୱାରା ଆମ୍ଭେମାନେ ଜୟ ଲାଭ କରୁ

**ପ୍ରକାଶିତ ବାକ୍ୟ 12:11**

**ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରି ନ ଥିଲେ।**

ଶୟତାନ ଆମର  ପ୍ରତିଦ୍ୱନ୍ଦୀ । ଶୟତାନ ଓ ତାର ଭୁତମାନେ ପରାଜିତ ଓ ଶକ୍ତିହିନ ହୋଇଅଛନ୍ତି। ତାଙ୍କର ଦୁର୍ବଳ ଅବସ୍ଥାରେ ତାଙ୍କ ପାଖରେ ମିଥ୍ୟା,ପ୍ରତାରଣା ଅଭିଯୋଗ ଓ ଭୟ ବ୍ୟବହାର କରି ଏକ ମାନସିକ ଖେଳ ଖେଳିବାର କ୍ଷମତା ରହିଛି। ତେଣୁକରି ଶୟତାନକୁ ଭାଇମାନଙ୍କର ଅଭିଯୋଗକାରୀ କୁହାଯାଏ। କ୍ରମାଗତ ଭାବରେ ତାର ଅଭିଯୋଗରେ ସେ ଆମ ମନକୁ  ଭାରାକ୍ରାନ୍ତ କରି  ଦିଏ। ସେ ଆମକୁ ଈଶ୍ୱରଙ୍କ ସମ୍ମୁଖରେ ଆମକୁ ମୂଲ୍ୟହୀନ, ଅଭିଯୁକ୍ତ / ଦୋଷୀ,  ଅପ୍ରେମୀ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥାଏ।

ପ୍ରକାଶିତ ବାକ୍ୟ 12 ପର୍ବରେ ଯୋହନ ଆମେ ବିଶ୍ୱାସୀମାନେ କିପରି ଏହି ଶତ୍ରୁ ଓ ତାର ଅଭିଯୋଗକୁ ପରାସ୍ତ କରିବା ତାର ଏକ ଶକ୍ତିଶାଳୀ ଚାବି କାଠି ବାହାର କରିଛନ୍ତି।   ଆମେ ମେଷଶାବକଙ୍କ ରକ୍ତ ଏବଂ ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ଶୟତାନ କୁ ପରାସ୍ତ କରିଥାଉ। ଯୀଶୁ ଖ୍ରୀଷ୍ଟ ଙ୍କ ରକ୍ତ ଆମପାଇଁ ଯାହା କରିଅଛି ତାହାଆମେ ବିଶ୍ୱାସ କରୁ ଓ ଆପଣା ସାକ୍ଷ୍ୟରେ ତାହା ଘୋଷଣା କରିଥାଉ । ଯୀଶୁଙ୍କ ରକ୍ତ ବ୍ୟକ୍ତିଗତ ଭାବରେ  ଆମପାଇଁ ଯାହା କରିଛି ତାହା ଘୋଷଣା କରିଥାଉ। ଯୀଶୁଙ୍କର ରକ୍ତ ଆମପାଇଁ କଣ କରିଅଛି ସେହି ସାକ୍ଷ୍ୟ ବାକ୍ୟ ଆମେ ନିଶ୍ଚୟ ଘୋଷଣା କରିବା ଓ କହିବା। ଯୀଶୁ ଖ୍ରୀଷ୍ଟ ତାଙ୍କ କ୍ରୁଶ ଦ୍ୱାରା ଆମ ପାଇଁ କଣ ସମାପ୍ତ କରିଛନ୍ତି ଓ ତାଙ୍କର ସେହି ସମାପ୍ତ କାର୍ଯ୍ୟ କୁ ଯେ ଆମେ ବିଶ୍ୱାସକରୁ ତାହା ନିଶ୍ଚୟ ମୁଖରେ କହିବା ଓ ଘୋଷଣା କରିବା । ମେଷଶାବକଙ୍କ ରକ୍ତ ଆମମାନଙ୍କ ଶତ୍ରୁ କୁ ପରାସ୍ତ ପାଇଁ ଯାହା କରିଛନ୍ତି ସେହି ବିଶ୍ୱାସକୁ ଘୋଷାଣା କର। କ୍ରୁଶ

ମାଧ୍ୟମରେ ଖ୍ରୀଷ୍ଟ ତୁମ ପାଇଁ ଯାହା କରିଛନ୍ତି ତାହାକୁ ଘୋଷଣାକର କର | ତୁମର ବିଶ୍ୱାସ ର ଘୋଷଣା କର।

# ଆପଣ ଈଶ୍ୱରଙ୍କୁ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାରେ ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୁଟିକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୁଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ଼ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

**ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ  ଇଚ୍ଛା କରନ୍ତି ।**

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମ ଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କ ଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । କୃଶରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କ ଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ, ***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** **(ରୋମୀୟ 6:23)**। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି।  ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ  ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର  ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ନ ହୁଅନ୍ତୁ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

***"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ"*** **(ପ୍ରେରିତ  10:43) ।**

***"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ"*** **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ  ମଧ୍ୟ ନିଜ ଶବ୍ଦଗୁଡିକରେ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁଁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।*

*ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ ପୁନର୍ଜୀବିତ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୁଁ ଜାଣେ ନିଜକୁ ମୋର ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ*

ମୋର ପାପଗୁଡିକ ନିମନ୍ତେ କ୍ଷମା ଅର୍ଜନ କରିପାରିବି ନାହିଁ ।

ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।

ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।

ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡ଼ିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ, ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡ଼ିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡ଼ିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ଅଞ୍ଚଳରେ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୁଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡ଼ିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

# ମାଗଣା ପ୍ରକାଶନଗୁଡ଼ିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word—The Miracle Seed
How to Help Your Pastor
Integrity
Interpreting Scripture
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses—Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work—Its Original Design

ନୂଆ ବହିଗୁଡ଼ିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି **apcwo.org/books** ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡ଼ିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡ଼ିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ **apcwo.org/sermons** ୱେବସାଇଟ ଦେଖନ୍ତୁ ।

# ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତା ମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ସ୍ୱାନ୍ତନାପୂର୍ଣ ବିଶେଷ ଗୁଡ଼ିକ ନିମନ୍ତେ ଅଟେ ।

- **କିଶୋରବସ୍ଥା**
- **ବ୍ୟକ୍ତିଗତ ସମନ୍ୱୟ**
- **ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
- **ପାଠପଢ଼ାରେ ଅସଫଳ**
- **କାର୍ଯ୍ୟ ସମ୍ବନ୍ଧୀୟ**
- **ପରିବାର / ଦମ୍ପତି: ବିବାହ ପୂର୍ବରୁ/ ବିବାହ ପରେ ସମସ୍ୟା**
- **ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
- **ଆଚରଣଗତ ବ୍ୟାଧି**
- **ବ୍ୟକ୍ତିତ୍ୱ ବ୍ୟାଧି**
- **ମାନସିକ / ଭାବପ୍ରବଣ ସମସ୍ୟା**
- **ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
- **ନିଶା ସେବନ / ମଦ ନିଶାଗ୍ରସ୍ତ**
- **ଆତ୍ମିକ ସମସ୍ୟା**
- **ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

**ୱେବ୍ସାଇଟ: chrysalislife.org**
**ଫୋନ ନମ୍ବର:** +91-80-25452617 କିମ୍ବା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ) 1-800-300-00998
**ଈମେଲ: counselor@chrysalislife.org**

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ,ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

**ଆକାଉଣ୍ଟ ନାମ –** All Peoples Church
**ଆକାଉଣ୍ଟ ନମ୍ବର –** 50200068829058
**IFSC କୋଡ୍ –** HDFC0004367
**ବ୍ୟାଙ୍କ –** HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

***ବିଶେଷ ସଂକ୍ଷିପ୍ତ ବିବରଣୀ:*** *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ:* apcwo.org/give.

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।

**ଆପଣଙ୍କୁ ଧନ୍ୟବାଦ ଓ ଇଶ୍ୱର ଆଶୀର୍ବାଦ କରନ୍ତୁ!**


## DOWNLOAD THE FREE APP!

*Search for*

"All Peoples Church Bangalore"
in the App or Google play stores.

Available on the App Store

ANDROID APP ON Google play







*A daily 5-minute video devotional.*
*A daily Bible reading and prayer guide.*
*5-minute Sermon summary.*
*Toolkit with Scriptures on various topics to build faith and information to share the Gospel.*
*Resources with sermons, sermon notes, TV programs, books, music and more.*

*IF YOU LOVE IT, TELL OTHERS ABOUT IT!*

# ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ୱରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ୱରୀୟ ଚରିତ୍ର, ଈଶ୍ୱରଙ୍କ ବାକ୍ୟର ଗଭୀରତା,ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ୱ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ୱାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

**ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା** ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

**ଅନଲାଇନ ଆବେଦନ** କରିବା ନିମନ୍ତେ, ଏବଂ କଲେଜ, ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**

ସମ୍ପୁର୍ଣ୍ଣ ଧର୍ମଶାସ୍ତ୍ରରେ ଈଶ୍ୱର ଆପଣା ଲୋକମାନଙ୍କୁ ତାଙ୍କର ବାକ୍ୟ କହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତାହାଙ୍କ ବାକ୍ୟ, ଆମ୍ଭମାନଙ୍କ ମୁଖରୁ କୁହା ଯାଉଥିବା ବାକ୍ୟ, ହୃଦୟରେ ବିଶ୍ୱାସ ସହକାରେ ଯେତେବେଳେ କହୁ ତାହା ତାହାଙ୍କର ସୃଜନଶୀଳତା, ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କାରୀ ଶକ୍ତି ଆମ୍ଭମାନଙ୍କ ବାସ୍ତବିକ ସ୍ତରକୁ ନିର୍ଗତ ହୁଏ । ତାହାଙ୍କ ବାକ୍ୟ ଯେତେବେଳେ ଆମ୍ଭମାନଙ୍କ ମୁଖରୁ ନିର୍ଗତ ବାକ୍ୟ ହୁଏ ତାହା ଶତ୍ରୁ ବିରୁଦ୍ଧରେ ସେସବୁ ଅସ୍ତ୍ର ହୋଇଯାଏ

ଆମ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଇଶ୍ୱରଙ୍କ ବାକ୍ୟ କହିବା ଦ୍ୱାରା ଆମ ଜଗତକୁ ସଜାଡ଼ି ପାରିବା। ଆମକୁ ସର୍ବଦା ଓ ସର୍ବ ପରିସ୍ଥିତିରେ ବିଶ୍ୱାସଯୁକ୍ତ ବାକ୍ୟ କହିବାକୁ ଶିଖିବା ଆବଶ୍ୟକ। ବିଶ୍ୱାସରେ କହିବା ଅର୍ଥ ଏହା ନୁହେଁ ଯେ ପାହାଡର ଉପସ୍ଥିତିକୁ କିମ୍ବା ପ୍ରଭାବଶାଳୀ ଝଡର ପ୍ରଚଣ୍ଡତାକୁ ଅସ୍ୱୀକାର କରିବା । ବିଶ୍ୱାସ ପାହାଡ଼କୁ କହେ ଯେ ପଥ ମଧ୍ୟରେ ଠିଆ ହେବାର ତାର କୌଣସି ଅଧିକାର ନାହିଁ। ବିଶ୍ୱାସ ପବନ ଓ ଝଡ଼କୁ ବ୍ୟାପକ ବିନାଶ କରିବାର ଅଧିକାରରୁ ବଞ୍ଚିତ କରେ ଏବଂ ତା' ବଦଳରେ  ଈଶ୍ୱର ଯେଉଁ ଶାନ୍ତି ଓ ସୁସ୍ଥିରତା ପ୍ରଦାନ କରନ୍ତି ତାହାକୁ ବାଟ ଛାଡ଼ି ଦିଏ । ବିଶ୍ୱାସ ରୋଗ ବ୍ୟାଧିକୁ ଛାଡି ଚାଲିଯିବା ପାଇଁ ଆଦେଶ ଦିଏ ଓ ଇଶ୍ୱରଙ୍କ ଠାରୁ ଆଗତ ସୁସ୍ଥତା ଓ ସମ୍ପୂର୍ଣ୍ଣତା ନିମନ୍ତେ ପଥ ଦେଇ ଦିଏ।

ଏହି ପୁସ୍ତକ ଆପଣଙ୍କୁ ବାଇବଲର ସତ୍ୟତା ଉପରେ ପ୍ରତିଷ୍ଠିତ କରିବ ଏବଂ ସବୁ ସମୟରେ ଆପଣା ବିଶ୍ୱାସ କୁ ପ୍ରକାଶ କରିବ ନିମନ୍ତେ ପ୍ରେରଣା ଦେବ।


**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org